ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, August 2/2019 | ★★★★★★
୪୫ଶ ଭାଗ ୨୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



## ଅନୁଙ୍କୁ ଭର୍ତ୍ସନା କଲେ ସୋନା

ସୋନି ଟିଭି ରିୟଲିଟି ଶୋ'ରେ ସଂଗୀତ ନିର୍ଦ୍ଦେଶକ ଅନୁ ମଲିକଙ୍କୁ ସୁଯୋଗ ଦିଆଯାଇଥିବାରୁ ଓଡିଆ ଗାୟିକା ସୋନା ମହାପାତ୍ର ଭର୍ତ୍ସନା କରିଛନ୍ତି।

୦୨ ୧୯

## ଷ୍ଟିଭ୍ ସ୍ମିଥଙ୍କ ଲଡୁଆ ଶତକ

ଏଜବାଷ୍ଟନଠାରେ ଗୁରୁବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟରେ ଲଡୁଆ ଶତକ ହାସଲ କରିଛନ୍ତି ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ।



### ଉନ୍ନାଓ ମାମଲାର ଭିନ୍ନ ମୋଡ଼

# ୟୁପି ନୁହେଁ, ଦିଲ୍ଲୀରେ ହେବ ଶୁଣାଣି

ନୂଆଦିଲ୍ଲୀ,୧।୮(ପି.ଟି./ଆଇଏଏନ୍ଏସ୍)



**ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

- ପୀଡ଼ିତାଙ୍କ ସମସ୍ତ ୫ ମାମଲାର ହେବ ଶୁଣାଣି
- ସ୍ୱତନ୍ତ୍ର ବିଚାରପତି ୪୫ ଦିନରେ ଶେଷ କରିବେ ବିଚାର
- ଦୁର୍ଘଟଣା ମାମଲାର ତଦନ୍ତ ୭ ଦିନରେ ଶେଷ କରିବ ସିବିଆଇ
- ପୀଡ଼ିତାଙ୍କୁ ୨୫ ଲକ୍ଷ ଟଙ୍କା ଅନ୍ତରୀଣ କ୍ଷତିପୂରଣ ଦେବେ ଯୋଗୀ ସରକାର
- ପୀଡ଼ିତା ଓ ପରିବାରକୁ ସିଆର୍‌ପିଏଫ୍ ସୁରକ୍ଷା
- ପୀଡ଼ିତାଙ୍କ ଦାଦାଙ୍କୁ ତିହାର ଜେଲରେ ରଖାଯିବା ନେଇ ନିଷ୍ପତ୍ତି ଆଜି

ଉତ୍ତରପ୍ରଦେଶ (ୟୁପି)ର ବହୁଚର୍ଚ୍ଚିତ ଉନ୍ନାଓ ମାମଲାରେ ଗୁରୁବାର ନୂଆମୋଡ଼ ଆସିଛି। ସୁପ୍ରିମକୋର୍ଟ ଉନ୍ନାଓ ବଳାତ୍କାର ପୀଡ଼ିତାଙ୍କ ସମ୍ପର୍କିତ ସମସ୍ତ ୫ ମାମଲା ୟୁପିର ଏକ କୋର୍ଟରୁ ଦିଲ୍ଲୀକୁ ସ୍ଥାନାନ୍ତର କରିଛନ୍ତି। ଉକ୍ତ ମାମଲାଗୁଡ଼ିକର ଦୈନନ୍ଦିନ ଶୁଣାଣି ପାଇଁ ଜଣେ ସ୍ୱତନ୍ତ୍ର ବିଚାରପତିଙ୍କୁ ଦାୟିତ୍ୱ ଦେଇଛନ୍ତି। ସମ୍ପୃକ୍ତ ବିଚାରପତି ୪୫ ଦିନ ମଧ୍ୟରେ ବିଚାର ଶେଷ କରିବେ। ଏହାସହ ବଳାତ୍କାର ପୀଡ଼ିତାଙ୍କୁ ୨୫ ଲକ୍ଷ ଟଙ୍କା ଅନ୍ତରୀଣ କ୍ଷତିପୂରଣ ଦେବା ପାଇଁ ୟୁପି ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସଡ଼କ ଦୁର୍ଘଟଣା ମାମଲାର ତଦନ୍ତ ୭ ଦିନ ମଧ୍ୟରେ ଶେଷ କରିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ମଧ୍ୟ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଉନ୍ନାଓ ପୀଡ଼ିତା, ତାଙ୍କ ଓକିଲ ମହେନ୍ଦ୍ର ସିଂ ଓ ଦୁଇଜଣ ସମ୍ପର୍କୀୟ ଗତ ରବିବାର ଏକ କାର୍‌ରେ ରାଏବରେଲି ଯାଉଥିବାବେଳେ ଏକ ବାଲି ବୋଝେଇ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେଇଥିଲା। ଏଥିରେ ଦୁଇ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିଥିବାବେଳେ ପୀଡ଼ିତା ଓ ଓକିଲ ଗୁରୁତର ହୋଇ ଲକ୍ଷ୍ନୌସ୍ଥିତ ଏକ ହସ୍ପିଟାଲର ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ପୂର୍ବରୁ ପୀଡ଼ିତା ଓ ତାଙ୍କ ପରିବାର ବର୍ଗ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ନିକଟକୁ ଏକ ପତ୍ର ଲେଖି ବଳାତ୍କାର ଅଭିଯୁକ୍ତ ଭାଜପା ବିଧାୟକ କୁଲଦୀପ ସିଂ ସେନ୍‌ଗରଙ୍କ ସମର୍ଥକଙ୍କ ପଟୁ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇଥିଲେ। ହେଲେ ଉକ୍ତ ଚିଠି ସିଜେଆଇଙ୍କ ନିକଟରେ ପହଞ୍ଚି ନ ଥିଲା। ସିଜେଆଇ ଗୋଗୋଇ ଏହି ବିଷୟ ଗଣମାଧ୍ୟମରୁ ଜାଣିବା ପରେ ଚିଠି ପହଞ୍ଚିବାରେ ବିଳମ୍ବ ହେବାର କାରଣ ନେଇ ସୁପ୍ରିମକୋର୍ଟ ସେକ୍ରେଟାରି ଜେନେରାଲଙ୍କଠାରୁ ରିପୋର୍ଟ ମାଗିଥିଲେ। ସିଜେଆଇ ଗୋଗୋଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ଉନ୍ନାଓ ମାମଲାର ତ୍ୱରିତ ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଉକ୍ତ ରାୟକୁ ବାତିଲ କରିବା କିମ୍ବା ଏଥିରେ ପରିବର୍ତ୍ତନ ପାଇଁ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି।

ଅଭିଯୁକ୍ତ ସେନ୍‌ଗରଙ୍କ ଅନୁପସ୍ଥିତିରେ ରାୟ ଶୁଣାଇ ଖଣ୍ଡପୀଠ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ନିଅଣ୍ଟିଆ ବୃଷ୍ଟି

**କିଛି ତଥ୍ୟ**

ଜୁଲାଇ ମାସରେ ଘରୋଇ ବଜାରର ମାନୁଫାକଚରିଂ ଅଭିବୃଦ୍ଧି ସୂଚୀ ୨ ମାସର ସର୍ବୋଚ୍ଚ ସ୍ତର ୫୨.୫% ଛୁଇଁଛି।
– ଆଇଏଚ୍ଏସ୍ ମାର୍କିଟ

**ଆଜିର ମନ୍ତବ୍ୟ**

" ଲୋକ ସଭା ଅଧିବେଶନ ବଢ଼ାଯିବା ପଛରେ ସରକାରଙ୍କ ଷଡଯନ୍ତ୍ର ରହିଛି।
– ମୁଲାୟମ ସିଂ ଯାଦବ, ସମାଜବାଦୀ ପାର୍ଟି ନେତା

ଆସୁଛି ବଡ଼ ବର୍ଷା: ୩ରେ ଲଘୁଚାପ
........୩........
ସ୍ତନ୍ୟପାନ: ବଦଳୁଛି ଓଡ଼ିଶାର ଚିତ୍ର
........୭........




# ତିନି ତଲାକ୍ ବିଲ୍‌କୁ ରାଷ୍ଟ୍ରପତିଙ୍କ ମୋହର

ନୂଆଦିଲ୍ଲୀ,୧।୮(ପି.ଟି.)

ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ତିନି ତଲାକ୍ ବିଲ୍‌କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ୱୀକୃତି ପ୍ରଦାନ କରିଛନ୍ତି। ଫଳରେ ଏହା ଆଇନରେ ପରିଣତ ହୋଇଛି। ମୁସଲମାନ ସମ୍ପ୍ରଦାୟରେ ଚଳିଆସୁଥିବା ତତ୍କାଳ ତିନି ତଲାକ୍ ପ୍ରଥା ଉକ୍ତ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ବୋଲି ପ୍ରକାଶିତ ଗେଜେଟ ବିଜ୍ଞପ୍ତିରେ କୁହାଯାଇଛି।

ଫେବୃୟାରୀ ୨୧ରେ ସରକାର ଜାରି କରିଥିବା ଅଧ୍ୟାଦେଶ ସ୍ଥାନରେ ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା) ଆଇନ, ୨୦୧୯ କାର୍ଯ୍ୟକାରୀ ହେବ। ଏହା ମୁସଲମାନ ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବ। ମୁସଲମାନ ସ୍ୱାମୀ ଲିଖିତ ଭାବେ କିମ୍ବା ମୌଖିକ ଅଥବା ହ୍ୱାଟ୍ସଆପ୍ କି ଏସ୍ଏମ୍ଏସ୍ ବା ଅନ୍ୟ କୌଣସି ଇଲେକ୍ଟ୍ରୋନିକ ଚାଟିଂ ମାଧ୍ୟମରେ ଏକକାଳୀନ ତିନି ତଲାକ୍ କହି ଆଉ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇପାରିବେ ନାହିଁ। ଏହାକୁ ବେଆଇନ ଭାବେ ଗ୍ରହଣ କରାଯିବ। ଯଦି ମୁସଲମାନ ସ୍ୱାମୀ ଆଇନର ଅମାନ୍ୟ କରି ସ୍ତ୍ରୀଙ୍କୁ ତିନି ତଲାକ୍ କହି ଛାଡ଼ପତ୍ର ଦିଅନ୍ତି, ତେବେ ତାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ସାଙ୍ଗକୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯିବ।

ତିନି ତଲାକ୍ ବିଲ୍ ମଙ୍ଗଳବାର ରାଜ୍ୟ ସଭାର ଅନୁମୋଦନ ଲାଭ କରିଥିଲା। ଉଚ୍ଚ ସଦନରେ ଏନ୍‌ଡିଏ ସଂଖ୍ୟାଗରିଷ୍ଠ ନ ଥିବା ସତ୍ତ୍ୱେ ବିଲ୍ ସପକ୍ଷରେ ୯୯ ଓ ବିପକ୍ଷରେ ୮୪ ଭୋଟ ପଡିଥିଲା। କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳର କେତେକ ସଦସ୍ୟ ଅନୁପସ୍ଥିତ ରହିବା ଫଳରେ ବିଲ୍ ଗୃହୀତ ହେବା ସହଜ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ☞ପୃଷ୍ଠା-୪

### ମୁସ୍‌ଲିମ ମହିଳାଙ୍କ ଉପରେ ବିଷ୍ଣୁଙ୍କ ବୟାନକୁ ବିରୋଧ

## 'କ୍ଷମା ନ ମାଗିଲେ ଆନ୍ଦୋଳନ ହେବ'

ଭୁବନେଶ୍ୱର,୧।୮(ବ୍ୟୁରୋ)

- ବିଧାନସଭା ହୁଲସ୍ଥୁଲ
- ସାରାଦିନ ବରବାଦ
- ଫେଲ୍ ମାରିଲା ସର୍ବଦଳୀୟ ବୈଠକ

ପାର୍ଲାମେଣ୍ଟରେ ୩ ତଲାକ ବିଲ୍ ପାସ୍ ହେବା ପରେ ରାଷ୍ଟ୍ରପତି ଏହା ଉପରେ ମୋହର ମାରିଛନ୍ତି। ଏହା ଆଇନ୍‌ରେ ପରିଣତ ହୋଇଯାଇଛି। ଅପରପକ୍ଷରେ ଏହି ପ୍ରସଙ୍ଗ ଉପରେ ବିଧାନସଭାରେ ଗୁରୁବାର ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀଙ୍କ ମୁସ୍‌ଲିମ ମହିଳାଙ୍କ ଉପରେ ଦେଇଥିବା ବୟାନକୁ ନେଇ ଉଭୟ କଂଗ୍ରେସ ଓ ବିଜେଡି ଗୁରୁବାର ବିଧାନସଭାରେ ଭାଜପାକୁ ଘେରିଥିଲେ। ବିଷ୍ଣୁ କ୍ଷମା ନ ମାଗିଲେ ସମଗ୍ର ରାଜ୍ୟରେ ଜୋରଦାର ଆନ୍ଦୋଳନ ☞ପୃଷ୍ଠା-୪

### କଟକରେ ଗଳାକାଟି ୩ଜଣଙ୍କୁ ହତ୍ୟା ଘଟଣା

# ଜେଲ ଗଲେ ଅଭିଯୁକ୍ତ

କଟକ ଅଫିସ,୧।୮

- ୨ ହତ୍ୟାକାଣ୍ଡରେ ସମ୍ପୃକ୍ତି ରହିଛି: ଡିସିପି
- ପୂର୍ବ ଶତ୍ରୁତା କାରଣ
- ରିମାଣ୍ଡରେ ଅଣାଯିବ
- ଆବଶ୍ୟକ ପଡ଼ିଲେ ଡିଏନ୍ଏ, ପଲିଗ୍ରାଫ ଟେଷ୍ଟ କରାଯିବ

କଟକରେ ଗଳାକାଟି ୩ଜଣଙ୍କୁ ହତ୍ୟା ଘଟଣାର ଅଭିଯୁକ୍ତ ନାରାୟଣ ସାହୁଙ୍କୁ ଗୁରୁବାର ପୋଲିସ ଗିରଫ କରିଥିବା ଦର୍ଶାଇ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଛି। ତାଙ୍କୁ କୋର୍ଟ ଚୌଦ୍ୱାର ଜେଲକୁ ପଠାଇ ଦେଇଛନ୍ତି। ନାରାୟଣ ୪ଦିନ ଧରି ପୋଲିସ ହେପାଜତରେ ଥିଲେ। ତାଙ୍କୁ ଗିରଫ କରିବା ପାଇଁ ଯଥେଷ୍ଟ ପ୍ରମାଣ ଯୋଗାଡ଼ କରାଯାଇଥିବା ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ଦୁଇଟି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ନେଇ ସେ ସ୍ୱୀକାର କରିଥିବା ଡିସିପି କହିଛନ୍ତି। ଓଏମ୍‌ପିସ୍ଥିତ ନାରାୟଣ ରହୁଥିବା କୁଡ଼ିଆରୁ ପୋଲିସ ହତ୍ୟାରେ ବ୍ୟବହୃତ କୁରାଢ଼ି ଓ ତାଙ୍କ କିଛି ପୋଷାକ ଜବତ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନାରାୟଣ ହତ୍ୟା କରିଛନ୍ତି। ଅଧିକ ତଥ୍ୟ ପାଇବା ପାଇଁ ନାରାୟଣଙ୍କୁ ରିମାଣ୍ଡରେ ଅଣାଯିବ। ଆବଶ୍ୟକ ସ୍ଥଳେ ତାଙ୍କ ଡିଏନ୍ଏ ଓ ପଲିଗ୍ରାଫ ଟେଷ୍ଟ କରାଯିବ ବୋଲି ଡିସିପି କହିଥିଲେ। ଓଏମ୍‌ପି ଛକ ଅଞ୍ଚଳରେ ଘଟିଥିବା ଦୁଇ ହତ୍ୟାକାଣ୍ଡରେ ନାରାୟଣଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ଦୃଢ଼ୋକ୍ତି ପ୍ରକାଶ କରୁଥିବା ବେଳେ ରାଣୀହାଟ ଦୁର୍ଗାମଣ୍ଡପ ନିକଟ ଗଳିରେ ହୋଇଥିବା ହତ୍ୟା ଘଟଣା ଏବେ ବି ରହସ୍ୟ ହୋଇରହିଛି।

ଗତ ୨୩ ତାରିଖ ଭୋରରୁ ରାଣୀହାଟ ଦୁର୍ଗାମଣ୍ଡପ ନିକଟରୁ ଢେଙ୍କାନାଳ ଜିଲା ସଦର ଥାନା ଅନ୍ତର୍ଗତ ବଉଳପୁର ଅଞ୍ଚଳର କୋଦଣ୍ଡ ରାଉତଙ୍କ ମୃତଦେହ ଉଦ୍ଧାର ହୋଇଥିଲା। କୋଦଣ୍ଡଙ୍କ ଗଳାକାଟି ହତ୍ୟା କରାଯାଇଥିବା ଦେଖିବାକୁ ମିଳିଥିଲା। ଏହାର ପରଦିନ ଅର୍ଥାତ ୨୪ ତାରିଖରେ ଅନ୍ୟ ଦୁଇଜଣ ବ୍ୟକ୍ତିଙ୍କୁ ଗଳାକାଟି ହତ୍ୟା କରାଯାଇଥିଲା। ଓଏମ୍‌ପି ଛକ ନିକଟରେ ଜଣେ ଓ ଏସସିବି ମେଡ଼ିକାଲ ହୃଦ୍‌ରୋଗ ବିଭାଗ ସମ୍ମୁଖରୁ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଉକ୍ତ ଦୁଇ ମୃତ ବ୍ୟକ୍ତିଙ୍କ ପରିଚୟ ☞ପୃଷ୍ଠା-୪



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨ ଅଗଷ୍ଟ ,୨୦୧୯



“ଆମ ଦଳ ବିଏସ୍‌ପିରେ ନିର୍ବାଚନବେଳେ ଟଙ୍କା ନେଇ ଟିକେଟ ଦିଆଯାଏ। କେହି ଅଧିକ ଟଙ୍କା ଦେଲେ ପ୍ରଥମ ଆଶାୟୀଙ୍କଠାରୁ ଟିକେଟ ଛଡ଼ାଇନେଇ ତାଙ୍କୁ ଦିଆଯାଇଥାଏ।

-ରାଜେନ୍ଦ୍ର ଗୁଢ଼ା,
ରାଜସ୍ଥାନର ବିଏସ୍‌ପି ବିଧାୟକ



# କଶ୍ମୀରରେ ସୈନ୍ୟ ଠୁଳ

## ୧୦ ହଜାର ପରେ ପୁଣି ଗଲେ ୨୮ ହଜାର ଯବାନ

ଶ୍ରୀନଗର,୧୮

କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ୧୦ ହଜାର ଯବାନଙ୍କୁ ପଠାଇବାର ସପ୍ତାହେ ନ ପୂରୁଣୁ ପୁଣି ୨୮ ହଜାର ଅର୍ଦ୍ଧସାମରିକ ବଳଙ୍କୁ ପ୍ରେରଣ କରିଛନ୍ତି। ୨୮ ହଜାର ଯବାନ ଉପତ୍ୟକାର ବିଭିନ୍ନ ସ୍ଥାନରେ ଗୁରୁବାର ସକାଳେ ପହଞ୍ଚିବା ଆରମ୍ଭ କରିଛନ୍ତି। ନିରାପତ୍ତା ଦୃଷ୍ଟିରୁ ଏମାନଙ୍କୁ ପଠାଯାଉଥିବା କୁହାଯାଉଥିଲେ ହେଁ ସମ୍ବିଧାନର ଅନୁଚ୍ଛେଦ ୩୫ଏକୁ ଉଚ୍ଛେଦ କରିବା ପାଇଁ ଏହା କେନ୍ଦ୍ରର ମସୁଧା ବୋଲି କଶ୍ମୀରରେ ମତ ପ୍ରକାଶ ପାଇଛି। ଏତେ ସଂଖ୍ୟକ ଯବାନଙ୍କୁ ଦେଖି ସ୍ଥାନୀୟ ଲୋକେ ବାହାରକୁ ବାହାରିବା ପାଇଁ ଭୟ କଲେଣି।



ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଚାଲିଥିବାବେଳେ ସ୍ଥିତି ସମୀକ୍ଷା ପାଇଁ ଜାତୀୟ ନିରାପତ୍ତା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ୍ ନିକଟରେ ସେଠାକୁ ଯାଇଥିଲେ। ଦୁଇଦିନିଆ ଗସ୍ତ ସାରି ସେ ଫେରିବା ପରେ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ଗତ ୨୭ ତାରିଖରେ କଶ୍ମୀରକୁ ୧୦୦ କମ୍ପାନୀ (ପ୍ରତି କମ୍ପାନୀରେ ୧୦୦ ଯବାନ) କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ପଠାଇଥିଲେ। ସେମାନଙ୍କ ମଧ୍ୟରେ ୫୦ ସିଆର୍‌ପିଏଫ୍, ୩୦ ଏସ୍‌ଏସ୍‌ବି, ୧୦ ବିଏସ୍‌ଏଫ୍ ଏବଂ ୧୦ କମ୍ପାନୀ ଆଇଟିବିପି ଯବାନ ରହିଛନ୍ତି। ହଠାତ୍ ଅତିରିକ୍ତ ୧୦ ହଜାର ଯବାନଙ୍କୁ ଉପତ୍ୟକାରେ ମୁତୟନ କରିବା ନେଇ ନାନା ଆଶଙ୍କା ସୃଷ୍ଟି ହୋଇଥିଲା, ଯାହାକି ଏବେ ମଧ୍ୟ ଦୂର ହୋଇନାହିଁ। ସମ୍ବିଧାନର ଅନୁଚ୍ଛେଦ ୩୫ଏ ଉଚ୍ଛେଦ ନେଇ କେନ୍ଦ୍ର ସରକାର ମସୁଧା ଚଳାଇଥିବା ଉପତ୍ୟକାବାସୀ ସନ୍ଦେହ କରୁଛନ୍ତି। ଏହାକୁ ନେଇ ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ୍ ବୁଧବାର କହିଥିଲେ, ଉପତ୍ୟକାବାସୀଙ୍କୁ ରାଜ୍ୟର ସ୍ଥାୟୀ ବାସିନ୍ଦା ଭାବେ ନିରୂପଣ କରିବା ସହ ସେଠାରେ ବାହାର ଲୋକଙ୍କୁ ସ୍ଥାବର ସମ୍ପତ୍ତି କିଣିବା ଉପରେ କଟକଣା ଜାରି କରୁଥିବା ଅନୁଚ୍ଛେଦ ୩୫ଏ ହଟାଇବାର କୌଣସି ଯୋଜନା ନାହିଁ। ଇତିମଧ୍ୟରେ ପ୍ରତିକୂଳ ପାଗ ଯୋଗୁ ଅମରନାଥ ଯାତ୍ରାକୁ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଥିବାରୁ ଗୁରୁବାର କେଉଁ କାରଣରୁ ଅତିରିକ୍ତ ୨୮ ହଜାର ଯବାନଙ୍କୁ ପଠାଯାଇଛି

**ଅନୁଚ୍ଛେଦ ୩୫ଏ ଉଚ୍ଛେଦ ନେଇ ବଢ଼ୁଛି ସନ୍ଦେହ**

ସେନେଇ କଶ୍ମୀରୀଙ୍କ ମନରେ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ସୂତ୍ରରୁ ଜଣାପଡ଼ିଛି ଯେ, ଅମରନାଥ ଯାତ୍ରୀଙ୍କ ସୁରକ୍ଷାରେ ମୁତୟନ ହୋଇଥିବା ୪୦,୦୦୦ ଯବାନଙ୍କ ମଧ୍ୟରୁ ଅନେକଙ୍କୁ ଆଇନ ଶୃଙ୍ଖଳା କାର୍ଯ୍ୟରେ ନିୟୋଜିତ କରାଯାଇଛି। ସେଠାରେ ସମସ୍ତ ସୁରକ୍ଷା ବଳଙ୍କୁ ପ୍ରସ୍ତୁତ ରହିବା ପାଇଁ କୁହାଯାଇଛି। ସେହିପରି ସ୍ଥଳସେନା ମୁଖ୍ୟ ଜେନେରାଲ ବିପିନ ରାୱତ୍ ଦୁଇଦିନିଆ କଶ୍ମୀର ଗସ୍ତରେ ଯାଇ ଶ୍ରୀନଗରରେ ଗୁରୁବାର ନିରାପତ୍ତା ସ୍ଥିତି ସମୀକ୍ଷା କରିଛନ୍ତି।

ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରି ଚଳିତବର୍ଷ ଶେଷ ସୁଦ୍ଧା ବିଧାନସଭା ନିର୍ବାଚନ କରାଇବା ପାଇଁ ଅନୁରୋଧ କରିଛନ୍ତି। ଓମାରଙ୍କ ସହ ଯାଇଥିବା ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ଓ ପ୍ରତିନିଧି ଦଳ କଶ୍ମୀରକୁ ଉତ୍ତେଜନାପୂର୍ଣ୍ଣ ସ୍ଥିତିରୁ ମୁକ୍ତ କରିବା ପାଇଁ ମୋଦିଙ୍କୁ ଅନୁରୋଧ କରିଛନ୍ତି। ଏହା ପୂର୍ବରୁ ରବିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ଅନୁଚ୍ଛେଦ ୩୫ଏର ସୁରକ୍ଷା ପାଇଁ ଏକ ବଡ଼ ଯୁଦ୍ଧ ଲଢ଼ିବା ପାଇଁ ପ୍ରସ୍ତୁତ ହେବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହାସହ ନିଆଁରେ ବାରୁଦ ଢାଳିଲେ କେବଳ ହାତ ନୁହେଁ, ବରଂ ସମ୍ପୂର୍ଣ୍ଣ ଶରୀର ଜଳିପୋଡ଼ି ପାଉଁଶ ହୋଇଯିବ ବୋଲି କେନ୍ଦ୍ର ସରକାରଙ୍କୁ ଚେତାବନୀ ଦେଇଥିଲେ।

# ଆଜି କୁଳଭୂଷଣଙ୍କୁ ମିଳିବ ଦୂତାବାସ ସହାୟତା

ନୂଆଦିଲ୍ଲୀ/ଇସ୍‌ଲାମାବାଦ୍, ୧୮ (ଆଇଏଏନ୍‌ଏସ୍)



**ପାକିସ୍ତାନର ପ୍ରସ୍ତାବକୁ ଅନୁଧ୍ୟାନ କରୁଛି ଭାରତ**

ପାକିସ୍ତାନୀ ଜେଲ୍‌ରେ ବନ୍ଦୀ ଥିବା ଭାରତୀୟ ନାଗରିକ କୁଳଭୂଷଣ ଯାଦବଙ୍କୁ ଦୂତାବାସ ସହାୟତା ଯୋଗାଇଦେବାକୁ ପାକିସ୍ତାନ ରାଜି ହୋଇଛି। ତାଙ୍କୁ ଏହି ସହାୟତା ଦେବାକୁ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ ନିର୍ଦ୍ଦେଶ ଦେବାର ୧୫ ଦିନ ପରେ ପାକିସ୍ତାନ ଏପରି ନିଷ୍ପତ୍ତି ନେଇଥିବା ବିଷୟ ଭାରତକୁ ଅବଗତ କରାଇଛି। ପାକିସ୍ତାନ ଏଭଳି ପ୍ରସ୍ତାବ ଦେଇଥିବା ଭାରତ ଗୁରୁବାର ସୁନିଶ୍ଚିତ କରାଇଛି। ଏ ସଂକ୍ରାନ୍ତରେ କୂଟନୈତିକ ସ୍ତରରେ ଇସଲାମାବାଦ ସହ ଯୋଗାଯୋଗ କରାଯିବ ବୋଲି ଭାରତ କହିଛି। କୁଳଭୂଷଣଙ୍କୁ ଦୂତାବାସ ସହାୟତା ଯୋଗାଇଦେବାକୁ ପାକିସ୍ତାନ କିଛି ସର୍ତ୍ତ ରଖିଛି। ଯାଦବ ଓ ଭାରତୀୟ ଅଫିସରଙ୍କ ମଧ୍ୟରେ କଥାବାର୍ତ୍ତା ବେଳେ ପାକିସ୍ତାନର ଜଣେ ଅଫିସର ଉପସ୍ଥିତ ରହିବେ ବୋଲି ସର୍ତ୍ତ ରଖାଯାଇଥିବାବେଳେ ଆଇସିଜେଙ୍କ ରାୟ ପରିପ୍ରେକ୍ଷୀରେ ପାକିସ୍ତାନର ପ୍ରସ୍ତାବକୁ ଭାରତ ପରୀକ୍ଷା ନିରୀକ୍ଷା କରି ଦେଖୁଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପାକିସ୍ତାନ ବୈଦେଶିକ ଦପ୍ତର ମୁଖପାତ୍ର ମହମ୍ମଦ ଫୈଜାଲ ଖବରଦାତାଙ୍କ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଛନ୍ତି, ଶୁକ୍ରବାର ଦୂତାବାସ ସହାୟତା ପାଇଁ ଭାରତୀୟ ହାଇକମିଶନରଙ୍କୁ ଅବଗତ କରାଯାଇଛି। ତେବେ ଏ ଦିଗରେ ଭାରତର ଉତ୍ତରକୁ ଅପେକ୍ଷା କରାଯାଇଛି। ଭାରତୀୟ ନାଗରିକ କୁଳଭୂଷଣ ଯାଦବଙ୍କୁ ପାକିସ୍ତାନ ଇରାନ୍‌ରୁ ଧରିଆଣି ଭାରତ ପାଇଁ ଗୁପ୍ତଚର ବୃତ୍ତି କରୁଥିବା ଅଭିଯୋଗରେ ସାମରିକ ଜେଲ୍‌ରେ ବନ୍ଦୀ କରି ରଖିଛି। ଭିଏନା ଚୁକ୍ତି ଅନୁଯାୟୀ ଯାଦବଙ୍କୁ ଦୂତାବାସ ସହାୟତା ଯୋଗାଇ ଦିଆଯିବାର ଥିଲେ ହେଁ ପାକିସ୍ତାନ ଏହାକୁ ବାରମ୍ବାର ପ୍ରତ୍ୟାଖ୍ୟାନ କରିଆସୁଥିଲା।

## ପାକ୍‌ରେ ଆଉ ଜଣେ ଭାରତୀୟ ଗିରଫ

ଲାହୋର,୧୮ (ପି.ଟି.)



ରାଜୁ ଲକ୍ଷ୍ମଣ

**ଗୁପ୍ତଚର ବୃତ୍ତି ଅଭିଯୋଗ**

ପାକିସ୍ତାନର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ଡେରା ଗାଜି ଖାନ୍ ସହରରେ ଜଣେ ଭାରତୀୟଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ପାକ୍ ପୋଲିସ୍ ଗୁପ୍ତଚର ବୃତ୍ତି ଅଭିଯୋଗ ଆଣିଛି। ସେ ଗୁପ୍ତଚର ବୃତ୍ତି କରୁଥିବା ନେଇ ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଥିବା ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ରାଜୁ ଲକ୍ଷ୍ମଣ ନାମକ ଏହି ଅଭିଯୁକ୍ତଙ୍କୁ ବୁଧବାର ରାଖିଗଜ୍ ଅଞ୍ଚଳରୁ ଗିରଫ କରାଯାଇଥିଲା। ଅଧିକ ତଦନ୍ତ ଲାଗି ତାଙ୍କୁ କୌଣସି ଅଜ୍ଞାତ ସ୍ଥାନରେ ରଖାଯାଇଛି। ସେ ବେଲୁଚିସ୍ତାନ ପ୍ରଦେଶ ଦେଇ ଡେରା ଗାଜି ଖାନ ସହରରେ ପ୍ରବେଶ କରୁଥିବାବେଳେ ଗିରଫ ହୋଇଛନ୍ତି। କୁଳଭୂଷଣ ଯାଦବଙ୍କୁ ମଧ୍ୟ ଉକ୍ତ ପ୍ରଦେଶରୁ ଗିରଫ କରାଯାଇଥିବା ପାକିସ୍ତାନ ଅଭିଯୋଗ କରିଥିଲା।

## ■ ଏନ୍‌ଏମ୍‌ସି ବିଲ୍ ପାର୍ଲାମେଣ୍ଟରେ ଗୃହୀତ

# ଇନ୍ସପେକ୍ଟରରାଜ୍‌ର ଅବସାନ ହେବ

ନୂଆଦିଲ୍ଲୀ,୧୮ (ପି.ଟି.)

ଜାତୀୟ ମେଡିକାଲ କମିଶନ ବିଲ୍ ଗୁରୁବାର ରାଜ୍ୟ ସଭାରେ ଗୃହୀତ ହୋଇଛି। ଦେଶର ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ଏହା ଏକ ବଡ଼ ସଂସ୍କାର ବୋଲି କୁହାଯାଉଛି। ଉକ୍ତ ବିଲ୍ ଆଇନରେ ପରିଣତ ହେଲେ ଭାରତୀୟ ମେଡିକାଲ କାଉନସିଲ୍ (ଏମ୍‌ସିଆଇ) ସ୍ଥାନରେ ଜାତୀୟ ମେଡିକାଲ କମିଶନ ଗଠନ ହେବ। ରାଜ୍ୟ ସଭାରେ ଏଆଇଏଡିଏମ୍‌କେ ସଦସ୍ୟମାନଙ୍କ କକ୍ଷତ୍ୟାଗ ମଧ୍ୟରେ ବିଲ୍ ବାଚନିକ ଭୋଟରେ ଗୃହୀତ ହୋଇଯାଇଛି। ପୂର୍ବରୁ ଏହା ଜୁଲାଇ ୨୯ରେ ଲୋକ ସଭାର ଅନୁମୋଦନ ଲାଭ କରିଥିଲା।

ମେଡିକାଲ ଚିକିତ୍ସା ବିଭାଗରେ ଇନ୍ସପେକ୍ଟରରାଜ୍‌ର ଅବସାନ ଲାଗି ଏହା ଏକ ବଡ଼ ସଂସ୍କାର ବୋଲି ସରକାର କହିଛନ୍ତି। ବିଲ୍‌ର ବ୍ୟବସ୍ଥା ଅନୁଯାୟୀ ଏମ୍‌ବିବିଏସ୍ ଶେଷବର୍ଷ ପରୀକ୍ଷାକୁ ପିଜି ପାଇଁ ପ୍ରବେଶିକା ପରୀକ୍ଷା (ଏଣ୍ଟ୍ରାନ୍ସ) ଭାବେ ଗ୍ରହଣ କରାଯିବ। ସେହିପରି ବିଦେଶରେ ମେଡିସିନ୍‌ରେ ସ୍ନାତକ ଡିଗ୍ରୀ କରି ଫେରୁଥିବା ଛାତ୍ରୀଛାତ୍ରଙ୍କ ଲାଗି ଏକ ସ୍କ୍ରିନିଂ ପରୀକ୍ଷା କରାଯିବ। ଏହାକୁ ଜାତୀୟ ପ୍ରସ୍ଥାନ ପରୀକ୍ଷା (ନେକ୍ସ୍ଟ) କୁହାଯିବ। ପ୍ରସ୍ତାବିତ ଜାତୀୟ ମେଡିକାଲ କମିଶନ (ଏନ୍‌ଏମ୍‌ସି) ଭିତ୍ତିଭୂମିର ବାରମ୍ବାର ଅନୁଧ୍ୟାନ ନ କରି ଫଳାଫଳ ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି।

୧୩ଟି ଭାଷାରେ ପରୀକ୍ଷା ପରିଚାଳନା କରୁଥିବା ନିଟ୍ ଏକ ଆନୁଷ୍ଠାନିକ ବ୍ୟବସ୍ଥାରେ ପରିଣତ ହୋଇଛି। ପ୍ରସ୍ଥାନ ପରୀକ୍ଷା ଆଗାମୀ ତିନି ବର୍ଷରେ କାର୍ଯ୍ୟକାରୀ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ନିଟ୍ କାଉନ୍‌ସେଲିଂ ସମ୍ପୂର୍ଣ୍ଣ ସ୍ୱଚ୍ଛ ହେଉଥିବାରୁ ଏଥିପାଇଁ ପ୍ରସ୍ତାବ ଦେଇଥିବା ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ୍‌ଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ।

## ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ନୂଆଦିଲ୍ଲୀ,୧୮ (ପି.ଟି.)

ଜାତୀୟ ମେଡିକାଲ କମିଶନ ବିଲ୍‌କୁ ବିରୋଧ କରି ଦିଲ୍ଲୀର ଏମ୍ସ, ଆର୍‌ଏମ୍‌ଏଲ୍ ସମେତ ବିଭିନ୍ନ ସରକାରୀ ହସ୍ପିଟାଲର ଡାକ୍ତର କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ରୋଗୀସେବା ବାଧାପ୍ରାପ୍ତ ହୋଇଛି। ବିଲ୍‌କୁ ସେମାନେ ଗରିବ ତଥା ଛାତ୍ର ବିରୋଧୀ ଏବଂ ଅଗଣତାନ୍ତ୍ରିକ ବୋଲି କହିବା ସହ ଏହାର ପ୍ରତିବାଦରେ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ। ସେମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ବୋଲି ଧମକ ଦେଇଛନ୍ତି। କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ବହିର୍ବିଭାଗ ସମେତ ଆଶୁଚିକିତ୍ସା ବିଭାଗ, ଆଇସିୟୁ ଏବଂ ଅସ୍ତ୍ରୋପଚାର ବିଭାଗ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଛି।




ରାଜ୍ୟ ସଭାରେ ଜାତୀୟ ମେଡିକାଲ୍ କମିଶନ (ଏନ୍‌ଏମ୍‌ସି) ବିଲ୍ ଆଗତ ପ୍ରତିବାଦରେ ଏମ୍ସରେ ଡାକ୍ତରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଭିଡହିଂସାରେ ଜଣେ ମୃତ

ଡୁମ୍‌କା,୧୮

ଝାଡଖଣ୍ଡର ଡୁମ୍‌କା ଜିଲ୍ଲା ଚିହୁଡିଆ ଗାଁରେ ଏକ ଘରୁ ଚୋରି କରି ୩ଜଣ ପଳାଉଥିଲେ। ସେମାନଙ୍କ ମଧ୍ୟରୁ ଭୋଲା ହାଜ୍‌ରା ନାମକ ଜଣେ ବ୍ୟକ୍ତି ଧରା ପଡିଯାଇଥିଲେ। ଗାଁ ଲୋକେ ତାଙ୍କୁ ପିଟିପିଟି ମାରି ଦେଇଥିବା ଅଭିଯୋଗ ହୋଇଛି। ଚୋରମାନେ ଲୁଚି ପଳାଇବାକୁ ଉଦ୍ୟମ କରିବାବେଳେ ସବୁ ଜିନିଷ ଫୋପାଡି ଦେଇ ଚାଲିଯାଇଥିଲେ ବୋଲି ଏସ୍‌ପି ୱାଇ.ଏସ୍. ରମେଶ କହିଛନ୍ତି।

## ■ ଅଯୋଧ୍ୟା ମଧ୍ୟସ୍ଥ କମିଟି ରିପୋର୍ଟ ଦାଖଲ

# ସୁପ୍ରିମକୋର୍ଟରେ ଶୁଣାଣି ଆଜି

ନୂଆଦିଲ୍ଲୀ,୧୮ (ପି.ଟି.)

ସୁପ୍ରିମକୋର୍ଟରେ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ରେ ହେବ। ଅଦାଲତଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥ କମିଟି ସୋମବାର ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଅନ୍ତରୀଣ ରିପୋର୍ଟ ଜଉମୁଦା ଲଫାପାରେ ଦାଖଲ କରିଥିଲେ। ଶୁକ୍ରବାର ସର୍ବୋଚ୍ଚ ଅଦାଲତ ଉକ୍ତ ରିପୋର୍ଟ ଉପରେ ଶୁଣାଣି କରିପାରନ୍ତି ବୋଲି ଜଣାପଡିଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍. ଅବଦୁଲ ନାଜିରଙ୍କୁ ନେଇ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ମାମଲାର ଶୁଣାଣି କରିବେ।



ଅଯୋଧ୍ୟା ଜମି ବିବାଦ ମାମଲା ଦୀର୍ଘଦିନ ହେଲା ଅଦାଲତରେ ବିଚାରାଧୀନ ଥିବାରୁ ମଧ୍ୟସ୍ଥତା ଜରିଆରେ ଏହାର ଆପୋସ ସମାଧାନ ଲାଗି ସୁପ୍ରିମକୋର୍ଟ ଗତ ମାର୍ଚ୍ଚରେ ଏକ କମିଟି ଗଠନ କରିଥିଲେ। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଏଫ୍.ଏମ୍.ଆଇ. କଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିକୁ ମାର୍ଚ୍ଚ ୩ ସୁଦ୍ଧା ସମ୍ପୃକ୍ତ ପକ୍ଷମାନଙ୍କ ସହ ଆଲୋଚନା କରି ନିଷ୍ପତ୍ତି ଜଣାଇବାକୁ କୁହାଯାଇଥିଲା। ଉକ୍ତ କମିଟିରେ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଓ ବରିଷ୍ଠ ଆଇନଜୀବୀ ଶ୍ରୀରାମ ପଞ୍ଚୁ ସଦସ୍ୟ ଅଛନ୍ତି।

## ଅନୁଙ୍କୁ ସୋନାଙ୍କ ଟାର୍ଗେଟ

**ମୁମ୍ବାଇ:** ପ୍ରସିଦ୍ଧ ଓଡିଆ କଣ୍ଠଶିଳ୍ପୀ ସୋନା ମହାପାତ୍ର ସଂଗୀତ ନିର୍ଦ୍ଦେଶକ ଅନୁ ମଲିକ ଏବଂ ସୋନି ଟିଭିକୁ ଭର୍ତ୍ସନା କରିଛନ୍ତି। ପିଲାଙ୍କ ନିମିତ୍ତ ଏକ ରିୟଲିଟି ଶୋ ପ୍ରସ୍ତୁତ ହେବାକୁ ଯାଉଥିବାବେଳେ ଏଥିପାଇଁ ସୋନି ଟିଭି ଅନୁଙ୍କୁ ସୁଯୋଗ ଦେଇଥିବାରୁ ସୋନା ତାଙ୍କ ବିରୋଧରେ ‘#ମିଟୁ’ ଅଭିଯୋଗ ପୁଣି ଶେୟାର କରିଛନ୍ତି। ଅନୁ ପୁଣିଥରେ ପ୍ୟାରି ଜି.ଙ୍କ ମିଳିତ ସହଯୋଗରେ ଏକ କିଡ୍‌ସ ଶୋ’ ପ୍ରସ୍ତୁତ କରିବାକୁ ଯାଉଥିବାବେଳେ ସୋନା ଏହାକୁ ନାପସନ୍ଦ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ଭାରତରେ ‘#ମିଟୁ’ ଆନ୍ଦୋଳନ ବ୍ୟାପକ ରୂପ ଧାରଣ କରିଥିବାବେଳେ ଅନୁଙ୍କୁ ଯୌନ ଉତ୍ପୀଡନ ଅଭିଯୋଗରେ ରିୟଲିଟି ଶୋ ‘ଇଣ୍ଡିଆନ୍ ଆଇଡଲ’ରୁ ବହିଷ୍କାର କରାଯାଇଥିଲା। ଅନୁ ମଲିକଙ୍କ ବିରୋଧରେ ଯେତେଜଣ ଅଭିଯୋଗ କରିଥିଲେ ସେମାନଙ୍କ ମଧ୍ୟରେ ସୋନା ମହାପାତ୍ର ଥିଲେ ଅନ୍ୟତମ। କୌଣସି କାରଣ ନ ଥାଇ ତାଙ୍କୁ ଅଚାନକ କାର୍ଯ୍ୟରୁ ବିଦାକରାଗଲା ବୋଲି ଅନୁ ଟୁଇଟ୍ କରିଥିବାବେଳେ ଏହାର ଜବାବ ଦେବାକୁ ଯାଇ ସୋନା କହିଛନ୍ତି, ‘ଚଳିତବର୍ଷ ପ୍ରାରମ୍ଭରେ ଶ୍ୱେତା ପଣ୍ଡିତ ଓ ଅନ୍ୟମାନେ ଆପଣଙ୍କ ବିରୋଧରେ ଯେଉଁ ଯୌନ ଅସଦାଚରଣ ଅଭିଯୋଗ ଆଣିଥିଲେ ତାହା ମନେ ପକାନ୍ତୁ।’





# ସ୍ତ୍ରୀଙ୍କୁ ରାଜନୀତିକୁ ଆଣିବାରୁ ଶତ୍ରୁତା

ଲକ୍ଷ୍ନୌ,୧୮ (ଆଇଏଏନ୍‌ଏସ୍)

୨୦୧୮ ଏପ୍ରିଲ ୮ରେ ଉନ୍ନାଓ ବଳାତ୍କାର ପୀଡ଼ିତା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସରକାରୀ ବାସଭବନ ଆଗରେ ଆତ୍ମଦାହ ଉଦ୍ୟମ କରି ନ ଥିଲେ କୁଲଦୀପ ସିଂ ସେନ୍‌ଗର ଉତ୍ତରପ୍ରଦେଶ ବିଧାନସଭାର ୪୦୩ ବିଧାୟକଙ୍କ ମଧ୍ୟରୁ ଜଣେ ହୋଇ ରହିଯାଇଥାନ୍ତେ। ପ୍ରଥମେ କୁଲଦୀପଙ୍କ ଭାଇ ଅତୁଲ ସିଂ ସେନ୍‌ଗର ପୀଡ଼ିତାଙ୍କ ବାପାଙ୍କୁ ଅତି ନିର୍ମମ ଭାବେ ମାଡ଼ ମାରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରେ ସେ ପୋଲିସ ହାଜତରେ ଆଖି ବୁଜିଦେବା ପରେ ଏହି ବିବାଦ ଉଗ୍ରରୂପ ଧାରଣ କରିଥିଲା। ଫଳରେ ଏପ୍ରିଲ ୧୩ରେ ଯୋଗୀ ସରକାର ଏହି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିବାକୁ ବାଧ ହୋଇଥିଲେ। କୁଲଦୀପ ସେନ୍‌ଗର କଂଗ୍ରେସରେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ ହେଁ ୨୦୦୨ରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ରେ ଯୋଗଦେଇ ଉନ୍ନାଓ ସଦର ଆସନରୁ ପ୍ରଥମଥର ପାଇଁ ବିଧାୟକ ହୋଇଥିଲେ। ପରେ ସେ ସମାଜବାଦୀ ପାର୍ଟି (ଏସ୍‌ପି)ରେ ସାମିଲ ହୋଇ ୨୦୦୭ ନିର୍ବାଚନରେ ବାଙ୍ଗରମୌ ଆସନରେ ଜିତିଥିଲେ। ୨୦୧୨ରେ କୁଲଦୀପ ଉନ୍ନାଓ ଜିଲା ଭଗୱନ୍ତ ନଗର ଆସନରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ଗୋଟିଏ ଜିଲାର ୩ଟି ଆସନରେ ଲଢ଼ି କ୍ରମାଗତ ଭାବେ ନିର୍ବାଚିତ ହେବା କୁଲଦୀପ ସେନ୍‌ଗରଙ୍କ ଶକ୍ତିର ପ୍ରମାଣ ଦିଏ। ଏସ୍‌ପି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବ ଦଳରୁ ବାହାରିଯିବା ପରେ କୁଲଦୀପ ଭାଜପାରେ ମିଶିଥିଲେ। ସେ ୨୦୧୭ ବିଧାନସଭା ନିର୍ବାଚନରେ ବାଙ୍ଗରମୌ ଆସନରୁ ଭାଜପା ଟିକେଟରେ ବିଜୟୀ ହୋଇଥିଲେ। ହେଲେ ତାଙ୍କ ବିରୋଧରେ ଆସିଥିବା ବଳାତ୍କାର ଅଭିଯୋଗ ସମସ୍ତଙ୍କୁ ଚକିତ କରିଦେଇଥିଲା। ବିଶେଷକରି କୁଲଦୀପଙ୍କୁ ଜଣେ ଲୋକପ୍ରିୟ ତଥା ସମ୍ବେଦନଶୀଳ ନେତା ବୋଲି ବିଚାର କରୁଥିବା ଲୋକେ ତାଙ୍କୁ ଘୃଣା କରିବା ଆରମ୍ଭ କରିଦେଲେ। ବଳାତ୍କାର ପୀଡ଼ିତାଙ୍କ ବାପା କୁଲଦୀପଙ୍କ ଘନିଷ୍ଠ ସହଯୋଗୀ ଥିଲେ ଓ ଉଭୟଙ୍କ ପରିବାର ମଧ୍ୟରେ ସୁସମ୍ପର୍କ ଥିଲା। କୁଲଦୀପ ତାଙ୍କ ସ୍ତ୍ରୀ ସଙ୍ଗୀତା ସେନ୍‌ଗରଙ୍କୁ ଜିଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ମଇଦାନକୁ ଛାଡ଼ିବା ପରେ ଦୁଇ ପରିବାର ମଧ୍ୟରେ ମତାନ୍ତର ଦେଖାଦେଇଥିଲା। କାରଣ ପୀଡ଼ିତାଙ୍କ ପରିବାର ତାଙ୍କ ମା’ ନିର୍ବାଚନ ଲଢ଼ନ୍ତୁ ବୋଲି ଚାହୁଁଥିଲେ। ସଙ୍ଗୀତା ଅନାୟାସରେ ବିଜୟୀ ହେବା ପରେ ବିବାଦ ବଢ଼ିବାରେ ଲାଗିଥିଲା। ୨୦୧୭ରେ କୁଲଦୀପ ଚତୁର୍ଥଥର ପାଇଁ ନିର୍ବାଚନରେ ବିଜୟୀ ହେବା ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ସେହିପରି ନିର୍ବାଚନମଣ୍ଡଳୀରେ ଦୁଇଟି ଠିକା ବଣ୍ଟନକୁ ନେଇ ମଧ୍ୟ ସେମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

## ବିଧାୟକ କୁଲଦୀପ ସେନ୍‌ଗର ଭାଜପାରୁ ବହିଷ୍କୃତ

ନୂଆଦିଲ୍ଲୀ,୧୮ (ପି.ଟି./ଆଇଏଏନ୍‌ଏସ୍)

ଚାରିଆଡ଼ୁ କଡ଼ା ସମାଲୋଚନାର ଶିକାର ହେବା ପରେ ଉତ୍ତରପ୍ରଦେଶର ଉନ୍ନାଓ ଜିଲା ବାଙ୍ଗରମୌ ବିଧାୟକ କୁଲଦୀପ ସିଂ ସେନ୍‌ଗରଙ୍କୁ ଦଳରୁ ବହିଷ୍କାର କରିଛି ଭାଜପା। ଦୁଇବର୍ଷ ତଳେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ଗତ ରବିବାର ପରିବାରର ଦୁଇ ସଦସ୍ୟଙ୍କୁ କୁଲଦୀପ ହତ୍ୟା କରିଥିବା ଅଭିଯୋଗ ଆସିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାରା ଦେଶରେ ସ୍ୱର ଉଠିଥିଲା। ସେନ୍‌ଗରଙ୍କ ଏହି କାରନାମାକୁ ନେଇ ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ଅଡୁଆରେ ପଡ଼ିଯାଇଛନ୍ତି। ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିବାବେଳେ ଯୋଗୀଙ୍କ ସୁପାରିସ କ୍ରମେ କେନ୍ଦ୍ର ଏହି ମାମଲାର ତଦନ୍ତ ଭାର ସିବିଆଇକୁ ଦେଇଛି। ବଳାତ୍କାର ମାମଲାରେ ଚାରି ଥର ବିଧାୟକ ଥିବା କୁଲଦୀପଙ୍କୁ ଗତବର୍ଷ ଏପ୍ରିଲ ୧୩ରେ ଗିରଫ କରାଯାଇଥିଲା। ତାଙ୍କୁ ଭାଜପାରୁ ବିଦା କରାଯିବା ନେଇ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଟୁଇଟ୍ କରିଛନ୍ତି, ଭାଜପା ଜଣେ ଅପରାଧୀଙ୍କୁ ସଶକ୍ତ କରିଥିଲା ବୋଲି ସ୍ୱୀକାର କରିଛି। ଏହାସହ ଶେଷରେ ନିଜକୁ ସୁଧାରିବା ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି। ସେହିପରି ସମାଜବାଦୀ ପାର୍ଟି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି।





ଅଲ୍‌କାଏଦା ଆତଙ୍କବାଦୀ ସଂଗଠନର ପ୍ରତିଷ୍ଠାତା ଓସାମା ବିନ୍ ଲାଡେନଙ୍କ ପୁଅ ହମ୍‌ଜା ଏୟାର ଷ୍ଟ୍ରାଇକ୍‌ରେ ନିହତ ହୋଇଥିବା ଆମେରିକା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ହମ୍‌ଜାଙ୍କୁ ଧରାଇଦେଲେ ୧ ନିୟୁତ ଡଲାର ପୁରସ୍କାର ଦିଆଯିବ ବୋଲି ଆମେରିକା ଗତ ଫେବୃୟାରୀରେ ଘୋଷଣା କରିଥିଲା। ତେବେ ତାଙ୍କର କେବେ ଓ କେଉଁଠି ମୃତ୍ୟୁ ହୋଇଛି ତାହା ରିପୋର୍ଟରେ ଉଲ୍ଲେଖ ନାହିଁ। ଏହା ଉପରେ ପେଣ୍ଟାଗନ କୌଣସି ମନ୍ତବ୍ୟ ଦେଇନାହିଁ।

## ସ୍କୁଲବ୍ୟାଗ୍ ଓଜନ ମାପିବ ସ୍କ୍ୱାଡ




# ଆସୁଛି ବଡ଼ ବର୍ଷା: ୩ରେ ଲଘୁଚାପ

## ୪ରୁ ୬ ପ୍ରବଳ ଛେଚିବ

ଭୁବନେଶ୍ୱର,୧।୮(ବ୍ୟୁରୋ)

ଉତ୍ତର ପୂର୍ବ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ଲଘୁଚାପ ଦାନା ବାନ୍ଧୁଛି। ଆସନ୍ତା ୩ ତାରିଖରେ ଏହା ଘନୀଭୂତ ହେବାର ସମ୍ଭାବନା ରହିଛି। ଉତ୍ତର, ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାକୁ ବୁଡ଼ାଇବ। ଏହା ପ୍ରଭାବରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ସୋନପୁର, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡା, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର, କଟକ, କେନ୍ଦ୍ରାପଡ଼ା ଜଗତ୍‌ସିଂହପୁର ଆଦି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ୪ରୁ ୬ ତାରିଖ ଯାଏ ବର୍ଷା ଲାଗିରହିବ। ଏଥିଯୋଗୁ କେତେକ ନଦୀରେ ବନ୍ୟା ଆସିବାର ସମ୍ଭାବନା ରହିଛି। ଲଘୁଚାପକୁ ଦୃଷ୍ଟିରେ ରଖି ଆସନ୍ତା ୪ ତାରିଖରୁ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।

ଜୁନ ପହିଲାରୁ ଅଗଷ୍ଟ ୧ ତାରିଖ ଯାଏ ରାଜ୍ୟରେ ସ୍ୱାଭାବିକ ଠାରୁ ୨୨ ପ୍ରତିଶତ କମ୍ ବର୍ଷା ହୋଇଛି। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଏହି ସମୟରେ ରାଜ୍ୟରେ ୫୬୩.୪ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ମାତ୍ର ୪୪୦.୪ ମିଲିମିଟର। ରାଜ୍ୟର ୧୦ଟି ଜିଲାରେ ବର୍ଷାଭାବରୁ ସାଂଘାତିକ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସମୟରେ ଅନୁଗୋଳ ଜିଲାରେ ୩୩ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ବଲାଙ୍ଗୀର ୩୪, ବାଲେଶ୍ୱର ୪୪, ଦେବଗଡ଼ ୩୪, ଯାଜପୁର ୩୨, କନ୍ଧମାଳ ୩୧, କେନ୍ଦୁଝର ୩୧, ମୟୂରଭଞ୍ଜ ୩୪, ସମ୍ବଲପୁର ୩୨ ଏବଂ ସୁନ୍ଦରଗଡ଼ ଜିଲାରେ ୩୫ ପ୍ରତିଶତ କମ୍ ବର୍ଷା ହୋଇଛି।




## କେନ୍ଦ୍ର-ରାଜ୍ୟ କୋଳାକୋଳି ସମ୍ପର୍କକୁ କଂଗ୍ରେସର ବିରୋଧ

# ‘ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଉଛି ବିଜେଡି’

ଭୁବନେଶ୍ୱର,୧।୮(ବ୍ୟୁରୋ)

ପ୍ରତ୍ୟେକ କ୍ଷେତ୍ରରେ ବିଜେଡି କେନ୍ଦ୍ରରେ ପରିଚାଳିତ ଭାଜପା ସରକାରକୁ ଖୋଲାଖୋଲି ସମର୍ଥନ ଦେଉଛି। କେନ୍ଦ୍ର ସରକାର ଲୋକ ସଭାରେ ଆଣିଥିବା ନଦୀଜଳ ବିଲ୍‌କୁ ବିଜେଡି ସମର୍ଥନ କରିଛି। ମହାନଦୀ ଜଳ ପ୍ରବାହକୁ ଛତିଶଗଡ଼ ରୋକୁଛି। ଏହାକୁ ନେଇ ରାଜ୍ୟରେ ତୁମ୍ଭିତୋଫାନ ହେଉଛି। ଏଥିପାଇଁ ଦୁଇଟି ଗୃହ କମିଟି ବାଚସ୍ପତି ଓ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି। ମହାନଦୀ ସମସ୍ୟାକୁ କେନ୍ଦ୍ର ନିକଟରେ ଉଠାଇବା ଏହି କମିଟିର କାର୍ଯ୍ୟ। ମାତ୍ର ଏବେ ଏହାର ଫଳ ଓଲଟା ଦେଖିବାକୁ ମିଳୁଛି। ଗୁରୁବାର ବିଧାନସଭାରେ କଂଗ୍ରେସ ରାଜ୍ୟ ସରକାରଙ୍କୁ ଏଭଳି ଶାଣିତ ଢଙ୍ଗରେ ଆକ୍ରମଣ କରିଛି।

### ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦାବି କଲେ ନରସିଂହ



ଶୂନ୍ୟକାଳରେ ମହାନଦୀ ପ୍ରସଙ୍ଗ ଉଠାଇ କଂଗ୍ରେସ ନେତା ନରସିଂହ ମିଶ୍ର କହିଥିଲେ ଯେ, ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ବ୍ୟାରେଜ କରି ପାଣି ଅଟାକାଉଛି। ବୌଦ୍ଧ ଜିଲା ନିକଟରେ ମହାନଦୀ ପାର ହେବାକୁ ଡଙ୍ଗାରେ ଯିବାକୁ ପଡୁଥିଲା। ଏବେ ଲୋକମାନେ ଚାଲିକରି ଯାଉଛନ୍ତି। ଭବିଷ୍ୟତରେ ମହାନଦୀରେ ଆଉ ପାଣି ରହିବ କି ନାହିଁ ସେନେଇ ଆଶଙ୍କା ଦେଖାଗଲାଣି। ମହାନଦୀ ବିବାଦକୁ ସମାଧାନ କରିବା ପାଇଁ କେନ୍ଦ୍ର ସରକାର ଟ୍ରିବ୍ୟୁନାଲ ଗଠନ କଲେ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ କେନ୍ଦ୍ର ସରକାର ଟ୍ରିବ୍ୟୁନାଲ ଗଠନ କରିଛନ୍ତି। ଏହି ମାମଲା ଟ୍ରିବ୍ୟୁନାଲରେ ଚାଲିଛି। ସେତେବେଳେ ବିଜେଡି ନଦୀ ଜଳ ବିଲ୍‌କୁ ପ୍ରବଳ ବିରୋଧ କରିଥିଲା। ତେବେ କେଉଁ ପରିସ୍ଥିତିରେ ଏବେ ବିଜେଡି ସେହି ବିଲ୍‌କୁ ସମର୍ଥନ କରୁଛି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ମହାନଦୀରେ ପାଣି କମୁଛି। ଓଡ଼ିଶାବାସୀଙ୍କ ପାଇଁ ଏହା ଅପୂରଣୀୟ କ୍ଷତି। ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ସମର୍ଥନ କରୁଛନ୍ତି। ନିର୍ବାଚନ ବେଳେ ବିଜେଡି ତିନି ତଲାକ୍ ବିଲ୍‌କୁ ବିରୋଧ କରୁଥିବାବେଳେ ପୁଣି ସମର୍ଥନ ଦେଲା କେମିତି? କେବଳ ଏତିକି ନୁହେଁ, ପ୍ରଧାନମନ୍ତ୍ରୀଙ୍କ ଫୋନ୍ କଲ୍ ପାଇ ଭାଜପା ସଦସ୍ୟଙ୍କୁ ବିଜେଡି ରାଜ୍ୟ ସଭା ପଠାଇଲା। କଂଗ୍ରେସ ପକ୍ଷରୁ ମୁଁ ଏହାକୁ କଡ଼ା ନିନ୍ଦା କରୁଛି। ମୁଖ୍ୟମନ୍ତ୍ରୀ ନିଜେ ଏହାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ନରସିଂହ ଦାବି କରିଛନ୍ତି।


NECC NATIONAL EGG CO-ORDINATION COMMITTEE — 01.08.2019 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 65 | 113 | 123 |
| DKL | 63 | 110 | 120 |
| BDK | 66 | 114 | 124 |
| BLS | 67 | 115 | 125 |
| ANG | 64 | 111 | 121 |
| BHM | 62 | 109 | 119 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers



DSPL-56

ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଉପଲକ୍ଷେ
ବାର୍ତ୍ତା



ଅଗଷ୍ଟ ମାସର ପ୍ରଥମ ସପ୍ତାହକୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଭାବେ ପାଳନ କରାଯାଏ । ଚଳିତ ବର୍ଷ ଏହି ସପ୍ତାହ ପାଳନର ପ୍ରସଙ୍ଗ ରହିଛି ‘ସଶକ୍ତ ମାତାପିତା, ସକ୍ଷମ ସ୍ତନ୍ୟପାନ’ ।

ଶିଶୁ ପାଇଁ ମା’କ୍ଷୀର ହେଉଛି ଅମୃତ ସଦୃଶ । ମା’କ୍ଷୀରରୁ ଶିଶୁଟିର ଶାରୀରିକ ଏବଂ ମାନସିକ ବିକାଶ ପାଇଁ ସମସ୍ତ ଉପାଦାନ ମିଳିଥାଏ ଏବଂ ଏହା ଶିଶୁକୁ ଅପପୁଷ୍ଟି ତଥା ବିଭିନ୍ନ ରୋଗରୁ ରକ୍ଷା କରେ । ମା’ର ପ୍ରଥମ କ୍ଷୀର ବା ହଳଦିଆ କଷ କ୍ଷୀର ଶିଶୁ ପାଇଁ ସର୍ବୋତ୍ତମ । ସ୍ତନ୍ୟପାନ ଦ୍ୱାରା ମା’ ଏବଂ ଶିଶୁଙ୍କ ମଧ୍ୟରେ ଶାରୀରିକ ଓ ଭାବଗତ ବନ୍ଧନ ସ୍ଥାୟୀ ହୋଇଥାଏ ।

ଶିଶୁ ଜନ୍ମର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ, ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ, ଶିଶୁକୁ ୬ ମାସ ପୂରିବା ମାତ୍ରେ ସ୍ତନ୍ୟପାନ ସହିତ ଅନ୍ୟ ଖାଦ୍ୟ ଖୁଆଇବା ସହ ୨ ବର୍ଷ ପର୍ଯ୍ୟନ୍ତ ନିୟମିତ ଭାବେ ସ୍ତନ୍ୟପାନ କରାଇଲେ ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଉତ୍ତମ ଓ ଯଥେଷ୍ଟ ପରିମାଣର ମା’କ୍ଷୀର ପାଇଁ ପ୍ରତ୍ୟେକ ମା’ ସଠିକ ମାତ୍ରାର ଖାଦ୍ୟ ଖାଇବା ଏବଂ ପର୍ଯ୍ୟାପ୍ତ ପରିମାଣର ବିଶ୍ରାମ ନେବା ଆବଶ୍ୟକ ।

ନବଜାତକକୁ ଯଥାଶୀଘ୍ର ସ୍ତନ୍ୟପାନ ଏବଂ କେବଳ ସ୍ତନ୍ୟପାନ କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ ସ୍ଥାନିତ ହେବା ଆନନ୍ଦର ବିଷୟ । ଏହା ସତ୍ତ୍ୱେ ସ୍ତନ୍ୟପାନ ହାର ବୃଦ୍ଧି ନିମନ୍ତେ ନିରନ୍ତର ଉଦ୍ୟମ ଜାରି ରହିବା ଆବଶ୍ୟକ । ସମୃଦ୍ଧ ସ୍ୱାସ୍ଥ୍ୟସଂପନ୍ନ ସଶକ୍ତ ନାଗରିକ ଗଢ଼ି ତୋଳିବାରେ ସ୍ତନ୍ୟପାନର ଭୂମିକା ଅପରିହାର୍ଯ୍ୟ ।

ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ମୁଁ ଆମ ରାଜ୍ୟର ମା’ ଓ ଭଉଣୀମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ନବଜାତକଙ୍କୁ ସ୍ତନ୍ୟପାନ କରାଇବା ସହ ଶିଶୁ ଅପପୁଷ୍ଟି ରୋକିବା ଦିଗରେ ସାମିଲ ହେବାକୁ ଅନୁରୋଧ କରୁଛି ।

(ଟୁକୁନି ସାହୁ)
ମାନ୍ୟବର ମନ୍ତ୍ରୀ
ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି, ଓଡ଼ିଶା

33001/13/0005/1920






ପୋଲାଭରମ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଇଞ୍ଜିନିୟରିଂ କମ୍ପାନୀକୁ କାମ ବନ୍ଦ କରି ଚାଲିଯିବା ପାଇଁ ଆନ୍ଧ୍ରପ୍ରଦେଶ ସରକାର ଗୁରୁବାର ନୋଟିସ ଜାରି କରିଛନ୍ତି। ଫଳରେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ବାଧାପ୍ରାପ୍ତ ହେବାକୁ ଯାଉଛି। ଏନ୍. ଚନ୍ଦ୍ରବାବୁ ନାଇଡୁ ସରକାର ସମୟରେ ପୋଲାଭରମ୍ ପ୍ରକଳ୍ପ କାର୍ଯ୍ୟରେ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ କ୍ରମେ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଧାରା ୮୯(୩) ଅନୁଯାୟୀ ନବଯୁଗ ଇଞ୍ଜିନିୟରିଂ କମ୍ପାନୀକୁ ନୋଟିସ ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଅଭିଳାଷା
ପରିବାରବର୍ଗ



ଆଦିତ୍ୟ
ପରିବାରବର୍ଗ



ପ୍ରୀୟା
ପରିବାରବର୍ଗ



ସ୍ୱୀକୃତି
ପରିବାରବର୍ଗ



ଶ୍ରେୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତିନି ତଲାକ୍ ବିଲ୍‌କୁ...

ପାଳି ସରକାରରେ ଏହି ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲେ ହେଁ ରାଜ୍ୟ ସଭାରେ ତାହା ଅଟକି ରହିଥିଲା। ଗତ ସପ୍ତାହରେ ଉକ୍ତ ବିଲ୍ ପୁଣିଥରେ ଲୋକ ସଭାର ଅନୁମୋଦନ ଲାଭ କରିଥିଲା। ତିନି ତଲାକ୍ ଆଇନ ଅନୁଯାୟୀ ପୋଲିସ ବିନା ୱାରେଣ୍ଟରେ ଅଭିଯୁକ୍ତଙ୍କୁ ଗିରଫ କରିପାରିବ। ତେବେ ଆଇନର ଅପବ୍ୟବହାର ହେବା ସମ୍ଭାବନା ଥିବାରୁ ଏହାକୁ ରୋକିବା ଲାଗି କେବଳ ସମ୍ପୃକ୍ତ ମହିଳା କିମ୍ବା ତାଙ୍କ ରକ୍ତସମ୍ପର୍କୀୟଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବ୍ୟବସ୍ଥା ରହିଛି। ଅଭିଯୋଗକାରିଣୀ ମହିଳାଙ୍କ ମତାମତ ଶୁଣିବା ପରେ ମାଜିଷ୍ଟ୍ରେଟ ଅଭିଯୁକ୍ତ ସ୍ୱାମୀଙ୍କୁ ଜାମିନ ମଞ୍ଜୁର କରିପାରିବେ।

### 'କ୍ଷମା ନ ମାଗିଲେ...

ହେବ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଶୂନ୍ୟକାଳରେ ବିରୋଧୀ ଦଳ ଉପନେତା ସେଠୀ କହିଥିଲେ, ତିନି ତଲାକ୍ ବିଲ୍ ଭାଜପାର ନିଜସ୍ୱ ନୁହେଁ। ମୁସ୍‌ଲିମ ମହିଳାଙ୍କ ସୁରକ୍ଷା ପାଇଁ ଏହା ଉଦ୍ଦିଷ୍ଟ। ସୁପ୍ରିମକୋର୍ଟ ତିନି ତଲାକ୍‌କୁ ଅବୈଧ ଘୋଷଣା ପରେ କେନ୍ଦ୍ର ସରକାର ଏହାକୁ ବିଲ୍ ଆକାରରେ ପାର୍ଲାମେଣ୍ଟରେ ପାସ୍ କଲେ। କଂଗ୍ରେସ କାହିଁକି ଏହାକୁ ବିରୋଧ କରୁଛି। ପାକିସ୍ତାନ, ବାଂଲାଦେଶ ଭଳି ପୃଥିବୀର ୩୮ଟି ଦେଶରେ ତିନି ତଲାକ୍ ପ୍ରଥାକୁ ବନ୍ଦ କରାଯାଇଛି। କୋରାନ୍‌ରେ ମଧ୍ୟ ଏ ବିଷୟରେ କିଛି ଉଲ୍ଲେଖ ନାହିଁ। କଂଗ୍ରେସ ଭୋଟ ହାତେଇବା ପାଇଁ ଏହାକୁ ବିରୋଧ କରୁଛି ବୋଲି ସେ କହିଛନ୍ତି। ହିନ୍ଦୁ ଓ ଖ୍ରୀଷ୍ଟିଆନଙ୍କ ପାଇଁ ବିବାହ ବିଚ୍ଛେଦ ଆଇନ ରହିଛି। ବିବାହ ଭଳି ପବିତ୍ର ସମ୍ପର୍କକୁ ତିନି ଥର ତଲାକ୍ କହି ଶେଷ କରି ଦିଆଯାଉଛି। ଆମେ ଏବେ କେଉଁ ଶତାବ୍ଦୀରେ ଅଛୁ। ଜଣେ ପୂର୍ବତନ ଅତିରିକ୍ତ ଡିଜି, ପୂର୍ବତନ ମନ୍ତ୍ରୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିଛି। ପୂର୍ବତନ ମନ୍ତ୍ରୀଙ୍କ ବୋହୂଙ୍କୁ ନେଇ ବିଧାନସଭା ଉଠିଲା ପଡ଼ିଲା। ଜଣେ ମଦ୍ୟପ ସ୍ୱାମୀ ତିନିଥର ତଲାକ୍ କହି ମହିଳାଙ୍କୁ ବିବାହ ବିଚ୍ଛେଦ କରାଇବା କେତେଦୂର ଯଥାର୍ଥ। ଏପରିକି ଅନେକ ସ୍ୱାମୀ ପରିତ୍ୟକ୍ତା ମୁସ୍‌ଲିମ ମହିଳା ଅଧିକାଂଶ ଦେହବ୍ୟବସାୟରେ ଲିପ୍ତ ରହୁଛନ୍ତି ବୋଲି ଜାତିସଂଘ ରିପୋର୍ଟ ଏବଂ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଉଛି। ଏହା ଶୁଣିବା ମାତ୍ରେ କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ତାରାପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ମହମ୍ମଦ ମୋକିମ୍ ଏପରି କି ବିଜେଡି ସଭ୍ୟ ପ୍ରଦୀପ ମହାରଥୀ ପ୍ରମୁଖ ଗର୍ଜିଲେ। ଏଭଳି ଟିପ୍ପଣୀ ମୁସ୍‌ଲିମ ସମାଜ ପ୍ରତି ଅସମ୍ମାନ। ତୁରନ୍ତ ଏହାକୁ ବିବରଣୀରୁ ବାଦ୍ ଦିଆଯାଉ କହି ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ଭାଜପା ସଭ୍ୟମାନେ ମଧ୍ୟ ବିଷ୍ଣୁଙ୍କୁ ସମର୍ଥନ କରି ପ୍ରତିବାଦ କରିଥିଲେ। ଏହି ସମୟରେ ବାଚସ୍ପତି ବିଷ୍ଣୁଙ୍କୁ ବସିଯିବା ଲାଗି କହିଥିଲେ। ମାତ୍ର ବିଷ୍ଣୁ ବାଚସ୍ପତିଙ୍କ ନିର୍ଦ୍ଦେଶକୁ କଡ଼ା ବିରୋଧ କରି କହିଥିଲେ ଯେ, କ'ଣ ପାଇଁ ବସିବି ମୋର କହିବା ବିଷୟବସ୍ତୁ ସରିନାହିଁ। ହଟ୍ଟଗୋଳକୁ ଦେଖି ବାଚସ୍ପତି କହିଲେ ଯେ, ବିଷ୍ଣୁଙ୍କ ଆକ୍ଷେପମୂଳକ କଥାକୁ ମୁଁ ପରୀକ୍ଷାନିରୀକ୍ଷା କରିବି। ମାତ୍ର କଂଗ୍ରେସ ସଭ୍ୟମାନେ ବାଚସ୍ପତିଙ୍କ ସାନ୍ତ୍ୱନାକୁ ଏଡାଇ ଦେଇ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ପରିସ୍ଥିତିରେ କୌଣସି ପରିବର୍ତ୍ତନ ନ ହେବାରୁ ବାଚସ୍ପତି ଗୃହକୁ ମଧ୍ୟାହ୍ନ ୧୨ଟା ୮ମିନିଟ୍‌ରୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ତେବେ ଅପରାହ୍ନରେ ମଧ୍ୟ ଗୃହ ସ୍ୱାଭାବିକ ହୋଇ ପାରି ନ ଥିଲା। କଂଗ୍ରେସ ସଭ୍ୟମାନେ ଗୃହର ମଧ୍ୟ ଭାଗକୁ ଆସି ପ୍ରବଳ ପାଟିତୁଣ୍ଡ କରିଥିଲେ। ଏହାର ସମାଧାନ ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକରେ ମାରାଥନ ଆଲୋଚନା ପରେ ମଧ୍ୟ ଗୃହ ସ୍ୱାଭାବିକ ହୋଇ ପାରି ନ ଥିଲା। କଂଗ୍ରେସ ସଭ୍ୟମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପ୍ରବଳ ପାଟିତୁଣ୍ଡ ଜାରି ରହିବାରୁ ବାଚସ୍ପତି ଗୃହକୁ ଶୁକ୍ରବାର ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

### ୟୁପି ନୁହେଁ, ଦିଲ୍ଲୀରେ...

କହିଛନ୍ତି, ମୂଳ (ବଳାତ୍କାର) ମାମଲାର ଶୁଣାଣି ଆରମ୍ଭ ହେବାର ୪୫ ଦିନ ମଧ୍ୟରେ ଶେଷ କରାଯିବ। କେଉଁ ବିଚାରପତି ଏହି ମାମଲାର ଶୁଣାଣି କରିବେ ତାହା ଚାମ୍ବରରେ ବିଚାରବିମର୍ଶ ପରେ ସ୍ଥିର କରାଯିବ। ପୀଡ଼ିତା, ତାଙ୍କ ମା' ଓ ପରିବାରର ଅନ୍ୟ ସଦସ୍ୟମାନଙ୍କୁ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ସୁରକ୍ଷା ଯୋଗାଇଦେବ। ଜଣେ କମାଣ୍ଡାଣ୍ଟ ସ୍ତରୀୟ ଅଧିକାରୀ ସେମାନଙ୍କ ନିରାପତ୍ତା ସମ୍ପର୍କିତ ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ କରିବେ। ସେହିପରି ପୀଡ଼ିତା ଓ ତାଙ୍କ ଓକିଲ ଚିକିତ୍ସାଧୀନ ଥିବା ଲକ୍ଷ୍ନୌସ୍ଥିତ କିଙ୍ଗ୍ ଜର୍ଜ ମେଡିକାଲ୍ କଲେଜ ହସ୍ପିଟାଲର ଡାକ୍ତରମାନେ ସିବିଆଇକୁ ଦେଇଥିବା ରିପୋର୍ଟକୁ ଅନୁଧ୍ୟାନ କରି ଆବଶ୍ୟକ ହେଲେ ଉଭୟଙ୍କୁ ବିମାନରେ ନୂଆଦିଲ୍ଲୀସ୍ଥିତ ଏମ୍ସକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପୀଡ଼ିତାଙ୍କ ପରିବାର ଲୋକେ ଏପରି ଚାହୁଁଥିଲେ ଯାଇ ଦିଲ୍ଲୀକୁ ସେମାନଙ୍କୁ ନିଆଯିବ ବୋଲି ଖଣ୍ଡପୀଠ କହିଛନ୍ତି। ଶୀର୍ଷ ଅଦାଲତ ଶୁକ୍ରବାର ପୁନର୍ବାର ଏହି ମାମଲାର ଶୁଣାଣି କରିବେ। ରାଏବରେଲି ଜେଲ୍‌ରେ ପୀଡ଼ିତାଙ୍କ ଦାଦା ମହେଶ ସିଂଙ୍କ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ଦିଲ୍ଲୀର ତିହାର ଜେଲକୁ ସ୍ଥାନାନ୍ତର କରାଯିବ କି ନାହିଁ ସେନେଇ ଖଣ୍ଡପୀଠ ନିଷ୍ପତ୍ତି ଶୁଣାଇବେ। ଦୁର୍ଘଟଣାର ଦୁଇ ମୃତକଙ୍କ ମଧ୍ୟରୁ ମହେଶଙ୍କ ସ୍ତ୍ରୀ ଅନ୍ୟତମ। ଆଲ୍ଲାହାବାଦ ହାଇକୋର୍ଟ ମହେଶଙ୍କୁ ବୁଧବାର ପାରୋଲ ଦେବା ପରେ ସେ ସ୍ତ୍ରୀଙ୍କ ଶେଷକୃତ୍ୟ କରାଇଥିଲେ। ଏହାକୁ ତାଙ୍କ ପରିବାର ଲୋକେ ଦୁର୍ଘଟଣା ନୁହେଁ, ବରଂ ଏକ ସୁନିୟୋଜିତ ହତ୍ୟା ବୋଲି ଅଭିଯୋଗ ଆଣି ଧାରଣାରେ ବସିଥିଲେ। ଚାରିଆଡ଼ୁ ଚାପ ପଡ଼ିବା ପରେ ଦୁଇଦିନ ତଳେ ଯୋଗୀ ଆଦିତ୍ୟନାଥ ସରକାର ଏହି ମାମଲାର ସିବିଆଇ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। ସିବିଆଇ ଏନେଇ ବିଧାୟକ ସେନ୍‌ଗରଙ୍କ ସମେତ ୧୦ ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି।

### ଜେଲ ଗଲେ...

ଏଯାଏ ମିଳିପାରିନାହିଁ। ତେବେ ହୃଦ୍‌ରୋଗ ବିଭାଗ ସମ୍ମୁଖରେ ଉଦ୍ଧାର ହୋଇଥିବା ବ୍ୟକ୍ତିଙ୍କୁ ଓଏମ୍‌ପି ଛକ ନିକଟରେ ଆକ୍ରମଣ ହୋଇଥିବା ପୋଲିସ ପରବର୍ତ୍ତୀ ସମୟରେ ତଦନ୍ତରୁ ଜାଣିବାକୁ ପାଇଥିଲା। ତଦନ୍ତ ପରିସରଭୁକ୍ତ ହୋଇଥିବା କଲେଜଛକ, ରାଣୀହାଟ ଓ ଓଏମ୍‌ପିର କିଛି ଦୋକାନର ସିସିଟିଭି ଫୁଟେଜରୁ ହିଁ ନାରାୟଣ ସମ୍ପର୍କରେ ସୁରାକ ମିଳିଥିବା ଡିସିପି କହିଛନ୍ତି।

ଅଭିଯୁକ୍ତ ନାରାୟଣଙ୍କ ଘର ନୟାଗଡ଼ ଜିଲା ଓଡଗାଁ ବ୍ଲକ ଅନ୍ତର୍ଗତ ସୁନାମୁହିଁ ଗ୍ରାମ ଗୋପୀନାଥପୁର ସାହିରେ। ସେଠାରୁ ତାଙ୍କୁ ପୋଲିସ ୨୭ ତାରିଖ ବିଳମ୍ବିତ ରାତିରେ ଉଠାଇ ଆଣିଥିଲା। ୪ଦିନ ଧରି ପଚରାଉଚରା ପରେ ନାରାୟଣ ପୋଲିସ ସମ୍ମୁଖରେ ଦୁଇଟି ହତ୍ୟାରେ ସମ୍ପୃକ୍ତି ଥିବା ଡିସିପି କହିଥିବା ବେଳେ ଏହି ଘଟଣାକୁ ମାନିବାକୁ ରାଜି ନାହାନ୍ତି ପରିବାର। ଏପରିକି ବୁଧବାର ରାତିରେ ୩ ଶବ ବ୍ୟବଚ୍ଛେଦ ରିପୋର୍ଟ ପୋଲିସକୁ ଦିଆଯାଇଛି। ଯେଉଁଥିରେ ଗଳା କଟାଯିବା ପରେ ଅତ୍ୟଧିକ ରକ୍ତସ୍ରାବ ଓ ଶ୍ୱାସରୁଦ୍ଧ ହୋଇ ୩ଜଣ ଯାକ ମରିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ହତ୍ୟା ଘଟଣା ପରେ ଧାରୁଆ ଅସ୍ତ୍ରରେ ଗଳା କଟାଯାଇଥିବା ଡିସିପି ଗଣମାଧ୍ୟମ ସମ୍ମୁଖରେ କହିଥିଲେ। ହେଲେ ଗିରଫ ଦର୍ଶାଇବା ପରେ କୁରାଢ଼ିରେ ହତ୍ୟା କରାଯାଇଛି ବୋଲି ଡିସିପି କହିଛନ୍ତି।

ଅନ୍ୟପକ୍ଷରେ ଓଏମ୍‌ପି ଛକ ଅଞ୍ଚଳରେ ଯେଉଁ ଦୁଇବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା ତାହା ପୂର୍ବ ଶତ୍ରୁତାରୁ ନାରାୟଣଙ୍କ ଦ୍ୱାରା ହୋଇଥିବା ଡିସିପି କହିଛନ୍ତି। ହେଲେ ସେହି ୨ ମୃତକଙ୍କ ପରିଚୟ ପୋଲିସ ପାଖରେ ନାହିଁ। କିନ୍ତୁ ସେମାନେ ନାରାୟଣ ରହୁଥିବା କୁଡିଆ ଭାଙ୍ଗିବା ପାଇଁ ସହଯୋଗ କରିଥିଲେ ବୋଲି ପୋଲିସ ଜଣେ ସ୍ଥାନୀୟ ଲୋକଙ୍କଠାରୁ ଜାଣିବାକୁ ପାଇଥିବା କହିଛି। ସେହିପରି ନାରାୟଣଙ୍କୁ ପୋଲିସ ହେପାଜତକୁ ଆଣିବା ପରେ ୨୮ ତାରିଖ ମଧ୍ୟାହ୍ନରେ ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସହ ତଦନ୍ତ ଆରମ୍ଭ କରିଥିଲା। ନାରାୟଣ ରହୁଥିବା ପଲିଥିନ କୁଡିଆରୁ ପୋଲିସ କିଛି ଠାକୁରଙ୍କ ଫଟୋ, ଚପଲ, ବ୍ୟାଗ, ପ୍ଲାଷ୍ଟିକ ଡବା ଭର୍ତ୍ତି ବସ୍ତା ଓ କପଡ଼ା ଜବତ କରିଥିଲା। କିନ୍ତୁ ସେଠାରୁ କୁରାଢ଼ି ଜବତ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇ ନ ଥିଲା। କିନ୍ତୁ ଡିସିପି ଗୁରୁବାର କହିଛନ୍ତି ଯେ, ଉକ୍ତ କୁଡ଼ିଆରୁ କୁରାଢ଼ି ଜବତ ହୋଇଛି। ଯାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

## ଓଜନିଆ ହେବ ନାହିଁ ସ୍କୁଲ ବ୍ୟାଗ୍

- ଯାଞ୍ଚ ପାଇଁ ଗଠନ କରାଯିବ ସ୍କ୍ୱାଡ୍
- ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧।୮(ବ୍ୟୁରୋ)

ଏଣିକି ସ୍କୁଲ ବ୍ୟାଗ ଓଜନ କରାଯିବ। ଆବଶ୍ୟକଠାରୁ ଅଧିକ ଓଜନ ରହିଲେ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବ୍ୟାଗ୍ ଓଜନକୁ ନେଇ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଯେଉଁ ନିର୍ଦ୍ଦେଶାବଳୀ (ଗାଇଡ୍ ଲାଇନ) ରହିଛି ତାକୁ ପାଳନ କରିବା ପାଇଁ ରାଜ୍ୟ ସରକାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲରେ କେବଳ ଏସ୍‌ସିଇଆର୍‌ଟି କିମ୍ବା ଏନ୍‌ସିଇଆର୍‌ଟି ଦ୍ୱାରା ପରିଚାଳିତ ପୁସ୍ତକ ବ୍ୟବହାର କରିବା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ଘରପାଠ (ହୋମ୍ ୱାର୍କ) ନ ଦେବା ଭଳି ନିୟମକୁ ପାଳନ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଏ ନେଇ ବିଭାଗ ପକ୍ଷରୁ ଗୁରୁବାର ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ରାଜ୍ୟର ସମସ୍ତ ବିଦ୍ୟାଳୟରେ ଏହି ନିୟମକୁ ଠିକ୍ ଭାବେ ପାଳନ କରାଯାଉଛି କି ନାହିଁ ତାହା ତଦାରଖ କରିବା ପାଇଁ କୁହାଯାଇଛି। ଏହାର ତଦାରଖ ନିମନ୍ତେ ଜିଲାପାଳଙ୍କ ଅଧୀନରେ ଜିଲାସ୍ତରୀୟ ସ୍କ୍ୱାଡ୍ ଗଠନ ଲାଗି ପରାମର୍ଶ ଦିଆଯାଇଛି। ଏଥିରେ ଜିଲା ଶିକ୍ଷାଧିକାରୀ ଓ ଡିପିସିମାନେ ରହିବେ। ଜିଲାପାଳ ଚାହିଁଲେ ବ୍ଲକ୍ ଶିକ୍ଷାଧିକାରୀ, ଡିସିପିଓ, ପୋଲିସ ଅଧିକାରୀ, ସାମାଜିକ ଅନୁଷ୍ଠାନଗୁଡ଼ିକର କର୍ମକର୍ତ୍ତାଙ୍କୁ ସଦସ୍ୟ ଭାବେ ରଖିପାରିବେ। ଏହି ସ୍କ୍ୱାଡ୍ ଯେ କୌଣସି ସମୟରେ ସରକାରୀ ଓ ଘରୋଇ ସ୍କୁଲଗୁଡ଼ିକୁ ଅଚାନକ ପରିଦର୍ଶନ କରିବେ। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସଂକ୍ରାନ୍ତରେ ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ଉକ୍ତ ଚିଠିରେ ଲେଖାଯାଇଛି। ଏଥିଯୋଗୁ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ବନ୍ଧୁବର୍ଗଙ୍କ ସହାନୁଭୂତି ଓ ଅଧସ୍ତନ କର୍ମଚାରୀଙ୍କ ସହଯୋଗ ଆପଣଙ୍କ କର୍ମପ୍ରବାହରେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବା ପାଇଁ ନିଜର ତ୍ୟାଗପୂତ ମନୋଭାବକୁ ପରୋକ୍ଷ ପ୍ରଶଂସା ମିଳିବ। କିନ୍ତୁ ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ବୃଷ**
ନିଜ ନିଜର କାମ ହାସଲ ପରିପ୍ରେକ୍ଷୀରେ ନିକଟ ସମ୍ପର୍କୀୟମାନେ ଆପଣଙ୍କୁ ସୁହାଇଲା ଭଳି କଥା କହିପାରନ୍ତି। ଅପରାହ୍ନରେ ପାରିବାରିକ ଅଶାନ୍ତିର ହେତୁ ସ୍ୱରୂପ ମନରେ ଭାବନାର ଜୁଆର କେନ୍ଦ୍ରୀଭୂତ ହୋଇପାରେ। ଅଫିସ୍‌ର ଫାଇଲପତ୍ର ସମ୍ବନ୍ଧୀୟ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିବ।

**ମିଥୁନ**
ଅନୁକୂଳ ବାତାବରଣ ମଧ୍ୟରେ ମିଠାକଥା ଓ କାମରେ ସନ୍ତୁଷ୍ଟ କରାଇ ନିଜ ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ବିଭିନ୍ନ ଯୋଜନା, ରାଜନୀତି କ୍ଷେତ୍ରରେ ତଥା ସାଂଗଠନିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇବାରେ ଜଣେ ହିତାକାଂକ୍ଷୀ ସାହାଯ୍ୟ କରିପାରନ୍ତି।

**କର୍କଟ**
ଆଜିର ପ୍ରତ୍ୟୁଷରୁ ଯାତ୍ରା କରିବା,ବ୍ୟବସାୟ,ସ୍ତ୍ରୀ ସମ୍ପର୍କ,ବିବାଦ ଓ କିଛି ନୂତନ କାମରେ ମନରେ ଅସ୍ଥିରତା ସୃଷ୍ଟିର ଆଶଙ୍କା ରହିଛି। ଅପେକ୍ଷା କରିବାକୁ କହିଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବା ଦିଗରେ ପାଖପଡ଼ୋଶୀ ସାହାଯ୍ୟ କରିବାର ଆଶା ରହିଛି।

**ସିଂହ**
ଶାରୀରିକ ଅସୁସ୍ଥତାଜନିତ ବ୍ୟସ୍ତତା ଆପଣଙ୍କ ମାନସିକ ସ୍ତରକୁ ମଧ୍ୟ ବିକ୍ଷିପ୍ତ କରିପାରେ। କର୍ମକ୍ଷେତ୍ରରେ କିମ୍ବା ଯେକୌଣସି ଆନୁଷ୍ଠାନିକ କ୍ଷେତ୍ର ହେଉନା କାହିଁକି ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ଆଜି କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବେଶି ସମୟ ସ୍ଥିର ଭାବରେ ରହିପାରିବେ ନାହିଁ। ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ। ଆନୁଷ୍ଠାନିକ କିମ୍ବା ସାମାଜିକ ସ୍ତରରେ ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଟଙ୍କା ପଇସା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟିର ଆଶଙ୍କା ରହିଛି।

**ତୁଳା**
ଆଜି ଯେଉଁ କାମରେ ହାତଦେଲେ ମଧ୍ୟ ସଫଳତା ନିଶ୍ଚିତ ପାଇବେ। ବହୁଦିନରୁ ଚେଷ୍ଟା କରୁଥିବା କାମଟି ଜଣେ ବନ୍ଧୁଙ୍କ ଜରିଆରେ ଫଳବତୀ ହେବ। କୌଣସି ଆତ୍ମୀୟଙ୍କ ସମସ୍ୟା ବିଷୟରେ ଦୁଶ୍ଚିନ୍ତା ବଢ଼ିବ। କିଛି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଲାଗି ରହିପାରେ।

**ବିଛା**
ସାମୟିକ ସମସ୍ୟା ଆସିଲେ ମଧ୍ୟ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ଅଳ୍ପ ସମୟ ମଧ୍ୟରେ ସବୁ ଠିକ୍ ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ କାମ ହାସଲ କରିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି। ଅଫିସିଆଲି କାମ ସକାଶେ ଅପରାହ୍ନରେ ଟେନ୍‌ସନ ବଢ଼ିପାରେ।

**ଧନୁ**
ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ବନ୍ଧୁଙ୍କ ମାଧ୍ୟମରେ ଲାଭ କରିବା ସହିତ ଦୀର୍ଘ ସମୟର ବ୍ୟସ୍ତତା ଦୂରହେବ। ବିଗତ ଦିନର ଘଟଣାର ପ୍ରଭାବକୁ କେନ୍ଦ୍ରକରି ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପ୍ରବାସରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି। ପ୍ରିୟଜନଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସୁଯୋଗ ଜୁଟିପାରେ।

**ମକର**
ନିକଟ ସମ୍ପର୍କୀୟଙ୍କୁ ସାହାଯ୍ୟ ସହ ଭଲ ପାଇବାକୁ କେନ୍ଦ୍ରକରି ପାରିବାରିକ ସମସ୍ୟା ଦେଖାଦେବ। ଅଫିସିଆଲି ଟେନ୍‌ସନ ଲାଗି ରହିବା କାରଣରୁ ରକ୍ତଚାପ ମଧ୍ୟ ବଢ଼ିପାରେ। ଧାର କରଜ କରି କାମ ତୁଲାଇ ନେବେ। ଦାୟିତ୍ୱହୀନ ମନ୍ତବ୍ୟର ପରିଣାମ ସ୍ୱରୂପ ଅପମାନିତ ହେବେ କିମ୍ବା ମନସ୍ତାପ କରିବାକୁ ପଡ଼ିବ।

**କୁମ୍ଭ**
ବିଭିନ୍ନ ପ୍ରକାର ସ୍ଥଗିତ କାମ ହେତୁ ବ୍ୟସ୍ତ ରହିପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁଯାୟୀ ସୁଫଳ ପାଇବେ। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ହେବ ଏବଂ ଦୀର୍ଘଦିନର ଅଭିଳାଷ ଅବଶ୍ୟ ପୂରଣ ହୋଇଯିବ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ଅନର୍ଥର କାରଣ ହୋଇପାରେ।

**ମୀନ**
ଆଜି ଘରକୁ ଫେରିବା ରାସ୍ତାରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି।

ଆଜି ଶ୍ରାବଣ ଶୁକ୍ଳ ଦ୍ୱିତୀୟା ଶୁକ୍ରବାର, ଅଗଷ୍ଟ ୨ ତାରିଖ, ରାଶି ନକ୍ଷତ୍ର- ଦିବା ଘ୧୦।୦୬ମି. ଗତେ, ମଘା/ସିଂହ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୬।୪୯ମି. ମଧ୍ୟେ ଘ୪।୩୪ମି. ଗତେ, ଘ୬।୧୬ମି. ମଧ୍ୟେ ଅମୃତବେଳା। ଦିବା ଘ୬।୪୯ମି. ଗତେ ଘ୮।୨୧ମି. ମଧ୍ୟେ, ଘ୧୧।୪୨ମି. ଗତେ ଘ୧।୦୯ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୧୬ମି. ଗତେ ଘ୧୧।୫୩ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302

**real estate**

**SALE**

Gharabari, boundary, Electricity plot at Bhingarpur, Hanspal. Call: 9937816565, 9937568585. D-13653

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67318

କଟକ ପିତାପଲ୍ଲୀ bypass କାଟେଣୀ ପାଖରେ ଘରବାରି boundary plot ବିକ୍ରିହେବ। 9778556265. D-66747

**ଭୁବନେଶ୍ୱର ବାଳକାଟିବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440.** D-66744

Flat for sale of 2 & 3BHK at Patrapada (walkable distance from NH), Bhubaneswar. Contact: 9861882233, 9437231479. D-66166

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66753

SUM Hospital ନିକଟରେ ଏବଂ ତମାଣ୍ଡୋ ବଜାର ପଛପଟେ ଘରବାରି plot ମିଳୁଅଛି। 9439864322. D-66752

Land for sale in Tamando area by Govt. employee, No broker. Contact: 9861336970. D-35847

**Ready to construction BDA yellowzone boundary electricity plot near VSS Nagar, Chakeisihani. 9861372130, 9938106166.** D-66745

**construction**

**Construct your dream home with pillar beam and interior design from the experts. Contact: 7008550473.** D-13651

**to-let**

Tolet service for bachelor, family, girls, all over Bhubaneswar. 6371209927. D-64982

2BHK Laxminarayan Mandir lane near DAV School, Bhubaneswar. 8144610464, 9437536413. D-64995

2000sqft house each in 1st and 2nd floor with parking space near Bomikhal, Durgamandap, Bhubaneswar for office/ residence. Contact: 9437179626. D-66167

**Open space for rent at Jaipur Mauja near Pahala, Hanspala, about 18000 sqft. 9853631559, 9338562829.** D-13648

1BHK available for rent at Paikanagar, Bhubaneswar. Contact: 9831472010, 9831474844. D-64996

1000 sqft house at HB Colony, Chandrasekharpur on mainroad side for commercial purpose. 9438283062. D-66168

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-13610

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

**healthcare**

Fully refreshed/ relaxed body massage by expert therapist, Shastri Nagar. 7377984773. D-67325

Rejuvenate and ayurvedic full body massage by smart therapist: 9114402304. D-67324

Summer special mesmerizing offer expert therapeutic refreshing massage appointment: 9668374480. D-67322

Full body herbal massage with refreshment, expert therapist. 7381239385, 0674-2540855. D-67326

Herbal full body massage by smart/expert therapist. Contact: 8338067247. D-67328

Experience full body massage with us (expert). Call: 7377048581, 0674-2597822. D-67327

Kajal ayurvedic massage club fully relaxed by smart lady, home service available. 9937637219. D-66934

Ayurvedic full body massage ladies & gents smart therapist. 9040900385. D-66935

Ayurvedic full body massage ladies/gents smart experts therapist. 9114697517. D-66936

Welcome to Sevacare enjoy sensual service by smart therapist. 6371291612. D-65673

**business**

No investment, no marketing. VICTA-MIN Medicated foodର ଜିଲ୍ଲାସ୍ତରୀୟ ବ୍ୟବସାୟିକ ଅଭିବୃଦ୍ଧି ନିମନ୍ତେ ଯୋଗାଯୋଗ କରନ୍ତୁ। 9937095535, 7978874131, 41 PPL Colony, Khandagiri, Bhubaneswar. D-13674

**astrology**

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13662

**LOST**

ମୁଁ ଗୁଟୁ ଶବର, ମେଟୁଖିଲିଙ୍ଗିରାଇ, ଲେଖି ଜଣାଉଛି ମୋର ଦଶମଶ୍ରେଣୀ ରୁ ଡିଗ୍ରୀ ପର୍ଯ୍ୟନ୍ତ ସମସ୍ତ ସାର୍ଟିଫିକେଟ ହଜିଯାଇଛି। ଧ-୧୩୭୯୪

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନ ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ.୨୧୦/-ରେ। ରଙ୍ଗୀନ ଟ.୪୨୦/-ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of affidavit before Executive Magistrate, Puri I have changed my name from S. Manoranjan Rao to Manoranjan Roy. Henceforth, I shall be known as Manoranjan Roy for all purposes. D-64077

I, Aditi Kar, D/o Jogeshwar Kar and Saswati Kar declared before the Executive Magistrate, Bhubaneswar, Ansuman Rath vide affidavit dated 25/07/2019 that in my birth certificate my name has been wrongly entered as Kriti Kar. It is hereby declared that Kriti Kar and Aditi Kar is one and same person. Now, Aditi Kar will be used for all official and unofficial purposes. D-13693

By virtue of an affidavit I No- 6485761Y Ex-Army Sep Sadasib Rout, Village: Manatira, Post: Karabar, Dist: Nayagarh, State: Odisha, my two sons name has been corrected from C.S. Vivek to C.S. Vivek Rout, from C.S. Vishal to C.S. Vishal Rout for all purposes. D-64078

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଜିଲା ଚିଠି କେନ୍ଦ୍ରାପଡ଼ା

# ଯୋଜନା ବାଟବଣା

ଅଗଷ୍ଟ ୧ ଅର୍ଥାତ୍ ଗୁରୁବାରଠାରୁ କେନ୍ଦ୍ର ସରକାରଙ୍କ ଜଳଶକ୍ତି ଅଭିଯାନ ରାଜ୍ୟରେ ପ୍ରଥମ ଥର ପାଇଁ କେନ୍ଦ୍ରାପଡା ଜିଲାରେ ଆରମ୍ଭ ହେବାର ଥିଲା। ଏଥିପାଇଁ କେନ୍ଦ୍ର ସରକାରଙ୍କ ଶିଳ୍ପ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସଞ୍ଜୟ ସରନ୍‌ଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗତ ୩୦ ତାରିଖରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ଘୋଷଣା ହୋଇଥିଲା। ଏପରି କି ଜିଲା ପ୍ରଶାସନର ସମସ୍ତ ଅଧିକାରୀ ଯୋଗ ଦେଇ ଏହି ଅଭିଯାନକୁ ସଫଳ କରିବେ ବୋଲି ସେଦିନ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ହେଲେ ନିର୍ଦ୍ଧାରିତ ତାରିଖ ଅର୍ଥାତ୍ ଗୁରୁବାର(ଅଗଷ୍ଟ-୧)କୌଣସି ମନ୍ତ୍ରୀ ଓ ନେତା ଅଭିଯାନ ଉଦ୍‌ଘାଟନ ପାଇଁ ରାଜି ନ ହେବାରୁ ଜିଲା ପ୍ରଶାସନ ପକ୍ଷରୁ ଏହି ଯୋଜନା ବନ୍ଦ ରଖାଯାଇଛି। କେନ୍ଦ୍ର ସରକାର ଗତ ଜୁଲାଇ ମାସରେ ଏହି ଅଭିଯାନ ସାରା ଦେଶରେ ଆରମ୍ଭ କରିଛନ୍ତି। ଦେଶର ମୋଟ ୨୫୭ ଜିଲା ଏଥିରେ ସାମିଲ ହୋଇଥିବା ବେଳେ ଓଡ଼ିଶାର ଏକମାତ୍ର କେନ୍ଦ୍ରାପଡା ଜିଲାକୁ ଉପରୋକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଜିଲାରେ ଥିବା ପାନୀୟ ଜଳ ସମସ୍ୟା ସୁଧାରିବା ସହ ଭୂପୃଷ୍ଠରେ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବା, ଲୁଣିପାଣି ଅଞ୍ଚଳକୁ ଚିହ୍ନଟ କରି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା, ପାରମ୍ପରିକ ଜଳ ଉତ୍ସର ପୁନରୁଦ୍ଧାର କରିବା, ବୋରୱେଲ ମାଧ୍ୟମରେ ଭୂପୃଷ୍ଠକୁ ଜଳ ଛଡା ଯିବା, ଗୋବରୀ ନଦୀର ପୁନରୁଦ୍ଧାର ଆଦି ଏହି ଯୋଜନାର ଲକ୍ଷ୍ୟ ଥିଲା। ଏବେ ଏହି ଯୋଜନା ଆରମ୍ଭ ହେବା ପୂର୍ବରୁ ଝୁଣ୍ଟିଲାଣି। ଏହା କେବେ ଆରମ୍ଭ ହେବ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ରାପଡା ଜିଲାରେ ଯୋଜନା ବାଟବଣା ହେବାର ଏହା ଗୋଟିଏ ମାତ୍ର ଉଦାହରଣ ନୁହେଁ। ପୂର୍ବରୁ ଏପରି ଏକାଧିକ ଯୋଜନା ନିଜର ଲକ୍ଷ୍ୟ ହରାଇ ବସିଛି। ଜିଲାରେ ବାସଗୃହ ଯୋଜନା ବିଫଳ ହୋଇଛି। ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ହୋଇଥିବା ସର୍ଭେରୁ ବାସଗୃହ ଯୋଜନା କାର୍ଯ୍ୟକାରୀ ହେବାରେ ଏହି ଜିଲା ରାଜ୍ୟର ୨୭ତମ ଜିଲା ଭାବେ ଚିହ୍ନଟ ହୋଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଜିଲାରେ ମୋଟ ୨୮୪୨୭ଟି ବାସଗୃହ ନିର୍ମାଣ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ତେବେ ଗତ ମାର୍ଚ୍ଚ ୩୧ ସୁଦ୍ଧା ମାତ୍ର ୫୦ ପ୍ରତିଶତ କାର୍ଯ୍ୟ ହୋଇଛି। ୨୦୧୯- ୨୦ ଆର୍ଥିକ ବର୍ଷ ଆରମ୍ଭଠାରୁ ଅଦ୍ୟାବଧି ୪ ମାସ ବିତିଯାଇଛି। ଏହି ଯୋଜନାରେ ଜିଲାର ଧାର୍ଯ୍ୟଲକ୍ଷ୍ୟ ୨୯୯୪୫ଟି ମଧ୍ୟରୁ ମାତ୍ର ୧୩୬୧ଟି ବାସଗୃହ ହିତାଧିକାରୀ ନିର୍ମାଣ କରିଛନ୍ତି। ଜିଲାରେ କର୍ମନିଯୁକ୍ତିର ସୁଯୋଗ ନ ଥିବାରୁ ଯୁବବର୍ଗ କାମଧନ୍ଦା ପାଇଁ ବାହାରକୁ ଯିବାକୁ ବାଧ୍ ହେଉଛନ୍ତି। ମାତ୍ର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ନାମକୁ ମାତ୍ର ଚାଲିଛି। ଜିଲାର ୨୯ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ପରିବାର ଏହି ଯୋଜନାରେ ଜବ୍‌କାର୍ଡ ପାଇଥିବା ବେଳେ ଚଳିତ ଆର୍ଥିକବର୍ଷରେ ମାତ୍ର ୧୫ ପରିବାର ୧୦୦ଟି କାର୍ଯ୍ୟଦିବସରେ ସାମିଲ ହୋଇଛନ୍ତି। ଫଳରେ ଅଙ୍ଗନୱାଡି ଗୃହ ନିର୍ମାଣ, ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ଗ୍ରାମ୍ୟ ରାସ୍ତା ଉନ୍ନତୀକରଣ, ପୋଖରୀ ଖନନ ପରି ଏହି ଯୋଜନାରେ ସାମିଲ ହୋଇଥିବା ମୋଟ ୨୯୨୩୪ଟି ମଧ୍ୟରୁ ୨୪୦୪୫ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରି ନାହିଁ। ଏପରି କି ଏହି ଜିଲାର ୭୪୬ ଗାଁକୁ ରାସ୍ତା ନ ଥିବା ଜିଲାର ଦୟନୀୟ ସ୍ଥିତିକୁ ପଦାରେ ପକାଇଛି। କେନ୍ଦ୍ରାପଡା ଜିଲା ଭାବେ ମାନ୍ୟତା ପାଇବାର ୨୬ ବର୍ଷ ବିତିଛି। ଇତିମଧ୍ୟରେ ୪୬ ଜିଲାପାଳ ବଦଳିଛନ୍ତି। ଜିଲାକୁ ଚିହ୍ନିବା ପୂର୍ବରୁ ଜିଲାପାଳଙ୍କ ବଦଳି ଓ ରାଜନେତାଙ୍କ ସମନ୍ୱୟର ଅଭାବ ବିକାଶରେ ବାଧକ ସାଜିଛି।

– ଜଗନ୍ନାଥ ଧଳ

■ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ସମ୍ମିଳନୀ

# ବିନା କାରଣରେ ଅଧ୍ୟାପକଙ୍କୁ କଲେଜ ଛାଡ଼ିବା ମନା

ଭୁବନେଶ୍ୱର, ୧।୮ (ବ୍ୟୁରୋ)

■ ଖୁବ୍‌ଶୀଘ୍ର ନିଯୁକ୍ତି ପାଇବେ ୮୩୩ ଅଧ୍ୟାପକ

■ ଏକ ମଡେଲ ସିଲାବସ୍ ପ୍ରସ୍ତୁତ କରାଯାଉଛି

ଏଣିକି ପାଠପଢା ସମୟରେ ଅଧ୍ୟାପକମାନେ ବିନା କାରଣରେ କଲେଜ ଛାଡ଼ି ଯାଇପାରିବେ ନାହିଁ। ଅଧିକାଂଶ ସମୟରେ ଅଧ୍ୟାପକମାନେ କାମ ବାହାନାରେ ଶିକ୍ଷାଦାନ ଛାଡ଼ି ବିଭିନ୍ନ ଦପ୍ତରକୁ ଯାଇଥାନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢା ବାଧାପ୍ରାପ୍ତ ହୋଇଥାଏ। ଏହି କାରଣରୁ ଏବେ ଏହା ଉପରେ ରୋକ ଲଗାଇଛି ଉଚ୍ଚଶିକ୍ଷା ବିଭାଗ। ବିନା କାରଣରେ ଅଧ୍ୟାପକମାନେ କଲେଜରୁ କେଉଁଆଡ଼େ ନ ଯିବାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଇମେଜ୍‌ଠାରେ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି।

କଲେଜଗୁଡ଼ିକରେ ଭିତ୍ତିଭୂମି ଅଭାବ ଓ ଉପସ୍ଥାନ ହାର କମୁଥିବା ନେଇ ସମ୍ମିଳନୀରେ କଲେଜ ଅଧ୍ୟକ୍ଷମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନେ କହିଥିଲେ ଯେ, ଷ୍ଟେଟ୍ ସିଲେକ୍‌ସନ ବୋର୍ଡ ମାଧ୍ୟମରେ ନିଯୁକ୍ତି ପାଇଥିବା ଅଧ୍ୟାପକମାନେ ବଦଳି ହୋଇ ଅନ୍ୟ କଲେଜକୁ ଚାଲିଯାଉଛନ୍ତି। ଫଳରେ ରାଜ୍ୟର ଉପାନ୍ତ ଅଞ୍ଚଳରେ ଥିବା କଲେଜଗୁଡ଼ିକରେ ଅଧ୍ୟାପକ ଅଭାବ ସମସ୍ୟା ଦେଖାଦେଉଛି। ସେହିପରି ପଛୁଆ ଅଞ୍ଚଳର କଲେଜଗୁଡ଼ିକରେ ଅଧ୍ୟାପକମାନେ ନିଯୁକ୍ତି ପାଇବା ପରେ ବିଭିନ୍ନ କାରଣ ଦର୍ଶାଇ ସହର ପାଖକୁ ବଦଳି ହୋଇ ଆସୁଛନ୍ତି। ଏଥିଯୋଗୁ ପଛୁଆ ଅଞ୍ଚଳ କଲେଜଗୁଡ଼ିକ ଗୁଣାତ୍ମକ ଶିକ୍ଷାକ୍ଷେତ୍ରରେ ପଛେଇ ଯାଉଛନ୍ତି। ସେହିପରି କଲେଜଗୁଡିକରେ ବିଭିନ୍ନ ଅନର୍ସ ବିଭାଗରେ ଅଧ୍ୟାପକ ନ ଥିବାରୁ ପାଠପଢ଼ା ଠିକ୍‌ଭାବେ ହୋଇପାରୁନାହିଁ। ଏ ସମ୍ପର୍କରେ ମନ୍ତ୍ରୀ କହିଥିଲେ, ଖାଲିପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ ଲାଗି ସରକାର ପଦକ୍ଷେପ ନେଉଛନ୍ତି। ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ୨୪୫୮ଟି ଅଧ୍ୟାପକ ପଦବୀ ପୂରଣ କରାଯାଉଛି । ପ୍ରଥମ ଦଫାରେ ୧୬୨୫ ଜଣ ଅଧ୍ୟାପକଙ୍କୁ ସର୍ଭିସ ସିଲେକସନ୍ ବୋର୍ଡ ମାଧ୍ୟମରେ ନିଯୁକ୍ତି ଦିଆସରିଛି। ଅବଶିଷ୍ଟ ୮୩୩ ଜଣଙ୍କ ଚୟନ ପ୍ରକ୍ରିୟା ଚାଲିଛି। ସେପ୍ଟେମ୍ବର ମାସ ସୁଦ୍ଧା ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ପ୍ରାରମ୍ଭରେ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର ଏହି ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଏକ ମଡେଲ ସିଲାବସ୍ ପ୍ରସ୍ତୁତ କରାଯାଉଛି ବୋଲି କହିଥିଲେ। ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ବିଶ୍ୱବ୍ୟାଙ୍କ) ବି. ପରମେଶ୍ୱରନ୍, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ନିରଞ୍ଜନ ସାହୁ, ଅତିରିକ୍ତ ଶାସନ ସଚିବ ରାଜଶ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ରାଜ୍ୟର ୭୫ଟି ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଯୋଗଦେଇଥିଲେ।




ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ନେଇ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ଉପସ୍ଥିତ ଅତିଥି।

## ଦନ୍ତା ଆକ୍ରମଣରେ ମହିଳା ମୃତ

ବଇଣ୍ଡା, ୧।୮ (ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ପ୍ରତାପପୁର ଗ୍ରାମରେ ଗୁରୁବାର ସକାଳେ ଏକ ଦନ୍ତା ହାତୀ ଆକ୍ରମଣରେ ମଞ୍ଜୁଲତା ସାହୁ(୩୫)ଙ୍କ ମୃତ୍ୟୁ ହୋଇଛି। ସେ ଘର ନିକଟସ୍ଥ ପଡ଼ିଆକୁ ଶୌଚ ପାଇଁ ଯାଇ ଫେରୁଥିବାବେଳେ ଏକ ବୁଦା ନିକଟରେ ଏକ ଦନ୍ତା ହାବୁଡରେ ପଡିଯାଇଥିଲେ। ସେଠାରେ ହାତୀଟି ତାଙ୍କୁ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ପରିବାରର ଜଣଙ୍କୁ ଚାକିରି ଦାବିରେ ଗ୍ରାମବାସୀ ୨ ଘଣ୍ଟା ଧରି ପ୍ରତାପପୁରଠାରେ କଟକ-ସମ୍ବଲପୁର ୫୫ନଂ.ଜାତୀୟ ରାଜପଥ ଅବରୋଧ କରିଥିଲେ। ହଣ୍ଡପା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏହାପରେ ପୁଣି ଉତ୍ତେଜିତ ଗ୍ରାମବାସୀ ହଣ୍ଡପା ରେଞ୍ଜ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେଠାରେ ଏସିଏଫ ଗୌରୀଶଙ୍କର ଦାସ, ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, ହଣ୍ଡପା ଆଇଆଇସି ଲବ ବୋଡ଼ା ମୃତାଙ୍କ ପୁଅକୁ ଏକ ଅସ୍ଥାୟୀ ଚାକିରି, ପରିବାରକୁ ନଗଦ ୪୦ ହଜାର ଟଙ୍କା, ସରକାରଙ୍କ ପକ୍ଷରୁ ୩ ଲକ୍ଷ ୬୦ ହଜାର ଟଙ୍କା, ଗ୍ରାମରେ ସୋଲାର ଲାଇଟ, ହାତୀ ଘଉଡ଼ାଇବା ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ନେଇ ପୋଲିସ ନଂ. ୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

■ ଶ୍ରୀମନ୍ଦିରରେ ହୋଇପାରେ ଆତଙ୍କବାଦୀ ଆକ୍ରମଣ

# ଗୋଇନ୍ଦା ରିପୋର୍ଟ ପରେ ସୁରକ୍ଷା କଡ଼ାକଡ଼ି

ପୁରୀ ଅଫିସ, ୧।୮

ଶ୍ରୀମନ୍ଦିର ଅସୁରକ୍ଷିତ। ଆତଙ୍କବାଦୀମାନେ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିପାରନ୍ତି। ରାଜ୍ୟ ଗୋଇନ୍ଦା ବିଭାଗ ପକ୍ଷରୁ ଏମିତି ଏକ ରିପୋର୍ଟ ଗୁରୁବାର ପୁରୀ ଜିଲା ପ୍ରଶାସନ ନିକଟକୁ ଆସିଛି। ରିପୋର୍ଟ ପାଇବା ପରେ ପ୍ରଶାସନ ଓ ପୁରୀ ପୋଲିସ ତତ୍ପର ହୋଇଉଠିଛି। ଶ୍ରୀମନ୍ଦିର ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ଗୁରୁବାର ପୁରୀ ଏସ୍‌ପି ଉମାଶଙ୍କର ଦାଶ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି।

ଶ୍ରୀମନ୍ଦିର ପରିସରରେ ଲାଗିଥିବା ସିସିଟିଭି ଯାଞ୍ଚ କରିବା ସହ ସୁରକ୍ଷା ଦାୟିତ୍ୱରେ ରହୁଥିବା ପୋଲିସ ଅଧିକାରୀଙ୍କ ସହ ଏସ୍‌ପି ଆଲୋଚନା କରିଛନ୍ତି। ଚାରିଦ୍ୱାରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଡ୍ୟୁଟିରେ ରହୁଥିବା ପୋଲିସ କର୍ମଚାରୀମାନେ ନିଜ ସ୍ଥାନ ଛାଡ଼ି କୁଆଡ଼େ ଯିବେ ନାହିଁ। ସେହିପରି ଡ୍ୟୁଟି ସରିବାପରେ ଅନ୍ୟ ଜଣେ ଡ୍ୟୁଟିକୁ ନ ଆସିବା ପର୍ଯ୍ୟନ୍ତ ନିଜ ସ୍ଥାନ ଛାଡ଼ିବେ ନାହିଁ। ଶ୍ରୀମନ୍ଦିର ଚାରିପଟେ କୌଣସି ସନ୍ଦିଗ୍ଧ ବ୍ୟକ୍ତିବିଶେଷ ବୁଲୁଥିବା ନଜରକୁ ଆସିଲେ ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେବାକୁ ଏସ୍‌ପି ତାଗିଦ୍ କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି ଦାଶ କହିଛନ୍ତି, ଶ୍ରୀମନ୍ଦିରରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ରହିଛି। ନିୟମିତ ବ୍ୟବଧାନରେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଥାଏ। ଏହା ଏକ ରେଗୁଲାର ପ୍ରୋସେସ୍। ଶ୍ରୀମନ୍ଦିରରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଅଥବା ଅଘଟଣକୁ ଏଡ଼ାଇବା ଲାଗି ପୁରୀ ପୋଲିସ ପ୍ରସ୍ତୁତ ରହିଛି। ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ କୋଷ୍ଟଗାର୍ଡ ଦ୍ୱାରା ପାଟ୍ରୋଲିଂ ଚାଲିଛି। ସହରକୁ ପ୍ରବେଶ କରୁଥିବା ଯାନବାହନର ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ରିପୋର୍ଟ ସମ୍ପର୍କରେ ଅଧିକ କିଛି କହିବାକୁ ମନା କରିଦେଇଥିଲେ।

## ସୁବର୍ଣ୍ଣ ଚିତା ଲାଗି ହେଲେ ନୀଳମାଧବ ଜୀଉ

ଖଣ୍ଡପଡ଼ା, ୧।୮ (ସ୍ୱ.ପ୍ର.): ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋର ନୀଳମାଧବ ଜୀଉଙ୍କୁ ଗୁରୁବାର ସୁବର୍ଣ୍ଣର ଚିତା ଲାଗି କରାଯାଇଥିଲା। ଚିତାଲାଗି ଅମାବାସ୍ୟା ଅବସରରେ ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଶ୍ରୀଜୀଉଙ୍କର ସକାଳଧୂପ ଶେଷ ହେବାପରେ ମନ୍ଦିରର ମୁଖ୍ୟ ପୂଜକ ସୁବର୍ଣ୍ଣର ଚିତା ଧରି ବେଢ଼ା ପରିକ୍ରମା କରିବା ପରେ ଶ୍ରୀଜୀଉଙ୍କୁ ଚିତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ଭୋଗ କ୍ଷୀର ଓ ଚିତଉ ପିଠା ଶ୍ରୀଜୀଉଙ୍କୁ ଲାଗି ହୋଇଥିଲା।



BHASKAR Jeypore Eve, Nit, CHIRANJIV Kesinga Noon, Mat, CINEPOLIS Bhubaneswar 11:55, DIBYAJYOTI Angul Eve, Nit, DEEPALI Bargarh Noon, Eve, EKAMARA Bhubaneswar Noon, Mat, Eve, Nit, GANESH Talcher Mat, Eve, JAYSHREE Cuttack Eve, Nit, KAMALA Paradeep Eve, Nit, MADHAV Bhadrak Mat, Eve, RAMAI Bolangir Mat, Eve, SAMRAT Cuttack Noon, SRIYA Bhubaneswar 07:35, UMA Rourkela Mat, Eve

■ ଢାବାରେ ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ଆଇଆଇସିଙ୍କୁ ଆକ୍ରମଣ ମାମଲାରେ ୧୩ ଗିରଫ

ବାଲିଆପାଳ, ୧।୮ (ଡି.ଏନ୍.ଏ./ସ୍ୱ.ପ୍ର.)

**ଢାବା ମାଲିକଙ୍କ ଟେର ପାଉନି ତଦନ୍ତକାରୀ ଟିମ୍**

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଇଡ୍‌କୋ ଛକସ୍ଥିତ ରାଜଧାନୀ ଢାବାରେ ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ୭ଦିନ ପୂରିଲାଣି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଢାବା ମାଲିକ ସାହାବୁଦ୍ଦିନ ସାହାଙ୍କ ଟେର୍ ପାଇପାରିନି ପୋଲିସ। ଅନ୍ୟପକ୍ଷରେ ବାଲିଆପାଳ ଆଇଆଇସି ପ୍ରଭୁ କଲ୍ୟାଣ ଆଚାର୍ଯ୍ୟଙ୍କୁ ଆକ୍ରମଣ ଘଟଣାରେ ପୋଲିସ ପ୍ରତିଶୋଧ ପରାୟଣ ହୋଇ ରାତିଅଧିଆ ଚଢାଉ କରି ୧୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ପୋଲିସ ଆହୁରି ଅଧିକ ଲୋକଙ୍କୁ ଗିରଫ କରିବା ଲାଗି ତାଲିକା ପ୍ରସ୍ତୁତ କରୁଥିବା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

ଗତ ଜୁଲାଇ ୨୬ ତାରିଖରେ ଉକ୍ତ ଢାବାରେ କାମ କରୁଥିବା ଭୋଗରାଇ ବ୍ଲକ ଓଲୁଡା ଗ୍ରାମର ନାବାଳକ ବିଜୟ ଦଳାଇ(୧୫)ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଢାବା ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ଦାବିକରି ମୃତକଙ୍କ ପରିବାର ଏବଂ ଜନସାଧାରଣ ରାସ୍ତାରୋକୋ ସହ ଆନ୍ଦୋଳନ କରିଥିଲେ। ତତ୍କାଳୀନ ଆଇଆଇସି ଆଚାର୍ଯ୍ୟ ସେଠାରେ ପହଞ୍ଚି ଏହା ଏକ ଆତ୍ମହତ୍ୟା ବୋଲି ମନ୍ତବ୍ୟ ଦେବା ପରେ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇପଡ଼ିଥିଲେ। ପରେ ସେମାନେ ଆଇଆଇସିଙ୍କୁ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଥିଲେ। ଉତ୍ତେଜନା ଲାଗି ରହିଥିବାରୁ ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପୋଲିସ ଉପରେ ଆକ୍ରମଣକୁ ନେଇ ବୁଧବାର ରାତିରେ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୩ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଭାଜପା ନେତା ମନୋଜ କୁମାର ସି, ସୁଶାନ୍ତ ଜେନା, ପ୍ରଭାକର ଜେନା, ସେକ୍ ଜୁଲୁ, ଖରିଫ ମହମ୍ମଦ, ଗୋପାଳ କୃଷ୍ଣ ମହାପାତ୍ର, ଅମିୟ ମହାପାତ୍ର, ଚୈତନ୍ୟ ଜେନା, ଦୀନବନ୍ଧୁ ଗିରି, ଶାନ୍ତନୁ କରଣ, ବରେନ୍ଦ୍ର ପ୍ରଧାନ, ମନ୍ମଥ ମହୁରୀ, ମୃଷା ଜେନା ପ୍ରମୁଖ। ଗିରଫ ୧୩ ଜଣଙ୍କୁ ସୁରକ୍ଷା ଦୃଷ୍ଟିରୁ ବାଲିଆପାଳ ଥାନାରେ ରଖା ନ ଯାଇ ରୂପ୍‌ସା ଥାନା ହେପାଜତରେ ରଖାଯାଇଥିଲା। ଗୁରୁବାର ପୂର୍ବାହ୍ନରେ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି। ଢାବା ମାଲିକଙ୍କୁ ଗିରଫ କରିବାକୁ ମୃତ ନାବାଳକଙ୍କ ପରିବାର ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଗିରଫ ହୋଇଥିବା ଭାଜପା ନେତା ମନୋଜ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ପୋଲିସକୁ ମାଡ଼ ଘଟଣାରେ ସେ ସମ୍ପୃକ୍ତ ନ ଥିଲେ ହେଁ ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରାଯାଇଛି। ବାଲେଶ୍ୱର ଏମ୍‌ପିଙ୍କ ଲୋକ ସଭା କ୍ଷେତ୍ର ପ୍ରତିନିଧି ଉମାକାନ୍ତ ମହାପାତ୍ର ଏ ସମ୍ପର୍କରେ ବାଲିଆପାଳ ଥାନା ଆଇଆଇସି ରଣଜିତ୍ ସାହୁଙ୍କ ସହ ଆଲୋଚନା କରିଛନ୍ତି। ନିରୀହ ଜନସାଧାରଣଙ୍କୁ ବାଦ୍ ଦେଇ ପ୍ରକୃତ ଦୋଷୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସେ ଦାବି କରି କହିଛନ୍ତି।

ତିନି ତଲାକ୍ ପ୍ରସଙ୍ଗରେ ବିଷ୍ଣୁଙ୍କ ମନ୍ତବ୍ୟକୁ ନିରଞ୍ଜନଙ୍କ କଟାକ୍ଷ

# ଭାଜପା ନେତାଙ୍କୁ ଭଗବାନ ସଦ୍‌ବୁଦ୍ଧି ଦିଅନ୍ତୁ

ଭୁବନେଶ୍ୱର, ୧।୮ (ବ୍ୟୁରୋ)

ବିଧାନସଭା ଭଳି ପବିତ୍ର ଗୃହରେ ଗୁରୁବାର ବିରୋଧୀଦଳ ଉପନେତା ବିଷ୍ଣୁ ସେଠୀ ମୁସଲମାନ ମହିଳାମାନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଛନ୍ତି। ଏଥିଲାଗି ସେ ସମଗ୍ର ନାରୀଜାତିକୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ବିରୋଧୀ ଦଳ ଉପନେତା ସର୍ବସାଧାରଣରେ ସମଗ୍ର ଦେଶର ମୁସଲିମ୍ ମହିଳାମାନଙ୍କ ପ୍ରତି ଦେଇଥିବା ଅରୁଚିକର ମନ୍ତବ୍ୟକୁ କଂଗ୍ରେସ ଦୃଢ଼ ନିନ୍ଦା କରୁଛି। ଏଥିପାଇଁ ସର୍ବ ସମ୍ମୁଖରେ ସେ କ୍ଷମା ମାଗନ୍ତୁ, ନଚେତ୍ ଦଳ ପକ୍ଷରୁ ଧାରଣା ଦିଆଯିବ ବୋଲି ନିରଞ୍ଜନ କହିଛନ୍ତି। ଭଗବାନ ଭାଜପା ଏବଂ ତାଙ୍କ ନେତାମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ। ଭାରତୀୟ ସଂସ୍କୃତିରେ ନାରୀମାନଙ୍କ ସମ୍ମାନ ଓ ଗରିମାକୁ ଭୂଲୁଣ୍ଠିତ କରିବାକୁ ଦିଆ ନ ଯାଉ। ବିଧାନସଭାର ଶୂନ୍ୟକାଳରେ ତିନି ତଲାକ ବିଲ୍ ଉପରେ ସରଗରମ ଆଲୋଚନା ଚାଲିଥିଲା ବେଳେ ବିଷ୍ଣୁ ସେଠୀ କହିଲେ, ତିନି ତଲାକ ପରେ ବହୁ ମୁସ୍‌ଲିମ ମହିଳା ବମ୍ବେ, କଲିକତା, ଦିଲ୍ଲୀ ଏବଂ ଦେଶର ଅନ୍ୟ ସହରରେ ଦେହ ବ୍ୟବସାୟରେ ଲିପ୍ତ ରହୁଥିବାର ପ୍ରମାଣ ଅଛି। ଯେକୌଣସି ପରିସ୍ଥିତିରେ ନାରୀମାନଙ୍କ ଉଦ୍ଦେଶ୍ୟରେ ଏଭଳି ଅପଶବ୍ଦ ଓ ଅରୁଚିକର ମନ୍ତବ୍ୟ ସବୁବେଳେ ନିନ୍ଦନୀୟ। ତାଙ୍କର ମନେ ରଖିବା ଉଚିତ ଭାରତୀୟ ସଂସ୍କୃତିରେ ନାରୀଙ୍କ ସ୍ଥାନ ସବୁବେଳେ ସ୍ୱତନ୍ତ୍ର ଏବଂ ଉଚ୍ଚରେ। ଭାଜପା ନେତାମାନଙ୍କର ଏହା ଏକ କୁତ୍ସିତ ମାନସିକତାର ପରିଚୟ। ଏହା ପୂର୍ବରୁ ଭାଜପାର ଜଣେ ନେତ୍ରୀ ତଥା ଓଡ଼ିଶାର ମହିଳାମାନେ ସୁରଟ ସହରରେ ଦେହ ବେପାର କରନ୍ତି ବୋଲି କହିଥିଲେ। ଭାଜପା ନେତାମାନେ ବାରମ୍ବାର ମହିଳାଙ୍କ ଉଦ୍ଦେଶ୍ୟରେ ଏଭଳି ଅପମାନସୂଚକ ମନ୍ତବ୍ୟ ଦେଉଥିଲାବେଳେ ଦଳର ବରିଷ୍ଠମାନେ ନୀରବ ରହିବା ନାରୀଜାତି ପ୍ରତି ସେମାନଙ୍କ ଆଭିମୁଖ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏଥିରୁ ଭାଜପା ନେତାଙ୍କ ନୀଚ ମାନସିକତାର ପରିଚୟ ମିଳିଛି ବୋଲି ନିରଞ୍ଜନ କହିଛନ୍ତି।

SUIIT
(Sambalpur University Institute of Information Technology)
at Jyoti Vihar, Burla, Sambalpur, Odisha
Advt. No.: 902 / SUIIT Dated: 01 / 08 / 2019

ADMISSION NOTICE FOR LE TECH

The candidates allotted by OJEE—2019 for admission into 2nd year B. Tech CSE / ECE / EEE (through Lateral Entry) at Sambalpur University Institute of Information Technology (SUIIT), Burla in the Academic Session 2019-20 are required to report for admission during 5th to 9th August, 2019 between 10.00 AM to 4.00 PM. (positively) along with the filled in application form and required documents.

For Detail information Visit www.suiit.ac.in and Contact:
Dr. S. Jena, HOD, CSE&A – 8247679467; Mrs. S. Kar, HOD, ECE – 9439657668;
Dr. A. Panda, HOD, EEE – 9337347538; Mr. A. Nag, HOD, BS&H – 9338703277
Email: admin.office@suiit.ac.in/director@suiit.ac.in Director, SUIIT

# ଆଇଏମ୍‌ଡି ମୁଖ୍ୟ ଭାବେ ଦାୟିତ୍ୱ ନେଲେ ମୃତ୍ୟୁଞ୍ଜୟ

ଭୁବନେଶ୍ୱର, ୧।୮ (ବ୍ୟୁରୋ)



ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ନୂତନ ମହାନିର୍ଦ୍ଦେଶକ ଭାବେ ବୈଜ୍ଞାନିକ ମୃତ୍ୟୁଞ୍ଜୟ ମହାପାତ୍ର ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଥମ ଓଡ଼ିଆ ଭାବେ ସେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ପାଇଛନ୍ତି। ୫ବର୍ଷ ମଧ୍ୟରେ ସମସ୍ତ ବ୍ଲକରେ ଯେପରି ପ୍ରତି ଘଣ୍ଟାରେ ପାଣିପାଗର ଅପ୍‌ଡେଟ୍ ଲୋକଙ୍କୁ ମିଳିପାରିବ ସେନେଇ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି ବୋଲି ମହାପାତ୍ର କହିଛନ୍ତି। ଏଥିସହ ସମ୍ବଲପୁର ଓ ବାଲେଶ୍ୱରରେ ଡପ୍‌ଲାର ରାଡାର ପ୍ରତିଷ୍ଠା କରିବାକୁ ତାଙ୍କର ଲକ୍ଷ୍ୟ ରହିଥିବା ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ କେବଳ ପାରାଦୀପ ଓ ଗୋପାଳପୁରରେ ଡପ୍‌ଲାର ରାଡାର ଅଛି। ବୈଜ୍ଞାନିକ ମହାପାତ୍ର ଫାଇଲିନ୍, ହୁଡ୍‌ହୁଡ୍, ତିତ୍‌ଲି, ବର୍ଦ୍ଦା, ମେକୁନୁ ଭଳି ମହାବାତ୍ୟାର ପୂର୍ବାନୁମାନ ଦେଇଥିଲେ। ଏହି ସବୁ ମହାବାତ୍ୟାର ଲ୍ୟାଣ୍ଡଫଲ୍ ଓ ବେଗ ସମ୍ପର୍କରେ ଠିକ୍ ଆକଳନ କରି ସେ ଲୋକପ୍ରିୟ ହୋଇପାରିଥିଲେ। ତେଣୁ ତାଙ୍କୁ 'ସାଇକ୍ଲୋନ୍ ମ୍ୟାନ୍ ଅଫ୍ ଇଣ୍ଡିଆ' ବୋଲି କୁହାଯାଏ। ସେ ଜୁନ୍ ୪ରେ ଆଇଏମ୍‌ଡିର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଥିଲେ। ଏହାପୂର୍ବରୁ ସେ ଆଇଏମ୍‌ଡିର ଏଡିଜି ଏବଂ ସାଇକ୍ଲୋନ୍ ୱାର୍ଣ୍ଣିଂର ମୁଖ୍ୟ ଥିଲେ।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ODISHA STATE OPEN UNIVERSITY
ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ * ୟୁ.ଜି.ସି ଦ୍ୱାରା ମାନ୍ୟତା ପ୍ରାପ୍ତ

PROGRAMMES ON OFFER
Bachelor's & Master's Degree
Economics | English
Hindi | History | Odia
Political Science
Sociology | Commerce
Journalism & Mass Communication
Master's Degree Only
Sanskrit | Public Policy
Public Administration
Cyber Security
Bachelor's Degree Only
Bachelor of Business Administration

ONLINE ADMISSION OPEN
Last date for submission of online form is extended upto
Tuesday, the 20th August 2019
with a late fine of Rs. 200/-

PROGRAMMES ON OFFER
P.G. Diploma/Diploma/Certificates
Media Management | Rural Development
Computer Applications | Cyber Security
Disaster Management | Rural Management
Journalism & Mass Communication
Management
Entrepreneurship Development
Functional Hindi & Translation
Accounting | Multimedia & Animation
Odia Language and Communication
Office Management
Communication Skills | Digital Library
e-Commerce | Functional Sanskrit
Geriatric Care | Translation (English-Odia)
Legal Awareness | Soft Skill and IT Skill

website: www.osou.ac.in
e-mail: info@osou.ac.in
DOWNLOAD MOBILE APP 'OSOU' Google Play
0663-2521700
0663-2521600
TOLL FREE NUMBER: 1800-34567-58

ଏ ପର୍ଯ୍ୟନ୍ତ ତୁମେ ଯାହା ହୋଇଛ– ସେ ସମ୍ବନ୍ଧେ ଚିନ୍ତା କରନାହିଁ। କିନ୍ତୁ ତୁମେ ଯାହା ହେବାକୁ ଚାହଁ (ମାନେ, ଯାହା ତୁମର ହେବା ଉଚିତ।) କେବଳ ସେହି ବିଷୟରେ ଚିନ୍ତା କର। ନିଶ୍ଚିତରୂପେ ତୁମର ଉନ୍ନତି ହେବ
–ଶ୍ରୀମା



# ନିଅଣ୍ଟିଆ ବୃଷ୍ଟି

ମୌସୁମୀ ଏ ବର୍ଷ ଓଡ଼ିଶା ପ୍ରତି ବେଶି ସଦୟ ହୋଇନାହିଁ। ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକଠାରୁ କମ୍ ବୃଷ୍ଟିପାତ ହୋଇଥିବା ବେଳେ ବିଭିନ୍ନ ଜିଲାରେ ବୃଷ୍ଟିପାତର ଆବଣ୍ଟନ ହାର ମଧ୍ୟ ସୁଷମ ନୁହେଁ। ଜୁଲାଇ ମାସରେ ଓଡ଼ିଶାରେ ମୋଟ ୯ ପ୍ରତିଶତ କମ୍ ବୃଷ୍ଟିପାତ ହୋଇଛି। ଜୁନ୍ ମାସରେ ୩୧.୫ ପ୍ରତିଶତ କମ୍ ବୃଷ୍ଟିପାତ ହୋଇଥିଲା। ଜୁଲାଇ ମାସରେ ଦୀର୍ଘକାଳୀନ ହାରାହାରି (ଏଲ୍‌ପିଏ) ୩୩୯.୯ ମିଲିମିଟର ବୃଷ୍ଟି ହେବା ସ୍ଥଳେ ଏହି ସମୟ ଭିତରେ ଓଡ଼ିଶା ପାଇଛି ୩୦୯.୪ ମିଲିମିଟର ବୃଷ୍ଟିଜଳ। ଜୁନ୍ ଓ ଜୁଲାଇ ଉଭୟ ମାସକୁ ହିସାବକୁ ନେଲେ ଏହି ଦୁଇମାସରେ ଦୀର୍ଘକାଳୀନ ହାରାହାରି ୫୫୬.୪ ମିଲିମିଟରର ବୃଷ୍ଟି ହେବା ସ୍ଥଳେ ହୋଇଛି ୪୫୭.୭ ମିଲିମିଟର, ଅର୍ଥାତ୍ ୧୭.୭ ପ୍ରତିଶତ ନିଅଣ୍ଟିଆ ବୃଷ୍ଟି ହୋଇଛି। ୧୧ଟି ଜିଲାରେ ସ୍ୱାଭାବିକ ବୃଷ୍ଟି ହୋଇଥିବା ବେଳେ ୧୭ଟି ଜିଲାରେ ୧୯ରୁ ୩୯ ପ୍ରତିଶତ ପର୍ଯ୍ୟନ୍ତ କମ୍ ବୃଷ୍ଟିପାତ ହୋଇଛି। ଅପରପକ୍ଷେ କୋରାପୁଟ ଜିଲାରେ ସ୍ୱାଭାବିକଠାରୁ ୧୯ ପ୍ରତିଶତରୁ ଅଧିକ ବୃଷ୍ଟି ହୋଇଥିବା ବେଳେ ମାଲକାନଗିରି ଜିଲା ପାଇଛି ସର୍ବାଧିକ ୬୩୩.୮ ମିଲିମିଟରର ବୃଷ୍ଟିପାତ, ଯାହା ସ୍ୱାଭାବିକଠାରୁ ୩୬.୧ ପ୍ରତିଶତ ଅଧିକ। ସବୁଠାରୁ କମ୍ ବୃଷ୍ଟିପାତ ହୋଇଥିବା ଜିଲାଗୁଡ଼ିକ ଭିତରେ ଅଛି ସୁନ୍ଦରଗଡ଼ ଜିଲା (ବିଯୁକ୍ତ ୩୯ ପ୍ରତିଶତରୁ ବିଯୁକ୍ତ ୫୯ ପ୍ରତିଶତ ପର୍ଯ୍ୟନ୍ତ)। ବ୍ଲକ୍‌ୱାରି ହିସାବ ଦେଖିଲେ ଜୁନ୍ ମାସରେ ୧୯ଟି ବ୍ଲକ୍‌ରେ ଅଧିକ ବୃଷ୍ଟିପାତ ହୋଇଥିବା ବେଳେ ୭୩ଟି ବ୍ଲକ୍‌ରେ ସ୍ୱାଭାବିକ ବୃଷ୍ଟିପାତ ହୋଇଛି। ଅପରପକ୍ଷେ ଜୁନ୍ ମାସରେ ୯୦ଟି ବ୍ଲକ୍‌ରେ ନିଅଣ୍ଟିଆ ବୃଷ୍ଟିପାତ ହୋଇଥିବା ବେଳେ ୮୫ଟି ବ୍ଲକ୍‌ରେ ଅତି ନିଅଣ୍ଟିଆ ଏବଂ ୪୭ଟି ବ୍ଲକ୍‌ରେ କାଁ ଭାଁ ବୃଷ୍ଟି ହୋଇଛି।

ଓଡ଼ିଶାର ୭୫ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରୁଥିବା ବେଳେ ଯଥେଷ୍ଟ ଜଳସେଚନର ଅଭାବ ଯୋଗୁ କୃଷି ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ। ବର୍ତ୍ତମାନ ଏହି ନିଅଣ୍ଟିଆ ବୃଷ୍ଟି କୃଷକମାନଙ୍କ ପାଇଁ ଘୋର ସମସ୍ୟାର କାରଣ ହୋଇଛି। ଧାନ ଅମଳ ଦୃଷ୍ଟିରୁ ଉପକୂଳବର୍ତ୍ତୀ ଅଞ୍ଚଳ ତୁଳନାରେ ଅଧିକ ଉତ୍ପାଦନଶୀଳ ପଶ୍ଚିମ ଓଡ଼ିଶାର ଅନେକ ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ସମ୍ପ୍ରତି ମରୁଡ଼ି ପରିସ୍ଥିତି ସୃଷ୍ଟି କରିଛି। ଦୁର୍ବଳ ମୌସୁମୀ

## ଆଜିର ଅର୍ଥନୀତି

କୃଷକମାନଙ୍କ ଅନେକ ଦୁଃଖର କାରଣ ହେବା ସହ ଅର୍ଥନୀତିରେ ମାନ୍ଦାବସ୍ଥା ସୃଷ୍ଟି କରିବ ଏବଂ କୃଷି କ୍ଷେତ୍ର ଉପରେ ନିର୍ଭର କରି ବଞ୍ଚୁଥିବା ଶ୍ରମିକ ଶ୍ରେଣୀର ଲୋକମାନେ ବାହାର ଜିଲା ଓ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲିଯିବାର ଆଶଙ୍କା ରହିଛି। ମୌସୁମୀ ବର୍ଷା ଭଲ ହେଲେ ବିଶେଷତଃ ଗ୍ରାମାଞ୍ଚଳରେ ଖାଉଟି ସାମଗ୍ରୀର ଚାହିଦା ଅଧିକ ରହିଥାଏ। ଅଟୋମୋବାଇଲ ଶିଳ୍ପରେ କାରବାର ବୃଦ୍ଧିରେ ମଧ୍ୟ ଏହା ସାହାଯ୍ୟ କରିଥାଏ। କିନ୍ତୁ ଦୁର୍ବଳ ମୌସୁମୀ ବାଣିଜ୍ୟିକ ଗାଡ଼ିଘୋଡ଼ା ଓ ଦୁଇଚକିଆ ଯାନର ବିକ୍ରି ଉପରେ ଘୋର ପ୍ରତିକୂଳ ପ୍ରଭାବ ପକାଇବ। ଗାଡ଼ି ଉତ୍ପାଦନ ମଧ୍ୟ ହ୍ରାସ ପାଇବ। ଗ୍ରାମାଞ୍ଚଳରେ ଗାଡ଼ି ବିକ୍ରି କରୁଥିବା କମ୍ପାନୀଗୁଡ଼ିକର ଷ୍ଟକ୍ ମୂଲ୍ୟ ଉପରେ ମଧ୍ୟ ଏହା ପ୍ରଭାବ ପକାଇବ।

ଓଡ଼ିଶା କେବଳ ଧାନରେ ଆତ୍ମନିର୍ଭରଶୀଳ ନୁହେଁ, ବରଂ ଧାନ ଉତ୍ପାଦନରେ ଏହା ଏକ ବଳକା ରାଜ୍ୟ ଭାବେ ଜଣାଶୁଣା। ଦୁର୍ବଳ ମୌସୁମୀ ଧାନ ସଂଗ୍ରହକୁ ପ୍ରଭାବିତ କରିବ। କୃଷକମାନେ ଅମଳ କରିଥିବା ସୀମିତ ଧାନକୁ ବିକ୍ରି ନ କରି ନିଜର ଆବଶ୍ୟକତା ପାଇଁ ରଖିବାକୁ ପସନ୍ଦ କରିବେ। ବିକ୍ରି କରିବାକୁ ଯଥେଷ୍ଟ ଧାନ ଅମଳ ନ ହେବାରୁ ଚାଷ ପାଇଁ ଋଣ କରିଥିବା କୃଷକମାନେ ଋଣ ଶୁଝି ନ ପାରି ଚିନ୍ତାଗ୍ରସ୍ତ ରହିବେ ଓ ଖିଲାପୀ ଋଣୀଙ୍କ ସଂଖ୍ୟା ବୃଦ୍ଧି ପାଇବ। ମରୁଡ଼ି ପରିସ୍ଥିତି ଯୋଗୁ ବିଭିନ୍ନ ପ୍ରକାର ଡାଲି ଏବଂ ପାମୋଲିନ୍, ସୋୟାବିନ୍ ଓ ସୂର୍ଯ୍ୟମୁଖୀ ତେଲ ପ୍ରଭୃତିର ଆମଦାନି ବୃଦ୍ଧି ପାଇବ। ନିଅଣ୍ଟିଆ ବୃଷ୍ଟି ଯୋଗୁ ବିଭିନ୍ନ ଜଳଭଣ୍ଡାରର ଜଳ ଓ ଭୂତଳ ଜଳ ହ୍ରାସ ପାଇବ, ଯାହା ଜଳସେଚନରେ ବାଧା ସୃଷ୍ଟି କରିବା ସହ ଜଳବିଦ୍ୟୁତ୍ ଉତ୍ପାଦନକୁ ମଧ୍ୟ ପ୍ରଭାବିତ କରିବ। ବୃଷ୍ଟିପାତ ଅଧିକ ହୋଇଥିଲେ କୂଅରୁ ପାଣି କାଢ଼ି ଜଳସେଚନ କରିବା ପାଇଁ ରିହାତି ମୂଲ୍ୟର ଡିଜେଲ ଚାହିଦା ହ୍ରାସ ପାଇଥାନ୍ତା। ଫଳରେ ଏ ବାବଦରେ ସରକାରଙ୍କ ଖର୍ଚ୍ଚ କମିଥାନ୍ତା। ମରୁଡ଼ି ପରିସ୍ଥିତି ଯୋଗୁ ପନିପରିବା ଓ ଡାଲିର ମୂଲ୍ୟ ବୃଦ୍ଧି ପାଇବ। ଫଳରେ ଜନମଙ୍ଗଳ ଯୋଜନାରେ ସରକାରଙ୍କ ଖର୍ଚ୍ଚ ବୃଦ୍ଧି ପାଇବା ସହ ଶାସକ ଦଳ ପାଇଁ ଏହା ଏକ ରାଜନୈତିକ ଅସ୍ତ୍ର ପାଲଟିବା କଥା। ଏହି ଦୃଷ୍ଟିରୁ ବିଶେଷତଃ ନିର୍ବାଚନ ବର୍ଷ ହୋଇଥିଲେ ମରୁଡ଼ି ପରିସ୍ଥିତି ସବୁବେଳେ ସରକାରଙ୍କ ପାଇଁ ଲାଭଦାୟକ ହୋଇଥାଏ। କିନ୍ତୁ ଏହା ନିର୍ବାଚନ ବର୍ଷ ନୁହେଁ, ତେଣୁ ଏଥିରୁ ସରକାରଙ୍କର କିଛି ଫାଇଦା ହେବାର ନାହିଁ, ବରଂ ସାଧାରଣ ଲୋକମାନେ ହିଁ କେବଳ ଦୁଃଖ ଭୋଗିବା ସାର ହେବ।

## ଚିରନ୍ତନୀ

(କିନ୍ତୁ) ତବ ଅପମାନ ବନ୍ଧୁ!
ଶୁଣେ ଯେବେ ଜଗତର ମୁଖେ,
ବଧିର ହେଉ ଏ କର୍ଣ୍ଣ
ତୀର ସମ ବାଜୁ ତାହା ବୁକେ।
(ଆତ୍ମିକର ଆକୁତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

C 5 9 4 2 7 E 6
8 0 2 E 1
0 4 9 C B
A C 6 B
9 6 2 3 0
7 C 6 3
C D 8
E 8 B A 4 1 D
B D 9 5 E C 1
3 4 D 9 0
A 3 B
4 8 5 0 9 E
8 7 1 4 E A 5 B
5 7 B D 9 6
2 9 0 1

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର

# ପାଞ୍ଚ ଟ୍ରିଲିୟନ ଡଲାରର ସ୍ୱପ୍ନ



ଡ. ସନ୍ତୋଷ କୁମାର ମହାପାତ୍ର

ଯିଏ ଶାସନ କରୁ ବା ସରକାର ଗଠନ କରୁ ଜନସାଧାରଣ ତଥା ଦେଶର ବିଭିନ୍ନ ସମସ୍ୟା ସମାଧାନ କରିବା ସହଜ ନୁହେଁ। କିନ୍ତୁ ଏକ ଜନମଙ୍ଗଳ ସରକାର ସେଥିପାଇଁ ଚେଷ୍ଟା କରିବା ଉଚିତ। ମାତ୍ର ବର୍ତ୍ତମାନ ଭାରତ ତଥା ବିଭିନ୍ନ ଦେଶରେ ସରକାରମାନେ ନାନା ସମସ୍ୟାରୁ ଜନସାଧାରଣଙ୍କ ମନକୁ ଦୂରେଇ ରଖି ନିଜର ଜନପ୍ରିୟତା ବଜାୟ ରଖିବା ପାଇଁ ବିଭିନ୍ନ ମନଭୁଲାଣିଆ ସ୍ଲୋଗାନ, ଭାବାବେଗ ସହିତ ଜଡିତ ପ୍ରସଙ୍ଗ ଉଠାଇବା ସହିତ ବିଭିନ୍ନ ପ୍ରକାର ସ୍ୱପ୍ନ ଦେଖାଉଛନ୍ତି। ଯଦି ଏପରି କରିବାରେ କୌଣସି ସରକାର ସର୍ବାଗ୍ରେ ରହିବେ ତେବେ ସେ ହେଉଛନ୍ତି ନରେନ୍ଦ୍ର ମୋଦିଙ୍କ ସରକାର। ବର୍ତ୍ତମାନ ଦେଶରେ କ୍ଷୁଧା, ବେକାରି, ଦାରିଦ୍ର୍ୟ, ବୈଷମ୍ୟ, ନାରୀନିର୍ଯ୍ୟାତନା, ଚାଷୀ ଆତ୍ମହତ୍ୟା, ଅପରାଧ କାର୍ଯ୍ୟକଳାପ ପରି ସମସ୍ୟା ଉଗ୍ରରୂପ ଧାରଣ କଲାବେଳେ ସରକାର ଏସବୁର ସମାଧାନ ପାଇଁ ପ୍ରୟାସ କରିବା ପରିବର୍ତ୍ତେ ୫ ଟ୍ରିଲିୟନ ଡଲାର ଅର୍ଥନୀତିର ସ୍ୱପ୍ନ ଦେଖାଉଛନ୍ତି। ସତେ ଯେପରି ଭାରତୀୟ ଅର୍ଥନୀତିର ଆକାର ୫ ଟ୍ରିଲିୟନ ଡଲାର (୧ ଟ୍ରିଲିୟନ = ୧ଲକ୍ଷ କୋଟି, ୧ ଡଲାର ବର୍ତ୍ତମାନ ୬୮ ଟଙ୍କାରୁ ୬୯ ଟଙ୍କା ମଧ୍ୟରେ) ହେଲାପରେ ଦେଶର ସବୁ ସମସ୍ୟା ଆପେ ଆପେ ସମାଧାନ ହୋଇଯିବ।

ଉଲ୍ଲେଖଯୋଗ୍ୟ ଯେ, ୨୦୧୮-୧୯ ବର୍ଷ ପାଇଁ ଯେଉଁ ଆର୍ଥିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରାଯାଇଛି ସେଥିରେ ୨୦୨୪-୨୫ ସୁଦ୍ଧା ଭାରତୀୟ ଅର୍ଥନୀତିର ଆକାର ୫ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି କୁହାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୧୯-୨୦ ଆର୍ଥିକବର୍ଷର ପୂର୍ଣ୍ଣାଙ୍ଗ ବଜେଟରେ ଏହି ସ୍ୱପ୍ନକୁ ଦୋହରାଇଛନ୍ତି। ତାଙ୍କ ସରକାର ଅମଳରେ ଅର୍ଥନୀତିର ଆକାର ଅଧିକ ବୃଦ୍ଧି ପାଇବା କଥା କହିବାକୁ ଯାଇ କହିଛନ୍ତି ଯେ, ୨୦୧୪ରେ ଭାରତୀୟ ଅର୍ଥନୀତିର ଆକାର ୧.୮୫ ଟ୍ରିଲିୟନ ଡଲାର ଥିଲା ଏବଂ ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ୩ ଟ୍ରିଲିୟନ ଡଲାରରେ ପହଞ୍ଚିବ। ପ୍ରଧାନମନ୍ତ୍ରୀ ଆଉ ଏକପାଦ ଆଗକୁ ଯାଇ କହିଛନ୍ତି ଯେ, ଭାରତ ୧ ଟ୍ରିଲିୟନ ଅର୍ଥନୀତି ହେବା ପାଇଁ ୫୦ରୁ ୬୦ ବର୍ଷ ନେଇଥିଲା। କିନ୍ତୁ ତାଙ୍କ ଶାସନ ଅବଧିରେ (୨୦୧୪-୨୦୧୯) ଏହା ୨ ଟ୍ରିଲିୟନ ଅତିକ୍ରମ କଲା। ଏକଥାକୁ ଖଣ୍ଡନ କରି ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ କହିଛନ୍ତି ଯେ, ଯଦି ଭାରତୀୟ ଅର୍ଥନୀତି ୫ ଟ୍ରିଲିୟନ ଡଲାରରେ ପହଞ୍ଚିବାର ସମ୍ଭାବନା ସୃଷ୍ଟି ହୋଇଥାଏ ତାହାର ପ୍ରମୁଖ କାରଣ ହେଉଛି ପୂର୍ବ ସରକାର ବିଶେଷକରି ନେହେରୁ, ନରସିଂହ ରାଓ, ମନମୋହନ ସିଂଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏକ ଶକ୍ତିଶାଳୀ ଫାଉଣ୍ଡେଶନ ବା ଭିତ୍ତି। ୨୦୧୮ ସୁଦ୍ଧା ଭାରତ ୫ମ ବୃହତ୍ତମ ଅର୍ଥନୀତି ବୋଲି ସୀତାରାମନ୍ ଯାହା କହିଛନ୍ତି ତାହା ଭୁଲ୍। କାରଣ ଯଦିଓ ମଝିରେ ଭାରତ ଫ୍ରାନ୍ସକୁ ଅତିକ୍ରମ କରି ୬ଷ୍ଠ ବୃହତ୍ତମ ଅର୍ଥନୀତି ହୋଇଥିଲା, ଅକ୍ଟୋବର ୨୦୧୮ଠାରୁ ଫ୍ରାନ୍ସ ପୁନର୍ବାର ୫ମ ସ୍ଥାନକୁ ଫେରିଯାଇଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଅନୁସାରେ ସେହି ସମୟରେ ଭାରତର ଅର୍ଥନୀତିର ଆକାର ୨.୬୯ ଟ୍ରିଲିୟନ ଡଲାର ହୋଇଥିଲାବେଳେ ଫ୍ରାନ୍ସ ଅର୍ଥନୀତି ୨.୭୯ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା। ୨୦୧୪ରେ ଭାରତର ଅର୍ଥନୀତି ବାସ୍ତବରେ ୨.୦୪୯ ଟ୍ରିଲିୟନ ଡଲାର ଥିଲା। ସେହି ସମୟରେ ଚାଇନା ଅର୍ଥନୀତିର ଆକାର ୧୦.୩୮୦ ଟ୍ରିଲିୟନ ଡଲାର ଥିଲା। ୨୦୧୮ରେ ଚାଇନା ଅର୍ଥନୀତି ୧୩.୪୦୭ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଲା ବେଳେ ଭାରତୀୟ ଅର୍ଥନୀତି ୨.୭ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଛି। ୨୦୧୯ ଶେଷ ସୁଦ୍ଧା ଚାଇନା ଅର୍ଥନୀତି ୧୪.୨୦୬ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଲା ବେଳେ ଭାରତ ଅର୍ଥନୀତି ୨.୯୭ ବା ୩ ଟ୍ରିଲିୟନ ଡଲାର ପାଖାପାଖି ହେବ ବୋଲି ଆକଳନ କରାଯାଇଛି। ଏହାର ଅର୍ଥ ଗତ ୫ ବର୍ଷରେ ଚାଇନା ଅର୍ଥନୀତି ୩.୮୩୬ ଟ୍ରିଲିୟନ ଡଲାର ବୃଦ୍ଧି ପାଇଲା ବେଳେ ଭାରତୀୟ ଅର୍ଥନୀତି ମାତ୍ର ୦.୯୩ ଟ୍ରିଲିୟନ ଡଲାର ବୃଦ୍ଧିପାଇଛି। ଏଣୁ ମୋଦି ସରକାର ଅମଳରେ ଆର୍ଥିକ ଅଭିବୃଦ୍ଧି ଅଧିକ ହୋଇଛି ବୋଲି ଯାହା ପ୍ରଚାର କରାଯାଉଛି ତାହା ଭୁଲ୍।

୨୦୨୪-୨୫ରେ ଭାରତ ୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ସମ୍ଭାବନାକୁ ନେଇ ଯେଉଁମାନେ ଆଶଙ୍କା ପ୍ରକଟ କରୁଛନ୍ତି ସେମାନଙ୍କୁ ସମାଲୋଚନା କରି ପ୍ରଫେଶନାଲ ପେସିମିଷ୍ଟ ବା ବୃତ୍ତିଗତ ନୈରାଶ୍ୟବାଦୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବାସ୍ତବରେ ସରକାର ନୈରାଶ୍ୟବାଦୀ ବା ଅତ୍ୟଧିକ ଆଶାବାଦୀ ନ ହୋଇ ବାସ୍ତବବାଦୀ ହେବା ଉଚିତ। ଯଦି ଏକ ସରକାର ଚାହିଁଲେ ବା ଯୋଜନା କଲେ ଅଭିବୃଦ୍ଧି ଆଶାଜନକ ହେବ ତେବେ ନିଜେ ମୋଦି-୧ ସରକାର କାହିଁକି ଏଥିରେ ବିଫଳ ହୋଇଛନ୍ତି? କାହିଁକି ଗତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ୬.୮%କୁ ହ୍ରାସ ପାଇଛି, ଯାହା ଗତ ୫ ବର୍ଷରେ ସର୍ବନିମ୍ନ। ସ୍ୱୟଂ ସରକାର ଯେତେବେଳେ ଅଭିବୃଦ୍ଧି ହାରର ମନ୍ଥର ପ୍ରକ୍ରିୟାକୁ ରୋକିପାରୁନାହାନ୍ତି, ସେତେବେଳେ ହଠାତ୍ ଏପରି ସ୍ୱପ୍ନ କାହିଁକି ଦେଖାଉଛନ୍ତି? ଅବଶ୍ୟ ଅଧିକ ଲୋକ ଅଧିକ ଉପଭୋଗ ବା ବ୍ୟୟ କଲେ ଅର୍ଥନୀତିର ଆକାର ବୃଦ୍ଧି ପାଇବ। ଏଣୁ ଏହି ପ୍ରକ୍ରିୟା ଜାରି ରହିଲେ ଭାରତୀୟ ଅର୍ଥନୀତି ୫ ଟ୍ରିଲିୟନ ଡଲାର ଆପେ ଆପେ ଅତିକ୍ରମ କରିବ। ସରକାର ସେପରି ପ୍ରଚାର କରିବାର ନାହିଁ କି ସ୍ୱତନ୍ତ୍ର ଯୋଜନା କରିବାର ଆବଶ୍ୟକତା ନାହିଁ। କେବଳ କ୍ରୟଶକ୍ତି ବୃଦ୍ଧିକୁ ପ୍ରାଧାନ୍ୟ ଦେବା ଆବଶ୍ୟକ। ୨୦୨୪-୨୫ରେ ଅର୍ଥନୀତି ୫ ଟ୍ରିଲିୟନ ଡଲାରରେ ପହଞ୍ଚିବା ପାଇଁ ୨୦୧୯-୨୦ରୁ ଭାରତୀୟ ଅର୍ଥନୀତି ହାରାହାରି ୮% ହାରରେ ବୃଦ୍ଧି ପାଇବା ଆବଶ୍ୟକ। କିନ୍ତୁ ବର୍ତ୍ତମାନର ଆର୍ଥିକ ସ୍ଥିତି ବିଶେଷକରି ଆଭ୍ୟନ୍ତରୀଣ ସଞ୍ଚୟ ଏବଂ ନିବେଶ ହାର ହ୍ରାସକୁ ଦେଖିଲେ ଏହା ସମ୍ଭବ ପରି ମନେହୁଏ ନାହିଁ। ଏପରି କି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ପୂର୍ବ ଧାର୍ଯ୍ୟ ୭.୩% ବଦଳରେ ୭% ହେବ ବୋଲି ମତ ଦେଇଛି। ସେହିପରି ଆଗାମୀ ବର୍ଷରେ ମଧ୍ୟ ପୂର୍ବାନୁମାନ ୭.୫% ନ ହୋଇ ୭.୨% ହେବ ବୋଲି ମତ ଦେଇଛି। ପୁନଶ୍ଚ ଅନ୍ତର୍ଜାତୀୟ ପରିସ୍ଥିତି ବର୍ତ୍ତମାନ ସଙ୍ଗିନ, ଯାହା ଆର୍ଥିକ ଅଭିବୃଦ୍ଧିରେ ଏକ ବଡ଼ ପ୍ରତିବନ୍ଧକ ସୃଷ୍ଟି କରିବ। ବିଶେଷକରି ଉପଭୋକ୍ତାଙ୍କ ବିଶ୍ୱାସହାନି, ବାଣିଜ୍ୟ ଯୁଦ୍ଧ, ଆମେରିକାର ସୁରକ୍ଷାବାଦୀ ନୀତି ଯୋଗୁ ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି ମଧ୍ୟ ନିମ୍ନଗାମୀ ହୋଇଛି। ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି ହ୍ରାସ ପାଇଲେ ଭାରତୀୟ ଅର୍ଥନୀତି ମଧ୍ୟ ପ୍ରଭାବିତ ହେବ ଏବଂ ୫ ଟ୍ରିଲିୟନ ଡଲାରର ସ୍ୱପ୍ନ ସ୍ୱପ୍ନରେ ରହିଯିବ। ଅବଶ୍ୟ ସରକାର ତଥ୍ୟ ବିକୃତୀକରଣ କରି ବା ଜିଡିପି ଆକଳନ ପଦ୍ଧତିରେ ପରିବର୍ତ୍ତନ କରି ଆର୍ଥିକ ଅଭିବୃଦ୍ଧି ଦେଖାଇବାର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। କାରଣ ଭାରତର ଜିଡିପି ଆକଳନକୁ ନେଇ ସନ୍ଦେହ ପ୍ରକାଶପାଇଛି। ସ୍ୱୟଂ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ୍ କହିଛନ୍ତି ଯେ, ୨୦୧୧-୧୨ରୁ ଯେଉଁ ଅଭିବୃଦ୍ଧି ହାର ସରକାର ଦର୍ଶାଇଛନ୍ତି ତାହା ବାସ୍ତବରେ ୨.୫% କମ୍ ହେବ।

ସରକାର ଯେତେବେଳେ ଅଭିବୃଦ୍ଧିର ସ୍ୱପ୍ନ ବାଣ୍ଟୁଛନ୍ତି, ସେତେବେଳେ ଭାରତ ଉଚ୍ଚ ମଧ୍ୟମ ଆୟକାରୀ ରାଷ୍ଟ୍ର ହୋଇପାରିନାହିଁ। ଆୟକୁ ଭିତ୍ତିକରି ୨୦୧୯ ମସିହା ଜୁଲାଇ ୧ ତାରିଖରେ ବିଶ୍ୱବ୍ୟାଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁସାରେ ଭାରତ ନିମ୍ନ ମଧ୍ୟମ ଆୟକାରୀ ଦେଶ ଭାବେ ପରିଗଣିତ ହେଉଛି। ଏହା ୪୬ଟି ନିମ୍ନ ମଧ୍ୟମ ଆୟକାରୀ ତାଲିକାରେ ରହିଛି। ୨୦୦୯ରେ ଅର୍ଥାତ୍ ଉପା ସରକାର ଅମଳରେ ଭାରତ ନିମ୍ନ ଆୟକାରୀ ଦେଶରୁ ନିମ୍ନ ମଧ୍ୟମ ଆୟକାରୀ ରାଷ୍ଟ୍ରକୁ ଉନ୍ନୀତ ହୋଇଥିଲା। ଏହି ସରକାର ଅମଳରେ ପୂର୍ବସ୍ଥିତିରେ କିଛି ଉନ୍ନତି ଘଟିନାହିଁ। ଅନେକ ବିକାଶଶୀଳ ଦେଶ ତଥା ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ଭାରତଠାରୁ ଉନ୍ନତ ସ୍ଥିତିରେ ଅଛନ୍ତି। ପୁନଶ୍ଚ ଜିଡିପି (କ୍ରୟ ଶକ୍ତି ସମତା) ଦୃଷ୍ଟିରୁ ୨୦୦୫ରେ ଭାରତ ବିଶ୍ୱରେ ୧୦ମ ସ୍ଥାନରେ ଥିଲା। ଉପା ସରକାର ଅମଳରେ ଏହା ୨୦୧୧ ସୁଦ୍ଧା ୩ୟ ସ୍ଥାନରେ ପହଞ୍ଚିଥିଲା। କେବଳ ଆମେରିକା ଓ ଚୀନ ଭାରତଠାରୁ ଆଗରେ ଅଛନ୍ତି। କିନ୍ତୁ ବର୍ତ୍ତମାନ ସରକାର ଅମଳରେ ଏହି ସ୍ଥିତିରେ ଆଉ ଉନ୍ନତି ଘଟିନାହିଁ।

ବୃହତ୍ ଅର୍ଥନୀତି ବା ଅଧିକ ଜିଡିପି ସପକ୍ଷରେ ଯୁକ୍ତି ବାଢ଼ି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ପିଠାର ଆକାର ବଢ଼ିଲେ ହିଁ ପରିବାରଙ୍କର ଅଂଶ ବୃଦ୍ଧି ପାଇବ। କିନ୍ତୁ ସେ କହିଲେ ନାହିଁ ଯେ କେବଳ ନିର୍ଦ୍ଦିଷ୍ଟ ଧନିକ ଶ୍ରେଣୀଙ୍କ ଭାଗ ବୃଦ୍ଧି ପାଇବ ଏବଂ ବୈଷମ୍ୟ ବୃଦ୍ଧି ପାଇବ। ଗରିବମାନଙ୍କ ପାଖକୁ କିଛି ନ ଆସିପାରେ। ଏହା ହୋଇ ନ ଥିଲେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ରିପୋର୍ଟ ଅନୁଯାୟୀ ଭାରତର ୧% ଜନତା ଦେଶର ୫୮.୪% ସମ୍ପଦର ଅଧିକାରୀ ହୋଇ ନ ଥାନ୍ତେ। ୨୦୦୦ରୁ ୨୦୧୭ ମଧ୍ୟରେ ବୈଷମ୍ୟ ୬ ଗୁଣ ବୃଦ୍ଧିପାଇ ନ ଥାନ୍ତା। ସରକାର ଯେତେବେଳେ ବଡ଼ ଅର୍ଥନୀତି କଥା କହୁଛନ୍ତି ସେତେବେଳେ ଭୁଲିଯାଉଛନ୍ତି ଯେ, ବିଭିନ୍ନ ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତ ବିଶ୍ୱରେ ଅତ୍ୟନ୍ତ ଲଜ୍ଜାକର ସ୍ଥିତିରେ ରହିଛି। ବିଶେଷକରି ମୁଣ୍ଡପିଛା ଆୟ (ନାମାଙ୍କନ) ଦୃଷ୍ଟିରୁ ଭାରତ ବିଶ୍ୱରେ ୧୪୨ ସ୍ଥାନରେ ଥିଲାବେଳେ ମୁଣ୍ଡପିଛା ଆୟ (କ୍ରୟ ଶକ୍ତି ସମତା) ଦୃଷ୍ଟିରୁ ଭାରତ ୧୧୯ତମ ସ୍ଥାନରେ ରହିଛି। ୨୦୧୮ରେ ବିଭିନ୍ନ ଦେଶର ମୁଣ୍ଡପିଛା ଆୟ ଯଥା ଆମେରିକା (୬୨୬୪୧ ଡଲାର), ଜର୍ମାନୀ (୪୮୧୯୫ ଡଲାର), ଗ୍ରେଟବ୍ରିଟେନ(୪୨୪୯୧ ଡଲାର), ଜାପାନ (୩୯୨୮୬ ଡଲାର), ଚାଇନାର (୯୭୭୦ ଡଲାର) ହୋଇଥିଲା ବେଳେ ଭାରତ କ୍ଷେତ୍ରରେ ଏହା ମାତ୍ର ୨୦୦୫ ଡଲାର। ପୁନଶ୍ଚ ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ସରକାର ଯେଉଁ ଅଭିବୃଦ୍ଧି ଉପରେ କେବଳ ଗୁରୁତ୍ୱ ଦେଉଛନ୍ତି ତାହା କ'ଣ ନିଯୁକ୍ତି ଅଧିକ ସୃଷ୍ଟି କରିବ? ତାହା କ'ଣ କ୍ଷୁଧା, ଦାରିଦ୍ର୍ୟ, ବୈଷମ୍ୟ, କଳା ଟଙ୍କା, ଦୁର୍ନୀତି, ସନ୍ତ୍ରାସବାଦ କାର୍ଯ୍ୟକଳାପ ହ୍ରାସ କରିବ? ଏହା ନ ଘଟିପାରେ। ବାସ୍ତବରେ ବର୍ତ୍ତମାନ ଯେପରି ନିଉଜିଲାଣ୍ଡ ସରକାର ଅଭିବୃଦ୍ଧି ଉପରେ ପ୍ରାଧାନ୍ୟ ନ ଦେଇ ଜନତାଙ୍କ ଉନ୍ନତମାନର ଜୀବନ ଉପରେ ପ୍ରାଧାନ୍ୟ ଦେଉଛନ୍ତି ତାହା ଭାରତ ସରକାର ଅନୁସରଣ କରିବା ଉଚିତ।

ମୋ- ୯୪୩୭୨୦୮୭୬୨,
skmohapatra67@gmail.com

# ରାମ-କାଳୀ ଲଢ଼େଇ



ଡ. କୁଳାଙ୍ଗାର

ତା'ର ଠାକୁର-ଠାକୁରାଣୀ ଓ ମାଙ୍କଡ଼ଙ୍କୁ ଭାରି ଭୟ। ଭୟର କାରଣ କାଳେ କ'ଣ ସବୁ ଛଡ଼େଇ ନେବେ। ଏ ଡରଟା ତା' ଭିତରେ ପିଲାବେଳୁ ଅଛି। କାରଣ ସିଏ କାନ ଉଠିଲା ଦିନୁ ଶୁଣି ଆସିଛି କି ଠାକୁର-ଠାକୁରାଣୀଏ ମହାରାଗୀ। ଟିକେ ଏପଟ ସେପଟ ହେଲେ କୋପ କରି ତମଠୁ ଧନସମ୍ପତ୍ତି, ସୁଖଶାନ୍ତି, ବୁଦ୍ଧିବୃତ୍ତି ଓ ପ୍ରିୟଜନ ଆଦିଙ୍କୁ ଛଡେଇନେବେ! ଯେତେ ପାଠପଢ଼ି ପରୀକ୍ଷାରେ ଲେଖିଥିଲେ ମଧ୍ୟ ତୁମର ମାର୍କ ଛଡ଼େଇ ନେଇପାରନ୍ତି!! ତେଣୁ ଠାକୁରଙ୍କୁ ଟିକେ ସମ୍ଭାଳିକି। ତାଙ୍କୁ ଖୁସି କରିବା ପାଇଁ ଭୋଗରାଗ, ଦକ୍ଷିଣା ପ୍ରଦାନ ସହ ମାନସିକ ଓ ଉପାସବ୍ରତ ଆଦି କରୁଥିବ। ସେଇ ଡରରେ ସିଏ ପିଲାବେଳୁ ଜଣେ ବାଧ୍ୟ ଭକ୍ତ।

ପିଲାବେଳେ ସିଏ ଦିନେ ସକାଳୁ ଉଠି ଠାକୁରଙ୍କୁ ମୁଣ୍ଡିଆ ମାରିବାକୁ ଭୁଲିଯାଇଥିଲା। ଯୋଗ ଦେଖନ୍ତୁ, ସେଇଦିନ କ୍ରିକେଟ ଖେଳିଲା ବେଳେ ତା' ବଲ୍‌ଟି ବ୍ୟାଟ୍ ମାଡ଼ରେ ଦୂରକୁ ଯାଇ ଆଉ ଫେରିଲା ନାହିଁ। ସିଏ ଦୃଢ଼ନିଶ୍ଚିତ ହେଲା କି ସକାଳୁ ମୁଣ୍ଡିଆ ମାରି ନ ଥିବାରୁ ଠାକୁର ରାଗି ତା' ବଲ୍‌ଟାକୁ ନେଇଗଲେ। ଆଉ ଜମା ଫେରେଇଲେ ନାହିଁ। ସିଏ ସେଦିନଠାରୁ ଭୁଲ୍‌ରେ ବି ଠାକୁରଙ୍କୁ ମୁଣ୍ଡିଆ ମାରିବାକୁ ଭୁଲେନାହିଁ।

ଠାକୁର-ଠାକୁରାଣୀଙ୍କୁ ତ କୌଣସି ପ୍ରକାରେ ଚଳେଇ ନେଇ ହୁଏ, ତେବେ ଏ ମାଙ୍କଡ଼ଗୁଡ଼ାକ ମହା ବଦମାସ୍। ପିଲାବେଳେ ଖାଉଥିବା କଦଳୀଟିକୁ ତା'ହାତରୁ ଗୋଟେ କାଳିଆମୁହାଁ ହନୁ ଛଡ଼େଇ ନେଲା। ସିଏ ଦେବାକୁ ଅମଙ୍ଗ ହୁଅନ୍ତେ ତା' ଗାଲରେ ଶକ୍ତ ଚାପୁଡାଟିଏ ବସେଇ ଦେଲା। ସେଇଦିନୁ ସିଏ ମାଙ୍କଡ଼ ଦେଖିଲେ ଭୟରେ ଥରିଉଠେ। ଆଉ ଠାକୁର ଓ ମାଙ୍କଡ଼ର ମିଶ୍ର ଅବତାର ହନୁମାନଙ୍କୁ ଦେଖିଲେ ଆହୁରି ଭୟ ଲାଗେ।

ସାମାନ୍ୟ ଜ୍ଞାନ ହେଲା ପରେ ସିଏ ଜାଣିଲା କି- ହନୁମାନ ଜଣେ ଦିବ୍ୟ ମାଙ୍କଡ଼, ଯିଏ ହନୁ-ମାନଙ୍କର ନେତୃସ୍ଥାନୀୟ ଓ ଶ୍ରୀରାମଙ୍କ ପାଖଲୋକ। ସିଏ ମନେମନେ ଭାବିଲା- ବଢ଼ିଆ ଉପାୟ ତ! ଏଥର ହନୁମାଙ୍କଡ଼ ଦେଖିଲେ ପ୍ରଭୁ ଶ୍ରୀରାମଙ୍କୁ ଡାକିଦେବି। ସିଏ ତାଙ୍କ ଭକ୍ତକୁ ସମ୍ଭାଳନ୍ତୁ!

ତେଣୁ ସିଏ ଠାକୁର ଓ ମାଙ୍କଡ଼ ଭିତରେ ଲଢ଼େଇ ପରିସ୍ଥିତି ସୃଷ୍ଟି କରିଦିଏ। ନିଅନ୍ତୁ ଦୁହେଁ ବଳ କଷାକଷି ହୁଅନ୍ତୁ! ଏଇ ମଉକାରେ ସିଏ ଭୟରୁ ମୁକ୍ତି ପାଇଯାଏ।

କିଛିଦିନ ତଳେ ସିଏ କଲିକତା ଯାଇଥିଲା। କାହିଁକି ଯାଇଥିଲା?

କଥା କ'ଣ କି ତା'ର ଟିକେ ଉଡ଼ାଜାହାଜରେ ବସିବାକୁ ମନ ହେଲା। ହେଲେ ପାଖରେ ଟଙ୍କା କମ୍। ସିଏ ବୁଝାବୁଝି କରି ଜାଣିଲା ଯେ କଲିକତାକୁ ଉଡ଼ାଜାହାଜ ଟିକେଟ କମ୍ ଟଙ୍କାରେ ମିଳିବ। ତେଣୁ ସିଏ ଖାସ୍ ଉଡ଼ାଜାହାଜରେ ବସିବ ବୋଲି ଟିକେଟ କାଟି କଲିକତା ଯାଇଥିଲା। ହେଲେ ଫେରନ୍ତ ରେଳଗାଡିରେ। ବିମାନ ବନ୍ଦରରୁ ରେଳ ଷ୍ଟେଶନ ଦୂର। କିଛିବାଟ ସିଟି ବସ୍‌ରେ ଯାଇ ଆଉ କିଛିବାଟ ଚାଲିଚାଲି ଗଲା।

ଚାଲିଚାଲି ଚାରିଆଡକୁ ଚାହିଁଚାହିଁ ରାସ୍ତାରେ ଯାଉଥିଲା। ବାଟରେ ଯାଉଯାଉ ତା' ସାମ୍ନାରେ ଗୋଟେ ମାଙ୍କଡ଼ ଡେଇଁ ପଡିଲା। ସିଏ ଅତର୍ଛା ପଛମୁହାଁ ହୋଇ ରାସ୍ତା ମଝିରେ ବଡ଼ପାଟିରେ ଜୟ ଶ୍ରୀରାମ ଜୟ ଶ୍ରୀରାମ କହି କହି ଦୌଡ଼ିଲା। ତା' କଥା ଶୁଣି ଭକ୍ତିରସର କିଛି କାର୍ଯ୍ୟ ହେଉଛି ଭାବି ଲୋକମାନେ ତା'ର ଅନୁଧାବନ କଲେ। ରାସ୍ତା ଜାମ୍ ହୋଇଗଲା। ଗାଡିମୋଟର ଅଟକି ରହିଲା। ଏବେ ପୋଲିସ ଆସି ତାକୁ ଗିରଫ କରିନେଲା।

ପୋଲିସ ବଙ୍ଗଳା ଭାଷାରେ ତାକୁ ଗୁଡ଼ାଏ ମନ୍ତ୍ର ଶୁଣେଇଲା ଓ ପିଟିଲା। ସିଏ ପୋଲିସର ଭାଷା ଓ ମାଡ଼ର କାରଣ ବୁଝିପାରିଲା ନାହିଁ। ମାଡ଼ରୁ ତ୍ରାହି ପାଇବା ଉଦ୍ଦେଶ୍ୟରେ ରାମନାମ ଜପି ଚାଲିଲା। ପୋଲିସ ଜଣକ ପିଟିପିଟି ହାଲିଆ ହେବା ପରେ ତାକୁ ଛାଡି ଚାଲିଗଲା।

ସିଏ ନିଜକୁ ବୁଝେଇଲା- ଶେଷରେ ରାମ ତା' ହେଲେ ଶୁଣିଲେ!

କିନ୍ତୁ ଅଳ୍ପ ସମୟ ପରେ ଜଣେ ମାଡାମ୍ ପହଞ୍ଚିଲେ। ଦେହରେ ଛୋଟ ଓ ଚିପା ପୋଷାକ, ମୁଣ୍ଡରେ ଖୋଲା ବୁଟି। ମଥାରେ ବଡ଼ ଟୋପା। ଓଠରେ ରକ୍ତ ପରି ଟହଟହ ଲିପ୍‌ଷ୍ଟିକ୍। ପାଟିରେ ଲହଲହ ଲମ୍ବାଜିଭ। ହାତରେ ମୋଟା ବାଡ଼ି।

ବଡ଼ବଡ଼ ଆଖିକରି ମାଡାମ୍ ଯେବେ ତା' ଉପରକୁ ବାଡି ଉଠେଇଲେ, ଭୟରେ ତା'ର ହାତ ଯୋଡି ହୋଇଗଲା। ବିକଳରେ ତା' ପାଟିରୁ ବାହାରିପଡିଲା- ଜୟ ମା' କାଳୀ!

ବାସ୍ ଏଇ ପଦକ କଥାରେ ମାଡାମ୍ ଥଣ୍ଡା ପଡ଼ିଗଲେ। ତାକୁ ଛାଡ଼ିଦେଲେ। କହିଲେ ଯାଆ। ସିଏ ମୁକ୍ତ ହୋଇ ଫେରୁଫେରୁ ଭାବିଲା- ରାମ ଓ କାଳୀଙ୍କର କ'ଣ ଯୁଦ୍ଧ ହୁଏ କି? ଜୟ ଶ୍ରୀରାମ କହିଲାରୁ ଏତେ ପିଟିଲେ, ହେଲେ ଜୟ ମା' କାଳୀ କହୁକହୁ ଛାଡିଦେଲେ କାହିଁକି? କିଛି ବୁଝି ହେଲାନି!

ପାଠକେ! ସିଏ ତ ବୁଝି ପାରିଲା ନାହିଁ, ଆଶା ଆପଣ ନିଶ୍ଚୟ ବୁଝି ପାରୁଥିବେ!

ମୋ- ୯୩୩୮୫୮୧୩୦୯

## ଏଇ ଭାରତରେ

ସରକାରୀ ଚାକିରିରୁ ଅବସର ଗ୍ରହଣ ଦିନ କେଉଁ କର୍ମଚାରୀଙ୍କୁ ଖୁସି ଲାଗେ ତ, କାହାର ମନ ବିଷାଦରେ ଭରିଯାଏ। ଖୁସି ଲାଗେ ଏଇଥିପାଇଁ, କିଛିବର୍ଷ ରୁଟିନବନ୍ଧା କର୍ତ୍ତବ୍ୟରତ ଜୀବନଯାପନ ଭିତରୁ ଖସିଆସି ଖୁସି ମନେଇବାର ଅବସର ମିଳିଯାଏ। ଦୁଃଖ ଲାଗେ ଏଇଥିପାଇଁ, ସହକର୍ମୀମାନଙ୍କ ଗହଣରେ କର୍ମକରିବାରେ ଯେଉଁ ଆନନ୍ଦ ମିଳୁଥିଲା ତାହା ସବୁଦିନ ପାଇଁ ହରାଇବାକୁ ପଡ଼େ। ଏହି ଅବସରରେ ଜଣେ ଚତୁର୍ଥ ଶ୍ରେଣୀ ସ୍କୁଲ କର୍ମଚାରୀ ଅବସର ନେବା ଦିନ ଖୁସିରେ ହେଲିକପ୍ଟରରେ ଉଡ଼ିବା ଘଟଣା ନିଆରା ନିଶ୍ଚୟ। ତାଙ୍କର କାର୍ଯ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ହରିୟାଣା ଫରିଦାବାଦର ନିମକା ଗାଁ ବାସିନ୍ଦା କୁଦେରାମ୍ ସ୍ଥାନୀୟ ସରକାରୀ ସ୍କୁଲରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରନ୍ତି। ମଙ୍ଗଳବାର ତାଙ୍କର ଅବସର ଗ୍ରହଣ ଦିବସ ଥିଲା। ଏହି ଅବସରରେ କୁଦେରାମ୍ ହେଲିକପ୍ଟର ଭଡ଼ାରେ ଆଣି ସେଥିରେ ଉଡ଼ି ବୁଲିଛନ୍ତି। ହେଲିକପ୍ଟରରେ ଉଡ଼ିବା ପାଇଁ ତାଙ୍କୁ ସାଢ଼େ ତିନିଲକ୍ଷ ଟଙ୍କା ଭଡ଼ା ଦେବାକୁ ପଡ଼ିଛି। ସେ ହେଲିକପ୍ଟରକୁ ଭଡ଼ାରେ ନେବା ଲାଗି ଗତ ମାର୍ଚ୍ଚ ମାସଠାରୁ ବୁକିଂ କରିଥିଲେ। କୁଦେରାମ୍‌ଙ୍କ ଏଭଳି କାର୍ଯ୍ୟ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨ ଅଗଷ୍ଟ ୧୯୯୪

- ହାଇତିରେ ସାମରିକ ସରକାର ଯଦି କ୍ଷମତା ହସ୍ତାନ୍ତର ପାଇଁ ରାଜି ନ ହୁଅନ୍ତି ତେବେ ଆମେରିକା ନେତୃତ୍ୱରେ ହାଇତି ଦଖଲ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜାତିସଂଘ ନିରାପତ୍ତା ପରିଷଦରେ ଏକ ପ୍ରସ୍ତାବ ଗୃହୀତ।
- ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଭାରତର ଭୂପୃଷ୍ଠରୁ ଆକାଶକୁ ନିକ୍ଷେପଯୋଗ୍ୟ କ୍ଷେପଣାସ୍ତ୍ର ତ୍ରିଶୂଳର ପରୀକ୍ଷାମୂଳକ ଉତ୍କ୍ଷେପଣ ଚାନ୍ଦିପୁର ଅନ୍ତରୀଣ କ୍ଷେପଣାସ୍ତ୍ର ଘାଟିରୁ ସଫଳତାର ସହ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### କଂଗ୍ରେସର ଦୁର୍ଗତି

ମହାଶୟ,

ବୈକୁଣ୍ଠନାଥ ମିଶ୍ରଙ୍କ ଧରିତ୍ରୀ ସମ୍ପାଦକୀୟ ପୃଷ୍ଠାରେ ପ୍ରକାଶିତ 'କଂଗ୍ରେସ ତ୍ରୁଟି ସୁଧାରୁ' ଲେଖାଟି ଏକ ମୂଲ୍ୟବାନ୍ ଲେଖା। ସେ ପଣ୍ଡିତ ନେହେରୁଙ୍କଠାରୁ ଆରମ୍ଭକରି ରାହୁଲ ଗାନ୍ଧୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦୋଷତ୍ରୁଟି ଦର୍ଶାଇଛନ୍ତି। ନେହେରୁଙ୍କ ସ୍ୱେଚ୍ଛାଚାରିତା, ଖଣି ଦୁର୍ନୀତି, ଚାଇନା ଯୁଦ୍ଧରେ ବିଫଳତା, ଜାତିସଂଘ ନିରାପତ୍ତା ପରିଷଦରେ ସଭ୍ୟ ପଦ ପ୍ରତ୍ୟାଖାନ, ଇନ୍ଦିରା ଗାନ୍ଧୀଙ୍କ ନ୍ୟାୟପାଳିକା ଉପରେ ପ୍ରଭାବ ବିସ୍ତାର, ଜରୁରୀ ପରିସ୍ଥିତି ଜାରି, ରାଜୀବ ଗାନ୍ଧୀଙ୍କର ପ୍ରତିରକ୍ଷା ଅସ୍ତ୍ର ଖର୍ଦ୍ଦିରେ ବିଦେଶୀ ଦୁର୍ନୀତି, ମଧ୍ୟପ୍ରଦେଶର ଲଟେରି ସ୍କାମ୍, ମହାରାଷ୍ଟ୍ର ସରକାରୀ ପ୍ଲଟ୍ ବିକ୍ରି, ଏୟାର ବସ୍ କିଣା ସ୍କାମ୍, ସୋନିଆ ଗାନ୍ଧୀଙ୍କର ସୀତାରାମ କେଶରୀଙ୍କ ଭଳି ଜଣେ ସଚ୍ଚୋଟ କଂଗ୍ରେସ ନେତାଙ୍କୁ ଅପମାନଜନକ ଭାବେ ଅଧ୍ୟକ୍ଷ ପଦରୁ ବହିଷ୍କାର କରିବା, ରାହୁଲ ଗାନ୍ଧୀଙ୍କର ଅପରିପକ୍ୱତା, ଆପତ୍ତିଜନକ ଭାଷଣ ଆଦି ତ୍ରୁଟି ମିଶ୍ର ଉଲ୍ଲେଖ କରିଛନ୍ତି ଓ ସୁଧାରିବା ପାଇଁ ଉପଦେଶ ଦେଇଛନ୍ତି। ମିଶ୍ରଙ୍କର ଏହି ଲେଖାରୁ ସବୁ ଦଳ ଶିକ୍ଷା କରିବା ଉଚିତ।

କୃଷ୍ଣଚନ୍ଦ୍ର ସାମଲ, କଳାଙ୍ଗ, ଭାପୁର, ଢେଙ୍କାନାଳ

### ଡ୍ୟାମ୍ ନିକଟରେ ପଥର ଖାଦାନ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ରହିଛି ରାହାଡ଼ପୁର ପାହାଡ଼। ଅତୀତରେ ଅଭିଯୋଗକୁ ଭିତ୍ତି କରି ପାଇକରାପୁର ଡ୍ୟାମ୍ ନିକଟରେ ଥିବା ଏହି ପାହାଡ଼ର ୧୦ ଓ ୬ ନମ୍ବର ଖାଦାନକୁ ପ୍ରଶାସନ ତରଫରୁ ବନ୍ଦ କରାଯାଇଥିଲା। ହେଲେ ସେହି ସମାନ ପାହାଡ଼ରେ ଡ୍ୟାମ୍ ନିକଟରେ ଦିଲୀପ ବଲ୍ଡିକନ ଲିଜ୍ ନେଇଥିବା ଖାଦାନ କାର୍ଯ୍ୟ ବନ୍ଦ କରାଯାଉ ନାହିଁ। ଏଥିପାଇଁ ଚାଷୀମାନେ ବ୍ୟାପକ ସମସ୍ୟା ଭୋଗୁଛନ୍ତି। ଅପର ପକ୍ଷରେ ପଥର ମାଫିଆମାନେ ନାଁକୁ ମାତ୍ର ଲିଜ୍ ଆଣି ଲିଜ୍‌ଠାରୁ ୧୦୦୦ ଗୁଣା ଅଧିକ ପଥର ଲୁଟ କରିବା ଫଳରେ ସରକାର ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି ଏବଂ ପାହାଡ ଓ ପରିବେଶ ଧ୍ୱଂସ ହେଉଛି। ପ୍ରକାଶ ଥାଉ କି, ୨୫୦ ମିଟର ଭିତରେ ଡ୍ୟାମ୍, ମନ୍ଦିର, ଗ୍ରାମ, ବସ୍ତି, ରାସ୍ତା ଆଦି ଥିଲେ କୌଣସି ପାହାଡରୁ ପଥର ଖନନ ପାଇଁ ପରିବେଶ ମଞ୍ଜୁରୀ ମିଳିବା କଥା ନୁହେଁ। ହେଲେ ଏଠାରେ ୨୫୦ ମିଟର ଭିତରେ ଡ୍ୟାମ୍ ଥାଇ କିଭଳି ପରିବେଶ ମଞ୍ଜୁରୀ ମିଳିଛି ତାହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି।

ସତୀଶ କୁମାର ବିଶ୍ୱାଳ, ସଭାପତି, ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଞ୍ଚ, ଧର୍ମଶାଳା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଝାଡ଼ଖଣ୍ଡର ଟାଟାନଗରରେ ଦୁଇ ଜଣ ଲୋକ ଜଣେ ୩ବର୍ଷର ଶିଶୁକୁ ବଳାତ୍କାର କରିବା ପରେ ପ୍ରମାଣ ଲୁଚାଇବାକୁ ତା'ର ମୁଣ୍ଡ କାଟି ଦେଇଛନ୍ତି। କଟାଯାଇଥିବା ମୁଣ୍ଡ ଖୋଜିବା ପାଇଁ ତନାଘନା ଆରମ୍ଭ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ତେବେ ଶିଶୁର ଗଣ୍ଡି ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ବନ୍ଧାହୋଇ ଏକ ବୁଦା ମଧ୍ୟରେ ପଡିଥିବା ପୋଲିସ ଠାବ କରିଥିଲା। କଟାମୁଣ୍ଡ ଠାବ କରିବା ପାଇଁ ସନ୍ଧାନୀ କୁକୁରକୁ କାର୍ଯ୍ୟରେ ଲଗାଯାଇଛି।

# ସ୍ତନ୍ୟପାନ: ବଦଳୁଛି ଓଡ଼ିଶାର ଚିତ୍ର

- ଆଭ୍ୟନ୍ତରୀଣ ଅଞ୍ଚଳରେ ସଚେତନ ହେଉଛନ୍ତି ମହିଳା
- କୋଲୋଷ୍ଟ୍ରମ୍ ପାନ କରାଇଛନ୍ତି ୯୧% ମହିଳା



ଭୁବନେଶ୍ୱର,୧।୮(ବ୍ୟୁରୋ)

ବିଶ୍ୱର ଏକତୃତୀୟାଂଶ ଶିଶୁ ଅପପୁଷ୍ଟି ଯୋଗୁ ୫ ବର୍ଷ ହେବା ପୂର୍ବରୁ ଆଖି ବୁଜିଥାନ୍ତି। ସନ୍ତାନ ପ୍ରସବ ହେବାର ଏକଘଣ୍ଟା ମଧ୍ୟରେ ସ୍ତନ୍ୟପାନ ବା କୋଲୋଷ୍ଟ୍ରମ୍ ପାନ ଏବଂ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଇବା ଜରୁରୀ। କିନ୍ତୁ ଏ ସମ୍ପର୍କରେ ଅନେକେ ଅବଗତ ନୁହନ୍ତି। ଏଥିଯୋଗୁ ଦୁଇ ତୃତୀୟାଂଶ ଶିଶୁଙ୍କ ମୃତ୍ୟୁ ଘଟୁଛି। ହେଲେ ସ୍ତନ୍ୟପାନ କ୍ଷେତ୍ରରେ ଏବେ ଓଡ଼ିଶାରେ ଚିତ୍ର ଧୀରେ ଧୀରେ ବଦଳୁଛି। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମହିଳାମାନେ ସ୍ତନ୍ୟପାନ ପ୍ରତି ଅଧିକ ସଚେତନ ହୋଇଛନ୍ତି। ପ୍ରସବ ପରର ପ୍ରଥମ ଦୁଗ୍ଧପାନ(କୋଲୋଷ୍ଟ୍ରମ୍ ପାନ) କରାଇବା ଏବଂ ନବଜାତକର ଯତ୍ନ ନେବାର ଅନ୍ୟାନ୍ୟ ଦିଗ ପ୍ରତି ଗର୍ଭବତୀ ମହିଳା ଏବଂ ନୂତନ ଭାବେ ମା' ହୋଇଥିବା ମହିଳାମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧିପାଇଛି।

'ଚାଇଲ୍ଡ ରାଇଟ୍ସ ଆଣ୍ଡ୍ ୟୁ' ଓ 'ଭଏସ୍ ଫର୍ ଚାଇଲ୍ଡ ରାଇଟ୍ସ ଇନ୍ ଓଡ଼ିଶା'(ଭିସିଆର୍‌ଓ) ପକ୍ଷରୁ ମାତୃସ୍ୱାସ୍ଥ୍ୟକୁ ନେଇ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, କୋଲୋଷ୍ଟ୍ରମ୍ ପାନ କରାଇବା ଦିଗରେ ଆଭ୍ୟନ୍ତରୀଣ ଓଡ଼ିଶା ତଥା ଆଦିବାସୀ ମହିଳାମାନେ ବିଶେଷ ସଚେତନ ହୋଇଛନ୍ତି। ବଲାଙ୍ଗୀର, କୋରାପୁଟ, ବରଗଡ଼, କଳାହାଣ୍ଡି ଓ କନ୍ଧମାଳର ୧୬୪ ଗ୍ରାମର କେତେଜଣ ମହିଳାଙ୍କୁ ନେଇ ମୋବାଇଲ୍ ଇଣ୍ଟରାକ୍ଟିଭ୍ ଭଏସ୍ ରେକର୍ଡ (ଆଇଭିଆର) ଜରିଆରେ କରାଯାଇଥିବା ଏହି ସର୍ଭେରୁ ଜଣାଯାଇଛି ଯେ, ୯୧% ମହିଳା ନବଜାତକକୁ କୋଲୋଷ୍ଟ୍ରମ୍ ପାନ କରାଇଥାନ୍ତି। ସେହିଭଳି ୭% ନିଜ ସନ୍ତାନକୁ କୋଲୋଷ୍ଟ୍ରମ୍ ପାନ କରାଇ ନଥିବା ବେଳେ ୨% ଏହି ପ୍ରକ୍ରିୟା ବିଷୟରେ କିଛି ଜାଣି ନଥିବା କହିଛନ୍ତି। ଆଉଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବର୍ତ୍ତମାନ ସମୟରେ ଅଧିକାଂଶ ମହିଳା ଘର ଅପେକ୍ଷା ଡାକ୍ତରଖାନା ବା ନିକଟସ୍ଥ ହସ୍ପିଟାଲରେ ସନ୍ତାନ ପ୍ରସବ କରିବାକୁ ଉଚିତ ମଣୁଛନ୍ତି। ଅନୁନ୍ନତ ତଥା ଅବିକଶିତ ଅଞ୍ଚଳରେ ମଧ୍ୟ ଏଭଳି ସକାରାତ୍ମକ ଚିତ୍ର ଦେଖିବାକୁ ମିଳୁଥିବା ବେଳେ ୯୪% ମହିଳା ଡାକ୍ତରଖାନାରେ ପ୍ରସବ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୯% ସାଧାରଣ ସ୍ୱାସ୍ଥ୍ୟ କେନ୍ଦ୍ରରେ, ୨୮% ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ୭% ଘରୋଇ ହସ୍ପିଟାଲ୍‌ରେ ପ୍ରସ୍ତବ କରାଉଥିବା ଏହି ସର୍ଭେରୁ ଜଣାପଡ଼ିଛି। ତେବେ ପାଖାପାଖି ୬% ମହିଳା ଘରେ ସନ୍ତାନ ପ୍ରସବ କରାଉଥିବା କହିଛନ୍ତି। ତେବେ ହସ୍ପିଟାଲରେ ନବଜାତକଙ୍କୁ କୋଲୋଷ୍ଟ୍ରମ୍ ପାନ କରାଇବା ବାଧ୍ୟତାମୂଳକ ହୋଇଥିବା ବେଳେ ଘରେ ସନ୍ତାନ ପ୍ରସବ କରିବା ବେଳେ ଲୋକମାନେ ଭ୍ରାନ୍ତଧାରଣାର ଶିକାର ହୋଇ ଏଥିରୁ ଦୂରେଇ ରୁହନ୍ତି।

ଅନ୍ୟପକ୍ଷରେ ୨୦୧୫-୧୬ରେ ନ୍ୟାଶନାଲ ଫ୍ୟାମିଲି ହେଲ୍ଥ ସର୍ଭେ (ଏନ୍‌ଏଫ୍‌ଏଚ୍‌ଏସ୍)-୪ ତଥ୍ୟରୁ ଜଣାପଡ଼ିଥିଲା ଯେ, ଗ୍ରାମୀଣ ଓଡ଼ିଶାରେ ୬୮.୭ ପ୍ରତିଶତ ୩ ବର୍ଷରୁ କମ୍ ବୟସର ଶିଶୁଙ୍କୁ ପ୍ରସବର କିଛିଘଣ୍ଟା ଭିତରେ ସ୍ତନ୍ୟପାନ କରାଯାଏ। ୬ ମାସରୁ କମ୍ ବୟସର ୬୫.୮ ପ୍ରତିଶତ ଶିଶୁଙ୍କୁ ସ୍ୱତନ୍ତ୍ର ଭାବେ ସ୍ତନ୍ୟପାନ କରାଯାଏ। ତେବେ ଏହି ଆଇଭିଆର୍ ସର୍ଭେକୁ ଦେଖିଲେ କୋଲୋଷ୍ଟ୍ରମ୍ ପାନ କରାଇବାର ମାତ୍ରାରେ ଉଲ୍ଲେଖନୀୟ ବୃଦ୍ଧି ହୋଇଥିବା ଦେଖାଯାଏ। ସ୍ୱାସ୍ଥ୍ୟ କର୍ମୀମାନଙ୍କ କାଉନ୍‌ସେଲିଂ, ମା' ଗୃହରେ ଏଏନ୍‌ଏମ୍‌ଙ୍କ ପରାମର୍ଶ ଆଦି ଏଭଳି ସକାରାତ୍ମକ ପରିବର୍ତ୍ତନ ଆଣିଥିବା କୁହାଯାଇଛି। ଅଗଷ୍ଟ ୧ରୁ ୭ ତାରିଖକୁ ବିଶ୍ୱ ସ୍ତନ୍ୟପାନ ସପ୍ତାହଭାବେ ପାଳନ କରାଯାଉଥିବା ବେଳେ ଓଡ଼ିଶା ପାଇଁ ଏହା ଏକ ଭଲ ଖବର ବୋଲି 'ଚାଇଲ୍ଡ ରାଇଟ୍ସ ଆଣ୍ଡ୍ ୟୁ'ର ପ୍ରୋଗ୍ରାମ ହେଡ୍ ମୋହୁଆ ଚାଟାର୍ଜୀ କହିଛନ୍ତି। କୋଲୋଷ୍ଟ୍ରମ୍‌ରେ କେବଳ ପ୍ରୋଟିନ, ଭିଟାମିନ୍ 'ଏ' କିମ୍ବା ସୋଡିୟମ କ୍ଲୋରାଇଡ୍ ନଥାଏ, ବରଂ ଏଥିରେ କାର୍ବୋହାଇଡ୍ରେଟ୍, ପୋଟାସିୟମ ଓ କ୍ଲୋରାଇଡର ମାତ୍ରା ମଧ୍ୟ କମ୍ ଥାଏ ବୋଲି ସେ କହିଛନ୍ତି।



ପଣ୍ଡିତ ପ୍ରବୋଧ କୁମାର ମିଶ୍ରଙ୍କ ଦ୍ୱାରା ରଚିତ ହେ ମାଆ ! ମାତୃଭୂମି ! ପୁସ୍ତକକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉନ୍ମୋଚନ କରୁଛନ୍ତି।

## ଓଡ଼ିଆ ଭାଷା, ସଂସ୍କୃତିକୁ ସମ୍ମାନିତ କରିଛନ୍ତି ପ୍ରଧାନମନ୍ତ୍ରୀ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧।୮(ବ୍ୟୁରୋ)

ପଣ୍ଡିତ ପ୍ରବୋଧ କୁମାର ମିଶ୍ରଙ୍କ ଦ୍ୱାରା ରଚିତ ହେ ମାଆ ! ମାତୃଭୂମି! ପୁସ୍ତକକୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକ ଉନ୍ମୋଚନ କରି ପ୍ରଧାନମନ୍ତ୍ରୀ ଓଡ଼ିଆ ଭାଷା ଓ ସଂସ୍କୃତିକୁ ସମ୍ମାନିତ କରିଛନ୍ତି ବୋଲି ସାମାଜିକ ଗଣମାଧ୍ୟମ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନିକଟରେ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବା ସହ କହିଛନ୍ତି ଯେ, ମିଶ୍ର ଜଣେ ଲବ୍ଧ ପ୍ରତିଷ୍ଠିତ କବି, ସମାଲୋଚକ ତଥା ଲେଖକ। ସଂସ୍କୃତ ଏବଂ ଓଡ଼ିଆ ସାହିତ୍ୟ ପାଇଁ ତାଙ୍କର ଯୋଗଦାନ ଅତୁଳନୀୟ । ଓଡ଼ିଆ ସ୍ୱାଭିମାନ ହିଁ ତାଙ୍କ କାଳଜୟୀ ସୃଷ୍ଟିକୁ ପ୍ରେରିତ କରିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଏହି ଅବସରରେ ଓଡ଼ିଶାର ବିଜେଡି ଓ ଭାଜପାର ଅନ୍ୟ ଏମ୍‌ପିମାନେ ମଧ୍ୟ ଉପସ୍ଥିତ ଥିଲେ।

## ଭିଜିଲାନ୍ସ ଜାଲରେ ସମବାୟ ସମିତି ସଭାପତି

ବାସୁଦେବପୁର, ୧।୮(ଡି.ଏନ.ଏ.)

ଭିଜିଲାନ୍ସ ଜାଲରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବରଣ୍ଡୁଆ ସେବା ସମବାୟ ସମିତି ସଭାପତି ତଥା ବରଣ୍ଡୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ନଗେନ୍ଦ୍ର ବିଶ୍ୱାଳ। ବାଲେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ଗୁରୁବାର ସକାଳେ ତାଙ୍କ ଘର ସମେତ ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍ସ ବିଭାଗ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାରିପଦା ଭିଜିଲାନ୍ସ ଡିଏସ୍‌ପି ଶରତ କୁମାର ମହାପାତ୍ର, ଭଦ୍ରକ ଡିଏସ୍‌ପି ସଞ୍ଜୟ କୁମାର ଦାସ ମହାପାତ୍ର ସଦଳବଳ ଚଢ଼ାଉ କରିଥିଲେ। ବରଣ୍ଡୁଆ ଗ୍ରାମସ୍ଥିତ ନଗେନ୍ଦ୍ରଙ୍କ ପୈତୃକ ଘର, ବେତଡ଼ା ପେଟ୍ରୋଲ ପମ୍ପ, ବେତଡ଼ା ବଜାରସ୍ଥିତ ଘର ଓ ହିରୋ ଶୋ'ରୁମ୍, ବାସୁଦେବପୁର ହିରୋ ଶୋ'ରୁମ୍, ବାଲିକଲୋନୀସ୍ଥିତ ତାଙ୍କ ଶ୍ୱଶୁରଘର, ବରଣ୍ଡୁଆ ସେବା ସମିତି କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ବେତଡ଼ା ପେଟ୍ରୋଲ ପମ୍ପ ନିକଟସ୍ଥ ଈଶ୍ୱର-ଆଶା ଏସ୍‌ଏଚ୍‌ଜି ଛତୁଆ ପ୍ରସ୍ତୁତ କେନ୍ଦ୍ର ଓ ବାଲେଶ୍ୱର ଜିଲା ଅସ୍ତିଆ ନିକଟ ରାଇସ୍ ମିଲ୍‌ରେ ଚଢ଼ାଉ କରାଯାଇଥିଲା।

ଭିଜିଲାନ୍ସ ପକ୍ଷରୁ ୧୦ଟି ଟିମ୍ ଗଠନ କରାଯାଇ ଏହିସବୁ ସ୍ଥାନରେ ଚଢ଼ାଉ ଜାରି ରହିଥିଲା। ବେତଡ଼ାସ୍ଥିତ ପେଟ୍ରୋଲ ପମ୍ପ ହାଉସ୍‌ରେ ବାରିପଦା ଡିଏସ୍‌ପି ମହାପାତ୍ର ଓ ବରଣ୍ଡୁଆଠାରେ ନଗେନ୍ଦ୍ରଙ୍କ ପୈତୃକ ବାସଭବନରେ ଭଦ୍ରକ ଡିଏସ୍‌ପି ଦାସ ମହାପାତ୍ର ଉପସ୍ଥିତ ରହି ଚଢ଼ାଉର ନେତୃତ୍ୱ ନେଇଥିଲେ। ଚଢ଼ାଉ ବେଳେ ନଗେନ୍ଦ୍ର ଘରେ ଅନୁପସ୍ଥିତ ଥିଲେ। ଖବର ଲେଖାଯିବା ସୁଦ୍ଧା ଚଢ଼ାଉ ଜାରି ରହିଥିଲା।

## ପଥରରେ ଛେଚି ବୃଦ୍ଧଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

କପ୍ତିପଦା,୧।୮(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ କୁଲିଅଲମ ପଞ୍ଚାୟତ ନଛିପୁର ଗ୍ରାମରେ ଜଣେ ଯୁବକ ସେହି ଗ୍ରାମର ଜଣେ ବୃଦ୍ଧଙ୍କୁ ପଥରରେ ଛେଚି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ସୁରସେନ ଦାସ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୮୬/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବିଶିକେସନ ମାଣିକ (୨୨)। ସେ ସମ୍ପର୍କରେ ମୃତ ବୃଦ୍ଧଙ୍କର ପୁତୁରା ବୋଲି ଜଣାପଡ଼ିଛି।

## ୨୦୧୯-୨୦ ପାଇଁ ସ୍ୱତନ୍ତ୍ର ବ୍ୟୟବରାଦ ଗୃହୀତ

ଭୁବନେଶ୍ୱର,୧।୮(ବ୍ୟୁରୋ)

୨୦୧୯-୨୦ ଆର୍ଥିକ ବର୍ଷ ପାଇଁ କେତେକ ସ୍ୱତନ୍ତ୍ର ବ୍ୟୟବରାଦ ଗୁରୁବାର ବିଧାନସଭାରେ ଗୃହୀତ ହୋଇଛି। ଏଥିମଧ୍ୟରେ ଗୁରୁତ୍ୱପୂର୍ଣ୍ଣ କୃଷି, ରାଜସ୍ୱ, ମତ୍ସ୍ୟ ଓ ପଶୁପାଳନ ଏବଂ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ରହିଛି। ରାଜସ୍ୱ ବିଭାଗ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଲିଖିତ ବକ୍ତବ୍ୟ ରଖିଥିଲେ। ସେହିପରି ଅନ୍ୟ ୩ଟି ବିଭାଗ ସ୍ୱତନ୍ତ୍ର ବ୍ୟୟବରାଦ ଗିଲୋଟିନ୍ ମାଧ୍ୟମରେ ଗୃହୀତ ହୋଇଥିଲା।

ରାଜସ୍ୱ ବିଭାଗ ପକ୍ଷରୁ ସୁପ୍ରିମକୋର୍ଟଙ୍କ ଆଦେଶକ୍ରମେ ୨୦୦୮ ଦଙ୍ଗା ପୀଡିତଙ୍କୁ ସହାୟତା ପ୍ରଦାନ କରାଯାଇଛି। ୨୦୧୬ ଅଗଷ୍ଟ ୨ରେ ପୀଡ଼ିତଙ୍କୁ ସହାୟତା ପ୍ରଦାନ ନେଇ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ଦଙ୍ଗା ପୀଡିତଙ୍କୁ ଘରଭଙ୍ଗା ସହାୟତା ବାବଦକୁ ୬,୩୨,୮୦,୦୦୦ ଟଙ୍କା ଦେବା ପାଇଁ ଅନୁମୋଦନ କରାଯାଇଥିଲା। ୨୦୧୮ ୨୯ ଅକ୍ଟୋବରରେ ସହାୟତା ରାଶି ପ୍ରଦାନ ନେଇ ବିଭାଗୀୟ ଅନୁମତି ମିଳିଥିଲା। ଏଥିପାଇଁ ପୂର୍ବ ଆର୍ଥିକ ବର୍ଷ ଅର୍ଥାତ ୨୦୧୮-୧୯ରେ କୌଣସି ବ୍ୟୟବରାଦ କରାଯାଇ ନ ଥିଲା। ତେଣୁ ଚଳିତ ବର୍ଷ ଏହି ସହାୟତା ଅର୍ଥକୁ ଆକସ୍ମିକ ପାଣ୍ଠିରୁ ଅଗ୍ରିମ ଆକାରରେ ଆବେଦନ କରିଥିଲେ। ଓଡ଼ିଶା ଆକସ୍ମିକ ପାଣ୍ଠିରୁ ଅଗ୍ରିମ ଆକାରରେ ଦିଆଯାଇଥିବା ଅର୍ଥରାଶିକୁ ଅତିରିକ୍ତ ବ୍ୟୟମଞ୍ଜୁରୀ ମାଧ୍ୟମରେ ଭରଣା କରାଯିବାର ନିୟମ ରହିଛି। ତେଣୁ ଏହା ସ୍ୱତନ୍ତ୍ରଭାବେ ଗୃହୀତ ହୋଇଥିବା ଜଣାପଡିଛି। ଅନୁମୋଦିତ ଅର୍ଥରୁ ୫,୮୬,୩୦,୦୦୦ ଟଙ୍କା ବିନିଯୋଗ ହୋଇ ତାହାର ବିନିଯୋଗ ପ୍ରମାଣପତ୍ର ଏଜି, କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତଥା ଅର୍ଥ ବିଭାଗକୁ ପଠାଯାଇସାରିଛି। ଅବଶିଷ୍ଟ ୪୬,୫୦,୦୦୦ ଟଙ୍କାର ବିନିଯୋଗ ପ୍ରମାଣପତ୍ର କନ୍ଧମାଳ ଜିଲାପାଳଙ୍କ ନିକଟରେ ଥିବା ଜଣାପଡିଛି। ସେହିପରି କାଳିଆ ଯୋଜନା ବାବଦରେ ପ୍ରଦାନ କରାଯାଇଥିବା ସହାୟତା ରାଶି ପ୍ରଥମେ ଆକସ୍ମିକ ପାଣ୍ଠିରୁ ଖର୍ଚ୍ଚ ହୋଇଥିଲା। ଆକସ୍ମିକ ପାଣ୍ଠିର କର୍ପସ ୪୦୦ କୋଟି ଥିବାବେଳେ ଚଳିତ ବର୍ଷ ଜାନୁୟାରୀରେ ସଂଶୋଧନ ଅଧ୍ୟାଦେଶ ଅଣାଯାଇ ମୋଟ ୧୬୦୦ କୋଟିକୁ ବୃଦ୍ଧି କରାଯାଇଥିଲା। ତେଣୁ ଓଡ଼ିଶା ବିତ୍ତୀୟ ଉତ୍ତରଦାୟୀ ବଜେଟ ପରିଚାଳନା ଅଧିନିୟମ-୨୦୦୫ର ଧାରା ୮ର ଉପଧାରା ୫ରେ ଥିବା ନିୟମ ଅନୁଯାୟୀ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ମାଧ୍ୟମରେ ଭରଣା କରାଯାଉଥିବା କୁହାଯାଇଛି। ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍‌ରେ ରାଜସ୍ୱ ବିଭାଗର ୬.୩୨୮୦ କୋଟି ଟଙ୍କା, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ୧୨୪୪.୬୬୦୦ କୋଟି, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ୨୨.୭୩୦୦ କୋଟି ଏବଂ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପାଇଁ ୧୬୯.୪୦୬୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହିପରି ମୋଟ ୧୪୪୩.୧୨୪୪ କୋଟି ଟଙ୍କାର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ ହୋଇଥିଲା।

## ବିଧାନସଭାରେ ୨ ବିଧେୟକ ଆଗତ

ଭୁବନେଶ୍ୱର,୧।୮(ବ୍ୟୁରୋ): ରାଜ୍ୟ ସରକାରଙ୍କ ପକ୍ଷରୁ ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ କରାଯାଇଛି। ଏହାର ଗୋଟିଏ ଦିନ ପରେ ସରକାରଙ୍କ ପକ୍ଷରୁ ଗୁରୁବାର ଦ୍ୱିତୀୟାର୍ଦ୍ଧରେ ୨ଟି ବିଧେୟକ ଆଗତ କରାଯାଇଛି। ଏଗୁଡ଼ିକ ହେଉଛି- ଓଡ଼ିଶା ଲୋକାୟୁକ୍ତ(ସଂଶୋଧନ) ଅଧିନିୟମ-୨୦୧୯ ଏବଂ ଅନ୍ୟଟି ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ଓଡ଼ିଶା ବିଧେୟକ-୨୦୧୯। ଓଡ଼ିଶା ଲୋକାୟୁକ୍ତ ନିୟମ-୨୦୧୪, ଧାରା ୪୪ ଅନୁସାରେ ସରକାରୀ ପଦାଧିକାରୀମାନେ ପ୍ରତିବର୍ଷ ଜୁଲାଇ ୩୧ ସୁଦ୍ଧା, ସେମାନଙ୍କ ସମ୍ପତ୍ତି ତାଲିକା କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବାର ନିୟମ ରହିଛି। ଏହି ଘୋଷଣାନାମା ବିଭାଗୀୟ ୱେବ୍‌ସାଇଟରେ ସେହି ବର୍ଷ ଅଗଷ୍ଟ ୩୧ ସୁଦ୍ଧା ପ୍ରଦର୍ଶିତ ହେବା ଆବଶ୍ୟକ। ଏହି ବ୍ୟବସ୍ଥାରେ ଥିବା ଅସୁବିଧାକୁ ବିଚାରକୁ ନେଇ ଭାରତ ସରକାର ଲୋକପାଳ ଓ ଲୋକାୟୁକ୍ତ ଅଧିନିୟମ-୨୦୧୩କୁ ସଂଶୋଧନ କରିଛନ୍ତି। ତେଣୁ ଓଡ଼ିଶା ସରକାର ୨୦୧୪ର ଧାରା ୪୪ର ପ୍ରତିସ୍ଥାପନ କରିବା ପାଇଁ ବିଚାର କରୁଛନ୍ତି। ସେହିପରି ଉକ୍ତ ଅଧିନିୟମର ଧାରା ୫୭ ଉପଧାରା(୨)ର ଖଣ୍ଡ(କେ) ଏବଂ (ଆଇ)ର ସଂଶୋଧନ ପ୍ରସ୍ତାବ ଦିଆଯାଉଛି। ଅପରପକ୍ଷରେ ଖୋର୍ଦ୍ଧା ଜିଲା ଭୁବନେଶ୍ୱର ତହସିଲ ଚନ୍ଦକା ଥାନା ଅନ୍ତର୍ଗତ ଏସିଆନ ସ୍କୁଲ ଅଫ୍ ବିଜ୍‌ନେସ ମ୍ୟାନେଜମେଣ୍ଟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ବିଧେୟକ ଆଗତ ହୋଇଛି।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ସିଭିଲ ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

କ୍ର.ସଂ. (୧) ଇ-ଟେଣ୍ଡର ନଂ.: ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୧୦୩-୧୯-୨୦, ତାରିଖ: ୨୯।୦୭।୨୦୧୯

**କାର୍ଯ୍ୟ:** ବିଳାସପୁର ଡିଭିଜନର ଏଡିଇଏନ୍/ସେଣ୍ଟ୍ରାଲଙ୍କ କ୍ଷେତ୍ରାଧିକାର ଅଧୀନରେ ବିଳାସପୁର ୟାର୍ଡରେ ଟିଟିଆର୍, ଟିଆର୍‌ଆର(ଏସ୍), ଟିସିଏସ୍‌ବିଆର୍ (ଥ୍ରୋ ସୋଲ୍‌ଜର୍ ଏବଂ କ୍ରିବ୍ ବାଲାଷ୍ଟ ରିନ୍ୟୁଆଲ), ଏସ୍‌ଇଜେ ଏବଂ ଗ୍ଲୁଡ୍ ଜଏଣ୍ଟର ନବୀକରଣ, ଲାଇନ୍ ନଂ.୧ରେ ୱାଶିଂ ଆପ୍ରନ୍‌ର ମରାମତି ଓ ତତ୍‌ସମ୍ପର୍କିତ ଅନ୍ୟାନ୍ୟ ଟ୍ରାକ୍ କାର୍ଯ୍ୟ ନିର୍ବାହ। **ଟେଣ୍ଡର ମୂଲ୍ୟ (₹ ରେ):** ୨,୮୫,୨୧,୮୮୧.୩୮/-, **ଇଏମ୍‌ଡି (₹ ରେ):** ୨,୯୨,୬୦୦/-, **ସମାପ୍ତି ଅବଧି:** ୧୨ ମାସ।

କ୍ର.ସଂ. (୨) ଇ-ଟେଣ୍ଡର ନଂ.: ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୧୦୪-୧୯-୨୦, ତାରିଖ: ୨୯।୦୭।୨୦୧୯

**କାର୍ଯ୍ୟ:** ଏଡିଇଏନ୍/ପେଣ୍ଡ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ବିଳାସପୁର ୟାର୍ଡରେ ଟିଟିଆର୍, ଟିଆର୍‌ଆର୍, ଟିସିଏସ୍‌ବିଆର୍ (ଥ୍ରୋ ସୋଲ୍‌ଜର୍ ଏବଂ କ୍ରିବ୍ ବାଲାଷ୍ଟ ରିନ୍ୟୁଆଲ), ଏସ୍‌ଇଜେ ଏବଂ ଗ୍ଲୁଡ୍ ଜଏଣ୍ଟ, କ୍ଷତିଗ୍ରସ୍ତ ରେଳ ଓ ଫାଟିଯାଇଥିବା ସ୍ଲିପର୍‌ଗୁଡ଼ିକର ନବୀକରଣ ଓ ତତ୍‌ସମ୍ପର୍କିତ ଅନ୍ୟାନ୍ୟ ଟ୍ରାକ୍ କାର୍ଯ୍ୟ ନିର୍ବାହ। **ଟେଣ୍ଡର ମୂଲ୍ୟ (₹ ରେ):** ୧,୫୪,୯୮,୨୯୩.୦୭/-, **ଇଏମ୍‌ଡି (₹ ରେ):** ୨,୨୭,୫୦୦/-, **ସମାପ୍ତି ଅବଧି:** ୧୨ ମାସ।

**ଟେଣ୍ଡର ଦାଖଲ ଆରମ୍ଭ ତାରିଖ:** ତା୧୨।୦୮।୨୦୧୯ରିଖ ୧୧.୦୦ ଘଟିକା, **ଟେଣ୍ଡର ଦାଖଲର ଶେଷ ତାରିଖ:** ତା୨୬।୦୮।୨୦୧୯ରିଖ ୧୧.୦୦ ଘଟିକା। ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍: https://www.ireps.gov.inରେ ଉପଲବ୍ଧ । ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟାନ୍ୟ ବିଡ୍ ଗ୍ରହଣ କରାଯିବ ନାହିଁ।

ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.)/ବିଏସ୍‌ପି

CPR/10/191

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail



**ପୂର୍ବ ତଟ ରେଳପଥ**

**ଟ୍ରାକ୍ ଫିଟିଂଗୁଡ଼ିକର ଇ-କ୍ରୟ ପ୍ରଣାଳୀ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.: ECoRCONTP192001
ତା: 22.07.2019

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ଭୁବନେଶ୍ୱର, ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ http://www.ireps.gov.in ଜରିଆରେ ଇ-ଟେଣ୍ଡର-ଗୁଡ୍‌ସ ଏବଂ ସର୍ଭିସ୍ ପୋର୍ଟାଲରେ ଟ୍ରାକ୍ ଫିଟିଂଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ ନିମନ୍ତେ ଇ-ବିଡ୍ ଆମନ୍ତ୍ରଣ କରୁଛନ୍ତି। ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ଏହି ସାଇଟ୍ ଅବଲୋକନ କରି ପ୍ରସ୍ତାବ ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି।

ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/TP, ଭୁବନେଶ୍ୱର

PR-31/CC/19-20



**ମନେ ପଡ଼ନ୍ତି**

**ତ୍ରୟୋଦଶ ଶ୍ରାଦ୍ଧଦିବସ**



**ସ୍ୱର୍ଗତା ବସନ୍ତ କୁମାରୀ ଦେଈ**
ତିରୋଧାନ: ଶ୍ରାବଣ ଶୁକ୍ଳପକ୍ଷ ପ୍ରତିପଦା
ସ୍ୱାମୀ: ସ୍ୱର୍ଗତ ଗୋକୁଳାନନ୍ଦ ମହାନ୍ତି
ଗ୍ରାମ: ପରୟା ପାଟପୁର, ଖୋର୍ଦ୍ଧା
ଆଜିର ଏହି ପୁଣ୍ୟତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ତୁମର- ଟୁନା, ଟୁଟୁ, ମାନୁ, ନାରାୟଣ, ଶାନ୍ତୁ, ନୁନୁ, ପୁଣ୍ଡୁରୀ, ରୀନା, ରିତା, ମିତା, ଲିଲି, ଜ୍ୱାଇଁ ଓ ନାତିନାତୁଣୀମାନେ। ଡି ୭- ଗ୍ରୀନ୍‌ପାର୍କ, ଜଗମୋହନନଗର, ଭୁବନେଶ୍ୱର।
ଧ-୬୭୨୦୮

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଏକାଦଶାହ ଉପଲକ୍ଷେ**



**ଡା଼ଃ. ଅମ୍ବିକା ପ୍ରସାଦ ମହାନ୍ତି**
ଆବିର୍ଭାବ - ୦୩/୦୨/୧୯୩୫
ତିରୋଧାନ - ୨୩/୦୭/୨୦୧୯
ତୁମେ ଅକସ୍ମାତ ଆମକୁ ଶୋକସାଗରରେ ଭସାଇ ଅମର ପୁରକୁ ଗ୍ଲଲିଗଲ । ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସ୍ୱଭାବ, କର୍ତ୍ତବ୍ୟ ନିଷ୍ଠା ଆମର ସର୍ବଦା ପାଥେୟ ହେଉ। ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
ତୁମର ଶୋକସନ୍ତପ୍ତ : ପୁତ୍ର/ପୁତ୍ରବଧୂ, ଝିଅ/ଜ୍ୱାଇଁ, ନାତି/ନାତୁଣୀ ଓ ବନ୍ଧୁ ଏବଂ ଆତ୍ମୀୟସ୍ୱଜନ।
ଧ-୧୩୬୭୭

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶତ୍ରୁଘ୍ନ ତରାଇ**
(ପୂର୍ବତନ ମୁଖ୍ୟଯନ୍ତ୍ରୀ, ଜଳସଂପଦ ବିଭାଗ)
ଆବିର୍ଭାବ: ୦୬।୦୧।୧୯୫୭
ତିରୋଧାନ: ୧୪।୦୮।୨୦୦୭
ଆଜି ତିଥିରେ ଆପଣ ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବାର ୧୨ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଉପଦେଶ ସର୍ବଦା ଆମର ଆଦର୍ଶ ହୋଇ ରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଦପଦ୍ମରେ ପ୍ରାର୍ଥନା। ଆପଣଙ୍କ ଅଦୃଶ୍ୟ ପବତ୍ର ଆତ୍ମା ଆମ୍ଭମାନଙ୍କୁ ସର୍ବଦା ଆଶୀର୍ବାଦ ପ୍ରଦାନ କରୁଥାଉ। ଏହି ଶ୍ରାଦ୍ଧବାର୍ଷିକରେ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
**ଶୋକସନ୍ତପ୍ତ:**
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୧୩୩୪୩



**Birthday wish**



**Aditya's 4th Birthday**
You are my joy and I am that you are 4 today. You are enthosiastic and full of energy. That is enough for me to be glad.
**Happy 4th Birthday my prince Aditya.**
**From:**
**Papa, Mama, Aja, Aai, Jeje Bapa & Jeje Maa**
ଧ-୬୪୦୮୦

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



ତେଜେଶ୍ୱରୀ ପଟ୍ଟନାୟକ (ଶ୍ରେୟା)
ନବରଙ୍ଗପୁର
ଶେୟା ଆଜି ତୋର ଚତୁର୍ଥ ଜନ୍ମ ବାର୍ଷିକୀ ଆଜିର ଦିନରେ ତୋର ଦୀର୍ଘ, ନିରାମୟ ଜୀବନ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ।
ଶୁଭେଚ୍ଛା ସହ:
ବାପା- କାଳିକିଙ୍କର, ମାଆ- ସସ୍ମିତା, ଜେଜେବାପା- କୈବଲ୍ୟ, ଜେଜେ ମାଆ- ଉଷାରାଣୀ, ଅଜା- ସନାତନ, ଆଈ- ଜେମାମଣୀ, ଭଉଣୀ- ଶ୍ୱେତା
ଧ-୧୩୬୯୫

**ଚତୁର୍ଦ୍ଦଶ ଜନ୍ମବାର୍ଷିକୀ**



**ସ୍ୱୀକୃତି ପଟ୍ଟନାୟକ**
(IRC Village, Bhubaneswar)
ଆଜି ତୁମର ଶୁଭ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଶିରିଡି ସାଇ ବାବାଙ୍କ ପାଖରେ ପ୍ରାର୍ଥନା ତୁମ ଚଲାପଥ ସର୍ବଦା କୁସୁମିତ କରିବା ସହ ତୁମକୁ ଦୀର୍ଘଜୀବୀ କରନ୍ତୁ।
ଶୁଭେଚ୍ଛା ସହ
ବନ୍ଧୁ ଓ ପରିବାରବର୍ଗ।
ଧ-୧୩୬୯୨



# CLASSIFIED DISPLAY

**ନାମଲେଖା ଚାଲୁଅଛି**
**ଗୁରୁକୁଳ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ତାରାପୁର**
କୁଟିଳାଡାଙ୍ଗର, ଭୋଗରାଇ-୭୫୬୦୩୬ (ନନ୍ଦୀକେଶ୍ୱର ଶିବମନ୍ଦିର ପାଖ)
- UKG & LKG (3+)ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି।
- R.T.E. Act ଅନୁଯାୟୀ 25% ମେଧାବୀ ଗରିବ ପିଲାମାନଙ୍କ ପାଇଁ ସିଟ୍ ସଂରକ୍ଷଣ ରହିଅଛି।
- ୨୦୧୯, ଚଳିତ ବର୍ଷ ପ୍ରସ୍ତାବିତ ଷଷ୍ଠଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିବା ପାଇଁ ଖୋଲା ଯାଉଅଛି।

ବି.ଦ୍ର.: Digital Class, Science Lab, Computer Class ଏବଂ Hostelର ସୁବ୍ୟବସ୍ଥା ଅଛି।
Contact: 9178141856, 9078254746

**ଶ୍ରବଣ ସମସ୍ୟା?**
Free Hearing Check-up Camp (Going on at all Audizone Centres)
Exchange Offer | EMI Facility | Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
**Audizone Speech & Hearing Clinic**
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

**LEARN CCTV** ପ୍ରଶିକ୍ଷଣ କେନ୍ଦ୍ର
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
- CCTV, Biometric & EPABX Marketing, Installation & Technical Training.
- Onsite Practice
- Internship
- 100% Job Placement
- Class Detailing
- 100% Practical Training
- Hostel Facility available

ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111

**ADMISSION NOTICE FOR BA.LLB COURSE**
**MAHAMAYA INSTITUTE OF LEGAL SCIENCE, NUAPADA**
Approved by Bar Council of India, New Delhi
Recognised by Dept. Higher Education Govt. of Odisha
Affiliated by Sambalpur University, Jyoti Vihar, Burla
**BUILD YOUR CAREER IN LAW**
Course:- BA.LLB (Semester System)
Duration:- 5 years
Eligibility:- 12th or +2 Arts/ Science/ Commerce or equivalent degree recognized by CHSE, Odisha (40% for SC/ST, 42% for OBC & 45% for General)
Scholarship for ST/SC/ Minority Students.
Hostel facilities for Girls & Boys.
CONTACT- 7077415312

**Life Care Emporium** Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

**MORE SPACE • SAME PRICE**
**CLASSIFIED DISPLAY**
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable



୨୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ବ୍ୟବହାର କରୁଥିବା ଦିଲ୍ଲୀର ଜନସାଧାରଣଙ୍କୁ ଆଉ ବିଲ୍ ପୈଠ କରିବାକୁ ପଡ଼ିବ ନାହିଁ। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଗୁରୁବାର ଏହା ଘୋଷଣା କରିଛନ୍ତି। ଆସନ୍ତା ବର୍ଷ ଆରମ୍ଭରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଥିବାରୁ ଲୋକଙ୍କୁ ଆକୃଷ୍ଟ କରିବା ଲାଗି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏଭଳି ପଦକ୍ଷେପ ନେଇଛନ୍ତି। ୨୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ବ୍ୟବହାର ପାଇଁ ଦିଲ୍ଲୀ ସରକାର ସମ୍ପୂର୍ଣ୍ଣ ସବ୍‌ସିଡି ପ୍ରଦାନ କରିବେ। ଯେଉଁମାନେ ୨୦୧ରୁ ୪୦୦ ୟୁନିଟ ମଧ୍ୟରେ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି ସେମାନଙ୍କୁ ବିଲ୍ ଉପରେ ୫୦ ପ୍ରତିଶତ ସବ୍‌ସିଡି ମିଳିବ।

## ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନ

# ୧୧୭ କୋଟି ଖର୍ଚ୍ଚ ସତ୍ତ୍ୱେ ବଦଳୁନି ରାସ୍ତା ଅବସ୍ଥା

ଯାଜପୁର ଅଫିସ,୧୮

ଯାଜପୁର ଜିଲାର ମୋଟ ୧୭୮୧ରୁ ୧୩୩ଟି ଗ୍ରାମକୁ ଅଦ୍ୟାବଧି ସଡ଼କ ସଂଯୋଗ ହୋଇପାରି ନାହିଁ। ଚଳିତ ବିଧାନସଭାର ତାରକା ଚିହ୍ନିତ ପ୍ରଶ୍ନସଂଖ୍ୟା ୧୯୬ର ଉତ୍ତରରେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀ ଯନ୍ତ୍ରୀ ଏହି ଉତ୍ତର ରଖିଥିଲେ। ଏବେ ପୁଣି ଆଉ ଏକ ଚିତ୍ର ସାମ୍ନାକୁ ଆସିଛି। ଗତ ୨୦୧୩-୧୪ରୁ ଏପର୍ଯ୍ୟନ୍ତ ୬ ବର୍ଷ ମଧ୍ୟରେ ସ୍ୱତନ୍ତ୍ର ଓ ରକ୍ଷଣାବେକ୍ଷଣ ମରାମତି ନାମରେ ୧୧୭୬୧.୯୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ତେବେ ମରାମତି ହୋଇଥିବା ରାସ୍ତାଗୁଡ଼ିକର ଅବସ୍ଥା ଦେଖିଲେ କିଭଳି ଅନୁଦାନ ଅର୍ଥ ବିନିଯୋଗ ହୋଇଛି ତାହା ସହଜେ ଅନୁମେୟ। ଏହି ଅର୍ଥର ସିଂହଭାଗ ବାଟମାରଣା ହୋଇଥିବା ସ୍ପଷ୍ଟ ହେଉଛି। ଜିଲାରୁ ପ୍ରତିନିଧିତ୍ୱ କରୁଥିବା ଲୋକ ପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ହିଁ ଏହାର ମୁଖ୍ୟକାରଣ ବୋଲି କୁହାଯାଉଛି। ରାସ୍ତାଘାଟ ନିର୍ମାଣ ଓ ମରାମତି ପାଇଁ ବର୍ଷକୁ ବର୍ଷ ଏଭଳି କୋଟିକୋଟି ଟଙ୍କା ଆସୁଥିବାବେଳେ ଦୁର୍ବଳ ନେତୃତ୍ୱ ତଥା ଠିକାଦାରୀ ରାଜନୀତି ବିକାଶର ଧାରାକୁ ପଛରେ ପକାଇ ଦେଇଥିବା ଆଲୋଚନା ହେଉଛି।

ଚଳିତ ବିଧାନସଭାରେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉତ୍ଥାପିତ ବିଧାନସଭା ପ୍ରଶ୍ନ ସଂଖ୍ୟା ୧୬୯୯(ତାରକା ବିହୀନ)ର ଉତ୍ତରରେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ପକ୍ଷରୁ ଦର୍ଶାଯାଇଛି ଯେ, ବିଭାଜନ ଅଧୀନରେ ୭୦୨.୩୮ କି.ମି ଆରଡି ଓ ୧୯୩.୯୭୫ କି.ମି. ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରହିଛି। ଏଥିପାଇଁ ୨୦୧୩-୧୪ ବର୍ଷରୁ ସ୍ୱତନ୍ତ୍ର ମରାମତି ବାବଦକୁ ୫୨୮୦.୧୯ ଲକ୍ଷ ଟଙ୍କା ଏବଂ ରକ୍ଷଣାବେକ୍ଷଣ ମରାମତି ବାବଦକୁ ୬୪୮୧.୭୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହି ଖର୍ଚ୍ଚ ପରିମାଣକୁ ଅବଲୋକନ କଲେ ବାର୍ଷିକ ହାରାହାରି ୧୯ କୋଟି ୬୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏହି ଖର୍ଚ୍ଚ ଅନୁପାତକୁ ହିସାବକୁ ନେଲେ ରାସ୍ତା ମରାମତି ନାମରେ ସିଂହଭାଗ ଅର୍ଥ ବାଟମାରଣା ହେଉଥିବା ସନ୍ଦେହ କରାଯାଉଛି। ସୁକିନ୍ଦା ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳର ରାସ୍ତାଘାଟ ସବୁବେଳେ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। କେବଳ ସୁକିନ୍ଦା ନୁହେଁ କୋରେଇ, ଦାନଗଦୀ, ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ଶତାଧିକ କି.ମି. ରାସ୍ତା ଅବସ୍ଥା ଏବେ ବି ଉପଯୁକ୍ତ ଭାବେ ଗମନାଗମନ ଅନୁପଯୋଗୀ ହୋଇରହିଛି। ଅନ୍ୟପକ୍ଷେ ବିଧାନସଭା ପ୍ରଶ୍ନର ଉତ୍ତର ଅନୁଯାୟୀ, କେଉଁ ମାପଦଣ୍ଡ ଆଧାରରେ ଖର୍ଚ୍ଚ ନିର୍ଦ୍ଧାରଣ ହୋଇଛି ତାର ଉତ୍ତର ବିଭାଗ ଦେଇପାରି ନାହିଁ। ଗତ ଜୁଲାଇ ୨ରେ ଧରିତ୍ରୀରେ ଯାଜପୁର ଜିଲାର ୧୩୩ ଗ୍ରାମକୁ ସଡ଼କ ସଂଯୋଗ ହୋଇପାରି ନ ଥିବା ଖବର ପ୍ରକାଶ ପାଇଥିଲା। ଯାହାକି ସାଧାରଣ ଜନତାଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ସରକାରଙ୍କ ଉପରେ ନକରାତ୍ମକ ଭାବନା ସୃଷ୍ଟି କରିଥିଲା। ଏହି ଅସଂଯୋଜିତ ଗ୍ରାମଗୁଡ଼ିକୁ ୨୦୧୯-୨୦ ସୁଦ୍ଧା ସଂଯୋଗୀକରଣ କରାଯିବାର ଯୋଜନା ରହିଛି ଏବଂ ଏଥିପାଇଁ ୪୮୮୨.୭୦ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି ବୋଲି ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣା ତାଙ୍କ ଉତ୍ତରରେ ଉଲ୍ଲେଖ କରିଥିଲେ। ଏବେ ଏ ସଂକ୍ରାନ୍ତରେ ନିର୍ବାହୀ ଯନ୍ତ୍ରୀ ମହାରଣାଙ୍କୁ ପଚାରିବାରୁ, ମରାମତି କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହେଉଛି। ସମସ୍ତ ଗ୍ରାମକୁ ସଡକ ସଂଯୋଗ କରିବାକୁ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। ଚଳିତ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି।

**ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନର ମରାମତି ଖର୍ଚ୍ଚ**

| ଆର୍ଥିକ ବର୍ଷ | ସ୍ୱତନ୍ତ୍ର ମରାମତି | ରକ୍ଷଣାବେକ୍ଷଣ ମରାମତି |
|---|---|---|
| ୨୦୧୩-୧୪ | ୧୦୯୨.୨୫ | ୭୦୫.୨୩ |
| ୨୦୧୪-୧୫ | ୮୩୮.୧୧ | ୧୫୩୮.୦୩ |
| ୨୦୧୫-୧୬ | ୯୫୦.୩୭ | ୧୧୩୯.୬୯ |
| ୨୦୧୬-୧୭ | ୧୦୬୩.୬୩ | ୭୭୮.୦୨ |
| ୨୦୧୭-୧୮ | ୬୧୫.୮୩ | ୬୦୬.୭୦ |
| ୨୦୧୮-୧୯ | ୭୨୦.୦୦ | ୧୭୧୪.୧୦ |
| ମୋଟ | ୫୨୮୦.୧୯ | ୬୪୮୧.୭୭ |

- ମରାମତି ନାମରେ ଅର୍ଥ ହଡ଼ପ ଯୋଜନା
- ବାର୍ଷିକ ହାରାହାରି ଖର୍ଚ୍ଚ ୧୯.୬୦ କୋଟି ଟଙ୍କା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାନ୍ଦରେ କଳଙ୍କ ସୂରୁଜ ଖୁଣଲୋ**
**ଦରିଆ ପାଣିତ ଲୁଣିଆ**
**କିଏ ଅକଳଙ୍କୀ ରହିଛି ଏତେଲୋ**
**ହୋଇକି ଅନ୍ଧାରକଣିଆ ।**

ଚନ୍ଦ୍ର ଶୀତଳତା ପ୍ରଦାନ କରେ, କିନ୍ତୁ ତା' ଦେହରେ ଦାଗ। ସୂର୍ଯ୍ୟ ବିନା ଜୀବଜଗତ ତିଷ୍ଠିବା ଅସମ୍ଭବ। ଏହା ଆଲୋକ ପ୍ରଦାନ କରି ଅନ୍ଧକାରକୁ ଦୂରୀଭୂତ କରିଥାଏ, କିନ୍ତୁ ଏହାର ତେଜ ପ୍ରଖର ଯାହାକି ସହ୍ୟ କରିବା କଷ୍ଟକର। ସେହିପରି ଦରିଆ ବିଶାଳ ଅଥଚ ଏହା ଜଳ ଲବଣାକ୍ତ। ଯେଉଁଠି ଗୁଣ ସେଇଠି ଖୁଣ। ଈଶ୍ୱର କାହାକୁ ସବୁ ଭଲ ଦେଇ ନ ଥାନ୍ତି। ସୁନ୍ଦରପଣରେ କେଉଁଠି ନା କେଉଁଠି ଶୂନ୍ୟସ୍ଥାନ ରହିଥାଏ। ଏପରିସ୍ଥଳେ ମଣିଷ ନିଜକୁ ନିଟୋଳ ପବିତ୍ର ତଥା ସର୍ବଗୁଣ ସମ୍ପନ୍ନ ମନେକରିବା ବୋକାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚେତିଲା ନାରୀ ସୁଖପାଏ**
**ନ ଚେତିଲା ନାରୀ ଘରୁ ଯାଏ ।**

ଯେଉଁ ଗୃହିଣୀ ପାରିବାରିକ ବନ୍ଧନୀ ମଧ୍ୟରେ ବାନ୍ଧିହୋଇ ରହିଥାଏ, ସେ ପରିବାରର ଅଭାବ ଅସୁବିଧା ସହିତ ଜଡ଼ିତ ହୋଇ ତାହାର ସମାଧାନ ବା ସୁଧାର ଆଣିବାରେ ଅଭିଜ୍ଞତା ଅର୍ଜନ କରିଥାଏ। ସ୍ୱାମୀ, ସନ୍ତାନ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ମନ ଜାଣି ସେମାନଙ୍କୁ ମନ ମୁତାବକ ସନ୍ତୁଷ୍ଟ କରି ନିଜ ହାତମୁଠାରେ ରଖି ଘର ଚଳାଇଥାଏ। ଯିଏ ନିଜ ଭୁଲ୍‌ରୁ ଶିକ୍ଷା ଲାଭ କରେ ବା ନିଜ ଭୁଲ୍‌କୁ ସଂଶୋଧନ କରି ନିଜକୁ ସଜାଡ଼ିନିଏ ସିଏ ହିଁ ସବୁଥିରେ ସଫଳ ହୋଇଥାଏ। ବାସ୍ତବପକ୍ଷେ ଏପରି ନାରୀ ହିଁ ଘର ପରିବାର ଚଳାଇବାକୁ ସମର୍ଥ ହୋଇପାରିଥାନ୍ତି। କିନ୍ତୁ ଯିଏ ଏସବୁଠୁ ଦୂରେଇ ରହିଥାଏ ସିଏ ଅଯୋଗ୍ୟ ବୋଲି ବିବେଚିତ ହେଉଥିବା ଅର୍ଥରେ ଏଭଳି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଲୁଣାନଦୀରୁ ୧୪ ମାସର ଝିଅ ସହ ମା'ର ମୃତଦେହ ଉଦ୍ଧାର

ମାର୍ଶାଘାଇ ,୧୮(ଡି.ଏନ୍.ଏ.)

**ଯୌତୁକ ପାଇଁ ହତ୍ୟା ଅଭିଯୋଗ ଆଣିଲେ ଦାଦା**

ମାର୍ଶାଘାଇ ଥାନା ଅଧୀନ କରଞ୍ଜ ଗ୍ରାମ ନିକଟ ଦେଇ ପ୍ରବାହିତ ଲୁଣା ନଦୀରୁ ଗୋଟିଏ ଦିନରେ ମା' ଝିଅଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଆଲୋଡନ ସୃଷ୍ଟି କରିଛି। ମୃତା ମହିଳା ହେଲେ ସସ୍ମିତା ସେଠୀ ଓ ତାଙ୍କ ୧୪ ମାସର ଝିଅ ସୁନି। ଯୌତୁକ ପାଇଁ ଶାଶୁଘର ଲୋକେ ମା' ଝିଅଙ୍କୁ ମାରି ନଦୀକୁ ଫିଙ୍ଗି ଦେଇଥିବା ସଂପୃକ୍ତ ମହିଳାଙ୍କ ଦାଦା ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଗତ ୩ ବର୍ଷ ତଳେ କରଞ୍ଜ ଗ୍ରାମର ଅବନ୍ତୀ ସେଠୀଙ୍କ ସାନ ପୁଅକୁ କେନ୍ଦ୍ରାପଡା ଅଯୋଧ୍ୟାନଗର ଗ୍ରାମର ରମେଶ ସେଠୀଙ୍କ ଝିଆରୀ ସସ୍ମିତା ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ଶାଶୁଘର ଲୋକେ ଯୌତୁକ ପାଇଁ ତାଙ୍କୁ ବାରମ୍ବାର ନିର୍ଯାତନା ଦେଇ ଆସୁଥିଲେ। ବୁଧବାର ରାତିରୁ ସସ୍ମିତା (୨୫) ଓ ତାଙ୍କ କୁନି ଝିଅ ସୁନି ନିଖୋଜ ଥିଲେ। ଗୁରୁବାର ସକାଳେ ଲୁଣା ନଦୀରେ ଏକ ଛୋଟ ଝିଅର ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଝିଅର ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପରେ ମାର୍ଶାଘାଇ ଓ ମହାକାଳପଡା ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ପହଞ୍ଚି ବୋଟ୍ ସାହାଯ୍ୟରେ ଖୋଜାଖୋଜି କରିବା ପରେ ଅପରାହ୍ନରେ ମା' ସସ୍ମିତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଖବରପାଇ ମହାକାଳପଡା ଅତିରିକ୍ତ ତହସିଲଦାର ଅଜିତ ପ୍ରସାଦ ସାହୁ ଏବଂ କେନ୍ଦ୍ରାପଡା ସାଇଣ୍ଟିଫିକ ଟିମ୍‌ର ସଦସ୍ୟ ଘଟଣାସ୍ଥଳକୁ ଯାଇଥିଲେ। ସସ୍ମିତାଙ୍କ ଦାଦା ରମେଶଙ୍କ ଅଭିଯୋଗ ଭିତ୍ତିରେ ପୋଲିସ ୧୮୪/୧୯ ନଂରେ ମାମଲା ରୁଜୁ କରି ଶ୍ୱଶୁର ଅବନ୍ତୀଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ମାର୍ଶାଘାଇ ଥାନାଧିକାରୀ କାଳନ୍ଦି ବେହେରା ସୂଚନା ଦେଇଛନ୍ତି।

# ୨୮ ମାସରେ ୭୨୮ ଶିଶୁ ଅପପୁଷ୍ଟିର ଶିକାର

ରଞ୍ଜନ କୁମାର ପ୍ରଧାନ
ନୟାଗଡ଼ ଅଫିସ,୧୮

**ନୟାଗଡ଼ ଜିଲା**

ଯାଜପୁର ଜିଲା ନଗଡ଼ାକୁ କେହି ଭୁଲି ପାରିନାହାନ୍ତି। ୨୦୧୬ରେ ନଗଡ଼ାର ଶିଶୁମାନେ ଅପପୁଷ୍ଟିର ଶିକାର ହେବା ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏବେ ନୟାଗଡ଼ ଜିଲାରେ ଏଭଳି ଚିତ୍ର ସାମ୍ନାକୁ ଆସିଛି। ୨୮ ମାସ ମଧ୍ୟରେ ଜିଲାର ୭୨୮ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି। ଅପପୁଷ୍ଟିର ଆକ୍ରାନ୍ତ ଶିଶୁଙ୍କ ଚିକିତ୍ସା ଲାଗି ଜିଲାରେ ଦୁଇଟି ପୁଷ୍ଟି ପୁନର୍ବାସ କେନ୍ଦ୍ର (ଏନ୍‌ଆର୍‌ସି) ରହିଛି। ଗୋଟିଏ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ଓ ଅନ୍ୟଟି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ। ନୟାଗଡ଼ ପୁଷ୍ଟି ପୁନର୍ବାସ କେନ୍ଦ୍ରରେ ନୟାଗଡ଼, ଓଡ଼ଗାଁ, ନୂଆଗାଁ, ରଣପୁର ଓ ଦଶପଲ୍ଲା ବ୍ଲକର ଶିଶୁମାନେ ଚିକିତ୍ସିତ ହେଉଥିବା ବେଳେ ଖଣ୍ଡପଡ଼ା କେନ୍ଦ୍ରରେ ଖଣ୍ଡପଡ଼ା, ଭାପୁର ଓ ଗଣିଆ ବ୍ଲକର ଶିଶୁମାନେ ଚିକିତ୍ସିତ ହୁଅନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ୧୯୧, ୨୦୧୮-୧୯ରେ ୧୯୬, ୨୦୧୯ରୁ ବର୍ତ୍ତମାନ ସୁଦ୍ଧା ୨୯ ଏହିଭଳି ୪୧୬ ଜଣ ଶିଶୁ ନୟାଗଡ଼ କେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ସେହିଭଳି ଖଣ୍ଡପଡ଼ା କେନ୍ଦ୍ରରେ ୨୦୧୭-୧୮ରେ ୧୦୨, ୨୦୧୮-୧୯ରେ ୧୪୩, ୨୦୧୯ରୁ ବର୍ତ୍ତମାନ ସୁଦ୍ଧା ୬୭ ଏହିଭଳି ମୋଟ ୩୧୨ ଜଣ ଶିଶୁ ଚିକିତ୍ସିତ ହୋଇଛନ୍ତି। ୨ଟି କେନ୍ଦ୍ରରେ ୨୮ ମାସରେ ୭୨୮ ଜଣ ଶିଶୁ ଅପପୁଷ୍ଟିର ଶିକାର ହୋଇ ଚିକିତ୍ସିତ ହୋଇଥିବା ସୂଚନା ମିଳିଛି।

୬ ମାସରୁ ୫ବର୍ଷ ମଧ୍ୟରେ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ଚିହ୍ନଟ ହେଲେ ସେମାନଙ୍କୁ ସ୍ଥାନୀୟ ଏନ୍‌ଆର୍‌ସିରେ ଭର୍ତ୍ତି କରାଯାଇ ଚିକିତ୍ସିତ କରାଯାଇଥାଏ। ସରକାରଙ୍କ ତରଫରୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ଟିମ୍‌ର ସଦସ୍ୟମାନେ ବିଭିନ୍ନ ଗ୍ରାମ ଓ ସ୍କୁଲକୁ ଯାଇ ଅପପୁଷ୍ଟିର ଆକ୍ରାନ୍ତ ହୋଇଥିବା ଶିଶୁଙ୍କୁ ଚିହ୍ନଟ କରନ୍ତି। ଏହା ପରେ ସେମାନଙ୍କୁ ପୁଷ୍ଟି ପୁନର୍ବାସ କେନ୍ଦ୍ରରେ ଭର୍ତ୍ତି କରାଯାଇଥାଏ। ୩ଟି ଲକ୍ଷଣ ଦେଖାଦେଲେ ସମ୍ପୃକ୍ତ ଶିଶୁ ଅପପୁଷ୍ଟିର ଶିକାର ହୋଇଛି ବୋଲି ଜଣାପଡେ। ଉଚ୍ଚତା ଅନୁସାରେ ଓଜନ -୩ ଏସ୍‌ଡ଼ିରୁ କମ୍ ରହିବା, ବାହୁର ଆକାର ୧୧.୫ ସେଣ୍ଟିମିଟରରୁ କମ୍ ରହିବା, ଦୁଇପାଦ, ହାତ କିମ୍ବା ଶରୀର ଫୁଲିଲେ ଜଣେ ଶିଶୁ ଅପପୁଷ୍ଟିର ଶିକାର ହୋଇଛି ବୋଲି ଧରାଯିବ। ଯେଉଁ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ଜଣାପଡେ ସେମାନଙ୍କୁ ପୁଷ୍ଟି ପୁନର୍ବାସ କେନ୍ଦ୍ରରେ ଭର୍ତ୍ତି କରାଯାଇଥାଏ। ସେଠାରେ ନ୍ୟୁଟ୍ରିସନ କାଉନସିଲର ରହି ଶିଶୁମାନଙ୍କର ତଦାରଖ କରିଥାନ୍ତି। ଶିଶୁଟିଏ ଭର୍ତ୍ତି ହେବା ପରେ ତା'ର ଓଜନ ବୃଦ୍ଧି ପାଇଁ ଖାଦ୍ୟ ଦିଆଯିବା ସହ ଚିକିତ୍ସା କରାଯାଇଥାଏ। ୧୦ରୁ ୨୦ଦିନ ଉକ୍ତ କେନ୍ଦ୍ରରେ ଶିଶୁ ରହିବା ପରେ ଓଜନ ବୃଦ୍ଧି କରାଯାଇ ଘରକୁ ପଠାଇ ଦିଆଯାଏ। ଏହା ପରେ ସେମାନଙ୍କୁ ୧୫-୧୫-୩୦ ଦିନରେ ୩ଥର କେନ୍ଦ୍ରକୁ ଚେକ୍‌ଅପ୍ କରିବା ପାଇଁ ଆସିବାକୁ କୁହାଯାଇଥାଏ। ଏ ନେଇ ନୟାଗଡ଼ ପୁଷ୍ଟି ପୁନର୍ବାସ କେନ୍ଦ୍ରର ନ୍ୟୁଟ୍ରିସନ୍ କାଉନସିଲର ଗାୟତ୍ରୀ ପଣ୍ଡା କହନ୍ତି, ଦଶପଲ୍ଲା ଓ ଗଣିଆ ଅଞ୍ଚଳର ଅଧିକାଂଶ ଶିଶୁ ଅପପୁଷ୍ଟିର ଶିକାର ହେଉଥିବା ବେଳେ ସେଠାକାର ମା'ମାନେ ଏ ଦିଗରେ ସଚେତନ ନୁହନ୍ତି। ଅନ୍ୟ ବ୍ଲକର ମା'ମାନେ ସଚେତନ ଥିଲେ ମଧ୍ୟ ଛୁଆମାନଙ୍କ ପ୍ରତି ଅବହେଳା ଓ ଠିକ୍ ସମୟରେ ଖାଦ୍ୟ ଖୁଆଉ ନ ଥିବାରୁ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଥିବା ସେ ପ୍ରକାଶ କରିଥିଲେ।

# ଖୋଲିଲା ଭିତରକନିକା




ରାଜନଗର,୧୮(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟଉଦ୍ୟାନ ଗୁରୁବାର ଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ପ୍ରଥମ ଦିନରେ ୭୧ ପର୍ଯ୍ୟଟକ ଏଠାକୁ ବୁଲି ଆସିଛନ୍ତି। କୁମ୍ଭୀର ପ୍ରଜନନ ଋତୁ ପାଇଁ ମେ ୧ ତାରିଖ ଠାରୁ ଜୁଲାଇ ୩୧ ତାରିଖ ଯାଏଁ ଦୀର୍ଘ ୩ ମାସ ଧରି ଭିତରକନିକା ବନ୍ଦ ରହିଥିଲା। ଏହି ସମୟରେ କୁମ୍ଭୀର ଅଧିକ ହିଂସ୍ର ହୋଇ ପର୍ଯ୍ୟଟକଙ୍କୁ ଆକ୍ରମଣ କରିବାର ଆଶଙ୍କା ଥିବାରୁ ଏହା ବନ୍ଦ ରଖାଯାଇଥାଏ। ଆଜି ଖୋଲିବାର ପ୍ରଥମ ଦିନରେ ଜଳପଥରେ ୩୫ ଜଣ ପର୍ଯ୍ୟଟକ ଆସିଥିବା ବେଳେ ସ୍ଥଳପଥରେ ୩୬ ଜଣ ଆସିଛନ୍ତି। ଗୁପ୍ତି ଘାଟ ଦେଇ ୨ଟି ବୋଟରେ ୧୯ ଜଣ, ଚାନ୍ଦବାଲି ବାଟ ଦେଇ ଗୋଟିଏ ବୋଟରେ ୧୦ଜଣ ଓ ଖୋଲା ବାଟ ଦେଇ ଗୋଟିଏ ବୋଟରେ ୬ଜଣ ଭିତରକନିକାକୁ ଆସିଛନ୍ତି। ସବୁ ଘାଟରେ ପର୍ଯ୍ୟଟକମାନଙ୍କୁ ବନବିଭାଗର ଅଧିକାରୀମାନେ ଫୁଲତୋଡା ଦେଇ ସ୍ୱାଗତ କରିଛନ୍ତି। ଗୁପ୍ତି ଘାଟ ନିକଟରେ ଏସିଏଫ ଅମରେଶ ନାଥ ପ୍ରଧାନ, ଫରେଷ୍ଟର ପ୍ରଦୀପ କୁମାର ସ୍ୱାଇଁ, ମହନ୍ତ କୁମାର ମଲ୍ଲିକ ପର୍ଯ୍ୟଟକମାନଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ମହାନଦୀ, ବ୍ରାହ୍ମଣୀ, ବୈତରଣୀ ନଦୀର ତ୍ରିକୋଣଭୂମିରେ ଗଢି ଉଠିଥିବା ଭିତରକନିକା ପ୍ରକୃତିର ଗନ୍ତାଘର। ଏହାର ଅପରୂପ ସୌନ୍ଦର୍ଯ୍ୟ ସବୁବେଳେ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରି ଆସିଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 20,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
8877423997

FINANCE

ପ୍ରାଇଭେଟ୍ କମ୍ପାନୀ ପ୍ରତି ସାବଧାନ
GRAMIN FINANCE
ଦ୍ୱାରା ସବୁ ପ୍ରକାର ଋଣ ନିଅନ୍ତୁ କମ୍ ସୁଧ + Subsidy, No File Charge, No Guarantor, Only Bank fees -
ଏ ସବୁକିଛି ଋଣ ମଞ୍ଜୁର ହେବା ପରେ
Miss Call Alert:
09610759333
S/O Durvijay Singh, 549/328, Shanti Nagar, Vakola, Santacruz, Mumbai- 400055

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
ଯୋଗାଯୋଗ ସଂ.
7491845997
7079574972
toofanfinance.in
New Ashok Nagar, East Delhi

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

See Color Display Classified on every Tuesday & Friday

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨ ଅଗଷ୍ଟ, ୨୦୧୯

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ଜଣେ ଦୃଢ଼ ସମର୍ଥକ ତଥା ବିଶିଷ୍ଟ ଭାରତୀୟ-ଆମେରିକୀୟ ଆଇନଜୀବୀ କାଶ୍ୟପ ପ୍ରମୋଦ ପଟେଲଙ୍କୁ ହ୍ୱାଇଟ୍ ହାଉସ୍‌ର ଆତଙ୍କବାଦ ନିରୋଧ ମୁଖ୍ୟ ପଦବୀରେ ଅବସ୍ଥାପିତ କରାଯାଇଛି। ପଟେଲ(୩୮) ପୂର୍ବରୁ ଗୋଇନ୍ଦା ସଂକ୍ରାନ୍ତୀୟ ହାଉସ୍ ପର୍ମାନେଣ୍ଟ ସିଲେକ୍ଟ କମିଟିର ଆତଙ୍କବାଦ ନିରୋଧ ପାଇଁ ଜଣେ ବରିଷ୍ଠ ଓକିଲ ଭାବେ କାର୍ଯ୍ୟ କରୁଥିଲେ।



■ ମହଙ୍ଗା ପଡ଼ିଲା ଗଣ୍ଡଗୋଳ

## କବିସୂର୍ଯ୍ୟନଗର ବ୍ଲକ ପିଇଓ ନିଲମ୍ବିତ

ଛତ୍ରପୁର,୧୮(ଡି.ଏନ୍.ଏ.): ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ପିଇଓ (ପଞ୍ଚାୟତ ନିର୍ବାହୀ ଅଧିକାରୀ) ଡି. ସନ୍ତୋଷ ପ୍ରଧାନଙ୍କୁ ଗଞ୍ଜାମ ଜିଲାପାଳ ବୁଧବାର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ନିଶାସକ୍ତ ଅବସ୍ଥାରେ କବିସୂର୍ଯ୍ୟନଗର ବ୍ଲକ ପରିସରରେ ଗଣ୍ଡଗୋଳ କରିବା ଓ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଛି। ସେ ସଦରମହକୁମା ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରତିଦିନ ରିପୋର୍ଟ କରି କାର୍ଯ୍ୟଦିବସରେ ସେଠାରେ ଉପସ୍ଥାନ ଦର୍ଶାଇବେ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କୁ ଚାକିରୀ ସର୍ତ୍ତାବଳୀ ଓଡିଶା ସର୍ଭିସ କୋଡ ୧୯୬୨ ରୁଲ୍ ୯୦ ଅନୁଯାୟୀ ତାଙ୍କର ମାସିକ ଦେୟ ନିର୍ଦ୍ଧାରଣ ପୂର୍ବକ ପ୍ରଦାନ କରାଯିବ ବୋଲି ଜଣାପଡିଛି।

# '୨୦୧୭ରୁ ବନ୍ଦ ହୋଇଯାଇଛି କେବିକେ ଯୋଜନା'

■ରାଜ୍ୟ ପାଇଛି ୩୩୪୩.୯୫ କୋଟି

■କେବିକେ ଜିଲା ପାଇଁ କାର୍ଯ୍ୟକାରୀ ହେଉଛି ବିଜୁ କେବିକେ ଯୋଜନା: ମନ୍ତ୍ରୀ

ଭୁବନେଶ୍ୱର,୧୮(ବ୍ୟୁରୋ)

ଅବିଭକ୍ତ କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର ଜିଲା ପାଇଁ କେନ୍ଦ୍ର ସରକାର ୧୯୯୮ରେ କେବିକେ ଯୋଜନା ଆରମ୍ଭ କରିଥିଲେ। ତେବେ ୨୦୧୭ରୁ ଏହି ଯୋଜନା ବନ୍ଦ ହୋଇଯାଇଛି। ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ କେବିକେର ୮ଟି ଜିଲାରେ ବିଜୁ କେବିକେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ୧୯୯୮ରୁ ୨୦୧୭ ପର୍ଯ୍ୟନ୍ତ ରାଜ୍ୟ ସରକାର କେବିକେ ଯୋଜନାରେ କେନ୍ଦ୍ର ସରକାରଙ୍କଠାରୁ ୩୩୪୩.୯୫ କୋଟି ଟଙ୍କା ଅନୁଦାନ ପାଇଥିଲେ। ସେଥିରୁ ୩୨୮୯.୮୮ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ଅର୍ଥରେ ଉକ୍ତ ଅଞ୍ଚଳକୁ ବିଦ୍ୟୁତ୍ ଶକ୍ତି ବାବଦରେ ୬୦ କୋଟି, ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ ବାବଦରେ ୨୫୫ କୋଟି, ଜଳ ସମ୍ପଦ ପାଇଁ ୧୦୫ କୋଟି ଓ ଅନ୍ୟାନ୍ୟ କ୍ଷେତ୍ର ଲାଗି ଟଙ୍କା ଦିଆଯାଇଛି। ଗୁରୁବାର ପ୍ରଶ୍ନୋତ୍ତର ବେଳେ ଯୋଜନା ଏବଂ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ଏହି ସୂଚନା ଦେଇଛନ୍ତି।

ବିଜେଡି ସଭ୍ୟ ମୌଷଧୀ ବାଗ୍ ମୂଳପ୍ରଶ୍ନରେ ପଚାରିଥିଲେ ଯେ, ଗତ ୫ ବର୍ଷରେ କେନ୍ଦ୍ର ସରକାର କେବିକେ ଯୋଜନା ପାଇଁ ପଞ୍ଚାୟତିରାଜ ବିଭାଗକୁ ଦାବି ତୁଳନାରେ କେତେ ଅନୁଦାନ ଦେଇଛନ୍ତି। ମନ୍ତ୍ରୀ କହିଥିଲେ, ୨୦୧୪-୧୫ରୁ ୨୦୧୬-୧୭ ମଧ୍ୟରେ କେବିକେ ଜିଲା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଯୋଜନାରେ ୭୫୦ କୋଟି ଟଙ୍କା ଅନୁଦାନ ପାଇବାକୁ ବାକି ରହିଛି। ୨୦୧୭-୧୮ରୁ କେନ୍ଦ୍ର ସରକାର ଏହି ଯୋଜନାକୁ ବନ୍ଦ କରିଦେଇଛନ୍ତି। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଅତିରିକ୍ତ ପ୍ରଶ୍ନରେ କହିଥିଲେ ଯେ, ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ କେବିକେ ଯୋଜନା ଆରମ୍ଭ କରିଥିଲେ। ଏଥିପାଇଁ କେନ୍ଦ୍ର ସରକାର ୯୦% ଓ ରାଜ୍ୟ ସରକାର ୧୦% ଖର୍ଚ୍ଚ ବହନ କରୁଥିଲେ। କେଉଁ ଉଦ୍ଦେଶ୍ୟରେ ଏହାକୁ ବନ୍ଦ କରାଗଲା। ରାଜ୍ୟ ସରକାର ଭାଜପା ପରିଚାଳିତ ଏନ୍‌ଡିଏ ସରକାରଙ୍କୁ ତିନ ତଲାକ୍‌ଠାରୁ ଆରମ୍ଭକରି ବିଭିନ୍ନ କ୍ଷେତ୍ରରେ ସହଯୋଗ କରୁଛନ୍ତି। ଏପରିକି ତାଙ୍କୁ ରାଜ୍ୟ ସଭା ସଦସ୍ୟ ଉପହାର ଦେଇଛନ୍ତି। କେବିକେ ଅଞ୍ଚଳର ୮୦ ବ୍ଲକ୍‌ରେ ବିକାଶ କେମିତି ହେବ ସେ ନେଇ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରନ୍ତୁ ବୋଲି କହିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କେବିକେ ଯୋଜନା ବାବଦରେ ରାଜ୍ୟ ସରକାର କେନ୍ଦ୍ରଠାରୁ କେତେ ଟଙ୍କା ପାଇଛନ୍ତି ଓ କେଉଁ କେଉଁ ବାବଦରେ ଏହି ଅର୍ଥ ଖର୍ଚ୍ଚ କରାଯାଇଛି ବୋଲି ପଚାରିଥିଲେ । କଂଗ୍ରେସ ସଭ୍ୟ ନରସିଂହ ମିଶ୍ର ଅତିରିକ୍ତ ପ୍ରଶ୍ନରେ କହିଥିଲେ ଯେ, ଅବିଭକ୍ତ କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର ଜିଲା ସମଗ୍ର ଦେଶରେ ପଛୁଆ। ବର୍ତ୍ତମାନର କେନ୍ଦ୍ର ସରକାର ବୃହତ୍ ଜଳସେଚନ, ସ୍କୁଲ, କଲେଜ, କୋଠା ଆଦି ତିଆରି କରିଛନ୍ତି କି? କେବିକେ ଯୋଜନା ପାଇଁ ଓଡ଼ିଶା ସରକାର ଯେଉଁ ଅର୍ଥ ଦେଉଛନ୍ତି ତାହା ରାଜନୈତିକ କର୍ମୀଙ୍କୁ ନ ଦେଇ ଟେଣ୍ଡର ଜରିଆରେ ଖର୍ଚ୍ଚ କରାଯାଉ ବୋଲି ସେ କହିଥିଲେ।

ମନ୍ତ୍ରୀ କହିଥିଲେ ଯେ, କେବିକେ ଜିଲାରେ ଶିକ୍ଷା, ଜଳସେଚନ ଓ ପିଇବା ପାଣି ପାଇଁ ବିଜୁ କେବିକେ ଯୋଜନାରେ ବ୍ୟୟବରାଦ ହେଉଛି। ଏହି ଜିଲାଗୁଡ଼ିକ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ସମସ୍ତ ପ୍ରକଳ୍ପ ୨ ଲକ୍ଷ ଟଙ୍କାରୁ କମ୍ ହେବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

## ବିରୋଧୀ ଦଳ ନେତା, ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ

ଭୁବନେଶ୍ୱର,୧୮(ବ୍ୟୁରୋ)

ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକଙ୍କ ବିରୋଧରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛନ୍ତି। ଗୁରୁବାର ଶୂନ୍ୟକାଳରେ ନରସିଂହ କହିଥିଲେ ଯେ, ବୁଧବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ, କେନ୍ଦ୍ର ସରକାର ରାଜ୍ୟକୁ କିରୋସିନ କୋଟା ହ୍ରାସ କରି ଚାଲିଛନ୍ତି। ପୂର୍ବରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ କାର୍ଡ ପିଛା ୨.୫ ଲିଟର କିରୋସିନ ମିଳୁଥିବାବେଳେ ଅଗଷ୍ଟରୁ ୨ଲିଟର ମିଳିବ। ତେବେ ଏହାକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଗୃହ ବାହାରେ ଖଣ୍ଡନ କରିଥିଲେ। ସେ କହିଥିଲେ ଯେ, ମନ୍ତ୍ରୀ ଓ ଶାସକ ଦଳର ବିଧାୟକମାନେ କିରୋସିନ କଳାବଜାରରେ ସମ୍ପୃକ୍ତ ଅଛନ୍ତି। କେନ୍ଦ୍ର ସରକାର କିରୋସିନ କୋଟା ହ୍ରାସ କରିନାହାନ୍ତି। ଉଭୟ ଯୋଗାଣ ମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା ଗୃହକୁ ବିଭ୍ରାନ୍ତ କରିଛନ୍ତି। ଉଭୟଙ୍କ ବିରୋଧରେ ଦିଆଯାଇଥିବା ସ୍ୱାଧିକାର ଭଙ୍ଗ ନୋଟିସକୁ ସ୍ୱାଧିକାର ଭଙ୍ଗ କମିଟିକୁ ପଠାଯାଉ ବୋଲି ନରସିଂହ କହିଥିଲେ। ବିରୋଧୀ ଦଳ ନେତା ଏହା ଉପରେ ସଫେଇ ଦେଇ କହିଥିଲେ ଯେ, ଯେଉଁମାନେ ଜିଲା ମୁଖ୍ୟାଳୟରେ ଅଛନ୍ତି, ଭୁବନେଶ୍ୱର, କଟକ ଭଳି ସହରରେ ରହୁଛନ୍ତି ସେମାନଙ୍କୁ ୪ଲିଟର କିରୋସିନ ଦିଆଯାଉଛି। ମାତ୍ର ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ କିରୋସିନ ପହଞ୍ଚି ପାରୁନାହିଁ। ସେହି କିରୋସିନ କୁଆଡ଼େ ଯାଉଛି, ବିଭାଗରେ ବ୍ୟାପକ ଦୁର୍ନୀତି ହେଉଛି। କୌଣସି ମନ୍ତ୍ରୀ କିମ୍ବା ବିଧାୟକ କଳାବଜାର କରୁଥିବା କଥା କହିନାହିଁ ବୋଲି ପ୍ରଦୀପ୍ତ କହିଥିଲେ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏହା ଉପରେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

# ଜିଲା ଯୋଜନା କମିଟି ଗଠନ ଖୁବ୍‌ଶୀଘ୍ର

ଭୁବନେଶ୍ୱର,୧୮(ବ୍ୟୁରୋ)

ଖୁବ୍‌ଶୀଘ୍ର ଜିଲା ଯୋଜନା କମିଟି ଗଠନ ହେବ। ନିର୍ବାଚନ ଥିବାରୁ ଏହା ବିଳମ୍ବ ହୋଇଥିଲା। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କମିଟିରେ ମନ୍ତ୍ରୀ ଓ ବିଧାୟକମାନେ ସଦସ୍ୟ ରହିବେ। ଗୁରୁବାର ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ଏହି ସୂଚନା ଦେଇଛନ୍ତି। ବିଜେଡି ସଭ୍ୟ ଭୂପିନ୍ଦର ସିଂ ମୂଳପ୍ରଶ୍ନରେ କହିଥିଲେ ଯେ, ଜିଲାଗୁଡ଼ିକର ଯୋଜନା କେଉଁ ସଂସ୍ଥା ଦ୍ୱାରା କରାଯାଉଛି। ଅନୁନ୍ନତ ଜିଲାରେ ଏହାର କି ସୁଫଳ ମିଳିଛି। ଏହାକୁ ତଦାରଖ କରିବା ପାଇଁ ବ୍ୟବସ୍ଥା କରିବେ କି? ମନ୍ତ୍ରୀ କହିଥିଲେ, ଜିଲାଗୁଡ଼ିକର ବାର୍ଷିକ ଚିଠା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ। ଜିଲା ଯୋଜନା କମିଟି ଦ୍ୱାରା ସେଗୁଡ଼ିକୁ ଅନୁମୋଦନ କରାଯାଇଥାଏ। ଜିଲାସ୍ତରୀୟ ଯୋଜନାଗୁଡିକ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟକାରୀ ଓ ତଦାରଖ କରାଯାଉଛି। ବିଜେଡି ସଭ୍ୟ ପ୍ରଦୀପ ମହାରଥୀ, ଅମର ଶତପଥୀ, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ଭାଜପା ସଭ୍ୟ ଭାସ୍କର ମଢ଼େଇ ଅତିରିକ୍ତ ପ୍ରଶ୍ନରେ ରାଜ୍ୟରେ ଯୋଜନା ବୋର୍ଡ କେତେଥର ବସିଛି। ଯୋଜନା ବୋର୍ଡର ସମୀକ୍ଷା ବୈଠକରେ ନିଆଯାଉଥିବା ନିଷ୍ପତ୍ତି କେତେଥର କାର୍ଯ୍ୟକାରୀ ହୋଇଛି, ଜିଲା ଯୋଜନା ବୋର୍ଡ ଭାଙ୍ଗିଯାଇଛି, ଏହାର ପୁନର୍ଗଠନ କରିବେ କି? ଏଥିସହିତ ଏମ୍ଏଲ୍ଏ ଲ୍ୟାଡ୍ ୫ କୋଟି ଏବଂ ସ୍ପେଶାଲ ପ୍ରୋବ୍ଲେମ୍ ଫଣ୍ଡ ୨ କୋଟିକୁ ବୃଦ୍ଧି କରିବେ କି ବୋଲି ପଚାରିଥିଲେ। ବ୍ଲକ ସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ୫ 'ଟି'କୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା ହେଲାଣି କି? ଉଠା ଜଳସେଚନ ଓ ବଡ଼ ବଡ଼ ପ୍ରକଳ୍ପ କରି ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇଦେବା, ରାଜ୍ୟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କାର୍ଯ୍ୟକ୍ରମ କରିବା ଆଦି ପ୍ରସ୍ତାବ ଦେଇଥିଲେ ।

ମନ୍ତ୍ରୀ କହିଥିଲେ, ନିର୍ବାଚନ ସରିଛି। ଜିଲା ଯୋଜନା କମିଟି ଗଠନ ହେବ। ଏମ୍ଏଲ୍ଏ ଲ୍ୟାଡ୍ ବୃଦ୍ଧି ପାଇଁ ପରବର୍ତ୍ତୀ ସମୟରେ ପଦକ୍ଷେପ ନିଆଯିବ। ୫ 'ଟି' ଯୋଜନା ଓ ସଂଯୋଜନା ବିଭାଗରେ ଯାଉନାହିଁ, ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ସଚିବ ନିଯୁକ୍ତି ଦେଇଛନ୍ତି ବୋଲି ମନ୍ତ୍ରୀ କହିଥିଲେ।

## କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ପ୍ରତିମୂର୍ତ୍ତି ଉପହାର

ଭୁବନେଶ୍ୱର, ୧୮(ବ୍ୟୁରୋ)

ପ୍ରତିଷ୍ଠିତ ଓଡ଼ିଆ କଳାକାର ତଥା ରାଜ୍ୟ ସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଗୁରୁବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ମା ଲକ୍ଷ୍ମୀଙ୍କ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ଓଡ଼ିଶାର ଅନ୍ୟ ଏମ୍‌ପିମାନେ ଏହି ମୂର୍ତ୍ତି ପ୍ରଦାନ ସମୟରେ ଉପସ୍ଥିତ ରହିଥିଲେ। ଏନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅତ୍ୟନ୍ତ ଖୁସିବ୍ୟକ୍ତ କରିବା ସହ ଟୁଇଟ୍ କରି ଦର୍ଶାଇଛନ୍ତି।



## ବେଜବରୁଆ ସାଧନାଗୃହ ପୁନରୁଦ୍ଧାର ପାଇଁ ପ୍ରୟାସ

# ୫୦ ଲକ୍ଷ ଟଙ୍କା ଦେବ ଆସାମ

ଭୁବନେଶ୍ୱର,୧୮(ବ୍ୟୁରୋ)

ପ୍ରସିଦ୍ଧ ଅହମିୟା ସାହିତ୍ୟିକ ଲକ୍ଷ୍ମୀନାଥ ବେଜବରୁଆଙ୍କ ସମ୍ବଲପୁରସ୍ଥିତ ବାସଗୃହ ଓ ସାଧନାଗୃହର ପୁନରୁଦ୍ଧାର ପାଇଁ ସହାୟତାର ହାତ ବଢ଼ାଇଛନ୍ତି ଆସାମ ସରକାର। ସମ୍ବଲପୁରଠାରେ ଥିବା ବେଜବରୁଆଙ୍କ ସାଧନାଗୃହ ପୁନରୁଦ୍ଧାର ପାଇଁ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ୍ ପ୍ରଥମ କିସ୍ତିରେ ତାଙ୍କ ପକ୍ଷରୁ ୫୦ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି। ଆସାମରେ କାର୍ଯ୍ୟରତ ବେଜବରୁଆ ସ୍ମୃତି କମିଟିର ୩ଜଣ ସଦସ୍ୟ ଗୁରୁବାର ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ତାଙ୍କ ବିଧାନସଭା କକ୍ଷରେ ଭେଟି ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

ପ୍ରସିଦ୍ଧ ଅହମିୟା ସାହିତ୍ୟିକ ତଥା ଆସାମ ଜାତୀୟ ସଙ୍ଗୀତର ରଚୟିତା ସ୍ୱର୍ଗତ ଲକ୍ଷ୍ମୀନାଥ ବେଜବରୁଆ ଆସାମରେ ଜନ୍ମ ହୋଇଥିଲେ ମଧ୍ୟ ତାଙ୍କ କର୍ମଭୂମି ଥିଲା ସମ୍ବଲପୁର। ପ୍ରାକ୍ ସ୍ୱାଧୀନତା କାଳରେ ସମ୍ବଲପୁରରେ ପ୍ରାୟ ୨୦ବର୍ଷ ରହିବା ମଧ୍ୟରେ ସେ ଅନେକ ସାହିତ୍ୟ ରଚନା କରିଥିଲେ। ସମ୍ବଲପୁରର ମାଟି, ପାଣି, ପବନକୁ ନେଇ ତାଙ୍କ କଲମ ମୁନରୁ ବହୁ ରଚନା ସୃଷ୍ଟି ହୋଇଥିଲା। ଯାହାଫଳରେ ଆସାମର ଲୋକମାନଙ୍କ ପାଇଁ ସମ୍ବଲପୁର ଏକ ତୀର୍ଥଭୂମିରେ ପରିଣତ ହୋଇପାରିଥିଲା। ସମ୍ବଲପୁରର ନେଲ୍‌ସନ୍ ମାଣ୍ଡେଲା ଛକ ନିକଟରେ ତାଙ୍କର ଦୁଇଟି ଗୃହ ଯଥା ସାଧନାଗୃହ ଓ ବାସଗୃହକୁ ବେଜବରୁଆ ସ୍ମୃତିପୀଠ କରିବା ପାଇଁ ୨୦୧୭ ମସିହାରେ ଆସାମ ସଂସ୍କୃତି ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ମିଡିଆ ଆଡ୍‌ଭାଇଜର ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ପ୍ରସ୍ତାବ ଦେଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୦ ଲକ୍ଷ ଟଙ୍କା ମଞ୍ଜୁର କରିବା ସହ ଅବିକଳ ପୁରୁଣା ଢାଞ୍ଚାରେ ଦୁଇଟି ଗୃହକୁ ପୁନରୁଦ୍ଧାର କରିବା ପାଇଁ ଇନ୍‌ଟାକ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଇନ୍‌ଟାକ୍ ପକ୍ଷରୁ ଏବେ ସେଠାରେ ଡିସ୍‌ମେଣ୍ଟାଲିଂ, ନବୀକରଣ, ମରାମତି କାର୍ଯ୍ୟ ଚାଲୁରହିଥିବା ପର୍ଯ୍ୟଟନ ମନ୍ତ୍ରୀ ପାଣିଗ୍ରାହୀ ବେଜବରୁଆ ସ୍ମୃତି କମିଟିର ସଦସ୍ୟମାନଙ୍କୁ ଗୁରୁବାର ଅବଗତ କରାଇଥିଲେ। ଆଗାମୀ ଦିନରେ ଏହା ବେଜବରୁଆ ସ୍ମୃତି ଏବଂ ଆସାମ-ଓଡ଼ିଆ ସାହିତ୍ୟ ସାଂସ୍କୃତିକ ବିନିମୟ ସ୍ଥଳର କେନ୍ଦ୍ରବିନ୍ଦୁ ହେବ ବୋଲି ସଦସ୍ୟମାନେ କହିଛନ୍ତି। ଯେହେତୁ ଆସାମରୁ ବହୁ ସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି ଏହା ଓଡ଼ିଶାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ମଧ୍ୟ ପାଲଟିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଏହି ଆଲୋଚନା ବେଳେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗ ସଚିବ ବିଶାଳ ଦେବ, ପର୍ଯ୍ୟଟନ ନିର୍ଦ୍ଦେଶକ ନିର୍ମଳ ଚନ୍ଦ୍ର ମିଶ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ ଉପସ୍ଥିତ ଥିଲେ।



ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ବେଜବରୁଆ ସ୍ମୃତି କମିଟିର ସଦସ୍ୟମାନେ ଭେଟୁଛନ୍ତି।

## ତିଥିରେ ପାଳନ ହେଉନି ରଥଯାତ୍ରା

ଭୁବନେଶ୍ୱର,୧୮(ବ୍ୟୁରୋ)

ରଥଯାତ୍ରାକୁ ମନଇଚ୍ଛା ଇସ୍କନ ମନ୍ଦିର ପକ୍ଷରୁ ପାଳନ କରାଯାଉଛି। ତିଥିବାହାରେ ଏହାକୁ ପାଳନ କରାଯାଉଛି। ରଥଯାତ୍ରା ମୁଖ୍ୟତଃ ଆଷାଢ଼ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପାଳନ କରାଯାଇଥାଏ। ମାତ୍ର ଏହାକୁ କେତେକ ସଂସ୍ଥା ବିଭିନ୍ନ ସମୟରେ ପାଳନ କରୁଛନ୍ତି। ଏଭଳି ହେବା ଉଚିତ ନୁହେଁ। ସମଗ୍ର ବିଶ୍ୱରେ ଜଗନ୍ନାଥ ସଂସ୍କୃତି ପ୍ରଚାର ହେବା ଭଲ କଥା। ମାତ୍ର ଏହାକୁ ଅସମ୍ମାନ କରିବା ଆଦୌ ବରଦାସ୍ତ କରାଯିବା ଉଚିତ ନୁହେଁ। ଇସ୍କନ ମନ୍ଦିର ଉପରେ ଚାପ ପକାଯାଉ। ଗୁରୁବାର ଶୂନ୍ୟକାଳରେ ବିଜେଡି ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏହି ପ୍ରସଙ୍ଗ ଉଠାଇଥିଲେ। ସେହିପରି ବନ୍ଦେ ଉତ୍କଳ ଜନନୀକୁ କଦର୍ଥ କରି ବୋଲାଯାଉଥିବା ନେଇ ସେ ଆପତ୍ତି ଉଠାଇଥିଲେ । ସେ କହିଥିଲେ ଯେ ଓଡିଶାର ଜାତୀୟ ସଂଗୀତ ବନ୍ଦେ ଉତ୍କଳ ଜନନୀକୁ ବିଭିନ୍ନ ଢଙ୍ଗରେ ବୋଲାଯାଉଛି। କିଏ ବାଜା ବଜାଇ ତ କିଏ ନାଚଗୀତ କରି ଗାଉଛନ୍ତି। ଏହାର କୋଣସି ସମୟ ସୀମା ରହୁ ନାହିଁ। ଏହି ସଂଗୀତ ଯେପରି ଠିକ ଭାବେ ପାଳନ ହେବ ସେ ସଂସ୍କୃତି ମନ୍ତ୍ରୀ ଚାପ ପକାନ୍ତୁ ବୋଲି ସୌମ୍ୟ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ।

■ ମନ୍ତ୍ରୀଙ୍କୁ ଭେଟି ବିଧାୟକଙ୍କ ଦାବି

# ସମ୍ଭାବ୍ୟ ମରୁଡ଼ି ପରିସ୍ଥିତିକୁ ଦେଖି ଆଗୁଆ ପଦକ୍ଷେପ ନେବାକୁ ଯୋଜନା

ଭୁବନେଶ୍ୱର, ୧୮(ବ୍ୟୁରୋ)

କେନ୍ଦ୍ରାପଡ଼ା ଜିଲାରେ ସମ୍ଭାବ୍ୟ ମରୁଡ଼ି ଭଳି ପରିସ୍ଥିତିକୁ ଆଶଙ୍କା କରି ରାଜ୍ୟ ସରକାର ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଚିନ୍ତା କରିଛନ୍ତି। ଏନେଇ ଗୁରୁବାର ପୂର୍ବାହ୍ନରେ ଜଳ ସମ୍ପଦମନ୍ତ୍ରୀ ରଘୁନନ୍ଦନ ଦାସ ତାଙ୍କ ପ୍ରକୋଷ୍ଠରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ଜଳସେଚନ ବିଭାଗୀୟ ଯନ୍ତ୍ରୀମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଓ ନିର୍ଦ୍ଦେଶ ଦେବା ସହ ଓ ଜିଲାର ରାଜନୈତିକ ନେତୃବୃନ୍ଦଙ୍କ ସହ ଆଲୋଚନା କରିଛନ୍ତି। ଆବଶ୍ୟକତା ଠାରୁ କମ୍ ପରିମାଣର ବର୍ଷା ହେବା, ଅନିୟମିତ ବର୍ଷା, ଭୂତଳ ଜଳସ୍ତର ହ୍ରାସ, ସମୁଦ୍ରକୂଳ ନିକଟରେ ଥିବା ଯୋଗୁ ଜିଲାର କେତେକ ବ୍ଲକରେ ଭୂତଳ ଜଳ ଲବଣାକ୍ତ ରହୁଥିବା ଫଳରେ ଜିଲାରେ ଆଗକୁ ଜଳ ସଙ୍କଟ ଦେଖାଦେବାର ଆଶଙ୍କା କରାଯାଉଛି। ଏଣୁ ପାନୀୟ ଜଳ, କୃଷିକ୍ଷେତ୍ର ପାଇଁ ଆବଶ୍ୟକ ହେଉଥିବା ଜଳ ଏବଂ ଦୈନନ୍ଦିନ ଜୀବନରେ ଜଳର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏବେଠାରୁ ଜଳ ସଞ୍ଚୟ, ଜଳର ସୁବ୍ୟବହାର ଓ କୃଷି ପାଇଁ ଜଳର ଆବଶ୍ୟକତା ଦୃଷ୍ଟିରୁ ଆଗୁଆ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏଣୁ ଆଗକୁ ବର୍ଷାର ପରିମାଣ କମ୍ ହେଲେ ମରୁଡ଼ି ପରିସ୍ଥିତିକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଅନୁଷ୍ଠିତ ବୈଠକରେ ଆଲୋଚନା ପାଇଛି। ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲାର ଜଳ ଓ ଜଳସେଚନ ସମସ୍ୟା ସମ୍ପର୍କରେ ସମସ୍ତ ପ୍ରତିନିଧି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଚାଷ ପାଇଁ ଜଳ ସେଚନ ଉପରେ ଗୁରୁତ୍ୱଦେଇ ଅଚଳ ହୋଇପଡିଥିବା ସମସ୍ତ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକୁ ସଚଳ କରିବା,କେନାଲ ସଫେଇ କାର୍ଯ୍ୟ, କେନାଲର ଶେଷ ଭାଗରେ ରହୁଥିବା ସବୁ ଚାଷ ଜମିଗୁଡ଼ିକୁ ଆବଶ୍ୟକ ପରିମାଣରେ ପାଣି ପହଞ୍ଚାଇବା ଉପରେ ମନ୍ତ୍ରୀ ବୈଠକରେ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଯୋଗଦେଇ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ଧୀରେନ୍ କୁମାର ସାମଲ କହିଛନ୍ତି, ଜଳ ସଞ୍ଚୟ ଓ ଏହାର ସୁବିନିଯୋଗ ନେଇ ଜିଲାରେ ଅଗଷ୍ଟ-ସେପ୍ଟେମ୍ବର ମାସରେ କାର୍ଯ୍ୟକାରୀ ହେବାକୁ ଥିବା ଜଳଶକ୍ତି ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନ କରିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ କେନ୍ଦ୍ରାପଡ଼ା ବସନ୍ତ କୁମାର ରାଉତଙ୍କ ସମେତ ଲୋୟର ମହାନଦୀ ବେସିନର ମୁଖ୍ୟଯନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲା ଜଳସେଚନ, ଉଠାଜଳସେଚନ, ଡ୍ରେନେଜ୍ ଡିଭିଜନ, କ୍ଷୁଦ୍ରଜଳ ସେଚନ ଓ ବିଦ୍ୟୁତ୍ ବିଭାଗ (ସେସୁ)ର ନିର୍ବାହୀଯନ୍ତ୍ରୀ ଓ ଅନ୍ୟାନ୍ୟ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାର ରାଜନୈତିକ ନେତୃବୃନ୍ଦଙ୍କ ସହ ଆଲୋଚନା ଭୂତଳ ଜଳସ୍ତର ହ୍ରାସ, ସମୁଦ୍ରକୂଳ କେନ୍ଦ୍ରାପଡ଼ା ଜିଲାରେ ଆଗକୁ ଜଳ ଏଣୁ ପାନୀୟ ଜଳ, କୃଷିକ୍ଷେତ୍ର ପାଇଁ ଆବଶ୍ୟକ ହେଉଥିବା ଜଳ ଏବଂ ପୂରଣ କରିବା ପାଇଁ ଏବେଠାରୁ ଜଳ ସଂଚୟ, ଜଳର ସୁବ୍ୟବହାର ଓ ଆଗକୁ ବର୍ଷାର ପରିମାଣ କମ୍ ବୈଠକରେ ଆଲୋଚନା ପ୍ରକାଶ ପାଇଥିଲା।

# ରାଜ୍ୟର ୬ ବ୍ଲକ ସମ୍ପୂର୍ଣ୍ଣ ଲବଣାକ୍ତ

ଭୁବନେଶ୍ୱର,୧୮(ବ୍ୟୁରୋ)

ରାଜ୍ୟର ୬ଟି ବ୍ଲକ ସମ୍ପୂର୍ଣ୍ଣ ଲବଣାକ୍ତ। ଏହି ବ୍ଲକଗୁଡିକ ହେଉଛି- ଭଦ୍ରକର ଚାନ୍ଦବାଲି, ଜଗତ୍‌ସିଂହପୁରର ଏରସମା, କେନ୍ଦ୍ରାପଡ଼ାର ମହାକାଳପଡ଼ା, ମାର୍ଶାଘାଇ, ରାଜନଗର ଏବଂ ରାଜକନିକା। ୫ଟି ବ୍ଲକ ସେମିକ୍ରିଟିକାଲ(ଏକ୍ସଟ୍ରାସନ ୭୦%ରୁ ୯୦%) । ସେହିପରି ୪୪ଟି ଆପ୍ରୋଚିଙ୍ଗ୍ ସେମିକ୍ରିଟିକାଲ ବ୍ଲକ(୬୦ରୁ ୭୦%) ବୋଲି ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ବୁଧବାର ଗୃହରେ ଉତ୍ତର ରଖିଛନ୍ତି। ବିଜେଡି ସଭ୍ୟ ଭୂପିନ୍ଦର ସିଂଙ୍କ ଅଣତାରକା ପ୍ରଶ୍ନ ନଂ-୨୭୭୮ର ଉତ୍ତର ରଖି ମନ୍ତ୍ରୀ ରଘୁନନ୍ଦନ ଏହି ତଥ୍ୟ ଦେଇଛନ୍ତି। ଉପରୋକ୍ତ ୫୫ ବ୍ଲକର ସମ୍ପୂର୍ଣ୍ଣ ତାଲିକା ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। ଏଗୁଡ଼ିକ ମଧ୍ୟରେ ବାଲେଶ୍ୱରର ବାଲିଆପାଳ, ବାହାନଗା, ରେମୁଣା, ନୀଳଗିରି, ଭୋଗରାଇ, ଜଳେଶ୍ୱର ଏବଂ ସୋର, ଯାଜପୁରର କୋରେଇ, କେନ୍ଦ୍ରାପଡ଼ାର ଗରଦପୁର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ମହାକାଳପଡ଼ା ଏବଂ ଆଳି , ଖୋର୍ଦ୍ଧା ଜିଲାର ବାଲିପାଟଣା, ବୋଲଗଡ଼ ଓ ଭୁବନେଶ୍ୱର, ଅନୁଗୋଳର ତାଳଚେର ଓ କଣିହାଁ, ବଲାଙ୍ଗୀରର ଲୋଇସିଂହା, ବରଗଡ଼ର ଭଟଲି ଓ ଝରାବନ୍ଧ, ଭଦ୍ରକର ଭଦ୍ରକ, ଭଣ୍ଡାରିପୋଖରୀ ଓ ଧାମନଗର, ବୌଦ୍ଧର କଣ୍ଟାମାଳ ବ୍ଲକ ରହିଛି। ଏତଦ୍ ବ୍ୟତୀତ କଟକ ଜିଲାର କଟକ ସଦର, ତିଗିରିଆ, ଢେଙ୍କାନାଳର ଓଡ଼ାପଡ଼ା ଓ ଢେଙ୍କାନାଳ, ଗଞ୍ଜାମର ହିଞ୍ଜିଳିକାଟୁ, ଆସ୍କା ଓ ଗଞ୍ଜାମ, ଜଗତ୍‌ସିଂହପୁର ନୂଆଗାଁ, କୁଜଙ୍ଗ ଏବଂ ଜଗତ୍‌ସିଂହପୁର, ଯାଜପୁର ଜିଲାର ରସୁଲପୁର, ବିଞ୍ଝାରପୁର, ଯାଜପୁର ଏବଂ ଦଶରଥପୁର, ମୟୂରଭଞ୍ଜର ରାସଗୋବିନ୍ଦପୁର, ବଡ଼ସାହି ଓ ବେତନଟୀ। ସେହିଭଳି ନୟାଗଡ଼ ଜିଲାର ନୟାଗଡ଼, ପୁରୀ ଜିଲାର କାକଟପୁର, ସୁବର୍ଣ୍ଣପୁରର ସୋନପୁର ଏବଂ ତରଭା, ସୁନ୍ଦରଗଡ଼ର ବିର୍ସା ପ୍ରମୁଖ।

ଚଳିତ ଆର୍ଥିକ ବର୍ଷ ୨୦୧୯-୨୦ରେ ଏହିସବୁ ବ୍ଲକରେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପ୍ରତି ବ୍ଲକରେ ୧୦୦ଟି ବେସରକାରୀ ଏବଂ ୫ଟି ସରକାରୀ ଗୃହରେ ବର୍ଷାଜଳ ଅମଳ ଏବଂ ଭୂତଳ ଜଳ ପୁନଃଭରଣ ଯୋଜନା କରାଯାଇଛି। ପ୍ରତି ବ୍ଲକରେ ୨୦ଟି ରିଚାର୍ଜ ସାଫ୍ଟ ଜରିଆରେ ଭୂତଳ ଜଳ ପୁନଃଭରଣ ଯୋଜନା କରାଯାଇଛି। ସେହିପରି ଖନନ ପରେ ବ୍ୟବହାର ଅନୁପଯୋଗୀ ୬୦୦ ନଳକୂପ ଚିହ୍ନଟ କରି ତାହାକୁ ଭୂତଳ ଜଳ ପୁନଃଭରଣ କାର୍ଯ୍ୟରେ ବ୍ୟବହାର କରାଯିବାର ଲକ୍ଷ୍ୟ ରଖାଯାଇଛି।

■ ଶ୍ରୀମନ୍ଦିରରେ ପାନ, ଗୁଟୁଖା ବ୍ୟାନ ନିୟମ ଲାଗୁ

# ପ୍ରଥମ ଦିନରେ ଧରାପଡ଼ି ଜରିମାନା ଦେଲେ ୪

ପୁରୀ ଅଫିସ, ୧୮

■ସଚେତନ ପାଇଁ ଚାରିଦ୍ୱାରରେ ଲାଗିଲା ସୂଚନା ଫଳକ

■ସ୍ୱାଗତ କଲେ ଭକ୍ତ, ସେବାୟତ




ଏଣିକି ପାନ, ଗୁଟୁଖା ଖାଇ କେହି ଶ୍ରୀମନ୍ଦିରକୁ କେହି ପ୍ରବେଶ କରିପାରିବେ ନାହିଁ। ସେବାୟତ ହୁଅନ୍ତୁ ଅବା ଭକ୍ତ କିମ୍ବା କର୍ମଚାରୀ କାହାକୁ ବି ଛଡାଯିବ ନାହିଁ। କେହି ବି ଧରାପଡିଲେ ସେମାନଙ୍କଠାରୁ ଆଦାୟ ହେବ ଜରିମାନା। ଶ୍ରୀମନ୍ଦିରରେ ସ୍ୱଚ୍ଛତା ରକ୍ଷା ଲାଗି ମନ୍ଦିର ପ୍ରଶାସନର ଏହି ନିଷ୍ପତ୍ତିକୁ ଗୁରୁବାରଠାରୁ କଡ଼ାକଡ଼ି ଭାବେ ଲାଗୁ କରାଯାଇଛି। ପ୍ରଥମ ଦିନରେ ୪ ଜଣ ପାନ ଖାଇ ମନ୍ଦିରକୁ ପ୍ରବେଶ କରିଥିବାରୁ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ପ୍ରତ୍ୟେକଙ୍କଠାରୁ ୧୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। ଅନ୍ୟପକ୍ଷରେ ଭକ୍ତଙ୍କ ଅବଗତି ନିମନ୍ତେ ଚାରିଦ୍ୱାର ଏବଂ ଶ୍ରୀମନ୍ଦିର ଭିତରେ ସୂଚନା ଫଳକ ଲଗାଯାଇଥିବାବେଳେ ସୂଚନା କେନ୍ଦ୍ରରୁ ଡାକବାଜି ଯନ୍ତ୍ର ଯୋଗେ ବିଭିନ୍ନ ଭାଷା(ଓଡ଼ିଆ, ହିନ୍ଦୀ, ବଙ୍ଗଳା)ରେ ସଚେତନ ମଧ୍ୟ କରାଯାଉଛି। ପ୍ରଶାସନର ଏଭଳି ନିଷ୍ପତ୍ତିକୁ ସବାୟତ, ଭକ୍ତ ସମସ୍ତେ ସ୍ୱାଗତ କରିଛନ୍ତି।

ଶ୍ରୀମନ୍ଦିରକୁ ସ୍ୱଚ୍ଛ ଏବଂ ପରିଷ୍କାର ରଖିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ସେହିପରି ମନ୍ଦିର ଭିତରକୁ ସମସ୍ତେ ଗୋଡ, ମୁହଁ ଧୋଇ ଶୁଦ୍ଧପୁତ ଭାବେ ପରିଷ୍କାର ହୋଇ ଯିବାର ବିଧି ରହିଛି। ଏହାକୁ ଦୃଷ୍ଟିରେ ରଖି ଗତ ୨୯ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ପ୍ରବେଶ ପଥରେ ଯାଞ୍ଚ ବେଳେ ଭକ୍ତଙ୍କ ପାଟି ଏବଂ ପକେଟ ଦେଖିଥିଲେ ସୁରକ୍ଷା କର୍ମୀ। ଯାହାଙ୍କ ପାଟିରେ ପାନ ଥିଲା ଏବଂ ପକେଟରେ ପାନେ କିମ୍ବା ଗୁଟୁଖା ରହିଥିଲା ସେମାନଙ୍କୁ ଧାଡିରୁ ବାହାର କରି ଦିଆଯାଇଥିଲା। ପୁନଶ୍ଚ ସେମାନେ ପାନ, ଗୁଟୁଖା ବାହାରେ ରଖି ପୁଣି ମନ୍ଦିରକୁ ପ୍ରବେଶ କରିଥିଲେ। ତେବେ ପ୍ରଥମ ଦିନରେ ବାଇଶି ପାହାଚର ଜଣେ ବ୍ରାହ୍ମଣ, ଆନନ୍ଦ ବଜାରରେ ଭୋଗ ଦୋକାନରେ ସୁଆର ସେବକଙ୍କୁ ସହଯୋଗ ପାଇଁ କାମ କରୁଥିବା ୩ ଜଣ ଧରାପଡିଥିଲେ। ଏମାନେ ପାନ ଖାଇ ମନ୍ଦିର ଭିତରେ ପ୍ରବେଶ କରିଥିବାରୁ ପ୍ରତ୍ୟେକଙ୍କଠାରୁ ୧୦୦ ଟଙ୍କା ଲେଖାଏ ଆଦାୟ କରାଯାଇଥିଲା। ଭବିଷ୍ୟତରେ ଆଉ ପାନ ଖାଇ ମନ୍ଦିରକୁ ପ୍ରବେଶ କରିବ ନାହିଁ ବୋଲି ସେମାନଙ୍କୁ ତାଗିଦ କରାଯାଇଥିବା ଜଣାପଡିଛି।



ଥରେ ଖ୍ୟାତି ଅର୍ଜ୍ଜନ କରିଗଲେ ତାକୁ ଜୀବନ ତମାମ ଧରି ରଖିବା ଭାରି କଷ୍ଟ। -ଭଲ୍‌ଟାୟର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଜେଇଏମ୍ ସ୍କୁଲ ପକ୍ଷରୁ 'ତୃତୀୟ ବିଜେଇଏମ୍ ମୁନ୍', ସ୍କୁଲ ପରିସର, ବିଜେବି ନଗର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ସଂସ୍କୃତି ବିଭାଗ ଏବଂ ରୁମକୁ ଝୁମା ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ 'ଆମ ମାଟିର କଳା'କାର୍ଯ୍ୟକ୍ରମ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ଚଳଚ୍ଚିତ୍ର 'ଫ୍ରମ୍ ମି ଟୁ ୟୁ'ର ଅଡିଓ ରିଲିଜ୍, ହୋଟେଲ ଏକ୍ସିଲେନ୍ସି, ସନ୍ଧ୍ୟା ୬ଟା।
- ନାଟ୍ୟ ସଂସ୍ଥା ଜୀବନ ରେଖା ପକ୍ଷରୁ ନାଟକ 'ଚୁପ୍! କୋର୍ଟ ଚାଲିଛି', ରବୀନ୍ଦ୍ରମଣ୍ଡପ, ସନ୍ଧ୍ୟା ୭ଟା ୨୫।

**ପୁରୀ**

- ଦାନବୀର ବଡେ ହରିହର ଗୁରୁଙ୍କ ଶ୍ରଦ୍ଧାଞ୍ଜଳୀ ସଭା, ନୀଳାଦ୍ରି ଭକ୍ତ ନିବାସ, ସନ୍ଧ୍ୟା ୬ଟା।

## ଅଲାରନାଥଙ୍କୁ ଲାଗିହେଲା ସୁବର୍ଣ୍ଣ ଚିତା

ବ୍ରହ୍ମଗିରି, ୧।୮ (ଡି.ଏନ୍.ଏ.): ଚିତାଲାଗି ଅମାବାସ୍ୟା ଉପଲକ୍ଷେ ମହାପ୍ରଭୁ ଅଲାରନାଥଙ୍କୁ ଗୁରୁବାର ସୁବର୍ଣ୍ଣ ଚିତା ଲାଗି ହୋଇଛି। ଶ୍ରୀକ୍ଷେତ୍ର ପରମ୍ପରା ଅନୁଯାୟୀ ଏହି ଅମାବାସ୍ୟାରେ ଶ୍ରୀଜୀଉମାନଙ୍କୁ ଚିତାଲାଗି କରାଯାଇଥିବା ସମୟରେ ଅନୁରୂପ ଭାବେ ଅଲାରନାଥଙ୍କ ମନ୍ଦିରରେ ଏହି ନୀତି ପାଳିତ ହୋଇଥାଏ। ଏନେଇ ଗୁରୁବାର ସକାଳୁ ମନ୍ଦିରର ସମସ୍ତ ନୀତିକାନ୍ତି ସରିବା ପରେ ସକାଳବେଶରେ ମହାପ୍ରଭୁଙ୍କ ମସ୍ତକରେ ସୁବର୍ଣ୍ଣ ଚିତା ଲାଗି କରାଯାଇଥିଲା। ପରେ ଏକ ସ୍ୱତନ୍ତ୍ର ଧୂପରେ ମହାପ୍ରଭୁଙ୍କୁ ଚିତଉ ପିଠା ଏବଂ କ୍ଷୀର ଭୋଗ କରାଯାଇଥିଲା।

## ପରିବେଶ ସୁରକ୍ଷା ଲାଗି ସଂକଳ୍ପ ନେଲେ ଛାତ୍ରୀଛାତ୍ର

ପୁରୀ ଅଫିସ, ୧।୮: ବାତ୍ୟାରେ ଉଜୁଡି ଯାଇଛି ପୁରୀ ସହର ସବୁଜିମା ପରିବେଶ। ବହୁ ବଡ଼ ବଡ଼ ଗଛ ଉପୁଡି ମାଟିରେ ଲୋଟୁଛି। ବିଦ୍ୟାଳୟଗୁଡିକରେ ରହିଥିବା ବହୁ ମୂଲ୍ୟବାନ ଗଛ ମଧ ନଷ୍ଟ ହୋଇଛି। ଏହି ଅବସରରେ ସ୍କୁଲ ପରିସରରେ ସବୁଜ ବନାନୀ ଲାଗି ସାମାଜିକ ଅନୁଷ୍ଠାନ ସୃଷ୍ଟି ସ୍ୱର୍ଗଦ୍ୱାର ନିକଟରେ ଏକ ବିଦ୍ୟାଳୟରେ ଗୁରୁବାର ଆୟୋଜନ କରିଥିଲା ଚାରାରୋପଣ କାର୍ଯ୍ୟକ୍ରମ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦାନ କରି ଚାରାରୋପଣ କରିଥିଲେ। ବିଦ୍ୟାଳୟ ପରିସରରେ ଏକ ସବୁଜ ପରିବେଶ ସୃଷ୍ଟି ଲାଗି ଛାତ୍ରୀଛାତ୍ରମାନେ ସଂକଳ୍ପ କରିଥିଲେ। ଅନୁଷ୍ଠାନ ପକ୍ଷରୁ ମନୋଜ କୁମାର ମଣ୍ଡଳ, ଆଲୋକ ମିଶ୍ର, ବିକ୍ରମ କୁମାର ନାୟକ, ଅନିଲ ପ୍ରଧାନ, ଦେବେନ୍ଦ୍ର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

**■ ଭିତ୍ତିଭୂମି ଥାଇ ବି ମିଳୁନି ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା**

# ଜଗନ୍ନାଥଙ୍କ ଲୀଳାକ୍ଷେତ୍ର କାଙ୍କଣକୁଦ ଉପେକ୍ଷିତ

ବ୍ୟସ୍ତବହୁଳ ଜୀବନରେ ଫୁରସତ୍ ମିଳିଲେ ପର୍ଯ୍ୟଟନସ୍ଥଳ ବୁଲିବାର ମଜା ନିଆରା। ଏହି ନିଆରା ଅନୁଭୂତି ଯୋଗାଇ ଦେଇଥାଏ କାଙ୍କଣକୁଦ। ପର୍ଯ୍ୟଟକ ଏଠାକୁ ଥରେ ଆସିଲେ ମାନସିକ ଶାନ୍ତି ପାଇବା ସହ ନୂଆ କଥା ଜାଣିବାକୁ ପାଇଥାନ୍ତି। ନୀଳାମ୍ବୁ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ, ନୌକା ବିହାର, ଶାକାହାରୀ ବଣଭୋଜି, ଜଗନ୍ନାଥ ସଂସ୍କୃତି ତତ୍ତ୍ୱକୁ କରିଥାଏ ଆନମନା। ଏଠାରୁ ପର୍ଯ୍ୟଟକମାନେ ଘରକୁ ଫେରିବାକୁ ମନରେ କୁଣ୍ଠା ଭାବ ଜାଗ୍ରତ କରିଥାନ୍ତି।







**ଖୋର୍ଦ୍ଧା ଅଫିସ, ୧।୮**

ପର୍ଯ୍ୟଟନ ବିକାଶରେ ଅନ୍ତରାୟ ସୃଷ୍ଟି କରୁଛି ଅଣଦେଖା। ଯଦ୍ୱାରା ଭିତ୍ତିଭୂମି ଥାଇ ବି ମିଳୁନି ପର୍ଯ୍ୟଟନସ୍ଥଳର ମାନ୍ୟତା। ଉପେକ୍ଷିତ ହୋଇ ରହିଯାଇଛି ଶ୍ରୀଜଗନ୍ନାଥଙ୍କ ଗୋପନ ଆଶ୍ରୟସ୍ଥଳ ତଥା ଲୀଳାକ୍ଷେତ୍ର କାଙ୍କଣକୁଦ ପରି ଅନେକ ପର୍ଯ୍ୟଟନସ୍ଥଳ। ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ବଉଳାବନ୍ଧ ପଞ୍ଚାୟତ ନଇରୀ ଗାଁ ନିକଟରେ ଚିଲିକା ଭିତରେ ରହିଛି ଏହି ପୀଠ। ଚିଲିକାର କ୍ଷାରୀୟ ଲବଣାକ୍ତ ପାଣି ଏଠାରେ ଅନ୍ତଃସ୍ରୋତା ଝର ଗଙ୍ଗା ଓ ଯମୁନା ପର୍ଯ୍ୟଟକଙ୍କୁ ଟାଣି ଆଣେ, ଯାହାକି ଅନ୍ୟତମ ଆକର୍ଷଣ। ଏହି ଝର ଲୋକଲୋଚନ ଆଢୁଆଳରେ ରହିଯାଇଛି। ମାଦଳା ପାଞ୍ଜି ଅନୁସାରେ ନଇରୀ ଗାଁ ଭିତର ହରିହରେଶ୍ୱର ମନ୍ଦିର ଭିତରେ ଶ୍ରୀଜଗନ୍ନାଥ ୭ ମାସ ୨୭ ଦିନ ଲୀଳା କରିଥିଲେ। ଯାହା ଉପରେ ବିଗ୍ରହ ଅବସ୍ଥାପିତ ହୋଇଥିଲେ ସେ ପିଢ଼ିର ସ୍ମାରକୀ ବର୍ତ୍ତମାନ ସୁଦ୍ଧା ବିଦ୍ୟମାନ। ୧୭୩୨ରେ ଏହି ହରିହରେଶ୍ୱର ମନ୍ଦିରରେ ଗୋଟିଏ ବର୍ଷ ରଥଯାତ୍ରା ହୋଇଥିଲା। ସେଠାରେ ଗୋଟିଏ ଦିନ ପାଇଁ ଖୋଳା ଯାଇଥିବା ଗୁଣ୍ଡିଚା କୂପ, ବଡଦାଣ୍ଡ, ଗୁଣ୍ଡିଚା ବରଗଛ ଏବେ ବି ବିଦ୍ୟମାନ। ୨୦୦୭ ରେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଶାସନିକ ଅଧିକାରୀମାନେ ଆସି ସଭା କରିଥିଲେ। ପରେ ସେଠାରେ ୨୦୦୮ରେ ସିଂହାସନ ପ୍ରତିଷ୍ଠା କରାଯାଇଥିଲା। ପରେ ପୁରୀରୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକ ଅଣାଯାଇ ପୂଜାର୍ଚ୍ଚନା କରାଯାଉଛି। ହରିହରେଶ୍ୱର ମନ୍ଦିରରେ ଶ୍ରୀଜଗନ୍ନାଥ ଥିବା ସମୟରେ ୧୭୩୨ ମାର୍ଚ୍ଚ ୨୮ରେ ତକି ଖାଁ ବାଣପୁର ଆକ୍ରମଣ କରିବାରୁ କାଙ୍କଣଶିଖରୀକୁ ସ୍ଥାନାନ୍ତର ହୋଇଥିଲେ। ସେବକମାନେ ଡଙ୍ଗାରେ ଯାଇ ନିକଟସ୍ଥ ଯମୁନା ନିର୍ଝରରୁ ମଧୁର ଜଳ ଆଣି ଠାକୁରଙ୍କ ପୂଜାର୍ଚ୍ଚନା କରୁଥିଲେ। ସେହିଭଳି କାଙ୍କଣଶିଖରୀରେ ପ୍ରଭୁଙ୍କ ଅବସ୍ଥାନ ସମୟରେ ବଣରେ ଥିବା କାଙ୍କଣ ଫଳ ନୈବେଦ୍ୟ ଆକାରରେ ମହାପ୍ରଭୁଙ୍କୁ ଦିଆଯାଉଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଶ୍ରୀମନ୍ଦିର ରୋଷରେ କାଙ୍କଣ ଫଳ ବ୍ୟବହାର କରିବାକୁ ଅନୁମତି ମିଳିଥିଲା। ଏଠାରେ ଥିବା ଗଙ୍ଗା, ଯମୁନା ନିର୍ଝର, କାଙ୍କଣ ଶିଖରୀ, ହରିଶ୍ୱର ମଣ୍ଡପ ପୁରୁଣା ଗାଥା ବହନ କରୁଛି। ତେବେ କାଙ୍କଣଶିଖରୀ ଓ ହରିହରେଶ୍ୱର ମନ୍ଦିର ପରି ପୀଠକୁ ଅବହେଳା କରିବା ଅନୁଚିତ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ନେଇ ଆହ୍ୱାନ ଓ କଳିଙ୍ଗ କନ୍ୟା ପାଇକ ଆଖଡା ପକ୍ଷରୁ ବିଭିନ୍ନ ସମୟରେ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଁ ଜିଲାପାଳ, ମୁଖ୍ୟମନ୍ତ୍ରୀ, ଜିଲା ପର୍ଯ୍ୟଟନ ଅଧିକାରୀ, ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ନିକଟରେ ଚିଲିକା ବିଧାୟକ କାଙ୍କଣଶିଖରୀକୁ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦେବାକୁ ସରକାରଙ୍କୁ ଅବଗତ କରାଇଛନ୍ତି।

ରିପୋର୍ଟ-ଲୋକନାଥ ମିଶ୍ର

### କେମିତି ଯିବେ

ଖୋର୍ଦ୍ଧା ଜିଲାର ନାଚୁଣୀଠାରୁ ୨ କିମି ଗଲେ ପଡେ ଗଙ୍ଗାଧରପୁର ରେଳ ଷ୍ଟେଶନ। ଏଠାରୁ ୩ କିମି ଗଲେ ପଡେ ନଇରୀ ଗାଁ। ନଇରୀରୁ ନୌକା ଯୋଗେ ଚିଲିକା ବକ୍ଷରେ କାଙ୍କଣକୁଦ ଯିବାକୁ ପଡିଥାଏ। ସଡ଼କପଥରେ ବାଲୁଗାଁ ଅଥବା ଖୋର୍ଦ୍ଧାରୁ ନାଚୁଣୀ ଦେଇ କି କାଙ୍କଣକୁଦ ଯିବାକୁ ପଡେ। ଖୋର୍ଦ୍ଧାରୁ ନଇରୀ ୫୫ କିମି ଓ ବାଲୁଗାଁରୁ ନଇରୀର ଦୂରତା ୧୭ କିମି। ପୁଣି ସୋରଣ, କାଲୁପଡା, ବରଡି, ବାଲୁଗାଁ ଓ ସାତପଡା ସମେତ ଚିଲିକା ଉପକୂଳବର୍ତ୍ତୀ ଗାଁଠାରୁ ନୌକା ଯୋଗେ ମଧ ଏଠାକୁ ଯିବାର ସୁବିଧା ରହିଛି।

### ଶ୍ରୀକ୍ଷେତ୍ରର ଭ୍ରମ

ଚିଲିକାରେ ରଥଯାତ୍ରା ବେଳେ ନୌକା ନନ୍ଦିଘୋଷର ମନୋଜ୍ଞ ଦୃଶ୍ୟ ଅତୀବ ମନୋରମ। ମନ୍ଦିରରୁ ମହାପ୍ରଭୁଙ୍କୁ ଦୋଳ ଝୁଲଣରେ ନେବାବେଳେ ଶ୍ରୀକ୍ଷେତ୍ର ପରି ଭ୍ରମ ସୃଷ୍ଟି କରିଥାଏ। ଏଠାର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୌକା ବିହାର ନନ୍ଦିଘୋଷ ରଥରେ ଯିବା ପରି ଜଣାପଡିଥାଏ। ପୁଣି ନୌକାବିହାର ବେଳେ ଚିଲିକାର ଜଳ ଚାପରେ ଶ୍ରୀଜଗନ୍ନାଥଙ୍କ ମନୋରମ ଦୃଶ୍ୟ ବେଶ୍ ମନ ଲୋଭା ହୋଇଥାଏ।

# ମହାପ୍ରଭୁଙ୍କ ଶ୍ରୀମୁଖରେ ଝଲସିଲା ସୁବର୍ଣ୍ଣ ଚିତା







**ପୁରୀ ଅଫିସ, ୧।୮**

ଚିତାଲାଗି ଅମାବାସ୍ୟା ତିଥିରେ ଗୁରୁବାର ଶ୍ରୀମନ୍ଦିରରେ ତିନିଠାକୁରଙ୍କ ଚିତା ଲାଗି ନୀତି ସମ୍ପନ୍ନ ହୋଇଛି। ଦଇତା ଓ ପତିମହାପାତ୍ର ସେବକମାନେ ଚିତା ଲାଗି କରାଇଛନ୍ତି। ମହାପ୍ରଭୁଙ୍କ ଶ୍ରୀମୁଖରେ ଝଲସି ଉଠୁଛି ରତ୍ନଖଚିତ ସୁବର୍ଣ୍ଣ ଚିତା। ଶ୍ରୀମନ୍ଦିରରେ ସକାଳଧୂପ ଏବଂ ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ପୁଷ୍ପାଳକ ସେବକ ତିନିବାଡ଼ରେ ମଇଲମ କରିଥିଲେ। ରତ୍ନସିଂହାସନରୁ ଶ୍ରୀଦେବୀ ଓ ଭୁଦେବୀଙ୍କୁ ହାତରେ ନେଇ ଖଟଶେଯ ଘରେ ବିଜେ କରାଯାଇଥିଲା। ଏହାପରେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ରତ୍ନସିଂହାସନକୁ ଯାଇ ପ୍ରଥମେ ବଡଠାକୁର, ପରେ ସୁଭଦ୍ରା ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କୁ ରତ୍ନ ଖଚିତ ସୁବର୍ଣ୍ଣ ଚିତା ଲାଗି

### ଚିତା ଲାଗି ଅମାବାସ୍ୟା

କରାଇଥିଲେ। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଓଷ ଏବଂ ପାଟରା ସେବକଙ୍କଠାରୁ ଆସିଥିବା ପାଟଡୋର ଦ୍ୱାରା ତିନିଠାକୁରଙ୍କ ଶ୍ରୀମୁଖରେ ଏହି ଚିତା ଲାଗି କରାଇଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ୱେତ ହୀରା ଖଚିତ ସୁବର୍ଣ୍ଣ ଚିତା ପରିଧାନ କରିଥିବାବେଳେ ବଡଠାକୁର ନୀଳା ଖଚିତ ସୁବର୍ଣ୍ଣ ଚିତା ଓ ଦେବୀ ସୁଭଦ୍ରା ମାଣିକ୍ୟ ଖଚିତ ସୁବର୍ଣ୍ଣ ଚିତା ଧାରଣ କରିଥିଲେ। ଚିତା ଲାଗି ସମ୍ପନ୍ନ ପରେ ପୂଜାପଣ୍ଡା ସାମନ୍ତ ତିନିବାଡରେ ମହାସ୍ନାନ କରିଥିଲେ। ପରେ ଖଟଶେଜ ଘରେ ଥିବା ଶ୍ରୀଦେବୀ, ଭୂଦେବୀଙ୍କୁ ରତ୍ନସିଂହାସନୁ ବିଜେ କରାଯାଇଥିଲା। ମାଳଫୁଲ ଲାଗି ବେଶ ବଢିବା ପରେ ମହାପ୍ରଭୁଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ବଢି ପାଣି ପଡିଲା ପରେ ପୂଜାପଣ୍ଡା, ମୁଦିରସ୍ତ ଏବଂ ପତିମହାପାତ୍ର ତିନି ବାଡରେ ବନ୍ଦାପନା କରିଥିଲେ। ଏହାପରେ ଶ୍ରୀମନ୍ଦିରରେ ଅନ୍ୟାନ ନୀତି ବଢିଥିଲା। ଚିତାଲାଗି ତଥା ଚିତଉ ଅମାବାସ୍ୟ। ଏହି ପବିତ୍ର ତିଥିରେ ଠାକୁରଙ୍କୁ ସକାଳ ଧୂପରେ ଚିତଉ ପିଠା ଲାଗି କରାଯାଇଥିଲା। ସୂଚନାଯୋଗ୍ୟ, ସ୍ନାନ ପୂର୍ଣ୍ଣିମା ଦିନ ଅଣସର ଘରେ ଠାକୁରମାନଙ୍କ ଶ୍ରୀମସ୍ତକରୁ ଚିତାମାନ ଓଲାଗି କରାଯାଇ ଭଣ୍ଡାରଘରେ ରହିଥାଏ। ଶ୍ରୀଗୁଣ୍ଡିଚାରେ ତିନିଠାକୁର ରଥରେ ସୋଲ ନିର୍ମିତ ଚିତା ଧାରଣ କରିଥାନ୍ତି। ଚିତାଲାଗି ଅମାବାସ୍ୟରେ ସୋଲ ଚିତା ଓଲାଗି ହୋଇ ରତ୍ନ ଖଚିତ ସୁବର୍ଣ୍ଣ ଚିତା ଠାକୁରମାନେ ଲାଗି ହୋଇଥାନ୍ତି।

### ୨ ଘଣ୍ଟା ୪୫ ମିନିଟ୍ ବନ୍ଦ ରହିଲା ଦର୍ଶନ

ଅପରାହ୍ନ ୧ଟା ୩୫ରେ ଭୋଗମଣ୍ଡପ ବଢିଥିଲା। ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ ହେବା ପରେ ଅପରାହ୍ନ ୨ଟା ୧୫ରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ଏହାପରେ ମହାପ୍ରଭୁଙ୍କ ଚିତାଲାଗି ଆରମ୍ଭ ହୋଇ ୪ଟା ୩୦ରେ ଶେଷ ହୋଇଥିଲା। ଅପରାହ୍ନ ୫ଟାରେ ମହାସ୍ନାନ ଶେଷ ହେବା ପରେ ଭକ୍ତଙ୍କୁ ଦର୍ଶନ ପାଇଁ ଛଡାଯାଇଥିଲା। ଦଇତାପତି ସେବକଙ୍କ ପ୍ରବେଶଠାରୁ ମହାସ୍ନାନ ଶେଷ ହେବା ପର୍ଯ୍ୟନ୍ତ ଅର୍ଥାତ୍ ୨ ଘଣ୍ଟା ୪୫ ମିନିଟ୍ ଦର୍ଶନ ବନ୍ଦ ରହିଥିଲା ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

**■ ଖଣ୍ଡଗିରି ଥାନା ପରିଦର୍ଶନ କଲେ ଗୃହମନ୍ତ୍ରୀ**

## ଅନ୍ୟ ଏକ ଥାନା ପ୍ରତିଷ୍ଠା ନେଇ ନିବେଦନ କଲେ ଏସିପି

**ଭୁବନେଶ୍ୱର, ୧।୮ (ବ୍ୟୁରୋ)**

ଗୃହ, ଶିଳ୍ପ, ଶକ୍ତି ଓ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଗୁରୁବାର ଖଣ୍ଡଗିରି ଥାନା ପରିଦର୍ଶନ କରିଥିଲେ। ପ୍ରାୟ ୪ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ଆଇନଶୃଙ୍ଖଳା ଦାୟିତ୍ୱ ବହନ କରିଥିବା ଥାନା ସମ୍ପର୍କରେ ମନ୍ତ୍ରୀ ପଚାରି ବୁଝିଥିଲେ। ଦୈନିକ ଅଭିଯୋଗ ନେଇ ଥାନାକୁ ଆସୁଥିବା ଏତଲାକାରୀଙ୍କୁ ଥାନା ଅଧିକାରୀ ଏବଂ କର୍ମଚାରୀମାନେ ଭଲ ବ୍ୟବହାର ପ୍ରଦର୍ଶନ କରିବା ସହ ମାମଲାଗୁଡିକର ତ୍ୱରିତ ବିଚାର ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଆଇନ ଖିଲାପକାରୀଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ଥାନା ଭିତର ବାହାର ପରିସର ସଫା ସୁତରା ରଖିବା ସହ ଜନପ୍ରତିନିଧିମାନଙ୍କୁ ଉଚିତ ବ୍ୟବହାର ପ୍ରଦର୍ଶନ ନେଇ ପରାମର୍ଶ ଦେଇଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଜୋନ -୩ର ଏସିପି ପ୍ରାଣକୃଷ୍ଣ ରାଉତ ଏବଂ ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ଉପସ୍ଥିତ ରହିବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏଥିସହ ମନ୍ତ୍ରୀଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇ ଥିଲେ। ଏସିପି ପ୍ରାଣକୃଷ୍ଣ ଜନସଂଖ୍ୟା ଏବଂ ସଂଖ୍ୟାଧିକ ମାମଲା ଦୃଷ୍ଟିରୁ ଖଣ୍ଡଗିରି ଅଞ୍ଚଳରେ ଆଉ ଏକ ଥାନା ପ୍ରତିଷ୍ଠାର ଆବଶ୍ୟକ ରହିଛି ବୋଲି ପ୍ରସ୍ତାବ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfi/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଶୁବୁନିମା



ଲିପ୍ସା



ଅୟସକାନ୍ତ



ଅମିୟ



ଜ୍ୟୋତିର୍ମୟୀ



ସ୍ୱଦେଶ



ରଶ୍ମିରଞ୍ଜନ



ପଦ୍ମଲୋଚନ



ତୁମେ ଅନ୍ୟଠାରୁ ଯେଭଳି ବ୍ୟବହାର ଆଶା କରୁନାହଁ,
ସେଭଳି ବ୍ୟବହାର ତୁମେ ଅନ୍ୟ ପ୍ରତି ନ କରିବା ଉଚିତ।
-କନଫୁସିୟସ



## ସଂକ୍ଷେପରେ

### ଭୁବନେଶ୍ୱରରେ ହେବ ମା' ସମଲେଶ୍ୱରୀଙ୍କ ମନ୍ଦିର

**ଭୁବନେଶ୍ୱର, ୧।୮ (ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ ମା' ସମଲେଶ୍ୱରୀଙ୍କ ମନ୍ଦିର ନିର୍ମିତ ହେବ। ସମ୍ବଲପୁର ସମେତ ସମଗ୍ର ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ବିଶାଳ ଭବ୍ୟ ମନ୍ଦିର ରାଜଧାନୀ ଉପକଣ୍ଠସ୍ଥ ହୀରାପୁର ଗ୍ରାମ ନିକଟରେ ଖୁବ୍‌ଶୀଘ୍ର ନିର୍ମାଣ କରାଯିବ ବୋଲି ଗୁରୁବାର ପ୍ରକାଶ ପାଇଛି। ମା' ସମଲେଶ୍ୱରୀ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଟ୍ରଷ୍ଟର ଚେୟାରମ୍ୟାନ ତଥା ବିଧାୟକ କିଶୋର କୁମାର ମହାନ୍ତି, ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଙ୍ଗଠନର ସଭାପତି ଡ. ପ୍ରଭାସ କୁମାର ସିଂଙ୍କ ସମେତ ସମ୍ପାଦକ ସଞ୍ଜୀବ ମିଶ୍ର, କୋଷାଧ୍ୟକ୍ଷ ସ୍ୱାତୀ କେଜରିୱାଲ ଉପସ୍ଥିତ ରହି ଏହି ସୂଚନା ଦେଇଛନ୍ତି। ଏହାସହ ମନ୍ଦିର ପରିସରରେ ଅତିଥିମାନଙ୍କ ସୁବିଧା ପାଇଁ ଏକ ଗେଷ୍ଟ ହାଉସ ଏବଂ ସାଂସ୍କୃତିକ କେନ୍ଦ୍ର ନିର୍ମାଣ କରାଯିବ ବୋଲି ସେମାନେ କହିଛନ୍ତି। ଏହି ଅବସରରେ ମା' ସମଲେଶ୍ୱରୀ ଚାରିଟେବଲ ଟ୍ରଷ୍ଟର ୱେବସାଇଟ ଓ ଲୋଗୋ ଉନ୍ମୋଚନ କରାଯାଇଥିଲା।

### ମଦ୍ୟପଙ୍କ ଉନ୍ମତ୍ତ କାଣ୍ଡ, ଦୁଇ ଛାତ୍ର ଆହତ

**ବ୍ରହ୍ମଗିରି, ୧।୮ (ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ଖଜୁରିଆ ରାସ୍ତାର ମିର୍ଜାପୁର ଛକ ନିକଟରେ ଗୁରୁବାର ଜଣେ ମଦ୍ୟପ ୩ ଘଣ୍ଟା କାଳ ଉନ୍ମତ୍ତ କାଣ୍ଡ ଭିଆଇଥିଲେ। ଉକ୍ତ ରାସ୍ତାରେ ଯାଉଥିବା ବାଟୋଇମାନଙ୍କୁ ଆକ୍ରମଣ କରିଥିବାବେଳେ ଏଥିରେ ଦୁଇଜଣ ଛାତ୍ର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଏହି ମଦ୍ୟପକୁ କାବୁ କରିବାକୁ ଚେଷ୍ଟା କରିବା ସମୟରେ ମଦ୍ୟପ ଜଣଙ୍କ ନିକଟସ୍ଥ ବିଲକୁ ପଶି ପାଣି ମଧ୍ୟରେ ଲୁଚି ରହିଥିଲା। ପରେ ଖୋଜା ଖୋଜି କରି ତାକୁ ପାଣିରୁ ଉଦ୍ଧାର କରି ବ୍ରହ୍ମଗିରି ପୋଲିସକୁ ଖବର ଦେଇଥିଲେ। ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମଦ୍ୟପକୁ ଥାନାରେ ନେଇ ଅଟକ ରଖିଛି।

### ସମୁଦ୍ରରେ ବୁଡ଼ି ଯୁବକ ମୃତ

**କୋଣାର୍କ, ୧।୮ (ଡି.ଏନ୍.ଏ.):** ଚନ୍ଦ୍ରଭାଗା ମେରାଇନ ଥାନା ଅଧୀନସ୍ଥ ଚନ୍ଦ୍ରଭାଗା ସମୁଦ୍ରରେ ବୁଡ଼ି ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋପ ଥାନା ବଇରିପୁର ଗ୍ରାମର ସଞ୍ଜୟ ମଲ୍ଲିକ। ସଞ୍ଜୟ ତାଙ୍କର ଦୁଇ ସହଯୋଗୀ ନିମାପଡ଼ା ଅଞ୍ଚଳର ରାହୁଲ ମଲ୍ଲିକ ଓ ରାଜା ମଲ୍ଲିକ ଏକ କାର୍‌ରେ କୋଣାର୍କ ବୁଲି ସାରି ଅପରାହ୍ନ ସମୟରେ ଚନ୍ଦ୍ରଭାଗା ଯାଇଥିଲେ। କାର୍‌କୁ ମେରାଇନ ଡ୍ରାଇଭରେ ରଖି ସମୁଦ୍ରରେ ଗାଧୋଇବାକୁ ଯାଇଥିବାବେଳେ ସଞ୍ଜୟ ସମୁଦ୍ର ସ୍ରୋତରେ ଭାସିଯାଇଥିଲେ। ଏହା ଦେଖି ୨ ସହଯୋଗୀ ପାଟି କରିଥିଲେ। ପାଟିଶୁଣି ସେଠାରେ ମୁତୟନଥିବା ହୋମଗାର୍ଡ ନିକଟସ୍ଥ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ କେନ୍ଦ୍ର କର୍ମଚାରୀ ପହଞ୍ଚିବାବେଳକୁ ତାଙ୍କ ମୃତଦେହ ଚନ୍ଦ୍ରଭାଗା ତୀର୍ଥପୁଷ୍କରିଣୀ ନିକଟ କୂଳରେ ଲାଗିଥିଲା। ମେରାଇନ ଥାନା ଏଏସ୍‌ଆଇ ବନବିହାରୀ ନାୟକ ଘଟଣାସ୍ଥଳରେ ମୃତଦେହ ଜବତ କରିଥିଲେ। ଚନ୍ଦ୍ରଭାଗା ସମୁଦ୍ର କୂଳରେ ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ଲାଇଫଗାର୍ଡ ମୁତୟନ କରାଯାଉ ନ ଥିବାରୁ ଭାସିଯାଉଥିବା ଲୋକମାନଙ୍କୁ ଉଦ୍ଧାର କରାଯାଇପାରୁ ନାହିଁ ବୋଲି ଚନ୍ଦ୍ରଭାଗା ବଜାର କମିଟି ସଭାପତି ଭାସ୍କର ବେହେରା ଅଭିଯୋଗ କରିଛନ୍ତି। ଏହା ସହ ତୁରନ୍ତ ଲାଇଫଗାର୍ଡ ମୁତୟନ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ କୁହନ୍ତି, ଏଠାରେ ମୁତୟନ ଥିବା ଲାଇଫଗାର୍ଡମାନଙ୍କୁ ପୁରୀ ସ୍ଥାନାନ୍ତରିତ କରାଯାଇଥିଲା। ସେମାନଙ୍କୁ ସେଠାରୁ ନ ଫେରାଯିବାରୁ ଚନ୍ଦ୍ରଭାଗା କୂଳରେ କୌଣସି ଲାଇଫଗାର୍ଡ ନ ଥିବା କହିଥିଲେ।

## ଆଗଭଳି ମିଳୁନି ତାଳପତ୍ର

# ସଙ୍କଟରେ ତାଳପତ୍ର କାରିଗରଙ୍କ ଜୀବନ ଜୀବିକା

ଦିନ ଥିଲା ତାଳପତ୍ର କାରିଗର ଭଲ ଦି ପଇସା ରୋଜଗାର କରୁଥିଲେ। ଖରାଦିନେ ବିଞ୍ଚଣା ଆଉ ବର୍ଷାଦିନେ ପଖିଆ ବ୍ୟବହାର କରୁଥିଲେ ଲୋକେ। ଘରେ ଘରେ ଚଟେଇ ଆଉ ତାଳପତ୍ରରେ ତିଆରି ପିଲାଙ୍କ ଖେଳଣାର ବ୍ୟବହାର ବି କମ୍ ନ ଥିଲା। କିନ୍ତୁ ଏବେ ସମୟ ବଦଳିଯାଇଛି। ପ୍ଲାଷ୍ଟିକର ବହୁଳ ବ୍ୟବହାର ଫଳରେ ତାଳପତ୍ର ସାମଗ୍ରୀର ଚାହିଦା କମିଛି। ତଥାପି କେତେଜଣ ଶିଳ୍ପୀ ଏବେ ବି ତାଳପତ୍ର ଉପରେ ଭରସା କରିଛନ୍ତି। ନିଜସ୍ୱ ଜ୍ଞାନ କୌଶଳରେ ତାଳପତ୍ରକୁ ବିଭିନ୍ନ ରୂପ ଦେଇ ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ବାତ୍ୟା ଫନୀ ପରେ ତାଳପତ୍ରର ଅଭାବ ସେମାନଙ୍କ ଜୀବନ ଜୀବିକା ପ୍ରତି ବିପଦ ଟାଣିଆଣିଛି।



ସିଦ୍ଧମହାବୀର ଅଞ୍ଚଳରେ ମହିଳାମାନେ ତାଳପତ୍ରରେ ପେଡ଼ି ପ୍ରସ୍ତୁତ କରୁଛନ୍ତି ।

**ହେମନ୍ତ କୁମାର ନାୟକ**
ପୁରୀ ଅଫିସ, ୧।୮

ପୁରୀ ସିଦ୍ଧମହାବୀର ଚମାର ସାହି। ଏଠାରେ ପ୍ରାୟ ୨୦ ପରିବାର ତାଳପତ୍ରକୁ କୌଳିକ ବୃତ୍ତି ଭାବେ ଆଦରି ନେଇଛନ୍ତି। ସେମାନଙ୍କ ପେଟପାଟଣାର ମାଧ୍ୟମ ସାଜିଛି ତାଳପତ୍ର। ଏହି ତାଳପତ୍ରରେ ବିଭିନ୍ନ ପ୍ରକାର ଘରକରଣା, ଖେଳଣା ଏବଂ ଭୋଗେଇ ଆଦି ତିଆରି କରୁଛନ୍ତି। ବାପା ଅଜା ଅମଳରୁ ଚାଲିଥିବା ଏହି ବେଉସା ପାଲଟିଛି ସେମାନଙ୍କ ବଞ୍ଚିବାର ରାହା। ହେଲେ ଏହି ପରିବାରଙ୍କ ଜୀବନ ଜୀବିକା ଏବେ ସଙ୍କଟରେ। ବାତ୍ୟା ଫନୀ ସେମାନଙ୍କ ଜୀବିକା ଛଡ଼ାଇନେଇଛି। ବାତ୍ୟାରେ ପୁରୀ ଜିଲାର ଶହ ଶହ ତାଳଗଛ ଭାଙ୍ଗି ନଷ୍ଟ ହୋଇଯାଇଥିବାରୁ ଆଉ ଆଗଭଳି ତାଳପତ୍ର ମିଳୁନାହିଁ। ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁ ତାଳପତ୍ର ସାମଗ୍ରୀର ଚାହିଦା କମିଥିବା ବେଳେ ଏବେ ତାଳପତ୍ରର ଅଭାବ ସେମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। କିନ୍ତୁ ରୋଜଗାରର ଅନ୍ୟ ମାଧ୍ୟମ ନ ଥିବାରୁ ଏହି କୁଳ ବେଉସାକୁ ଛାଡି ପାରୁନାହାନ୍ତି ଚମାର ସାହି ବ୍ୟତୀତ ଅନ୍ୟ କେତେକ ଅଞ୍ଚଳରେ ରହୁଥିବା ତାଳପତ୍ର କାରିଗର।

ତାଳପତ୍ରରେ ତିଆରି ସାମଗ୍ରୀ ବିଷୟରେ ୫୮ ବର୍ଷୀୟ ହୃଷୀକେଶ ବେହେରା କୁହନ୍ତି, ବାପା ଅଜା ଅମଳରୁ ଆମେ ଏହି କାମ କରିଆସୁଛୁ। ପୂର୍ବରୁ ପଖିଆ, ବିଞ୍ଚଣା, ଚଟେଇ ଇତ୍ୟାଦି ତିଆରି କରୁଥିଲୁ। ସେତେବେଳେ ଏସବୁର ଚାହିଦା ଢେର ଅଧିକ ଥିଲା। କିନ୍ତୁ ଏବେ ଏ ସବୁର ଚାହିଦା କମିଗଲାଣି। ବର୍ତ୍ତମାନ ତାଳପତ୍ରରେ ବିଭିନ୍ନ ପ୍ରକାର ଖେଳଣା, ବିଞ୍ଚଣା, ଚଟି, ଭୋଗେଇ ଏବଂ ପେଡି (ମୁଖ୍ୟତଃ ଶ୍ରୀମନ୍ଦିରରେ ଭୋଗ ପ୍ୟାକିଂ ପାଇଁ ଉଦ୍ଦିଷ୍ଟ) ତିଆରି କରୁଛନ୍ତି। ଏହାର ତିଆରି ସମ୍ପର୍କରେ ଇନ୍ଦ୍ରମଣୀ କୁହନ୍ତି, ତାଳଗଛରୁ ବରଡ଼ା କାଟି ପ୍ରଥମେ ଶୁଖାଇ ଦିଆଯାଏ। ଏହାପରେ ପତ୍ରକୁ ବାହୁଙ୍ଗାଠାରୁ ଅଲଗା କରିଦିଆଯାଏ। ପତ୍ର ମଝିରୁ ଖଡ଼ିକାକୁ ବାହାର କରାଯାଇ ଆବଶ୍ୟକସ୍ଥଳେ ରଙ୍ଗରେ ବୁଡାଯାଇ ଶୁଖିଯିବା ପରେ ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରାଯାଏ। ଏଥିରେ ପରିବାରର ସଦସ୍ୟମାନେ ମଧ୍ୟ ସାମିଲ ହୁଅନ୍ତି। ହେଲେ ବାତ୍ୟା ପରେ ତାଳପତ୍ରର ଘୋର ଅଭାବ ଦେଖାଦେଇଛି। ବହୁ ପରିମାଣରେ ତାଳଗଛ ଭାଙ୍ଗି ଯାଇଥିବାରୁ ତାଳ ବାହୁଙ୍ଗା ସଂଗ୍ରହ କରିବା କଷ୍ଟକର ହୋଇପଡୁଛି। ବାତ୍ୟା ପୂର୍ବରୁ ବ୍ରହ୍ମଗିରି, ଗୋପ, ମଦରଙ୍ଗ, କୋଣାର୍କ, ଗୋପାଳପୁର, ସମଗରା, ବାଲିଗୁଆଳି ପ୍ରଭୃତି ଅଞ୍ଚଳରୁ ବ୍ୟବସାୟୀମାନେ ତାଳବାହୁଙ୍ଗା ଆଣି ଯୋଗାଇ ଦେଉଥିଲେ। ସେତେବେଳେ ବାହୁଙ୍ଗା ଗୋଟାକ ୫ରୁ ସାଢେ ୫ଟଙ୍କା ନେଉଥିଲେ। ହେଲେ ବାତ୍ୟାରେ ବହୁ ତାଳଗଛ ଭାଙ୍ଗିଯିବାରୁ ବାହୁଙ୍ଗାର ଦାମ୍ ବଢିଯାଇଛି। ଗୋଟିଏ ବାହୁଙ୍ଗାକୁ ଏବେ ସାଢେ ୬ରୁ ୭ଟଙ୍କା ନେଉଛନ୍ତି। ତାହା ପୁଣି ଆବଶ୍ୟକ ପରିମାଣରେ ମିଳୁନାହିଁ। ତେଣୁ ତାଳପତ୍ର ଉପରେ ଭରସା କରି ଆଗକୁ ପରିବାର ଚଳାଇବା କଷ୍ଟକର ହୋଇପଡିବ ବୋଲି କହିଛନ୍ତି ହୃଷୀକେଶ। ପୂର୍ବରୁ ପୁରୀରେ ତାଳବଣ ଥିବାରୁ ଏକ ସ୍ଥାନର ନାମ ତାଳବଣିଆ ରହିଥିଲା। କିନ୍ତୁ ଏବେ ତାଳବଣିଆରେ ଆଉ ତାଳ ଗଛ ପ୍ରାୟ ନାହିଁ। ଲୋକେ ତାଳଗଛ କାଟି ଘରଦ୍ୱାର କରିସାରିଲେଣି। ଆଉ ଯେଉଁଠି କାଁ ଭାଁ ତାଳଗଛ ରହିଥିଲା ବାତ୍ୟାରେ ଅନେକ ଭାଙ୍ଗି ନଷ୍ଟ ହୋଇଯାଇଛି। ତେଣୁ ପର୍ଯ୍ୟାପ୍ତ ପରିମାଣର ତାଳଗଛ ରୋପଣ କରିବାର ଆବଶ୍ୟକତା ରହିଛି। ନଚେତ୍ ସମୟ ଆସିବ ତାଳପତ୍ର ମିଳିବା କଷ୍ଟକର ହୋଇପଡିବ।

ତାଳଗଛ କେବଳ କାରିଗରଙ୍କ ପାଇଁ ନୁହେଁ, ମହାପ୍ରଭୁଙ୍କ ସେବାପୂଜାରେ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ବହନ କରିଆସୁଛି। ରଥଯାତ୍ରା ସମୟରେ ଠାକୁରଙ୍କୁ ରଥାରୁଢ କରିବା ଲାଗି ତାଳଗଛରେ ଚାରମାଳ ବନ୍ଧା ଯାଇଥାଏ। ଶ୍ରୀମନ୍ଦିରରେ ଶୁଖିଲା ଭୋଗକୁ ଭକ୍ତମାନେ ତାଳପତ୍ରରେ ତିଆରି ପେଡିରେ ନେଇଥାନ୍ତି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ମହାପ୍ରଭୁଙ୍କ ନବକଳେବର ବିଧି ସମୟରେ ତାଳପତ୍ର ବ୍ୟାପକ ପରିମାଣରେ ଆବଶ୍ୟକ ପଡିଥାଏ। କୋଇଲି ବୈକୁଣ୍ଠରେ ନୂଆ ଦାରୁ ମୂର୍ତ୍ତିଙ୍କ ଲାଗି ତାଳପତ୍ରରେ ତାଟି ବନ୍ଧାଯାଏ। ଚତୁର୍ଦ୍ଧାବିଗ୍ରହଙ୍କ ଲାଗି ୪ଟି ଘର, ଗୋଟିଏ ଯଜ୍ଞ ଘର, ଗୋଟିଏ ହୋମ ଘର ଏବଂ ଦଇତାପତି ସେବକଙ୍କ ବସାଉଠା ଲାଗି ମଧ୍ୟ ଗୋଟିଏ ଘର ତାଳପତ୍ରରେ କରାଯାଏ। ୨୦୧୫ ନବକଳେବର ସମୟରେ ପ୍ରାୟ ୧ ଟ୍ରକ୍ ତାଳପତ୍ର ଲାଗିଥିଲା ବୋଲି କହିଛନ୍ତି ହୃଷୀକେଶ। ଏବେଠାରୁ ଯଦି ତାଳଗଛ ରୋପଣ କରା ନ ଯାଏ ତେବେ ନବକଳେବର ସମୟରେ ତାଳପତ୍ର ଅଭାବ ଦେଖାଦେଇପାରେ ବୋଲି ହୃଷୀକେଶ କହିଛନ୍ତି।

### ନବକଳେବର ପାଇଁ ବି ଦେଖାଦେଇପାରେ ଅଭାବ

ଏ ସମ୍ପର୍କରେ ପୁରୀ କ୍ରିଏଟିଭ ହ୍ୟାଣ୍ଡିକ୍ରାଫ୍ଟର ମୁଖ୍ୟ ଦେବୀପ୍ରସନ୍ନ ନନ୍ଦ କୁହନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ କାଠ ପାଇଁ ଶ୍ରୀଜଗନ୍ନାଥ ବନପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ତାଳଗଛ ଏବଂ ତାଳପତ୍ର ମଧ୍ୟ ମହାପ୍ରଭୁଙ୍କ ବିଭିନ୍ନ କାମରେ ଲାଗିଥାଏ। ଏଥିସହ ତାଳପତ୍ର ଉପରେ ନିର୍ଭର କରି ଶହ ଶହ ଶିଳ୍ପୀ ତଥା କାରିଗର ଜୀବିକା ନିର୍ବାହ କରୁଛନ୍ତି। ଫନୀ ପରେ ଜିଲାରେ ଅଧିକାଂଶ ତାଳଗଛ ନଷ୍ଟ ହୋଇଯାଇଥିବାରୁ ତାଳପତ୍ର ସଂଗ୍ରହ ପାଇଁ ଏବେ ସମସ୍ୟା ସୃଷ୍ଟି ହେଉଛି। ତେଣୁ ବ୍ୟାପକ ପରିମାଣରେ ତାଳ ଚାରା ରୋପଣ କରିବା ଦରକାର। ନଚେତ ଭବିଷ୍ୟତକୁ ସମସ୍ୟା ବଢିବ ସିନା କମିବ ନାହିଁ। ଏ ସମ୍ପର୍କରେ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କୁହନ୍ତି, ବାତ୍ୟା ଫନୀରେ ଜିଲାରେ ବହୁ ପରିମାଣରେ ତାଳଗଛ ନଷ୍ଟ ହୋଇଛି। ତେଣୁ ତାଳବଣିଆସ୍ଥିତ ସୁଇଟ୍ ୱାଟର ଜୋନ ଚାରିପଟେ ଚଳିତବର୍ଷ ୫୦୦ ତାଳଗଛ ଚାରା ରୋପଣ କରାଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ୨୦୦ ଚାରା ରୋପଣ କରାଯିବ ଏବଂ ଆଉ ୩୦୦ ଗୋଟମା ପକାଯିବ। ଏଥିରୁ ଚାରା ବାହାରିବା ପରେ ଏହାକୁ ଲଗାଯିବ ବୋଲି ଡିଏଫ୍‌ଓ ଉଦ୍‌ଗାତା କହିଛନ୍ତି।




ଶବରୀ ଉତ୍ସବ ମହାମିଳନ ପର୍ବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଶବରୀ ଉତ୍ସବ: ୧୪ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୧।୮ (ବ୍ୟୁରୋ)**

ଶବରୀ ଉତ୍ସବ ମହାମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଅଧିବକ୍ତା ସୂର୍ଯ୍ୟନାରାୟଣ ଦାସଙ୍କ ସଭାପତିତ୍ୱରେ ସୂଚନା ଭବନରେ ଆୟୋଜିତ ଏହି ଉତ୍ସବରେ ଜଷ୍ଟିସ ରଘୁବୀର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଣ୍ଡିତ ଉମେଶ ଚନ୍ଦ୍ର କର, ମାନସ ରଞ୍ଜନ ଦାଶ, ଅଧିବକ୍ତା ଜୟନ୍ତ କୁମାର ମିଶ୍ର ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ଅଧିବକ୍ତା ସଂଘମିତ୍ରା ପରିଡା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୧୪ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁ ମୀନାକ୍ଷୀ ବେହେରାଙ୍କୁ ନାଚୁଣୀ ସମ୍ମାନ, ଗୁରୁ ବିଜୟ କୁମାର ଜେନାଙ୍କୁ ଗାଉଣୀ ସମ୍ମାନ, ଗୁରୁ ସୁରମଣି ରମେଶ ଚନ୍ଦ୍ର ଦାସଙ୍କୁ ବାଜୁଣୀ ସମ୍ମାନ, ସୁରେନ୍ଦ୍ର ନାଥ ଛୋଟରାୟଙ୍କୁ ଲୋକକଳା ବିଭୂଷଣ ସମ୍ମାନ ଗାୟନ, ସୌଦାମିନୀ ଆଚାର୍ଯ୍ୟଙ୍କୁ ଶିକ୍ଷା ସୌରଭ ସମ୍ମାନ, ପ୍ରକାଶ ଚନ୍ଦ୍ର ମିଶ୍ରଙ୍କୁ ନ୍ୟାୟାଧୀଶ ସମ୍ମାନ, ଡ. ଗୌରୀ ଶଙ୍କର ରାମଙ୍କୁ ନ୍ୟାୟଜ୍ୟୋତି ସମ୍ମାନ, ଡ. ଅକ୍ଷୟ ମିଶ୍ରଙ୍କୁ ବଦ୍ୟରାଜ ସମ୍ମାନ, ମିହିର କୁମାର ସ୍ୱାଇଁଙ୍କୁ କଳା ସମ୍ରାଟ ସମ୍ମାନ, ଗୋବିନ୍ଦ ପଟ୍ଟନାୟକଙ୍କୁ ସାହିତ୍ୟ ସୌରଭ ସମ୍ମାନ, ଖବରଦାତା ଦୁଲାଲ ମିଶ୍ରଙ୍କୁ ପ୍ରଭାଦୀପ ସମ୍ମାନ, ପ୍ରଦୀପ କୁମାର ପୃଷ୍ଟିଙ୍କୁ ସେବାଶ୍ରୀ ସମ୍ମାନ, ନାଗେଶ୍ୱର ମହାନ୍ତିଙ୍କୁ ଗୌରଚନ୍ଦ୍ର ପରିଡା ଜୀବନାୟନ ସମ୍ମାନ, ଅଜୟ କୁମାର ରାଉତଙ୍କୁ ଦିବ୍ୟାଙ୍ଗ କଳା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶୀଲ କୁମାର ଛୁଆଲସିଂଙ୍କ ତତ୍ତ୍ୱାବଧାନରେ ପ୍ରକାଶିତ ମଣୋହି ପୁସ୍ତକକୁ ଏହି ଅବସରରେ ଉନ୍ମୋଚିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସଙ୍ଗୀତ ଶିଳ୍ପୀ ହରପ୍ରିୟା ସ୍ୱାଇଁ, ବିଶିଷ୍ଟ ନୃତ୍ୟଶିଳ୍ପୀ ମୀନାକ୍ଷୀ ବେହେରା, ସଂଘମିତ୍ରା ପରିଡା, ମମତା ଦାସ ଏବଂ ଅନୁଲିଷା ପ୍ରଧାନ ପ୍ରମୁଖ ନୃତ୍ୟ ପ୍ରଦର୍ଶନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

## ■ ପର୍ଯ୍ୟଟକ ବୃଦ୍ଧି ଚିନ୍ତା

# ବିଭାଗୀୟ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ

**ଭୁବନେଶ୍ୱର, ୧।୮ (ବ୍ୟୁରୋ)**

- ■ ପର୍ଯ୍ୟଟନସ୍ଥଳୀ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ
- ■ ହେରିଟେଜ୍ ହୋମ୍ ଷ୍ଟେ', ଇକୋ-ଟୁରିଜମ୍‌କୁ ଫୋକସ୍

ଓଡ଼ିଶା ପର୍ଯ୍ୟଟନରେ ଅବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ ମୁଣ୍ଡବ୍ୟଥା ବଢିଛି। ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇଁ ବିଭାଗ ଚିନ୍ତା କରୁଥିବାବେଳେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମନ୍ତ୍ରୀ ଗୁରୁବାର ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଗୁରୁବାର ଦୁଇଟି ପର୍ଯ୍ୟାୟରେ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବିଭାଗରେ ଥିବା ସମସ୍ୟା ସହ ବିଭିନ୍ନ ପ୍ରକଳ୍ପର ସଫଳ ରୂପାୟନ ନିମନ୍ତେ ମାସିକିଆ ଯୋଜନା ପ୍ରସ୍ତୁତ କରି ସମାଧାନ ଉପରେ ଗୁରୁତ୍ୱ ଦେଇଛନ୍ତି। ଠିକ୍ ସମୟରେ ପ୍ରକଳ୍ପଗୁଡ଼ିକ ଯେପରି ଶେଷ ହେବ ଏବଂ ଏହା ପର୍ଯ୍ୟଟକଙ୍କ ଲାଗି ଫଳପ୍ରଦ ହୋଇପାରିବ ସେଥିପ୍ରତି ଧ୍ୟାନ ଦେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଓଡ଼ିଶାକୁ ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକର ଭିତ୍ତିଭୂମି ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ୩୫୮ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନୂତନ ମିଡିଆ ଷ୍ଟ୍ରାଟେଜି ପ୍ରସ୍ତୁତ କରି ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ଚିତ୍ରକୁ ବ୍ୟାପକ କରିବାକୁ କୁହାଯାଇଛି। ସେହିଭଳି ଇକୋ-ଟୁରିଜମ୍‌କୁ ଗୁରୁତ୍ୱ ଦେବା, ହେରିଟେଜ୍ ହୋମ୍ ଷ୍ଟେ' ଯୋଜନାକୁ ବ୍ୟାପକ କରିବା, ରାଜ୍ୟ ଓ ଦେଶ ବାହାରେ ରୋଡ୍ ଶୋ' ଆୟୋଜନ, ଜିଲାପାଳଙ୍କ ପ୍ରସ୍ତାବକୁ ଭଲଭାବେ ଅନୁଧ୍ୟାନ କରିବା ପରେ ପର୍ଯ୍ୟଟନସ୍ଥଳୀ ଘୋଷଣା କରିବା, ସର୍କିଟ୍ ଟୁରିଜମ୍ ଉପରେ ଗୁରୁତ୍ୱ ଦେବାକୁ ଆଲୋଚନା ହୋଇଥିଲା। ବୈଠକରେ ପର୍ଯ୍ୟଟନ ବିଭାଗ ଶାସନ ସଚିବ ବିଶାଳ ଦେବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ନିର୍ମଳ ଚନ୍ଦ୍ର ମିଶ୍ର, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ ଓ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ନେଇଥିଲେ ବୈଜ୍ଞାନିକ

## ମିଶନ ଚନ୍ଦ୍ରଯାନ

**ପୁରୀ ଅଫିସ, ୧।୮**

ମିଶନ ଚନ୍ଦ୍ରଯାନ-୨ର ସଫଳତା ପଛରେ ରହିଛି ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଉପଦେଶ। ମହାକାଶ ବିଜ୍ଞାନ ବୈଦିକ ଗଣିତ ଆଧାରରେ ଚାଲୁଛି। ତେଣୁ ଏହାକୁ କିପରି ଉପଯୋଗ କରାଯାଇପାରିବ ସେ ନେଇ ଶଙ୍କରାଚାର୍ଯ୍ୟଙ୍କ ସହ ଆଲୋଚନା କରିଥିଲେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ବୈଜ୍ଞାନିକ। ଚନ୍ଦ୍ରଯାନ-୨ ଉତ୍କ୍ଷେପଣ ପୂର୍ବରୁ ଶଙ୍କରାଚାର୍ଯ୍ୟ ଇସ୍ରୋର ଶ୍ରୀହରିକୋଟାସ୍ଥିତ ପ୍ରୟୋଗଶାଳା ପରିଦର୍ଶନ କରିଥିଲେ। ସେଠାରେ ସେ ବୈଦିକ ଗଣିତ ଏବଂ ଚନ୍ଦ୍ରଯାନ ଉତ୍କ୍ଷେପଣ ସମ୍ପର୍କରେ ବୈଜ୍ଞାନିକମାନଙ୍କ ସହ ବିଚାର ବିମର୍ଶ କରିଥିଲେ। ଚନ୍ଦ୍ରମାଙ୍କ ଗତି ସମ୍ପର୍କରେ ଶ୍ରୀମଦ୍ ଭାଗବତ, ବିଷ୍ଣୁ ପୁରାଣ ଏବଂ ବିଶେଷକରି ମହାଭରତରେ ତଥ୍ୟ ରହିଛି। ଏହି ଆଧାର କରି ଚନ୍ଦ୍ରଯାନ କେବେ ଛଡାଯିବ ସେ ନେଇ ଇସ୍ରୋ ବୈଜ୍ଞାନିକଙ୍କୁ ଶଙ୍କରାଚାର୍ଯ୍ୟ ପରାମର୍ଶ ଦେଇଥିବା ଜଣାପଡିଛି।

## ଫଟୋରେ ଖବର




ସମ୍ବଲପୁରୀ ଦିବସ ପାଳନ ଅବସରରେ ଭୁବନେଶ୍ୱର ଉତ୍କଳ ଅଡିଟୋରିୟମରେ ଗୁରୁବାର ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଗୁରୁବାର ନାଟ୍ୟଧାରା ଅନୁଷ୍ଠାନ ପକ୍ଷରୁ ପରିବେଷିତ ନାଟକ 'ଶୂନ୍ୟରୁ ଶୂନ୍ୟକୁ'ର ଏକ ଦୃଶ୍ୟ।




ସମ୍ବଲପୁରୀ ଦିବସ ପାଳନ ଅବସରରେ ପଶ୍ଚିମ ଓଡ଼ିଶା ଯୁବମଞ୍ଚ ପକ୍ଷରୁ ଗୁରୁବାର ଭୁବନେଶ୍ୱରରେ ଅନୁଷ୍ଠିତ ବାଇକ୍ ଶୋଭାଯାତ୍ରା।



ଧରେ ଅଭ୍ୟାସର ବଶବର୍ତୀ ହୋଇଗଲେ ଆଉ ସହଜରେ ତ୍ରାହି ମିଳେନା
- ସେନେକା



## ସଂକ୍ଷେପରେ

### ବିଦ୍ୟୁତ୍ ଶର୍ଟ ସର୍କିଟ: ଜଳିଗଲା ୧୮ ବଖରା

**ବେଗୁନିଆ, ୧।୮ (ଡି.ଏନ.ଏ.):** ବେଗୁନିଆ ତହସିଲ ଅଧୀନ ଲୋକିପୁର ଗାଁରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୧୮ ବଖରା ପୋଡି ଯାଇଥିଲା। ପ୍ରାୟ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ଛାରଖାର ହୋଇଥିବାର ପ୍ରାଥମିକ ଆକଳନରୁ ଜଣାପଡିଛି। ରାତି ପ୍ରାୟ ୧୨ଟା୧୦ ମିନିଟ୍‌ରେ ପୂର୍ଣ୍ଣଚନ୍ଦ୍ର ମାନସିଂଙ୍କ ଘରକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ଶଟସର୍କିଟ ଯୋଗୁ ନିଆଁ ବାହାରି ଘରେ ଲାଗି ଯାଇଥିଲା। ଖବର ପାଇ ବେଗୁନିଆ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ପାଣିପକାଇ ନିଆଁକୁ ଆୟତ୍ତ କରିଥିଲେ। ହେଲେ ପୂର୍ଣ୍ଣଚନ୍ଦ୍ରଙ୍କ ୮ ବଖରା, ଆଲୋକ ମାନସିଂଙ୍କ ୨ ବଖରା, ନବ କିଶୋର ଛୁଆଳସିଂଙ୍କର ୨ ବଖରା ପୋଡି ଯାଇଛି। ଅନ୍ୟମାନଙ୍କ ମଧରେ ଗୋପାଳ ଶ୍ରୀଚନ୍ଦନ, ପ୍ରସନ୍ନ ଶ୍ରୀଚନ୍ଦନ, ମଦନମୋହନ ଶ୍ରୀଚନ୍ଦନ, ବିନୋଦ ବିହାରୀ ଶ୍ରୀଚନ୍ଦନଙ୍କର ଏକ ବଖରା ଲେଖାଏ ପୋଡି ଯାଇଛି। ଏ ନେଇ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି।

### ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର, ୧।୮(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଲୁମ୍ବିନୀ ବିହାର ନିକଟରେ ଥିବା ଏକ ବରଗଛ ମୂଳରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିଥିବା ଯୁବକ ଜଣଙ୍କ ହେଲେ ମଞ୍ଚେଶ୍ୱର କଲୋନୀର ସୁକାନ୍ତ ଦଳାଇ(୨୨)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଏହାସହ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସୁକାନ୍ତ ଜଣେ ଝିଅଙ୍କୁ ଦୁଇବର୍ଷ ହେବ ଭଲ ପାଉଥିଲେ। ହେଲେ ଯୁବତୀ ଜଣଙ୍କ ଅନ୍ୟ ଜଣେ ଯୁବକଙ୍କୁ ଭଲ ପାଉଥିବା ବେଳେ ସୁକାନ୍ତଙ୍କୁ ଛାଡି ଦେଇଥିଲେ। ଏ ନେଇ ସୁକାନ୍ତ ଓ ଯୁବତୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଗୁରୁବାର ସକାଳେ ସୁକାନ୍ତ ଲୁମ୍ବିନୀ ବିହାର ନିକଟରେ ଥିବା ଏକ ବରଗଛ ମୂଳରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ସେଠାରେ ସୁକାନ୍ତ ମରି ପଡିଥିବା ବେଳେ ସେହି ବାଟ ଦେଇ ଯାଉଥିବା ଲୋକେ ଥାନାକୁ ଫୋନ୍ କରି ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

### ଶବ୍ଦ ପ୍ରଦୂଷଣ ରୋକିବାକୁ ପ୍ରୟାସ

**ପୁରୁଣା ଭୁବନେଶ୍ୱର, ୧।୮ (ଡି.ଏନ.ଏ.):** ରାଜଧାନୀରେ ବିବାହ, ବ୍ରତ, ଶୋଭାଯାତ୍ରାରେ ବଢୁଛି ଶବ୍ଦ ପ୍ରଦୂଷଣ ହେଉଛି। ଏହାଦ୍ୱାରା ବରିଷ୍ଠ ନାଗରିକଙ୍କ ସମେତ ଜନସାଧାରଣ ପ୍ରଭାବିତ ହେଉଛନ୍ତି। କମିଶନ୍‌ରେଟ ପୋଲିସ ଏହି ଶବ୍ଦ ପ୍ରଦୂଷଣ ପାଇଁ ଅନେକ ଶୋଭାଯାତ୍ରାରେ ବ୍ୟବହୃତ ଡ଼ିଜେ ଗାଡ଼ି ଗୁଡ଼ିକୁ ଦାୟୀ କରି ଆସୁଛି। ଏହାକୁ ହୃଦୟଙ୍ଗମ କରି ଆଗକୁ କିଭଳି ଶବ୍ଦ ପ୍ରଦୂଷଣ ନ ହେବ ସେଥିପାଇଁ ଧ୍ୟାନ ଦେବା ସହ ବିଭିନ୍ନ ପ୍ରସ୍ତାବମାନ ଆଣିଛି ଭୁବନେଶ୍ୱର ସାଉଣ୍ଡ ଆଣ୍ଡ ଲାଇଟ ମାଲିକ ଆସୋସିଏଶନ। ଗୁରୁବାର ସ୍ଥାନୀୟ ସାମନ୍ତରାପୁରସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ବୈଠକରେ ଆସୋସିଏଶନ୍‌ର ସମସ୍ତ ସଦସ୍ୟଙ୍କ ସହମତିକ୍ରମେ କେତେକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସେଗୁଡ଼ିକ ମଧ୍ୟରେ କମିଶନ୍‌ରେଟ ପୋଲିସ ପକ୍ଷରୁ ଧାର୍ଯ୍ୟ ୬ଟି ଟପରେ ଡ଼ିଜେଗୁଡ଼ିକ ସୀମିତ ରହିବା, ଡ଼ିଜେଗୁଡ଼ିକରେ ବ୍ୟବହୃତ ବ୍ରାସଗୁଡ଼ିକ ବନ୍ଦ କରିବା, ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପାର୍ଟିଙ୍କ ପକ୍ଷରୁ ଦୁଇଟି ସିକ୍ୟୁରିଟି ଗାଡ଼ି ପ୍ରଦାନ କରାଯିବା, ପ୍ରତି ଡ଼ିଜେ ଗାଡ଼ିରେ ଏମାନଙ୍କର ରେଜିଷ୍ଟ୍ରେଶନ ସମ୍ବନ୍ଧରେ ସମସ୍ତ ତଥ୍ୟ ବାଧ୍ୟତା ମୂଳକ ଭାବେ ସୂଚନା ଲେଖାଯିବା ପ୍ରସ୍ତାବ ମୁଖ୍ୟ ଅଟେ। ବୈଠକରେ ସଭାପତି ବିଶ୍ୱରଞ୍ଜନ ସାମନ୍ତରାୟ, ଟିକୁନା ବିଶ୍ୱାଳ, ବଳରାମ ନାଥ, ସୁଶିକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଯନ୍ତ୍ରୀଙ୍କ ଘରୁ ଚୋରି ଟ୍ୟାକ୍ସି ମାଲିକ ଗିରଫ

- ୧୮ଭରି ସୁନା, ଲାପଟପ୍ ଜବତ
- ତିଆରି କରିଥିଲେ ନକଲି ଚାବି
- ଫେରାର ୨ଜଣଙ୍କୁ ଧରିବାକୁ ଛାନ୍‌ଭିନ୍





ଜବତ ସୁନା, ଲାପ୍‌ଟପ୍ ଓ ଗିରଫ ଅଭିଯୁକ୍ତ।

**ଭୁବନେଶ୍ୱର, ୧।୮(ବ୍ୟୁରୋ)**

ନୟାପଲ୍ଲୀ ବେହେରାସାହିରେ ରହୁଥିବା ଜଣେ ନିର୍ବାହୀ ଯନ୍ତ୍ରୀଙ୍କ ଘରୁ ସୁନାଗହଣା ଓ ଟଙ୍କା ଚୋରି ଘଟଣାରେ ପୋଲିସକୁ ସଫଳତା ମିଳିଛି। ଏହି ଘଟଣାରେ ଗୁରୁବାର ଭଦ୍ରକ ଜିଲା କୁଆଁସ ଗ୍ରାମର ଟ୍ୟାକ୍ସି ମାଲିକ ରୂପେଶ କୁମାର ପ୍ରଧାନ(୩୨)ଙ୍କୁ ଗିରଫ କରାଯାଇଛି। ସେ ନୟାପଲ୍ଲୀ ଥାନା ଅଧୀନ ଆଇଆର୍‌ସି ଭିଲେଜର ପ୍ଲଟ୍ ନଂ-ଏନ୍-୨/୭୩ରେ ରହୁଥିଲେ। ତାଙ୍କ ନିକଟରୁ ପୋଲିସ ୧୮ଭରି ସୁନା ଗହଣା ସମେତ ଗୋଟିଏ ଲାପ୍‌ଟପ୍ ଜବତ କରିଛି। ଏହି ଚୋରିରେ ସମ୍ପୃକ୍ତ ଥିବା ଅନ୍ୟ ୨ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

ସୂଚନା ଅନୁଯାୟୀ, ନୟାପଲ୍ଲୀ ବେହେରାସାହି ପ୍ଲଟ୍ ନଂ-୨୯୨/କ୍ୟୁରେ ମମତା ପାତ୍ର ତାଙ୍କ ସାନ ଝିଅ ସହ ରୁହନ୍ତି। ବଡ଼ ଝିଅ ବାଙ୍ଗାଲୋରରେ ରହୁଥିବାବେଳେ ମମତାଙ୍କ ସ୍ୱାମୀ ଅପୂର୍ବ ପାତ୍ର ମୟୂରଭଞ୍ଜ ଜିଲା କରଞ୍ଜିଆରେ ନିର୍ବାହୀ ଯନ୍ତ୍ରୀ ଭାବେ କାମ କରନ୍ତି। ଗତ ଏପ୍ରିଲ ୧୯ରେ ମମତା ଓ ସାନଝିଅ କୌଣସି କାମରେ ବ୍ରହ୍ମପୁରସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଘରୁ ଗଲାବେଳେ ସେ ଜଣେ ପଡୋଶୀଙ୍କୁ ଚାବିକାଠି ଦେଇଥିଲେ। ହେଲେ ୨୦ ତାରିଖରେ କେହି ତାଙ୍କ ଘର ତାଲା ଖୋଲି ଆଲମିରାରୁ ସୁନା ଅଳଙ୍କାର ଓ ନଗଦ ୨୦ହଜାର ଟଙ୍କା ଚୋରି କରି ଫେରାର ହୋଇଯାଇଥିଲେ। ୨୪ ତାରିଖରେ ମମତା ଘରକୁ ଫେରିବା ପରେ କବାଟ ଓ ଆଲମାରି ଖୋଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ଘରୁ ଚୋରି ହୋଇଥିବା ସେ ଜାଣିବାକୁ ପାଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଯାଞ୍ଚ କରିଥିଲେ ମଧ୍ୟ କିଛି ତଥ୍ୟ ମିଳି ନ ଥିଲା। ତଥାପି ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲା।

### କିପରି ଧରାପଡ଼ିଲେ ଅଭିଯୁକ୍ତ

ଅଭିଯୁକ୍ତ ରୂପେଶ ନିଜର ୪ଟି ଗାଡ଼ି ଭଡ଼ାରେ ଲଗାଇଥିବାବେଳେ ଗୋଟିଏ ଟ୍ୟାକ୍ସି ନିଜେ ଚଲାଉଥିଲେ। ମମତାଙ୍କ ସାନଝିଅ ସମେତ ବାଙ୍ଗାଲୋରରୁ ବଡଝିଅ ଭୁବନେଶ୍ୱରକୁ ଆସିଲେ ରୂପେଶଙ୍କ ଟ୍ୟାକ୍ସିରେ ପାର୍ଲର ଓ ବଜାରକୁ ଯାଇଥାନ୍ତି। ଦୁହିଁଙ୍କୁ ନେବା ଆଣିବା ସମୟରେ କଥାବାର୍ତ୍ତାରୁ ସେମାନଙ୍କ ଘର ବିଷୟରେ ସବୁ ଜାଣିବାକୁ ପାଇଥିଲେ। ଏପରିକି ସେମାନେ ଘରର ଚାବି ଜଣେ ପଡୋଶୀଙ୍କୁ ଦେଇଯାଇଥିବା ସୂଚନା ପାଇଥିଲେ। ଏହାପରେ ମମତାଙ୍କ ଘରୁ ଚୋରି କରିବା ପାଇଁ ରୂପେଶ ମନସ୍ଥ କରି ସୁଯୋଗ ଅପେକ୍ଷାରେ ରହିଥିଲେ। ଶେଷରେ ଏପ୍ରିଲ ୧୯ରେ ଏହି ସୁଯୋଗ ଆସିଥିଲା। ମମତା ଓ ତାଙ୍କ ସାନ ଝିଅ ବାହାରକୁ ଯାଇଥିଲେ। ସବୁଥର ପରି ସେମାନେ ଘର ଚାବି ପଡୋଶୀଙ୍କୁ ଦେଇଯାଇଥିଲେ। ସମ୍ପୃକ୍ତ ପଡୋଶୀଙ୍କ ସହ ରୂପେଶଙ୍କର ଭଲ ସମ୍ପର୍କ ରହିଥିଲା। ରୂପେଶ ମଉକା ଦେଖି ତାଙ୍କ ଘରୁ ଚାବିକାଠି ନେଇ ଏକ ନମ୍ବର ମାର୍କେଟରେ ନକଲି ଚାବି ତିଆରି କରିଥିଲେ। ଏହାପରେ ରୂପେଶ ଓ ତାଙ୍କର ୨ଜଣ ସହଯୋଗୀ ୨୦ତାରିଖ ରାତିରେ ମମତାଙ୍କ ଘରର ତାଲା ଖୋଲି ପଶିଥିଲେ। ଭିତର ଘର କବାଟ ଭାଙ୍ଗି ସେମାନେ ଆଲମାରୀରୁ ୩୦ ଭରି ସୁନା ଓ ନଗଦ ଟଙ୍କା ନେଇଥିବା ବେଳେ ପ୍ରାୟ ୩ଭରି ସୁନା ଘରେ ଖସିପଡ଼ିଥିଲା। ଏହାପରେ ରୂପେଶ ଭଦ୍ରକ ଚାଲିଯାଇ ଦୁଇଟି ଫାଇନାନ୍ସ ସଂସ୍ଥାରେ ସୁନା ଦେଇ ଟଙ୍କା ଆଣିଥିଲେ। ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ବେଳେ ତାଲା ଭଙ୍ଗା ହୋଇ ନ ଥିବା ଜାଣିବାକୁ ପାଇଥିଲା। ତେଣୁ ମମତାଙ୍କ ପରିବାର ସହ ସମ୍ପୃକ୍ତ କେହି ବ୍ୟକ୍ତି ଚାବି ଚୋରାଇ ଘରେ କଳାକନା ବୁଲାଇଥିବା ପୋଲିସ ସନ୍ଦେହ କରିଥିଲା। ପଡ଼ୋଶୀଙ୍କ ସମେତ କ୍ଷୀରବାଲାଠାରୁ ଆରମ୍ଭ କରି ପରିବା ବେପାରୀଙ୍କୁ ପୋଲିସ ପଚରାଉଚରା କରିବା ପରେ ଚୋରିରେ ରୂପେଶଙ୍କ ଲିଙ୍କ୍ ପାଇଥିଲା। ଶେଷରେ ପୋଲିସ ଭଦ୍ରକ ଯାଇ ଖୋଳତାଡ଼ କରିଥିଲା। ରୂପେଶ ୧୩ଗ୍ରାମ ସୁନା ମାନାପୁରମ୍ ଓ ଗୋଲ୍ଡ କ୍ୟାସ୍ ଲିମିଟେଡ୍‌ରେ ବନ୍ଧକ ରଖି ଟଙ୍କା ଆଣିଥିଲେ। ପୋଲିସ ଉକ୍ତ ସଂସ୍ଥାକୁ ଯାଇ ଯାଞ୍ଚ କରିବା ପରେ ରୂପେଶ ସୁନା ଦେଇଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ଗିରଫ କରାଯାଇଥିଲା। ସୁନା ବନ୍ଧକ ରଖିବାରେ ରୂପେଶଙ୍କ ସ୍ତ୍ରୀ ଓ ଭାଇ ସହଯୋଗ କରିଥିବା ଜଣାପଡ଼ିଛି।



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

## ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା

**କଟକ,୧।୮**

କଟକ ନିୟୁ ଷ୍ଟିୱାର୍ଟ ସ୍କୁଲରେ ଜିଲାସ୍ତରୀୟ ଆନ୍ତଃବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତିନୋଟି ବିଭାଗର ପ୍ରତିଯୋଗୀମାନଙ୍କୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିନିୟର ବିଭାଗରେ ସିଡିଏ ସେକ୍ଟର-୬ ଡିଏଭି ପବ୍ଲିକ ସ୍କୁଲର ଶ୍ରେୟା ମିଶ୍ର ପ୍ରଥମ, ଏଲ.ଆର. ଡିଏଭି ସ୍କୁଲର ଯଶସ୍ୱିନୀ ଆଚାର୍ଯ୍ୟ ଦ୍ୱିତୀୟ ଓ ମଡର୍ନ ପବ୍ଲିକ ସ୍କୁଲର ଶାନ୍ତନୁ ରାଜ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଜୁନିୟର ବିଭାଗରେ ସିଡିଏ ସେକ୍ଟର-୬ ଡିଏଭି ପବ୍ଲିକ ସ୍କୁଲର ସତ୍ୟଜିତ ସାହୁ ପ୍ରଥମ, ନୂଆବଜାର ଜାଭିୟର ହାଇସ୍କୁଲର ରଚନା ମହାପାତ୍ର ଦ୍ୱିତୀୟ ଓ ସିଡିଏ ସେକ୍ଟର-୬ ଡିଏଭି ପବ୍ଲିକ ସ୍କୁଲର ଅଜୟ ଅଂଶୁପ୍ରଭା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସବ୍ ଜୁନିୟର ବିଭାଗରେ ସିଡିଏ ସେକ୍ଟର-୬ ଡିଏଭି ପବ୍ଲିକ ସ୍କୁଲର ଅନ୍ୱିତା ପଣ୍ଡା ପ୍ରଥମ, ଏଲ.ଆର. ଡିଏଭି ପବ୍ଲିକ ସ୍କୁଲର ସ୍ୱୟଂସୁଦ୍ଧା ନାୟକ ଦ୍ୱିତୀୟ ଓ ଯୋସେଫ ବାଳିକା ଉଚ୍ଚ ବିଦ୍ୟାଳୟର ଅଦୈତା ସ୍ୱାଇଁ ତୃତୀୟ ହୋଇଥିଲେ। ଏଥିରେ ଚିତ୍ରଶିଳ୍ପୀ ବିଜୟ ପ୍ରଧାନ, ପ୍ରଭାତ କୁମାର ସାହୁ ଓ ପ୍ରିୟଦର୍ଶନୀ ମହାନ୍ତି ବିଚାରକ ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଅମୂଲ୍ୟ ବେହେରା, ଶିକ୍ଷୟିତ୍ରୀ ଅନିତା ସାମଲ, ମିତାଲି ସାହୁ, ବର୍ଷା ବିଶ୍ୱାସ, ପ୍ରଜ୍ଞା ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବିପଦକୁ ବେଖାତିର



ଭୁବନେଶ୍ୱର ଜିଜିପି କଲୋନୀରୁ ବାଲିଆପଟା ବସ୍ତି ଜଗନ୍ନାଥ ନଗରକୁ ଯିବା ରାସ୍ତାପାର୍ଶ୍ୱରେ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ।

## ୩ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଜଣେ ଗିରଫ

**ଭୁବନେଶ୍ୱର, ୧।୮(ବ୍ୟୁରୋ):** ଏକ ଘରୋଇ କମ୍ପାନୀ ଆକାଉଣ୍ଟରୁ ୩ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ଅମରଜିତ୍ ଲେଙ୍କା। ପୋଲିସ ତାଙ୍କୁ ଡମଣା ଅଞ୍ଚଳରୁ ଗିରଫ କରିଥିବା ଜଣାପଡିଛି। ପୋଲିସ ସୂଚନା ଅନୁଯାୟୀ, ଏକ ଘରୋଇ କମ୍ପାନୀ ମାଲିକ ସତ୍ୟଜିତ୍ ତାଙ୍କ ରାଉରକେଲା କାର୍ଯ୍ୟାଳୟ କାମ ପାଇଁ କିଛିଦିନ ପୂର୍ବେ ଦୁଇ ଶ୍ରମିକ ରଞ୍ଜନ ବେହେରା ଓ ଅମରଜିତ ଲେଙ୍କାକୁ ୩ ଲକ୍ଷ ଟଙ୍କାର ଚେକ ଦେଇଥିଲେ। ପରେ ଦୁଇ ଶ୍ରମିକ ଉକ୍ତ ଚେକ୍ ହଜି ଯାଇଥିବା କହି ସତ୍ୟଜିତ୍‌ଙ୍କଠାରୁ ନଗଦ କ୍ୟାଶଆଣିଥିଲେ। ହେଲେ ନଗଦ ଟଙ୍କା ପାଇବା ପରେ ସେମାନେ ଉକ୍ତ ଚେକ୍‌କୁ ବ୍ୟାଙ୍କ୍‌ରେ ଲଗାଇ ୩ ଲକ୍ଷ ଟଙ୍କା ଉଠାଇ ଆଣିଥିଲେ। ସତ୍ୟଜିତ୍ ବ୍ୟାଙ୍କ୍ ଆକାଉଣ୍ଟ ଯାଞ୍ଚ କରିବା ପରେ ଟଙ୍କା ଚେକ୍ ମାଧ୍ୟମରେ ଉଠା ଯାଇଥିବା ବ୍ୟାଙ୍କ୍ କର୍ତ୍ତୃପକ୍ଷ ସ୍ପଷ୍ଟ କରିଥିଲେ। ପରେ ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅମରଜିତ୍‌କୁ ଗିରଫ କରିଛି।

## ଟେଷ୍ଟ ହାଉସ୍‌ରୁ ଚୋରି କରି ୪ ଗିରଫ

**ଭୁବନେଶ୍ୱର, ୧।୮(ବ୍ୟୁରୋ)**

ଏକ ଟେଷ୍ଟ ହାଉସ୍‌ରୁ ଚୋରି କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ୪ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ନୀଳାଦ୍ରିବିହାର ପଣ୍ଡା ପାର୍କ ବସ୍ତିର ଚରଣ ଆଚାରୀ(୨୫), ହରେକୃଷ୍ଣ ବସ୍ତିର ତପନ ନାୟକ(୨୦), ପବନା ମହାପାତ୍ର(୨୨) ଓ ଅନାମ ନାୟକ(୩୪)। ସେମାନଙ୍କଠାରୁ ପୋଲିସ ଚୋରି ସାମଗ୍ରୀ ଜବତ କରିଥିବା ଜଣାପଡିଛି। ପୋଲିସ ସୂଚନା ଅନୁଯାୟୀ, ନୀଳାଦ୍ରିବିହାର ହରେକୃଷ୍ଣ ବସ୍ତିରେ ରାମଚନ୍ଦ୍ର ସ୍ୱାଇଁଙ୍କ ଏକ ଟେଷ୍ଟ ହାଉସ୍ ରହିଛି। ଗତ ୩୦ ତାରିଖ ଦିନ ରାମଚନ୍ଦ୍ର ରାତିରେ ଟେଷ୍ଟ ହାଉସ୍ ବନ୍ଦ କରି ଘରକୁ ଯାଇଥିଲେ। ସକାଳୁ ଟେଷ୍ଟ ହାଉସ୍ ଖୋଲିବାରୁ ଦୋକାନର ତାଲା ଭଙ୍ଗା ହୋଇ ଲୁଟ୍‌ପାଟ ହୋଇଛି। ଭିତରେ ପଶି ଦେଖିବା ପରେ ଗ୍ୟାସ୍ ସିଲିଣ୍ଡର, ଗ୍ୟାସ୍ ଚୁଲା, ଡିବ୍ବ ଓ କ୍ୟାସ ବାକ୍ସରେ ରଖାଯାଇଥିବା ୪ ହଜାର ଟଙ୍କା ଚୋରି ହୋଇଥିଲା। ଏ ନେଇ ଥାନାରେ ରାମଚନ୍ଦ୍ର ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଆଧାରରେ ଯାଞ୍ଚ କରିଥିଲା। ପୋଲିସ ସିସିଟିଭିରୁ ଅପରାଧୀଙ୍କୁ ଚିହ୍ନଟ କରି ଗୁରୁବାର ଗିରଫ କରିଛି।

## ଦେଶୀ ମାଛରୁ ପ୍ରସ୍ତୁତ ହେବ ମୂଲ୍ୟଯୁକ୍ତ, ପୁଷ୍ଟିକର ଖାଦ୍ୟ

**କଟକ ଅଫିସ, ୧।୮**

ଓଡ଼ିଶାରେ ମଧୁରଜଳ ମାଛର ଚାହିଦା ଅଧିକ ଥିବାବେଳେ ଛୋଟ ମାଛଗୁଡ଼ିକ ଅଧିକ ପୁଷ୍ଟିଯୁକ୍ତ ଓ ଅନ୍ୟାନ୍ୟ ଖାଦ୍ୟସାରରେ ପରିପୂର୍ଣ୍ଣ। ତେଣୁ ଏହାର ଉତ୍ପାଦନ ସହିତ ଏଥିରୁ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତ କରି ବଜାରରେ ଉପଲବ୍ଧ କରିବା ପାଇଁ ଆନ୍ତର୍ଜାତିକ ମତ୍ସ୍ୟ ଗବେଷଣା ସଂସ୍ଥା ୱାର୍ଲଡଫିସ୍ ପକ୍ଷରୁ ଯୋଜନା କରାଯାଇଛି। ମାଲେସିଆରେ ଥିବା ଏହି ସଂସ୍ଥା ରାଜ୍ୟ ସରକାରଙ୍କ ସହିତ ଏଥିଲାଗି ୫ ବର୍ଷିଆ ଚୁକ୍ତି କରିଛି। ଏନେଇ କଟକସ୍ଥିତ ମତ୍ସ୍ୟ ନିର୍ଦ୍ଦେଶାଳୟଠାରେ ୱାର୍ଲଡଫିସ୍ ସଂଗଠନ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଛି। ଏପରି କି ଏକ ପ୍ରତିନିଧିମଣ୍ଡଳୀ କୋଚିନ ଗସ୍ତରେ ଯାଇ ଭାରତ ସରକାରଙ୍କ କେନ୍ଦ୍ରୀୟ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ। ୱାର୍ଲଡଫିସ ସଂଗଠନର ପ୍ରକଳ୍ପ ପ୍ରବନ୍ଧକ ଡ. ବୈଷ୍ଣବ ଚରଣ ରଥ, ରୁଚି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ଓ ଫାଲକନ ମେରାଇନ ଏକ୍ସପୋର୍ଟର ବିକ୍ରୟ ପ୍ରବନ୍ଧକ ସ୍ୱଦେଶ ଷଡଙ୍ଗୀ ଏହି ପ୍ରତିନିଧିମଣ୍ଡଳୀରେ ସାମିଲ ଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ମତ୍ସ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ସି. ରବିଶଙ୍କରଙ୍କ ସହିତ ପ୍ରତିନିଧିମଣ୍ଡଳୀର ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରତିନିଧିମଣ୍ଡଳୀ ମାଛରୁ ବିଭିନ୍ନ ଗୁଣାତ୍ମକ ଖାଦ୍ୟ ପ୍ରସ୍ତୁତି, ଓଡ଼ିଶାରେ ତାହାର ବହୁଳ ଉତ୍ପାଦନ ଓ ପ୍ରସାର ସମ୍ପର୍କରେ ବୈଠକରେ ଆଲୋଚନା କରିଥିଲେ।

ରାଜ୍ୟ ମତ୍ସ୍ୟ ବିଭାଗ ସହଯୋଗରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ପଞ୍ଚାୟତ ପୋଖରୀକୁ ଦୀର୍ଘମିଆଦୀ ଲିଜ୍ ସୂତ୍ରରେ ଦିଆଯାଇଛି। ମାଛଚାଷ କାର୍ଯ୍ୟକ୍ରମରେ ଅନ୍ୟୂନ ୧୫୦୦ ହେକ୍ଟର ପରିମିତ ପୋଖରୀରେ ମାଛଚାଷ କରାଯାଉଛି। ଏ ବର୍ଷ ଏହାକୁ ଦ୍ୱିଗୁଣିତ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ୱାର୍ଲଡଫିସ୍‌ର ପ୍ରବନ୍ଧକ ଡ. ରଥ କହିଛନ୍ତି।

## କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ସ୍ୱର୍ଶ ହସ୍ପିଟାଲ ପୁରସ୍କୃତ




**ଭୁବନେଶ୍ୱର,୧।୮**

କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି ସ୍ୱର୍ଶ ହସ୍ପିଟାଲ ପୁରସ୍କାର ଲାଭ କରିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଏବଂ ବଲିଉଡ ଅଭିନେତା ସୋନୁ ସୋଦ ଉପସ୍ଥିତ ଥିଲେ। ହସ୍ପିଟାଲ ପୂର୍ବବର୍ଷ ଭଳି ଚଳିତ ବର୍ଷ ଟାଇମ୍ସ ଅପ୍ଟିମାଲ ମିଡିଆ ଦ୍ୱାରା 'ଟାଇମ୍ସ ହେଲ୍‌ଥ ଆଇକନ ୨୦୧୯'ର ସର୍ଭେରେ ଗତ ତିନି ବର୍ଷ ଧରି ପ୍ରଥମ ସ୍ଥାନ, ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଦ୍ୱିତୀୟ ସ୍ଥାନକୁ ଆସିଛି। ଏହା ଗୁଣବତ୍ତା ବିଶିଷ୍ଟ ସ୍ୱାସ୍ଥ୍ୟ ସେବା ଲାଗି ଲୋକଙ୍କର ଆସ୍ଥା ଭାଜନ ହୋଇ ପାରିଥିବା କହିଛି। ଏହି ସର୍ଭେରେ ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡିକୁ ସାମିଲ କରାଯାଇଥିଲା। ୨୦୦୭ ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ୱର୍ଶ ହସ୍ପିଟାଲ ୨୫ ହଜାର କର୍କଟ ରୋଗୀଙ୍କୁ ସୁଲଭ ମୂଲ୍ୟରେ ଚିକିତ୍ସା ସୁବିଧା ପ୍ରଦାନ କରିଛି। ଗୁଣବତ୍ତା ସ୍ୱାସ୍ଥ୍ୟ ସେବା ଯୋଗାଣ ଧାରା ଜାରି ରହିବ ବୋଲି ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ପ୍ରିୟବ୍ରତ ଧୀର କହିଛନ୍ତି।

## ସାତଶଙ୍ଖ ଶୀତଳଭଣ୍ଡାରରେ ୧ ହଜାର କୁଇଣ୍ଟାଲ ଆଳୁ ଗଜା

**ପୁରୀ ଅଫିସ, ୧।୮**

ରାଜ୍ୟବାସୀ ଯେମିତି କମ୍ ଦାମରେ ବର୍ଷସାରା ଆଳୁ ପାଇପାରିବେ ସେଥିପାଇଁ ସରକାର ଆଳୁ ମିଶନ ଆରମ୍ଭ କରିଥିଲେ। ହେଲେ ଏହି ମିଶନ ଏବେ ଦିଗହରା ହୋଇଥିବା ବେଳେ ସରକାରୀ ପ୍ରୋତ୍ସାହନ ଅଭାବ ଏବଂ ସଂରକ୍ଷଣ ସୁବିଧା ନ ଥିବାରୁ ଚାଷୀମାନେ ଆଳୁ ଚାଷ କରିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ପୁଣି ଶୀତଳଭଣ୍ଡାର ଅଭାବରୁ ଚାଷୀମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏପରି କି କେତେକ ଚାଷୀ ଶୀତଳଭଣ୍ଡାରରେ ରଖିଲେ ବି ସେମାନଙ୍କ ଆଳୁ ସୁରକ୍ଷିତ ରହିବ ତାହାର କୌଣସି ଗ୍ୟାରେଣ୍ଟି ନାହିଁ। ଶୀତଳଭଣ୍ଡାରରେ ରଖିଥିବା ଆଳୁ ଚାଖଣ୍ଡେରୁ ଊର୍ଦ୍ଧ୍ୱ ଲେଖାଏ ଗଜା ବାହାରିବା ଘଟଣା ଏବେ ପୁରୀ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଶୀତଳଭଣ୍ଡାରକୁ ଭରସା କରିଥିବା ଚାଷୀମାନେ ଗଜାଆଳୁ ବସ୍ତାକୁ ଗାଡ଼ି ପଛରେ ବାନ୍ଧି ମନଦୁଃଖରେ ଘରକୁ ଫେରୁଛନ୍ତି ସିନା କହାକୁ କିଛି କହିପାରୁ ନାହାନ୍ତି। ଏହାକୁ ନେଇ ଭାଜପା କୃଷକ ମୋର୍ଚ୍ଚା ଗଭୀର ଉଦ୍‌ବେଗ ପ୍ରକାଶ କରିଛି।

### ଉଦ୍‌ବେଗ ପ୍ରକାଶ କଲା ଭାଜପା କୃଷକ ମୋର୍ଚ୍ଚା



ପୁରୀ ଏକ କୃଷି ବହୁଳ ଜିଲା। ଏଠାରେ ମୁଖ୍ୟତଃ ଅଧିକାଂଶ ଚାଷୀ ଧାନ ଫସଲ ଉପରେ ନିର୍ଭରଶୀଳ। ତଥାପି ବହୁ ଚାଷୀ ଆଳୁ ଏବଂ ଅନ୍ୟାନ୍ୟ ପନିପରିବା ଚାଷ ମଧ କରିଥାନ୍ତି। ହେଲେ ୧୧ଟି ବ୍ଲକକୁ ନେଇ ଗଠିତ ଏହି ଜିଲାରେ ମାତ୍ର ଗୋଟିଏ ଶୀତଳଭଣ୍ଡାର ସାତଶଙ୍ଖଠାରେ ଅଛି, ତାହା ପୁଣି ଦୟନୀୟ ସ୍ଥିତିରେ। ତଥାପି ଏହା ଉପରେ ଭରସା କରି ଆଖପାଖ ଅଞ୍ଚଳ ଯଥା ପିପିଲି, ସତ୍ୟବାଦୀ, କଣାସ, ଡେଲାଙ୍ଗ ଓ ନିମାପଡ଼ା ବ୍ଲକର ଆଳୁ ଚାଷୀମାନେ ଆଳୁ ଆଣି ରଖିଥାନ୍ତି। ଜମିରେ ପରିଶ୍ରମ କରି ସେମାନଙ୍କ କଷ୍ଟ ଉପାର୍ଜିତ ଆଳୁ ଶୀତଳଭଣ୍ଡାରରେ ସୁରକ୍ଷିତ ରହିବ ବୋଲି ଚାଷୀମାନେ ଭରସା କରିଥିଲେ। ହେଲେ ସରକାରଙ୍କ ଖାମଖିଆଲ ମନୋଭାବ ଯୋଗୁ ଆଳୁଗୁଡ଼ିକ ସବୁ ଗଜା ହୋଇଯାଇଛି। ସାତଶଙ୍ଖ ଶୀତଳଭଣ୍ଡାରରେ ପ୍ରାୟ ୧ ହଜାର କୁଇଣ୍ଟାଲ ଆଳୁ ଗଜା ହୋଇଯାଇଥିବା ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ କହିଛନ୍ତି। ଚାଷୀମାନଙ୍କ ପ୍ରତି ସରକାରଙ୍କ କେତେ ଦରଦ ତାହା ସ୍ପଷ୍ଟ କରୁଛି ବୋଲି ସେ କହିଛନ୍ତି। ପିପିଲି ଥାନା ଅନ୍ତର୍ଗତ ବରହମ୍‌ପୁର ଗ୍ରାମର ବିଭୂତିଭୂଷଣ ପରିଡ଼ା କହିଛନ୍ତି, ଆମର ପ୍ରାୟ ୪୦ ପ୍ୟାକେଟ ଆଳୁ ରଖାଯାଇଥିଲା। ସବୁ ପ୍ୟାକେଟରେ ଆଳୁ ଗଜା ହୋଇଯାଇଛି। ବିକ୍ରି କଲେ କେହି ନେବେ ନାହିଁ। ତେଣୁ ବାଧ୍ୟ ହୋଇ ଆମେ ଖାଇବୁ ଏବଂ ଆଉ ଯାହା ନଷ୍ଟ ହେବ। କେବଳ ଆମର ନୁହେଁ, ସବୁ ଚାଷୀଙ୍କ ଆଳୁ ଗଜା ହୋଇଯାଇଛି ବୋଲି ସେ କହିଛନ୍ତି।

ଏ ନେଇ ଗୁରୁବାର ପୁରୀ ଜିଲା ଭାଜପା ପକ୍ଷରୁ ଜିଲା କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାତଶଙ୍ଖଠାରେ ଥିବା ଜିଲାର ଏକମାତ୍ର ଶୀତଳଭଣ୍ଡାରରେ ସରକାରଙ୍କ ରକ୍ଷଣାବେକ୍ଷଣ ଏବଂ ଅପରିଣାମଦର୍ଶିତା ଯୋଗୁ ଚାଷୀଙ୍କ ୧ ହଜାର କୁଇଣ୍ଟାଲ ଆଳୁ ଗଜା ହେବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱାଳ ଯୋଗଦେଇ ରାଜ୍ୟ ସରକାରଙ୍କ ଆଳୁ ମିଶନ ଏବଂ କୃଷି କମିଶନ ପ୍ରହସନରେ ପରଣତ ହୋଇଛି ବୋଲି କହିଥିଲେ। ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର ପୁରୀ ଜିଲାରେ କୃଷକ ମୋର୍ଚ୍ଚାର ୨୦ ହଜାର ଚାଷୀଙ୍କୁ ନୂତନ ସଦସ୍ୟତା ପ୍ରଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ତରଫରୁ ଦିଲୀପ ସ୍ୱାଇଁ ଏବଂ କୃଷକ ମୋର୍ଚ୍ଚା ଜିଲା ପ୍ରଭାରୀ ଭାବେ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ଅଭିଯାନ କିପରି କ୍ରିୟାଶୀଳ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ଓ ମୋର୍ଚ୍ଚା ନଗର ସଭାପତି ଅନୀଲ କୁମାର ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ୟାମସୁନ୍ଦର ସାହୁ ଉପସ୍ଥିତ ଥିଲେ।



ଦୁର୍ବଳମନା ଓ ଅସ୍ଥିରଚିତ୍ତ ବ୍ୟକ୍ତିମାନେ କୌଣସି କାର୍ଯ୍ୟକୁ ଠିକ୍‌ଭାବେ ଗ୍ରହଣ କରିପାରନ୍ତି ନାହିଁ।
-କୌଟଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ମହିଳାଙ୍କ ଆପତ୍ତିଜନକ ଭିଡିଓ: ଅଭିଯୁକ୍ତ ଅଟକ

ଭୁବନେଶ୍ୱର,୧।୮(ବ୍ୟୁରୋ): ଜଣେ ମହିଳାଙ୍କ ଆପତ୍ତିଜନକ ଫଟୋ ଭିଡିଓ ଉତ୍ତୋଳନ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଥାନାରେ ରଖି ପଚରାଉଚରା କରୁଛି। ଯୁବକଙ୍କ ଘର ନୟାଗଡ଼ ଜିଲା ଉଦଳାରେ ହୋଇଥିବାବେଳେ ସେ ଖଣ୍ଡଗିରି କଳିଙ୍ଗ ବିହାରରେ ରହୁଥିଲେ। ସୂଚନା ମୁତାବକ, ନୟାପଲ୍ଲୀ ଥାନା ଅଧୀନ ଜୟଦେବ ବିହାର ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କର ପ୍ରାୟ ୧୯ଟି ଆପତ୍ତିଜନକ ଭିଡିଓ ଉତ୍ତୋଳନ କରାଯାଇଥିଲା। ଅଭିଯୁକ୍ତ ଝରକା ଓ ସ୍କାଇଲାଇଟ ଫାଙ୍କରେ ନିଜ ମୋବାଇଲରେ ଏହି ଭିଡିଓ ଶୁଟିଂ କରିଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ମହିଳାଙ୍କୁ ଯୁବକ ଜଣକ ବ୍ଲାକମେଲ କରୁଥିଲେ। ଗତ ୨୨ ତାରିଖରେ ମହିଳା ଜଣକ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ସନ୍ଧ୍ୟାରେ ନୟାପଲ୍ଲୀ ଥାନା ପୋଲିସର ସ୍ୱତନ୍ତ୍ର ଟିମ ଖଣ୍ଡଗିରି ଥାନା ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଉଠାଇ ଆଣିଥିଲା।

### ମୋଷ୍ଟ ୱାଣ୍ଟେଡ ନାଲିଆ ଗିରଫ

ଭୁବନେଶ୍ୱର(ବ୍ୟୁରୋ)/ଖୋର୍ଦ୍ଧା ଅଫିସ,୧।୮: ଖୋର୍ଦ୍ଧା ଉପକଣ୍ଠ ଅଞ୍ଚଳରେ ବେଆଇନ ଖଣି ଖାଦାନ ଚଳାଉଥିବା ମୁଖ୍ୟ ଅଭିଯୁକ୍ତ ସରୋଜ ଓରଫ ନାଲିଆ କହ୍ନାଲସିଂଙ୍କୁ ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କ ଫୋର୍ସ) ଗିରଫ କରିଛି। ସେ ଖୋର୍ଦ୍ଧା ଟାଉନ ଥାନା ଅଧୀନ କୁମ୍ଭାରବସ୍ତ ଗ୍ରାମରେ ରହୁଥିଲେ। ବୁଧବାର ସନ୍ଧ୍ୟାରେ ବିଶେଷ ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଇନ୍ସପେକ୍ଟର ଆଲୋକ ଜେନାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ କୁମ୍ଭାରବସ୍ତ ନିକଟସ୍ଥ ଜଙ୍ଗଲର ଏକ ଆଡ୍ଡାରେ ଚଢ଼ାଉ କରି ନାଲିଆଙ୍କୁ ଗିରଫ କରିଥିଲା। ତେବେ ଅନ୍ଧାରର ସୁଯୋଗ ନେଇ ଅନେକ ଫେରାର ହୋଇଯାଇଥିଲେ। ଏ ନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ. ୭/୧୯) ରୁଜୁ କରି ନାଲିଆଙ୍କୁ ପଚରାଉଚରା ପରେ ଗୁରୁବାର ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ସେଠାରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏସ୍‌ଟିଏଫ୍ ସୂଚନା ମୁତାବକ, ଅଭିଯୁକ୍ତ ନାଲିଆଙ୍କ ନାମରେ ଖୋର୍ଦ୍ଧାରେ ହତ୍ୟା ଉଦ୍ୟମ, ଚୋରା ପିସ୍ତଲ କାରବାର, ଲୁଟ, ଡକାୟତି ପରି ଏକାଧିକ ଆପରାଧିକ ମାମଲା ରହିଛି। ପୂର୍ବରୁ କେତେକ ମାମଲାରେ ସେ ଗିରଫ ହୋଇ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ପୁଣି ଆତଙ୍କ ଖେଳାଇଥିଲେ। ଏଥିଯୋଗୁ ସେ ଖୋର୍ଦ୍ଧା ପୋଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ରହିଥିଲେ। ଛୋଟାଙ୍କ ପ୍ରମୁଖ ସହଯୋଗୀ ଥିବା ନାଲିଆ ବେଆଇନ ଖଣି ଖାଦାନ ଚଳାଉଥିଲେ। ଅନେକ ସରକାରୀ ଓ ଦେବୋତ୍ତର ସମ୍ପତ୍ତି ଉପରେ ଥିବା ପାହାଡରେ ବ୍ଲାଷ୍ଟିଂ କରି ନିକଟସ୍ଥ କ୍ରଶର ମାଲିକମାନଙ୍କୁ ପଥର ଓ ଚିପ୍ସ ଯୋଗାଉ ଥିଲେ। ପାହାଡରୁ ପଥରଖଣ୍ଡ ଆଣି କ୍ରଶରରେ ପହଞ୍ଚାଇବା ପାଇଁ ସେ ଟ୍ରକ ପିଛା ୨ହଜାର ଟଙ୍କା ନେଉଥିଲେ। ଦିନକୁ ତାଙ୍କର ପ୍ରାୟ ୨ଲକ୍ଷ ଟଙ୍କାର କାରବାର ହେଉଥିଲା।

# ଅପରାଧ ଘଟିଲେ ପୋଲିସ ନିଦ ଭାଙ୍ଗୁଛି

ଭୁବନେଶ୍ୱର,୧।୮(ବ୍ୟୁରୋ)



ଫିଙ୍ଗର ପ୍ରିଣ୍ଟ କିଟ୍ ମାଧ୍ୟମରେ ଯାଞ୍ଚ କରାଯାଉଛି।

- ନୂଆ ଢାଞ୍ଚାରେ ପାଟ୍ରୋଲିଂ ଆରମ୍ଭ
- ଚେକିଂ ସମୟରେ ମୋବାଇଲ୍ ଫିଙ୍ଗର ପ୍ରିଣ୍ଟ କିଟ୍ ବ୍ୟବହାର
- ରାଜଧାନୀ ଉପକଣ୍ଠରେ ପାଟ୍ରୋଲିଂ ଜୋରଦାର
- ସନ୍ଦେହରେ ୬ ଜଣଙ୍କୁ ଅଟକ ରଖି ପଚରାଉଚରା

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ୨୪ ଘଣ୍ଟାରେ ୪ଟି ଲୁଟ୍ ଓ ଡକାୟତି ଘଟଣା ପରେ କମିଶନରେଟ ପୋଲିସର ନିଦ ହଜିଯାଇଛି। ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ୩ଟି ଥାନାର ଅଧିକାରୀ ଓ ସ୍ପେଶାଲ ସ୍କ୍ୱାଡ୍ ଲାଗିପଡ଼ିଛି। ମଞ୍ଚେଶ୍ୱର, ଶହୀଦନଗର ଓ ନୟାପଲ୍ଲୀ ଥାନାର ଅଧିକାରୀମାନେ ବିଭିନ୍ନ ସ୍ଥାନରେ ତନାଘନା ଚଳାଇଛନ୍ତି। ସନ୍ଦେହରେ ୬ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ। ମଞ୍ଚେଶ୍ୱର ଥାନା ଅଞ୍ଚଳର ଲୁଟ୍ ଓ ଡକାୟତି ପଛରେ ରାଜଧାନୀ ଉପକଣ୍ଠର ବହୁ ଅପରାଧୀ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି। ତେଣୁ ରାଜଧାନୀ ଉପକଣ୍ଠରେ ବ୍ଲକିଂ ଓ ଚେକିଂକୁ ଜୋରଦାର କରିବା ସହ ଗଳିକନ୍ଦିରେ ପାଟ୍ରୋଲିଂ ଜୋରଦାର କରାଯାଇଛି। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଏବଂ ଡିସିପି ଅନୁପ କୁମାର ସାହୁ ସହରର ବିଭିନ୍ନ ସ୍ଥାନ ବୁଲି ପାଟ୍ରୋଲିଂ ବ୍ୟବସ୍ଥାର ଯାଞ୍ଚ କରୁଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପରେ ରାଜଧାନୀବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ରାତି ୧୦ଟା ପରେ କେହି ବାହାରକୁ ଯିବାକୁ ସୁରକ୍ଷିତ ମଣୁନାହାଁନ୍ତି।

### ଚେକିଂ ବେଳେ ମୋବାଇଲ୍ ଫିଙ୍ଗରପ୍ରିଣ୍ଟ୍ କିଟ୍ ବ୍ୟବହାର

ଦିଲ୍ଲୀ ଓ ମୁମ୍ବାଇଭଳି କମିଶନରେଟ୍ ପୋଲିସ ଏଥର ବ୍ଲକିଂ ଓ ଚେକିଂ ସମୟରେ ମୋବାଇଲ୍ ଫିଙ୍ଗରପ୍ରିଣ୍ଟ କିଟ୍ ବ୍ୟବହାର କରିବ। ଯାହାଦ୍ୱାରା ଆପରାଧୀଙ୍କୁ ଧରିବା ସହଜ ହେବ। ପ୍ରତ୍ୟେକ ଥାନାରେ ଗିରଫ ଅପରାଧୀମାନଙ୍କର ଫିଙ୍ଗରପ୍ରିଣ୍ଟ ରଖୁଛି ପୋଲିସ। ପ୍ରତିମାସରେ ଏହି ଫିଙ୍ଗରପ୍ରିଣ୍ଟ କିଟ୍‌କୁ ଅପଡେଟ୍ କରୁଛି। ବର୍ତ୍ତମାନ କମିଶନରେଟ ପୋଲିସର ବିଭିନ୍ନ ଥାନାରେ ୩ହଜାର ଅପରାଧୀଙ୍କ ଫିଙ୍ଗରପ୍ରିଣ୍ଟ ରହିଛି। ବ୍ଲକିଂ ସମୟରେ ଧରାପଡୁଥିବା ବ୍ୟକ୍ତିଙ୍କର ଫିଙ୍ଗରପ୍ରିଣ୍ଟ ନିଆଯାଉଛି। ଯେଉଁମାନଙ୍କ ନାମରେ ପୂର୍ବରୁ ଆପରାଧିକ ରେକର୍ଡ ରହିଥିବ ତାହା ତୁରନ୍ତ ଜଣାପଡ଼ିଯାଉଛି। ପୋଲିସ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଏହିଭଳି ଗୁରୁବାର ରାତିରେ ପୋଲିସ ଚେକିଂ କରିବା ସମୟରେ ଫିଙ୍ଗରପ୍ରିଣ୍ଟ ମାଧ୍ୟମରେ ପ୍ରାୟ ୬ ଜଣ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରୁଛି। ଅନେକଙ୍କୁ ପୋଲିସ ପଚରାଉଚରା କରିବା ପରେ ଛାଡିବ ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି।

### ଅସ୍ପଷ୍ଟ ଗାଡ଼ି ନମ୍ବର ଲୁଟେରାଙ୍କୁ ସୁହାଉଛି

ଲୁଟେରାମାନେ ଏବେ ଲୁଟ୍ କରିବା ପାଇଁ ଅସ୍ପଷ୍ଟ ଗାଡି ନମ୍ବରକୁ ବ୍ୟବହାର କରୁଛନ୍ତି। ଯାହାକି ଏହାକୁ ସହଜରେ ପଢିହେବ ନାହିଁ। ଏହାସହ ଲୁଟେରାମାନେ ଫ୍ୟାନ୍ସି ଗାଡ଼ି ନମ୍ବର ବ୍ୟବହାର କରିବା ସହ ଅନେକ ସମୟରେ ନମ୍ବର ପ୍ଲେଟ୍ ଲଗାଉନାହାଁନ୍ତି। ଫଳରେ ସେମାନେ ଅପରାଧ ଘଟାଇ ସହଜରେ ଫେରାର ହୋଇଯାଉଛନ୍ତି। ଅସ୍ପଷ୍ଟ ନମ୍ବର ଥିବା ଗାଡ଼ିର କାଗଜପତ୍ର ଯାଞ୍ଚ କଲେ ଅପରାଧୀଙ୍କୁ ଧରିହେବ ବୋଲି ଅନେକ ବରିଷ୍ଠ ପୋଲିସ ମତ ଦେଇଛନ୍ତି।

### ପାଟ୍ରୋଲିଂ ଗାଡ଼ିରେ ବୁଲିବେ ଥାନା ବାବୁ

ପୂର୍ବରୁ ସକାଳ ୧୦ରୁ ରାତି ପ୍ରାୟ ୧୨ଟା ପର୍ଯ୍ୟନ୍ତ ଥାନା ଅଧିକାରୀମାନେ ଥାନାରେ ବସି ରହୁଥିଲେ। ଯଦି କିଛି କାମ ପଡୁଥିଲା ବାହାରକୁ ଯାଉଥିଲେ। କିନ୍ତୁ ଏବେ ଆଉ ତାହା ଚଳିବ ନାହିଁ। କାରଣ ମଞ୍ଚେଶ୍ୱର ଲୁଟ୍ ଘଟଣା ପରେ ଥାନା ଅଧିକାରୀଙ୍କୁ ଅଫିସରେ ନ ବସି ପାଟ୍ରୋଲିଂ ଗାଡିରେ ବୁଲିବାକୁ ପୋଲିସ କମିଶନର ସତ୍ୟଜିତ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି।

### ଲୁଟ ପଛରେ ରାଜଧାନୀ ଉପକଣ୍ଠର ଅପରାଧୀ

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ୨୪ ଘଣ୍ଟାରେ ୪ ଲୁଟ ଓ ଡକାୟତି ଘଟଣା ପଛରେ ରାଜଧାନୀ ଉପକଣ୍ଠରେ ଅପରାଧୀମାନେ ସଂପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ଏପରିକି ତୃପ୍ତି ହୋଟେଲ ମାଲିକଙ୍କୁ ଆକ୍ରମଣ ଘଟଣାରେ ମୋବାଇଲ୍ ଛାଡି ପଳାଇଥିବା ଅପରାଧୀଙ୍କ ଠିକଣା ସ୍ପେଶାଲ ସ୍କ୍ୱାଡ୍ ପାଇଛି। ଫେରାର ହୋଇଯାଇଥିବା ଅପରାଧୀଙ୍କୁ ଧରିବା ପାଇଁ ଚଢାଉ ଜାରି ରଖିଛି ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି।

# ଉନ୍ନାଓ ଘଟଣା ବିରୋଧରେ ବିକ୍ଷୋଭ

ଭୁବନେଶ୍ୱର, ୧।୮(ବ୍ୟୁରୋ)

ଉତ୍ତରପ୍ରଦେଶର ଉନ୍ନାଓରେ ସ୍ଥାନୀୟ ଭାଜପା ବିଧାୟକ କୁଲଦୀପ ସେନ୍‌ଗରଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଓ ପରେ ତାଙ୍କ ପରିବାର ସଦସ୍ୟଙ୍କୁ ହତ୍ୟା କରିବା ଘଟଣାକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିରୋଧ କରି ବିକ୍ଷୋଭ ଓ ପ୍ରତିବାଦ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାଷ୍ଟରକ୍ୟାଣ୍ଟିନ ଛକରେ ଆୟୋଜିତ ଏହି ବିକ୍ଷୋଭରେ ଏସ୍‌ୟୁସିଆଇ ଭୁବନେଶ୍ୱର ଜିଲା କମିଟିର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱ କରିଥିଲେ। ଏସ୍‌ୟୁସିଆଇ ସଙ୍ଗଠକ ରାଜେନ୍ଦ୍ର ବର୍ମା, ନିରଞ୍ଜନ ମହାନ୍ତି, ପ୍ରଭା ମଞ୍ଜୁଳା ବ୍ରହ୍ମ, ବିଜୟୀଲକ୍ଷ୍ମୀ ପାତ୍ର ପ୍ରମୁଖ ଏହି ପ୍ରତିବାଦ ସଭାରେ ନିଜର ବକ୍ତବ୍ୟ ରଖିଥିଲେ। ବିଧାୟକ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତାଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ଲାଗି ସେମାନେ ଦାବି କରିଛନ୍ତି।

ଉଲ୍ଲେଖଥାଉ କି, ଗତ ବର୍ଷ ଏପ୍ରିଲ ୩ରେ ବିଧାୟକ ଜଣକ ନାବାଳିକାଙ୍କୁ କାମ ଦେବାକୁ କହି ଦୁଷ୍କର୍ମ କରିଥିଲେ। ଏହି ଘଟଣାର ପ୍ରତିବାଦ କରିବା ଲାଗି ନାବାଳିକାଙ୍କ ପିତା ଥାନା ଦ୍ୱାରସ୍ଥ ହୋଇଥିଲେ। ହେଲେ ଥାନାରେ ତାଙ୍କୁ ପିଟିପିଟି ମାରି ଦିଆଯାଇଥିଲା। କୋର୍ଟରେ ଗିରଫ ୱାରେଣ୍ଟ ବାହାରିବା ପରେ ବିଧାୟକ ଜଣକୁ ଗିରଫ କରାଯାଇଥିଲା। ମାମଲା ବିଚାରଧୀନ ଥିବା ବେଳେ ପୀଡିତା ଓ ତାଙ୍କ ସମ୍ପର୍କୀୟ ଏକ ଗାଡ଼ିରେ ଯାଉଥିବା ବେଳେ ତାଙ୍କୁ ମାରିଦେବାକୁ ଚେଷ୍ଟା କରାଯାଇଥିଲା। ଏକ ନମ୍ବର ବିହୀନ ଗାଡ଼ି ତାଙ୍କ ଗାଡ଼ି ସହ ଦୁର୍ଘଟଣା ଘଟାଇଥିବା ବେଳେ ଉକ୍ତ ଦୁର୍ଘଟଣାରେ ପୀଡ଼ିତାଙ୍କ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିଲା ଓ ପୀଡ଼ିତା ଜଣକ ଘରୋଇ ଡାକ୍ତରଖାନାରେ ଏବେ ମଧ୍ୟ ଚିକିତ୍ସିତ ଅଛନ୍ତି। ତେବେ ଏଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ନମିଳିଲେ ଏସ୍‌ୟୁସିଆଇ ପକ୍ଷରୁ ଏହି ବିକ୍ଷୋଭ ଓ ପ୍ରତିବାଦକୁ ବ୍ୟାପକ କରାଯିବ ବୋଲି କୁହାଯାଇଛି।




ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୪ନଂ. ୱାର୍ଡ ସ୍ଥିତି ପରଖିଲେ ବିଧାୟକ, କମିଶନର

ବାଲିଅନ୍ତା,୧।୮(ଡି.ଏନ୍.ଏ.)



ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧୀନ ୪ନଂ. ୱାର୍ଡରେ ବର୍ଷାଜଳ ନିଷ୍କାସନ ମୁଖ୍ୟ ସମସ୍ୟା ଦେଖାଦେଇଛି। ନହରକଣ୍ଟା, ହରିଦାସପୁର, ବଙ୍କୁଆରି ଓ ରୁଦ୍ରପୁର ଗ୍ରାମରେ ବର୍ଷାଜଳ ନିଷ୍କାସିତ ହୋଇ ନ ପାରିବା ଫଳରେ ଗାଁ ରାସ୍ତାରେ ଲହଡି ଭାଙ୍ଗୁଛି। ସ୍ଥାନୀୟ ଲୋକପ୍ରତିନିଧି ଓ ଗ୍ରାମବାସୀଙ୍କ ଦାବି ପରେ ଗୁରୁବାର ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଓ ବିଏମ୍‌ସି କମିଶନର ପ୍ରେମଚାନ୍ଦ ଚୌଧାରୀ ୪ନଂ. ୱାର୍ଡକୁ ପରିଦର୍ଶନରେ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥିତ ରୁଦ୍ରପୁର ସଫେଇ ଡ୍ରେନ, ପାହାଳ ଓ ବଙ୍କୁଆରୀ ଆଦି ସ୍ଥାନରେ ପାଣି ବ୍ଲକ ହୋଇଥିବା ସ୍ଥାନ ବୁଲି ଦେଖିଥିଲେ। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଶପିଂ ମଲ ଓ ହୋଟେଲ ଡ୍ରେନକୁ ଅବରୋଧ କରିଥିବା ସ୍ଥାନୀୟଲୋକ ଅଭିଯୋଗ କରିଥିଲେ।। ଏହି ଦୁଇ ସ୍ଥାନରେ ହୋଇଥିବା ବେଆଇନ ନିର୍ମାଣକୁ ଭାଙ୍ଗି ଦେବା ପାଇଁ କମିଶନର ଚୌଧାରୀ ବିଏମସି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡ୍ରେନକୁ ସଫେଇ କରି ବର୍ଷାଜଳ ତୁରନ୍ତ ନିଷ୍କାସନ କରିବାକୁ ବ୍ୟବସ୍ଥା ପାଇଁ ପଦ୍ମଚରଣ ପଟ୍ଟନାୟକ, ପପୁ ଲେଙ୍କା, ମାନସ ମହାନ୍ତି, ଲକ୍ଷ୍ମୀଧର ବେହେରା, ସ୍ୱାକ୍ଷରରଞ୍ଜନ ମହାନ୍ତି, ପଦ୍ମଲୋଚନ ବେହେରା ପ୍ରମୁଖ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ସାନ୍ତାଳ ଆର୍ଟ ୱାର୍କଶପ

ଭୁବନେଶ୍ୱର,୧।୮

ପାରମ୍ପରିକ କଳାକୃତି ଜରିଆରେ ଦାୟିତ୍ୱବାନ ଭାବେ ଜଳ ବ୍ୟବହାରକୁ ପ୍ରୋତ୍ସାହନ ସ୍ୱରୂପ ସ୍ଥାନୀୟ ମଡର୍ନ ଆର୍ଟ ଗ୍ୟାଲେରିରେ ସାନ୍ତାଳ ଆର୍ଟ ୱାର୍କଶପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ ଶିଳ୍ପୀ ଅଂଶଗ୍ରହଣ କରିଥିଲେ। ସାନ୍ତାଳ କଳାର ଅସଲି ଐତିହ୍ୟକୁ ପ୍ରଦର୍ଶନ କରି ଦାୟିତ୍ୱବାନ ଭାବେ ଜଳ ବ୍ୟବହାର ସଚେତନତା ସୃଷ୍ଟି ଲାଗି ସୋସିଆଲ ଏଣ୍ଟରପ୍ରାଇଜ ସାଟୋ ଏବଂ ମଡର୍ନ ଆର୍ଟ ଗ୍ୟାଲେରି ମିଳିତ ଭାବେ ଏହି ୱାର୍କଶପ ଆୟୋଜନ କରିଥିଲେ। ଜଳ ସଂରକ୍ଷଣ ଏବଂ ପରିମଳ ବିଷୟରେ ୧୫ ପ୍ରକାରର କଳାକୃତି ପ୍ରଦର୍ଶନ କରାଯାଇଥିଲା। ସାଟୋର ମାର୍କେଟିଂ ନିର୍ଦ୍ଦେଶକ ଡାଇଗୋ ଇସିୟାମା, ବିକେ କଲେଜ ପୂର୍ବତନ ଅଧ୍ୟକ୍ଷ ବଳଦେବ ପ୍ରସାଦ ମହାପାତ୍ର, ଗୌରାଙ୍ଗ ବାରିକ, ଡେଭିଡ ଜେମ୍‌ସ ଫ୍ଲୀଟ ପ୍ରମୁଖ କଳାର ଅନୁଶୀଳନ କରିଥିଲେ। ଭାରତରେ ସାଟୋ ୧୦ ମାସ ପୂର୍ବେ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଓଡ଼ିଶା ସମେତ ୧୦ ରାଜ୍ୟରେ ପରିମଳ କ୍ଷେତ୍ରରେ ଯୋଗଦାନ ଥିବା ଭାରତ ଅପରେଶନ ମୁଖ୍ୟ ଧନଞ୍ଜୟ ସିଂ କହିଛନ୍ତି। ଚଳିତ ବର୍ଷ ସବୁ ଜିଲାରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରହିଛି। ପବ୍ଲିକ ଆଫାୟାର୍ସ ମୁଖ୍ୟ ପ୍ରିୟଙ୍କା ତନୱାର, ମଡର୍ନ ଆର୍ଟ ଗ୍ୟାଲେରି ପ୍ରତିଷ୍ଠାତା ତାରାକାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

■ ଶ୍ରୀଲିଙ୍ଗରାଜଙ୍କ ଜମି ବିକ୍ରୟ ମସୁଧା

# ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲା ପୂଜାପଣ୍ଡା ନିଯୋଗ

ପୁରୁଣା ଭୁବନେଶ୍ୱର,୧।୮(ଡି.ଏନ୍.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଅନେକ ଜମି ଜବରଦଖଲକାରୀଙ୍କ କବ୍‌ଜାରେ। ସେଗୁଡ଼ିକ ଜବରଦଖଲମୁକ୍ତ କରିବାକୁ ମନ୍ଦିର ପ୍ରଶାସନ ବହୁ ବିଳମ୍ବରେ ଅଣ୍ଟା ଭିଡ଼ିଛି। ହେଲେ ଏଥିରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହସ୍ତକ୍ଷେପ ଯୋଗୁ ସେତେଟା ସଫଳତା ମିଳିପାରୁନାହିଁ। ନିକଟରେ ନୂଆଗାଁ ମୌଜା ଗଙ୍ଗୁଆ ବ୍ରିଜକୁ ଲାଗି ରହିଥିବା ଶ୍ରୀଲିଙ୍ଗରାଜଙ୍କ ଏ.୨.୬୩୦ ଡିସିମିଲର ଏକ ବେ-ବନ୍ଦୋବସ୍ତ ଚକ ଜମିରେ ଜଣେ ବ୍ୟକ୍ତି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରୁଥିବା ଦେଖାଦେଇଥିଲା। ଘଟଣା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ମନ୍ଦିର ପ୍ରଶାସନର ନିଦ ଭାଙ୍ଗିଥିଲା। ତତ୍କାଳ ପ୍ରଶାସନ ପକ୍ଷରୁ ଏକ କ୍ରିମିନାଲ ମିସ୍ କେସ୍ ନଂ.୧୧୬୨/୧୯ ସିଆରପିସି ଧାରା ୧୪୪ରେ ବେଆଇନ ନିର୍ମାଣ ଉପରେ ରହିତାଦେଶ ଜାରି ହୋଇଥିଲା। ମାତ୍ର ଏହି ଘଟଣା ନେଇ କେତେଜଣ ବ୍ୟକ୍ତି ବିଶେଷ ଠାକୁରଙ୍କ କୋଟି କୋଟି ଟଙ୍କାର ଜମିକୁ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ବିକ୍ରୟ କରିବା ନେଇ ମସୁଧା ଚଳାଉଥିବା ଖବର ମିଳିଥିଲା। ଗୁରୁବାର ଏହି ଘଟଣାରେ ଜନପ୍ରତିନିଧିମାନଙ୍କର ମଧ୍ୟ ମଧ୍ୟସ୍ଥତା ରହିଥିଲା। ଠାକୁରଙ୍କ ଏଭଳି ବହୁମୂଲ୍ୟ ସମ୍ପତ୍ତିକୁ ଶାଗ ମାଛ ଦରରେ ବିକ୍ରି ନ କରି ତାହାକୁ ଠାକୁରଙ୍କ ତହବିଲକୁ ଫେରାଇ ଆଣିବାକୁ ପୂଜାପଣ୍ଡା ନିଯୋଗ ପକ୍ଷରୁ ଦାବି କରାଯାଇଛି। ଏହି ମର୍ମରେ ଗୁରୁବାର ପୃଥକ ପୃଥକ ଭାବେ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନଙ୍କ ଉଦ୍ଦେଶ୍ୟରେ ଚିଠି ପଠାଯାଇଛି। ସେହିଭଳି ଭବିଷ୍ୟତରେ ଠାକୁରଙ୍କ ନୀତି ବିଭ୍ରାଟ ପାଇଁ ନିଯୋଗ ଦାୟୀ ରହିବା ନାହିଁ ବୋଲି ସ୍ୱତନ୍ତ୍ର ପତ୍ର ମନ୍ଦିର ପ୍ରଶାସନ, ଦେବୋତ୍ତର କମିଶନର ଏବଂ ଏଡିଏମ୍‌ଙ୍କ ନିକଟକୁ ପ୍ରେରଣ କରାଯାଇଥିବା ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି। ଏ ନେଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରେ ସେ କହିଲେ, ମାମଲାଟି ସମ୍ପୂର୍ଣ୍ଣ କୋର୍ଟଙ୍କ ବିଚାରାଧୀନ ଅଛି। ତେଣୁ ଏଥିରେ କୌଣସି ପ୍ରତିକ୍ରିୟା ଦିଆଯାଇପାରିବ ନାହିଁ। ସୂଚନାଥାଉ କି ଜମି ଉପରେ ୬୦ ଦିନ ଲାଗି ୧୪୪ ଧାରାରେ ରହିତାଦେଶ ବଳବତ୍ତର ରହିଛି।

# ଯୁବତୀଙ୍କୁ ଅସଦାଚରଣ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧।୮(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଅସଦାଚାରଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଖଲ୍ଲିକୋଟ ଅଞ୍ଚଳର ତଥା ସ୍ଥାନୀୟ ମଞ୍ଚେଶ୍ୱର ଥାନା ଅଧୀନ ଚକେଇସିଆଣୀ ଅଞ୍ଚଳର କାହ୍ନୁଚରଣ ତ୍ରିପାଠୀ (୨୩)। ପୋଲିସ ସୂଚନା ମୁତାବକ, ଅଭିଯୁକ୍ତ କାହ୍ନୁ ଚକେଇସିଆଣୀ ଅଞ୍ଚଳରେ ରହୁଥିଲେ। ଉକ୍ତ ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କ ପ୍ରତି କାହ୍ନୁଙ୍କ ଦୁର୍ବଳତା ରହିଥିବା ବେଳେ ସେ ତାଙ୍କୁ ଅନେକ ସମୟରେ ପିଛା କରୁଥିଲେ। ଏ ନେଇ ଯୁବତୀ ଜଣଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ କାହ୍ନୁଙ୍କୁ ଗାଳିଗୁଲଜ କରିଥିଲେ। ବୁଧବାର ସନ୍ଧ୍ୟାରେ ଯୁବତୀ ଜଣଙ୍କ ଘରକୁ ଫେରୁଥିବା ବେଳେ କାହ୍ନୁ ତାଙ୍କୁ କମେଣ୍ଟ ମାରିବା ପରେ ସେ ପାଲଟା ଗାଳିଗୁଲଜ କରିଥିଲେ। ଏ ନେଇ କାହ୍ନୁ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଠେଲା ପେଲା କରିବା ସହ ଅସଦାଚାରଣ କରିଥିଲେ।

■ ବିବାଦର ସମାଧାନ ପାଇଁ ୫ ହଜାର ଲାଞ୍ଚ

# ସିକୋ ଫାଣ୍ଡି ଅଧିକାରୀ ଗିରଫ

ଖୋର୍ଦ୍ଧା ଅଫିସ,୧।୮



ମନମୋହନ ଜାଲି।

ମକଦ୍ଦମା ନ କରି କାଜୁ ଜଙ୍ଗଲର ବିବାଦର ସମାଧାନ ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଖୋର୍ଦ୍ଧା ଜିଲାର ଜଙ୍କିଆ ଥାନା ସିକୋ ଫାଣ୍ଡି ଅଧିକାରୀ ମନମୋହନ ଜାଲି ଗୁରୁବାର ସନ୍ଧ୍ୟାରେ ଖୋର୍ଦ୍ଧା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଭିଜିଲାନ୍ସ ପକ୍ଷରୁ ନଂ. ୨୯/୧୯ରେ ମାମଲା ରୁଜୁ କରାଯାଇଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ପ୍ରାପ୍ତ ସୂଚନା ଅନୁସାରେ, ବାଲଡିହା ଗାଁର ଉମେଶ ରଥ ସରକାରୀ ଜମିରେ ପ୍ରାୟ ୨୦ ଏକରର କାଜୁ ଜଙ୍ଗଲ ସୃଷ୍ଟି କରିଛନ୍ତି। କାଜୁ ଜଙ୍ଗଲର ରକ୍ଷଣାବେକ୍ଷଣ ପାଇଁ ଗାଁର କେତେଜଣ ଲୋକ ଅନ୍ୟ ଜଣେ ଲୋକଙ୍କୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନେବା ପରେ ବିବାଦର ସୂତ୍ରପାତ ହୋଇଥିଲା। ପୋଲିସର ହସ୍ତକ୍ଷେପ ପରେ କିଛି ମାସ ତଳେ ବିବାଦର ସମାଧାନ ହୋଇଥିଲା। ଏବେ ପୁଣି ସେହି ବିବାଦ ମୁଣ୍ଡ ଟେକିଥିଲା। ଉମେଶଙ୍କୁ ହତ୍ୟା କରିବାର ଧମକ ମିଳିଥିଲା। ସୁରକ୍ଷା ନ ଦେଇ ଓ ବିବାଦର ସମାଧାନ ନ କରି ସିକୋ ଫାଣ୍ଡି ଅଧିକାରୀ ୫ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ସମାଧାନ ହେବନି ବୋଲି ରୋକଠୋକ କହିବା ପରେ ଉମେଶ ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲେ। ଅଭିଯୋଗ ପାଇ ଖୋର୍ଦ୍ଧା ଭାରପ୍ରାପ୍ତ ଭିଜିଲାନ୍ସ ଡିଏସ୍‌ପି ମନୋରଞ୍ଜନ ସାମନ୍ତରାଙ୍କ ନେତୃତ୍ୱରେ ୭ ଜଣିଆ ଟିମ୍ ସିକୋ ଫାଣ୍ଡି କାର୍ଯ୍ୟାଳୟରୁ ମନମୋହନ ଜାଲିଙ୍କଠାରୁ ୫ ହଜାର ଟଙ୍କା ଜବତ କରି ଗିରଫ କରିଥିଲେ।

# ବିଏମ୍‌ସିର ଯୋଜନା | ସବୁ ୱାର୍ଡରେ ହେବ କାର୍ଯ୍ୟାଳୟ

ଭୁବନେଶ୍ୱର, ୧।୮(ବ୍ୟୁରୋ)




- ବେଆଇନ ନିର୍ମାଣ, ଜବରଦଖଲ ଉଚ୍ଛେଦ ଲକ୍ଷ୍ୟ
- ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ
- ହୋଲ୍ଡିଂ ଟିକସ ଉପରେ ନଜର
- ୱାର୍ଡ ଅଫିସର କରିବେ ତଦାରଖ

ଭୁବନେଶ୍ୱରରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରାତି ପାହିଲେ ସରକାରୀ ଜାଗାରେ ବେଆଇନ ଗୃହ ନିର୍ମାଣ ସହ ବିଭିନ୍ନ ସ୍ଥାନରେ ଜବରଦଖଲ କରାଯାଉଛି। ଯାହାକୁ ଏବେ ତୃଣମୂଳ ସ୍ତରରୁ ନିୟନ୍ତ୍ରଣ କରିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସ୍ଥିର କରିଛି। ଭୁବନେଶ୍ୱରର ମୋଟ ୬୭ଟି ୱାର୍ଡରେ ୱାର୍ଡ ଅଫିସ ଖୋଲିବା ପାଇଁ ବିଏମ୍‌ସି ଚିନ୍ତା କରିଛି। ୱାର୍ଡ ପାଇଁ ନିଯୁକ୍ତ ଅଫିସରମାନେ ଏଠାରେ ସ୍ଥାନୀୟ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିବା ସହ ତାହାର ସମାଧାନ ଲାଗି ଉଦ୍ୟମ କରିବେ। ଏଥିସହ ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବା ଓ ହୋଲ୍ଡିଂ ଟିକସ ନିୟମିତ ଆଦାୟ କରିବା ସହ ଟିକସ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ପ୍ରକାଶ କରାଯାଇଛି।

ବିଏମ୍‌ସିର ଜଣେ ବରିଷ୍ଠ କର୍ମଚାରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ୱାର୍ଡରେ ଖୋଲିବାକୁ ଥିବା ଏହି କାର୍ଯ୍ୟାଳୟ ଲାଗି ଘର ଚିହ୍ନଟ କରିବାକୁ ୱାର୍ଡ ଅଫିସରମାନଙ୍କୁ ଏବେ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ୱାର୍ଡରେ ଥିବା କଲ୍ୟାଣମଣ୍ଡପ କିମ୍ବା କମ୍ୟୁନିଟି ସେଣ୍ଟରରେ ଏହି ଦପ୍ତର ଚଳାଯିବ। ସେଠାରେ ୱାର୍ଡ ଅଫିସରମାନଙ୍କୁ ଗୋଟିଏ ଲେଖାଏ କମ୍ପ୍ୟୁଟର ଦିଆଯିବା ସହ ସମସ୍ତ ଆନୁଷଙ୍ଗିକ ଆସବାବପତ୍ର ଯୋଗାଇ ଦିଆଯିବ। ସେହିଭଳି ଲୋକେ ଯେଭଳି ସେମାନଙ୍କ ବର୍ଜ୍ୟଜଳକୁ ନଳାରେ ନ ଛାଡନ୍ତି ତାହାର ତଦାରଖ ୱାର୍ଡ ଅଫିସରମାନେ କରିବେ। ଯେଉଁଲୋକମାନେ ଏଭଳି କରୁଥିବେ ସେମାନଙ୍କୁ ପ୍ରଥମେ ନୋଟିସ ଦିଆଯିବ। ଯଦି ସେମାନେ ନୋଟିସ ପରେ ଏହାର କିଛି ପ୍ରତିକାର ବ୍ୟବସ୍ଥା ନ କରନ୍ତି ତେବେ ସେମାନଙ୍କୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯିବ। ସେମାନଙ୍କଠାରୁ ଆଦାୟ ହୋଇଥିବା ଜରିମାନାରେ ହିଁ ସେମାନଙ୍କ ଘରର ବର୍ଜ୍ୟଜଳ କିଭଳି ଠିକଣା ଭାବେ ନିଷ୍କାସନ ହେବ ତାହାର ବ୍ୟବସ୍ଥା କରାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି।

ସେହିପରି ଘର ମାଲିକମାନେ କିଭଳି ଠିକଣା ସମୟରେ ହୋଲ୍ଡିଂ ଟିକସ ପ୍ରଦାନ କରିବେ ତାହା ଉପରେ ବିଏମ୍‌ସି ଏବେ ଗୁରୁତ୍ୱାରୋପ କରୁଛି। ଆଗାମୀ ଦିନରେ ଘର ମାଲିକଙ୍କ ହୋଲ୍ଡିଂ ନମ୍ବର ସହ ବିଦ୍ୟୁତ ନମ୍ବରକୁ ଯୋଡିବାକୁ ବିଏମ୍‌ସି ପ୍ରୟାସ କରୁଛି। ଏ ନେଇ ବିଏମ୍‌ସି ଅଧିକାରୀ ଓ ଶକ୍ତି ବିଭାଗର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ଯଦି କୌଣସି ବ୍ୟକ୍ତି ଠିକଣା ସମୟରେ ହୋଲ୍ଡିଂ ଟିକସ ଦେବେନାହିଁ ତେବେ ତାଙ୍କର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯିବ। ଅନ୍ୟପକ୍ଷେ ସହରରେ ବଢି ଚାଲିଥିବା ଜବରଦଖଲ ଓ ବେଆଇନ ନିର୍ମାଣଗୁଡ଼ିକ ଉପରେ ମଧ୍ୟ ବିଏମ୍‌ସି ରୋକ ଲଗାଇବ ବୋଲି ପ୍ରକାଶ ପାଇଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷମାନେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ସାରିଥିବାବେଳେ ଖୁବ୍‌ଶୀଘ୍ର ଉକ୍ତ ଜବରଦଖଲଗୁଡ଼ିକ ମୁକ୍ତ କରାଯିବା ସହିତ ସରକାରୀ ଜାଗାଗୁଡ଼ିକୁ ମୁକ୍ତ କରାଯିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ବିଏମ୍‌ସି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପରେ ୱାର୍ଡ ଅଫିସରମାନେ ଏବେ ଘରକୁ ଘର ବୁଲି ଜଳ ନିଷ୍କାସନ ବ୍ୟବସ୍ଥାର ତଦାରଖ କରିବା ସହିତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ବୁଲି ହୋଲ୍ଡିଂ ଟିକସ ଆଦାୟ ଉପରେ ବିଶେଷ ଭାବେ ଧ୍ୟାନ ଦେଉଛନ୍ତି। ଏହି ମର୍ମରେ କିଛିଦିନ ମଧ୍ୟରେ ଦୁଇଟି ବେଆଇନ ବର୍ଜ୍ୟ ପରିଚାଳନା କରୁଥିବା ଗାଡ଼ିକୁ ସିଜ୍ କରାଯାଇଛି। ସେପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କରାଯାଇ ବିଏମ୍‌ସିର ନିଜସ୍ୱ ଗାଡ଼ିରେ ବର୍ଜ ପରିଚାଳନା କରାଯାଉଛି। ସେହିପରି ବୁଧବାର ହୋଲ୍ଡିଂ ଟିକସ ଖିଲାପ କରୁଥିବା ୪୦ ଜଣ ଖିଲାପକାରୀଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯାଇଛି।

ଉଲ୍ଲେଖଥାଉ କି, ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ବିଏମ୍‌ସି ନାନା ପଦକ୍ଷେପ ନେଉଥିବା ବେଳେ ଲୋକମାନେ ସଚେତନ ହେଉନାହାଁନ୍ତି। ବର୍ଜ୍ୟଜଳ ଏପରିକି ପାଇଖାନା ଜଳକୁ ଡ୍ରେନ୍‌କୁ ଛାଡୁଥିବାର ଦେଖିବାକୁ ମିଳୁଛି। ଏପରିକି ବସ୍ତିଗୁଡିକ ମଧ୍ୟ ଏଥିରୁ ବାଦ ପଡିନାହାନ୍ତି। ସହରର ବିଭିନ୍ନ ବସ୍ତିରେ ହୋଇଥିବା ଘର ଗୁଡିକରୁ ଲୋକମାନେ ସିଧାସଳଖ ବର୍ଜ୍ୟ ଓ ମଳଯୁକ୍ତ ବର୍ଜ୍ୟ ଡ୍ରେନକୁ ଛାଡୁଥିବା ଦେଖିବାକୁ ମିଳିଛି। ଏତେସବୁ ପରେ ମଧ୍ୟ ସେମାନଙ୍କୁ ଏ ନେଇ କୌଣସି ନୋଟିସ ଦେବାର ବ୍ୟବସ୍ଥା ନ ଥିବା ଜଣାପଡ଼ିଛି। ୱାର୍ଡ ଅଫିସରମାନେ ସବୁ ଜାଣି କିଛି ନ ଜାଣିଲା ଭଳି ବ୍ୟବହାର କରୁଛନ୍ତି। ଯାହାର ପ୍ରତିଫଳନ ସ୍ୱଚ୍ଛତା ସର୍ବେକ୍ଷଣରେ ଦେଖିବାକୁ ମିଳିଛି। ୱାର୍ଡ ଅଫିସରମାନଙ୍କ ମନମୁଖି କାର୍ଯ୍ୟକଳାପ ଲାଗି ଆଜି ବିଏମ୍‌ସି ସ୍ୱଚ୍ଛତା ସର୍ବେକ୍ଷଣରେ ୨୪୯ ନମ୍ବରରେ ରହିଛି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ସହରକୁ ସବୁଜ ସୁନ୍ଦର ଓ ପରିଷ୍କାର ରଖିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବେଳେ ୱାର୍ଡ ଅଫିସରମାନଙ୍କ ଏହି କାର୍ଯ୍ୟକଳାପ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଣି ବିଲେଇ କପାଳକୁ ଶିକା ଛିଡ଼ିବା ସଦୃଶ ଏବେ ୱାର୍ଡ ଅଫିସରମାନଙ୍କୁ ବିଏମ୍‌ସି ମୁଖ୍ୟକାର୍ଯ୍ୟ ହସ୍ତାନ୍ତର କରିଛି। ତେବେ ଏହା କେତେ ସୁଫଳତା ବିଏମ୍‌ସିକୁ ମିଳିବ ତାହା ଦେଖିବାକୁ ବାକି ରହିଲା।


ରାଏବରେଲି ଦୁର୍ଘଟଣାରେ ଉନ୍ନାଓ ପୀଡ଼ିତାଙ୍କ ଦୁଇ ସମ୍ପର୍କୀୟାଙ୍କ ମୃତ୍ୟୁ ଘଟିଥିବାରୁ ବାରାଣସୀରେ ନିଜ ସମର୍ଥକଙ୍କ ସହ ଯଜ୍ଞ କରୁଛନ୍ତି କଂଗ୍ରେସ ନେତା ଅଜୟ ରାୟ।

## ପୋକ୍ସୋ ଆଇନରେ ସଂଶୋଧନକୁ ମଞ୍ଜୁରୀ
# ଶିଶୁଙ୍କୁ ବଳାତ୍କାର କଲେ ମୃତ୍ୟୁଦଣ୍ଡ

ନୂଆଦିଲ୍ଲୀ,୧୮
(ପି.ଟି./ଆଇଏଏନ୍ଏସ୍)

ଦେଶରେ ଶିଶୁଙ୍କ ପ୍ରତି ଯୌନ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଥିବାବେଳେ ସେମାନଙ୍କୁ ଏଥିରୁ ରକ୍ଷାକରିବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନରେ ସଂଶୋଧନକୁ ପାର୍ଲାମେଣ୍ଟର ମଞ୍ଜୁରୀ ମିଳିଛି। ଗୁରୁବାର ଲୋକ ସଭାରେ ଦଳମତ ନିର୍ବିଶେଷରେ ସବୁ ସଦସ୍ୟ ଉକ୍ତ ବିଲ୍‌କୁ ସମର୍ଥନ ଜଣାଇଥିଲେ। ଗତ ସପ୍ତାହରେ ଏହି ବିଲ୍ ରାଜ୍ୟ ସଭାର ଅନୁମୋଦନ ଲାଭ କରିଥିଲା। ଶିଶୁଙ୍କୁ ବଳାତ୍କାର କଲେ ସଂଶୋଧିତ ବିଲ୍‌ରେ ମୃତ୍ୟୁଦଣ୍ଡ ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ଶିଶୁମାନଙ୍କ ପ୍ରତି ଅନ୍ୟାନ୍ୟ ଅପରାଧ କ୍ଷେତ୍ରରେ ମଧ କଠୋର ଦଣ୍ଡ ବ୍ୟବସ୍ଥା କରାଯାଇଛି।



ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ବିଲ୍ ଆଗତ କରି ଏହା ଶିଶୁମାନଙ୍କୁ ଯୌନ ଅପରାଧ, ଶୋଷଣ ଓ ଯୌନୋଦ୍ଦୀପକ ଚିତ୍ର ପ୍ରସ୍ତୁତି ଆଦି ଅପରାଧରୁ ସୁରକ୍ଷା ଦେବ ବୋଲି କହିଥିଲେ। ଛୋଟ ପିଲା ଭୋଟ ଦେଉ ନ ଥିବାରୁ ଏହି ବିଲ୍ ପଛରେ ଭୋଟବ୍ୟାଙ୍କ ରାଜନୀତି ନାହିଁ। କେବଳ ଦେଶର ଭବିଷ୍ୟତମାନଙ୍କ ନିରାପତ୍ତା ଓ ଉପଯୁକ୍ତ ସମ୍ମାନ ଲାଗି ସଂଶୋଧିତ ବିଲ୍ ଅଣାଯାଇଥିବା ସେ କହିଥିଲେ।

ପୋକ୍ସୋ ସଂଶୋଧନ ବିଲ୍‌କୁ ବିଜେଡି ସମର୍ଥନ ଜଣାଇଛି। ତେବେ ଯୌନ ନିର୍ଯାତନାର ସମ୍ମୁଖୀନ ହେଉଥିବା ଶିଶୁଙ୍କ ପାଇଁ ଅଧିକ କ୍ଷତିପୂରଣ ବ୍ୟବସ୍ଥା କରିବା ନିମନ୍ତେ ବିଜେଡିର ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ପ୍ରସ୍ତାବ ରଖିଥିଲେ। ପୀଡ଼ିତଙ୍କ ଶିକ୍ଷା ଓ ଭବିଷ୍ୟତ ଯୋଜନା ପାଇଁ ଅଧିକ କ୍ଷତିପୂରଣ ମିଳିବା ଆବଶ୍ୟକ। ଅପରାଧ କମାଇବା ଲାଗି ମାମଲାର ତୁରନ୍ତ ବିଚାର ଜରୁରୀ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ ପୋକ୍ସୋ ଆଇନରେ ଦୋଷୀସାବ୍ୟସ୍ତ ହାର ୩% ରୁ କମ୍ ରହୁଛି। ଏହା ବୃଦ୍ଧି ପାଇଲେ ଅପରାଧ କମିବ। ପୀଡ଼ିତ ଭିନ୍ନକ୍ଷମ ହୋଇଥିଲେ ଦଣ୍ଡକୁ ଆହୁରି କଡ଼ାକଡି କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

## ବଳାତ୍କାର ମାମଲାରେ ଆଜୀବନ ଜେଲ୍

କୋଲକାତା,୧୮(ପି.ଟି.)

ଜଣେ ନାବାଳିକାଙ୍କୁ ବଳାତ୍କାର କରି ଗର୍ଭବତୀ କରାଇବା ମାମଲାରେ କୋଲକାତାର ଏକ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍ସୋ) ଆଇନରେ ମାମଲା ରୁଜୁ ହେବାର ସପ୍ତାହେ ମଧରେ ରାୟ ପ୍ରକାଶ ପାଇଛି। ୧୭ ବର୍ଷୀୟା ନାବାଳିକାଙ୍କୁ ଅଭିଯୁକ୍ତ ବିଶ୍ୱଜିତ୍ ଦେ ବଳାତ୍କାର କରିବାରୁ ସେ ଗର୍ଭବତୀ ହୋଇଥିଲେ। ସିଆଲଦା ଅତିରିକ୍ତ ଦୌରାଜଜ୍ ଜିମୁତବାହନ ବିଶ୍ୱାସ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ବିଶ୍ୱଜିତଙ୍କୁ ୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି।

## ନାବାଳିକା ଗଣବଳାତ୍କାର ଓ ହତ୍ୟା ମାମଲା
# ଦୋଷୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

ନୂଆଦିଲ୍ଲୀ,୧୮(ପି.ଟି.)

ନାବାଳିକା ଗଣବଳାତ୍କାର ଓ ହତ୍ୟା ମାମଲାର ବିଚାର କରି ସୁପ୍ରିମକୋର୍ଟ ଅପରାଧୀ ମନୋହରନ୍‌ଙ୍କ ମୃତ୍ୟୁଦଣ୍ଡାଦେଶକୁ ଗୁରୁବାର କାଏମ ରଖିଛନ୍ତି। ୨୦୧୦ରେ କୋଏମ୍ବାଟୁର୍‌ରେ ଜଣୈକା ୧୦ ବର୍ଷର ନାବାଳିକାଙ୍କୁ ଗଣବଳାତ୍କାର କରାଯିବା ସହ ତାଙ୍କୁ ଓ ତାଙ୍କ ୭ ବର୍ଷର ସାନଭାଇଙ୍କୁ ହାତଗୋଡ଼ ବାନ୍ଧି କେନାଲରେ ଫିଙ୍ଗି ହତ୍ୟା କରାଯାଇଥିଲା। ଜଷ୍ଟିସ୍ ଆର୍.ଏଫ୍. ନରିମାନଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଏହାକୁ ଅତି ନିର୍ଦ୍ଦୟ ଓ ଅମାନୁଷିକ ବୋଲି କହିବା ସହ ତଳକୋର୍ଟ ଓ ମାଡ୍ରାସ ହାଇକୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି। ମାମଲାର ଶୁଣାଣି ବେଳେ ଖଣ୍ଡପୀଠ ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ, ୨୦୧୨ ଉପରେ ୨୦୧୮ରେ ହୋଇଥିବା ସଂଶୋଧନକୁ ଧ୍ୟାନରେ ରଖି ରାୟ ପ୍ରକାଶ କରିଛନ୍ତି।


ମାଡ୍ରାସ ହାଇକୋର୍ଟ ରାୟ ସୁପ୍ରିମକୋର୍ଟରେ କାଏମ

୨୦୧୦ ଅକ୍ଟୋବର ୨୯ରେ ନାବାଳିକା ଓ ତାଙ୍କ ସାନଭାଇ ସ୍କୁଲ ଯାଉଥିବାବେଳେ ମନ୍ଦିର ବାହାରୁ ସେମାନଙ୍କୁ ମନ୍ଦିର ପୂଜକ ମୋହନକ୍ରିଷ୍ଣନ ଓ ମନୋହରନ୍ ଉଠାଇନେଇଥିଲେ। ସେମାନେ ଉଭୟଙ୍କ ହାତ ବାନ୍ଧି ଦେଇ ନାବାଳିକାଙ୍କୁ ଗଣବଳାତ୍କାର କରିଥିଲେ। ପରେ ସେମାନେ ଉଭୟଙ୍କୁ ବିଷଦେଇ ମାରିବାକୁ ଉଦ୍ୟମ କରିଥିଲେ। ସେଥିରେ ମୃତ୍ୟୁ ନ ହେବାରୁ ହାତବନ୍ଧା ଅବସ୍ଥାରେ ସେମାନଙ୍କୁ ପରାମ୍ବିକୁଲମ୍-ଅକ୍ଷର ପ୍ରୋଜେକ୍ଟ କେନାଲରେ ଫିଙ୍ଗିଦେଇଥିଲେ। ପୋଲିସ୍ ଏନ୍‌କାଉଣ୍ଟରରେ ମୋହନ କ୍ରିଷ୍ଣନ୍ ନିହତ ହୋଇଥିଲେ। ମନୋହରନଙ୍କୁ ଅପହରଣ, ଗଣବଳାତ୍କାର ଓ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ କରାଯାଇଛି। ତଳକୋର୍ଟ ମନୋହରନ୍‌ଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ମାଡ୍ରାସ ହାଇକୋର୍ଟ ତାହାକୁ କାଏମ ରଖିଥିଲେ। ତିନି ଜଣିଆ ଖଣ୍ଡପୀଠରେ ଅନ୍ୟ ଜଣେ ସଦସ୍ୟ ଜଷ୍ଟିସ୍ ଖାନ୍ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ପରିବର୍ତ୍ତେ ଅବଶିଷ୍ଟ ଜୀବନ ଜେଲ୍‌ରେ କଟାଇବା ସପକ୍ଷରେ ମତ ଦେଇଥିବାବେଳେ ଅନ୍ୟ ଦୁଇ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ସଞ୍ଜୀବ ଖାନ୍ନା ମୃତ୍ୟୁଦଣ୍ଡକୁ ସମର୍ଥନ କରିଥିଲେ।

**ସଂକ୍ଷେପରେ**

## ଅଗଷ୍ଟ, ସେପ୍ଟେମ୍ବରରେ ମୌସୁମୀ ସ୍ୱାଭାବିକ ହେବ

ନୂଆଦିଲ୍ଲୀ,୧୮(ପି.ଟି.): ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଦେଶରେ ମୌସୁମୀ ବର୍ଷା ସ୍ୱାଭାବିକ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଗୁରୁବାର ପୂର୍ବାନୁମାନ କରାଯାଇଛି। ଏହି ଦୁଇମାସରେ ୧୦୦ ପ୍ରତିଶତ ବୃଷ୍ଟିପାତ ହେବା ସମ୍ଭାବନା ରହିଛି। ଅଗଷ୍ଟରେ ବୃଷ୍ଟିପାତ ଦୀର୍ଘମିଆଦୀ ହାରାହାରି (ଏଲ୍‌ପିଏ)ର ୯୯ ପ୍ରତିଶତ ହେବାର ଅନୁମାନ କରାଯାଇଥିଲାବେଳେ ସେଥିରେ ୯ ପ୍ରତିଶତ କମ୍ କିମ୍ବା ବେଶି ହୋଇପାରେ। ପାଣିପାଗ ବିଭାଗ ରିପୋର୍ଟ ଅନୁଯାୟୀ ଜୁଲାଇ ଶେଷ ସୁଦ୍ଧା ଦେଶରେ ହାରାହାରି ବୃଷ୍ଟିପାତ ସ୍ୱାଭାବିକଠାରୁ ଅଧିକ ରହିଛି। ଫଳରେ ବର୍ଷା ନିଅଣ୍ଟ ପରିମାଣ ହ୍ରାସ ପାଇଛି। ଆଗାମୀ ଦୁଇସପ୍ତାହରେ ଭଲ ବର୍ଷା ହେବା ଆଶା କରାଯାଉଥିବାରୁ ନିଅଣ୍ଟ ସମସ୍ୟା ଆହୁରି ହ୍ରାସ ପାଇବ କୁହାଯାଇଛି। ଜୁଲାଇରେ ହାରାହାରି ୨୮୫.୩ ମିଲିମିଟର ବୃଷ୍ଟିପାତ ହୋଇଥାଏ। ଏଥର ୨୯୮.୩ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହା ହାରାହାରି ବୃଷ୍ଟିପାତଠାରୁ ୫ ପ୍ରତିଶତ ଅଧିକ ରହିଥିବା ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

## ଉନ୍ନାଓ ମାମଲା ୩ ପୋଲିସ ନିଲମ୍ବିତ

ଲକ୍ଷ୍ନୌ,୧୮(ଆଇଏଏନ୍ଏସ୍) ଉନ୍ନାଓ ବଳାତ୍କାର ପୀଡ଼ିତାଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଉତ୍ତରପ୍ରଦେଶ ପୋଲିସର ୩ କର୍ମଚାରୀଙ୍କୁ କର୍ତ୍ତବ୍ୟରେ ଅବହେଳା ପାଇଁ ନିଲମ୍ବନ କରାଯାଇଛି। ପୋଲିସ କର୍ମଚାରୀ ସୁଦେଶ କୁମାର, ମହିଳା କନଷ୍ଟେବଲ ସୁନୀତା ଦେବୀ ଓ ରୁବି ପଟେଲଙ୍କୁ ପୀଡ଼ିତାଙ୍କ ସୁରକ୍ଷା ଦାୟିତ୍ୱ ଦିଆଯାଇଥିଲା। ପୀଡ଼ିତା ରବିବାର ରାଏବରେଲି ଯିବାବେଳେ ଦୁର୍ଘଟଣା ଘଟିଥିଲା। ଉକ୍ତ ସମୟରେ ଏହି ୩ ପୋଲିସ କର୍ମଚାରୀ ତାଙ୍କ ସହ ନ ଥିଲେ ବୋଲି ପୋଲିସ ଆଇଜି (ଆଇନଶୃଙ୍ଖଳା) ପ୍ରବୀଣ କୁମାର ଗୁରୁବାର ଗଣମାଧ୍ୟମକୁ କହିଛନ୍ତି।

**ଇତିହାସର ଆଇନାରେ**

## ଅଗଷ୍ଟ ୨ର ପ୍ରମୁଖ ଘଟଣା

୧୯୬୮ ଅଗଷ୍ଟ ୨ରେ ଫିଲିପାଇନ୍ସର କାସିଗୁରନ୍‌ଠାରେ ଭୂକମ୍ପ ଯୋଗୁ ୨୭୦ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୨୬୧ ଆହତ ହୋଇଥିଲେ। ଦକ୍ଷିଣ-ପୂର୍ବ ଏସିଆର ଦ୍ୱୀପପୁଞ୍ଜର ଦେଶ ଫିଲିପାଇନ୍ସକୁ ସରକାରୀ ଭାବେ ଦି ରିପବ୍ଲିକ୍ ଅଫ୍ ଦି ଫିଲିପାଇନ୍ସ କୁହାଯାଏ।

୧୯୮୯ ଅଗଷ୍ଟ ୨ରେ ଶ୍ରୀଲଙ୍କାରେ ଭାରତୀୟ ଶାନ୍ତି ସେନା (ଆଇପିକେଏଫ୍)ର କାର୍ଯ୍ୟାନୁଷ୍ଠାନରେ ୬୪ ତାମିଲ ଗେରିଲାଙ୍କ ପ୍ରାଣହାନି ଘଟିଥିଲା।


ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୪ | ୨୪.୨ |
| ଚାନ୍ଦବାଲି | ୩୧.୭ | ୨୬.୬ |
| କଟକ | ୩୦.୦ | ୨୩.୫ |
| ପାରାଦ୍ୱୀପ | ୩୦.୭ | ୨୬.୬ |
| ଭୁବନେଶ୍ୱର | ୩୦.୬ | ୨୫.୦ |
| ଗୋପାଳପୁର | ୩୦.୯ | ୨୬.୨ |
| ପୁରୀ | ୩୩.୮ | ୨୬.୪ |
| ଅନୁଗୋଳ | ୨୮.୭ | ୨୦.୬ |
| ବାରିପଦା | ୩୨.୦ | ୨୫.୬ |
| ଝାରସୁଗୁଡ଼ା | ୨୬.୪ | ୨୩.୦ |
| କେନ୍ଦୁଝର | ୨୮.୩ | ୨୨.୯ |
| ସମ୍ବଲପୁର | ୨୬.୩ | ୨୩.୨ |
| ସୁନ୍ଦରଗଡ଼ | ୨୫.୦ | ୨୦.୦ |
| ହୀରାକୁଦ | ୨୬.୦ | ୨୩.୬ |
| ତାଳଚେର | ୩୧.୬ | ୨୪.୬ |
| ଭବାନୀପାଟଣା | ୨୭.୦ | ୨୩.୫ |
| ବଲାଙ୍ଗୀର | ୨୭.୦ | ୨୪.୦ |
| କୋରାପୁଟ | ୨୨.୬ | ୧୮.୬ |
| ଫୁଲବାଣୀ | ୨୬.୦ | ୨୨.୫ |
| ଟିଟିଲାଗଡ଼ | ୨୯.୦ | ୨୦.୫ |
| ମାଲକାନଗିରି | ୨୬.୦ | ୧୮.୨ |
| ସୋନପୁର | ୨୮.୨ | ୨୦.୬ |
| ଦାରିଙ୍ଗିବାଡ଼ି | ୨୩.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

**STATE SELECTION BOARD**
**DEPARTMENT OF HIGHER EDUCATION**
**BHUBANESWAR – 09**

**NOTICE**

SSB (EX) 06 /2018, 670 /SSB, Dated 31.07.19

Advertisement No. 003/18

1. The Viva voce Test for all the subjects (except Odia) for the post of Lecturer in Non Govt. Aided Colleges of Odisha (Adv. No. 003/2018) is scheduled to be held from 07.08.19 onwards in the Office of State Selection Board, Ashok Nagar, Unit – 2, Bhubaneswar. The dates/programme for the Viva voce will be notified subject wise in the Official Web-site of SSB. The candidates who are shortlisted for the same are advised to go through (www.ssbodisha.nic.in) to know their dates of Viva voce.

By order of President
31/07/19
Secretary

11001/11/0010/1920

No. 26-N

**COUNCIL OF HIGHER SECONDARY EDUCATION ODISHA**
C/2 PRAJNAPITHA, SAMANTAPUR, BHUBANESWAR - 13
website: www.chseodisha.nic.in

**NOTIFICATION**

**AWARD OF SCHOLARSHIP TO MERITORIOUS STUDENTS UNDER CENTRAL SECTOR SCHEME**

**No. SW 47/17/4530/CHSE** **Bhubaneswar, Dated 1st August 2019**

No.: 27-N: The Department of Higher Education Govt. of India have made provision for 2736 (Two thousand seven hundred thirty six) nos. scholarships under Central Sector Scheme of Scholarship for College and University Students for distribution among eligible Higher Secondary pass out Students of 2019 of the CHSE, Odisha.

| Sl. No. | Category | Arts - 456 | Commerce - 912 | Science - 1368 |
|---|---|---|---|---|
| 01 | Scheduled Caste | 68 | 137 | 205 |
| 02 | Scheduled Tribe | 34 | 68 | 103 |
| 03 | Other Backward Class | 123 | 246 | 369 |
| 04 | Unreserved | 231 | 461 | 691 |
| | Total | 456 | 912 | 1368 = G.T. = 2736 |

**(Including Boys 50% & Girls 50% in each category & PH 5% horizontally in each category)**

1. In order to consider for availing this scholarship the applicant has to satisfy the following criteria.
   A. Students who are above 80th percentile of successful candidates in the Annual Higher Seconary Examination 2019 conducted by the CHSE, Odisha as regular candidate are eligible and can apply on National Scholarship Portal **www.scholarships.gov.in**.
   (Students pursuing Higher Education through Distance Mode/Correspondence Course and Diploma Course are not eligible to apply for this Scholarship).
   B. She/He has to pursue higher studies in any College/Institution/University during 2019-20 as a regular student.
   C. It is necessary that all students, who are eligible for scholarship, need to apply with Aadhaar Number which is seeded with Bank Account.
   D. The Income limit of the parents from all sources shall not exceed Rs.8,00,000/- (Rupees Eight Lakh only).
   E. Eligibility cut off marks are as follows:

| Sl. No. | Stream | Cutt off Marks |
|---|---|---|
| 01 | ARTS | 324 |
| 02 | SCIENCE | 383 |
| 03 | COMMERCE | 395 |

   F. For detailed information please visit the Website (NSP) **www.scholarships.gov.in**.
   G. The selected students also instructed to submit their renewal applications from batch 2015 (4th renewal), 2016 (3rd renewal), 2017 (2nd renewal) and 2018 (1st renewal) within the scheduled date online.
   Renewal applications sent directly to the MHRD, New Delhi shall not be accepted.
2. The students availaing any other Scholarship are not eligible to avail this Scholarship.
3. The rate of Scholarship is Rs.10,000/- per annum at Graduation level for (first) 3 years of College and University Students and Rs.20,000/- per annum at Post Graduation level. Students pursuing professional courses in case where the duration of course is 05 years/Integrated Course whould get Rs.20,000/- per annum in the 4th and 5th year. However, students pursuing Technical Courses such as B.Tech, B. Engineering would get scholarship upto Graduation level.
4. The annual renewal of this scholarship will depend on the Scholar's fulfilling of following conditions.
   (a) That the Student has secured 60% or more marks in the previous examination.
   (b) That the Student has 75% attendance.
   (c) Student is not involved in any ragging activities.
5. Complaints against the Scholar regarding indiscipline or having indulged in ragging would lead for forfeiture of the Scholarship if awarded.

Submission of online application by Students for CSSS on NSP has been opened from 15.07.2019. Online submission of application will be allowed till **31.10.2019**. No application shall be entertained beyond the last date.

By order of the Chairman
**Sd./- Dy. Secretary**

**11003/11/0002/1920**

## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No. RDM-LAA-JAJ-0015-2018/7906/R&DM** **Dated: 7 Mar 2019**

No.: XXIV-31: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ରଗଡ଼ା (ପ୍ରଥମ ଅତିରିକ୍ତ), ଥାନା- ସୁକିନ୍ଦା ନଂ.-୯୧, ତହସିଲ- ଦାନଗଦି, ଜିଲ୍ଲା- ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ରେଙ୍ଗାଳୀ ବାମ ପାର୍ଶ୍ୱ କେନାଲର ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୯୩୧୩, ତା୦୮।୦୮।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ରଗଡ଼ା (ପ୍ରଥମ ଅତିରିକ୍ତ), ଥାନା- କୋରେଇ, ଜିଲ୍ଲା- ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍ **www.dkl.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା– ଯାଜପୁର** **ତହସିଲ: ଦାନଗଦି**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରଗଡ଼ା (ପ୍ରଥମ ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨୨.୨୭ | ଏ. ୪.୯୪ | ଏଥି ସହିତ ସଂଲଗ୍ନ |

- ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏକର ୦.୬୫ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା– ଯାଜପୁର** **ତହସିଲ: ଦାନଗଦି**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ – ୨୮।୦୯।୨୦୧୮

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଅଭୟ କୁମାର ନାୟକ**
**ଅତିରିକ୍ତ ଶାସନ ସଚିବ**

**ଜମି ଅନୁସୂଚୀ**
**ଗ୍ରାମର ନାମ: ରଗଡ଼ା (ପ୍ରଥମ ଅତିରିକ୍ତ), ଥାନାର ନାମ: ସୁକିନ୍ଦା ନଂ. ୯୧, ତହସିଲ: ଦାନଗଦି, ଜିଲ୍ଲା: ଯାଜପୁର**
**ଜମି ଅଧିଗ୍ରହଣ କେସ୍ ନଂ.:**

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚୀତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୫ | ୪୨୭ | ୦.୧୪ | ୦.୦୨ | ଇନ୍ଦ୍ରମଣି ଜେନା, ପିତା– ଶୈଳେନ୍ଦ୍ର ଜେନା ଓଗେର, ଜା: ପାଣ, ବା: ନିଜଗାଁ | |
| ୨ | ୫୧ | ୪୪୧ | ୦.୯୫ | ୦.୨୮ | କୁସୁନ ମୁଣ୍ଡା, ପିତା– ରସିକା ମୁଣ୍ଡା, ଜା: ମୁଣ୍ଡା, ବା: ନିଜଗାଁ ସାମିଲ ବଜରପାଲି | |
| ୩ | | ୪୪୬ | ୦.୯୫ | ୦.୧୧ | କୁସୁନ ମୁଣ୍ଡା, ପିତା– ରସିକା ମୁଣ୍ଡା, ଜା: ମୁଣ୍ଡା, ବା: ନିଜଗାଁ ସାମିଲ ବଜରପାଲି | |
| ୪ | ୮୫ | ୪୫୬ | ୦.୩୮ | ୦.୧୬ | ଘନଶ୍ୟାମ ଜେନା, ପିତା– ହୃଷୀକେଶ ଜେନା ଓଗେର, ଜା: ପାଣ, ବା: ନିଜଗାଁ | |
| ୫ | ୧୨୧ | ୪୪୨ | ୦.୯୯ | ୦.୧୨ | ଡବର ମୁଣ୍ଡା, ପିତା– ରସିକ ମୁଣ୍ଡା ଓଗେର, ଜା: ମୁଣ୍ଡା, ବା: ନିଜଗାଁ ସାମିଲ ବଜରପାଲି | |
| ୬ | ୧୨୧ | ୪୪୮ | ୧.୧୨ | ୦.୧୫ | ଡବର ମୁଣ୍ଡା, ପିତା– ରସିକ ମୁଣ୍ଡା ଓଗେର, ଜା: ମୁଣ୍ଡା, ବା: ନିଜଗାଁ ସାମିଲ ବଜରପାଲି | |
| ୭ | ୧୩୦ | ୫୦୮ | ୦.୯୧ | ୦.୦୯ | ତ୍ରିଲୋଚନ ମହାନ୍ତ, ପିତା– ମଧୁସୂଦନ ମହାନ୍ତ ଓଗେର, ଜା: କୁଡୁମି, ବା: ଶୁଳିଆ | |
| ୮ | ୧୮୦ | ୪୫୫ | ୦.୩୮ | ୦.୧୪ | ପାଣ୍ଡୁଓ ଗାଗରାଇ, ପିତା– ଭରତ ଗାଗରାଇ, ଜା: ମୁଣ୍ଡା, ବା: ବାଘୁଆପାଳ | |
| ୯ | | ୫୦୭ | ୦.୬୨ | ୦.୦୪ | ପାଣ୍ଡୁଓ ଗାଗରାଇ, ପିତା– ଭରତ ଗାଗରାଇ, ଜା: ମୁଣ୍ଡା, ବା: ବାଘୁଆପାଳ | |
| ୧୦ | ୨୦୬ | ୩୯୨ | ୧.୯୮ | ୦.୧୦ | ବାରେଣୀ ଜେନା, ପିତା– ମୁଳି ଜେନା, ଜା: ପାଣ, ବା: ଶାଳିଜଙ୍ଗା ସାମିଲ ନୀଳକଣ୍ଠପୁର | |
| ୧୧ | | ୪୫୧ | ୦.୪୨ | ୦.୩୨ | ବାରେଣୀ ଜେନା, ପିତା– ମୁଳି ଜେନା, ଜା: ପାଣ, ବା: ଶାଳିଜଙ୍ଗା ସାମିଲ ନୀଳକଣ୍ଠପୁର | |
| ୧୨ | | ୪୫୯ | ୦.୮୫ | ୦.୧୯ | ବାରେଣୀ ଜେନା, ପିତା– ମୁଳି ଜେନା, ଜା: ପାଣ, ବା: ଶାଳିଜଙ୍ଗା ସାମିଲ ନୀଳକଣ୍ଠପୁର | |
| ୧୩ | ୨୫୪ | ୫୧୦ | ୦.୪୪ | ୦.୨୨ | ମଞ୍ଜୁଳ ଜେନା, ପିତା– ଚକ୍ରଧର ଜେନା ଓଗେର, ଜା: ପାଣ, ବା: ନିଜଗାଁ | |
| ୧୪ | ୨୫୪ | ୫୧୧ | ୧.୧୫ | ୦.୨୦ | ମଞ୍ଜୁଳ ଜେନା, ପିତା– ଚକ୍ରଧର ଜେନା ଓଗେର, ଜା: ପାଣ, ବା: ନିଜଗାଁ | |
| ୧୫ | ୨୬୮ | ୪୯୦ | ୧.୦୨ | ୦.୨୯ | ମାନିକା ମହାନ୍ତ, ପିତା– ସନା ମହାନ୍ତ, ଜା: କୁଡୁମି, ବା: ରଣାଗୁଣ୍ଡି | |
| ୧୬ | ୨୬୯ | ୧୭୭/୧୪୬୯ | ୦.୫୪ | ୦.୧୦ | ମୁକୁତା ମଳିକ, ପିତା– ରାମ ମଳିକ, ଜା: ପାଣ, ବା: ନିଜଗାଁ | |
| ୧୭ | ୨୮୭ | ୩୮୫ | ୦.୨୦ | ୦.୧୪ | ରାମ ପେରେଇ, ପିତା– ମଥୁରୀ ପେରେଇ ଓଗେର, ଜା: ପାଣ, ବା: ନିଜଗାଁ | |
| ୧୮ | ୨୯୩ | ୧୭୮ | ୦.୩୨ | ୦.୦୭ | ସଙ୍ଖାଳି ପାତ୍ର, ପିତା– ବାଞ୍ଛା ପାତ୍ର, ଜା: ବୁଣାତନ୍ତି, ବା: ବାଘୁଆପାଳ | |
| ୧୯ | ୩୦୫ | ୧୭୩ | ୦.୬୮ | ୦.୦୨ | ସନା ମୁଣ୍ଡା, ପିତା– ଜାଁସର ମୁଣ୍ଡା ଓଗେର, ଜା: ମୁଣ୍ଡା, ବା: ବାଘୁଆପାଳ | |
| ୨୦ | ୩୦୮ | ୨୬୨ | ୦.୬୩ | ୦.୩୨ | ଶ୍ୟାମ ଦାସ, ପିତା– ଲକ୍ଷ୍ମଣ ଦାସ, ଜା:ବ୍ରାହ୍ମଣ, ବା: ଶାଳିଜଙ୍ଗା | |
| ୨୧ | ୩୧୨ | ୪୭୧ | ୨.୫୦ | ୦.୪୭ | ସିଦ୍ଧିଓ ମୁଣ୍ଡା, ପିତା– ସମା ମୁଣ୍ଡା, ଜା: ମୁଣ୍ଡା, ବା: ବାଘୁଆପାଳ | |
| ୨୨ | | ୫୦୯ | ୨.୮୯ | ୦.୫୭ | ସିଦ୍ଧିଓ ମୁଣ୍ଡା, ପିତା– ସମା ମୁଣ୍ଡା, ଜା: ମୁଣ୍ଡା, ବା: ବାଘୁଆପାଳ | |
| ୨୩ | ୩୩୬/୩ | ୧୭୭ | ୧.୦୦ | ୦.୧୭ | ଚନ୍ଦନ ପୂର୍ତ୍ତି, ପିତା– ବ୍ରଜମୋହନ ପୂର୍ତ୍ତି ଓଗେର, ଜା: ମୁଣ୍ଡା, ବା: ବାଘୁଆପାଳ | |
| ୨୪ | ୩୦୮ | ୨୬୨ | ୦.୬୭ | ୦.୩୫ | ଶ୍ୟାମ ଦାସ, ପିତା– ଲକ୍ଷ୍ମଣ ଦାସ, ଜା: ବ୍ରାହ୍ମଣ, ବା: ଶାଳିଜଙ୍ଗା | ଗୋଚର ବଦଳି |
| ୨୫ | ୨୬୯ | ୧୭୭/୧୪୬୯ | ୦.୫୪ | ୦.୩୦ | ମୁକୁତା ମଳିକ, ପିତା– ରାମ ମଳିକ, ଜା: ପାଣ, ବା: ନିଜଗାଁ | ଶ୍ମଶାନ ବଦଳି |
| | | | ମୋଟ | ୪.୯୪ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୨୩ (ତେଇଶ), ମୋଟ ଅଧିଗୃହୀତ ଜମି: ୪.୯୪ ଏକର।

24001/14/0096/1920

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

**TENDER CALL NOTICE NO. 217/OMC/S&M/2019**

Sealed tenders are invited from bidders having experience in loading/transporting of ore / minerals for the following work as detailed below.

**1: Details of Work**

| Sl. No | Name of the work | Quantity (in MT) | Maximum Estimated value of work in lakh Rs. | EMD (in Rs.) |
|---|---|---|---|---|
| | 2 | 3 | 4 | 5 |
| 1 | Loading & transportation of Chrome Concentrate from OMC Chrome Ore Plot, Paradip Port(prohibited area) to COB Plant South Kaliapan including unloading at COB Plant South Kaliapani . | 189.280 | Rs.2,84,730.12 | Rs.14,237.00 |

**2: Period of work:**
The period of work shall be 2 (two) months from the date of issue of Letter of Intent (LoI) at the sole discretion of OMC Ltd.

3: The Tender will be on two bid systems i.e. Technical Bid and Price Bid. EMD amount as specified at **Column No.5 of Sl.No.1** should be part of Technical Bid.

4: The tender documents for the above work duly filled in along with the specified EMD in shape of Demand Draft / Banker's Cheque / pay Order in favour of Odisha Mining Corporation Limited, Bhubaneswar payable at any **Nationalized Bank** at Bhubaneswar should be submitted by the bidder in the tender drop Box in Sales & Marketing Section, OMC Ltd., Bhubaneswar on **19.08.2019 by 2.00 PM.**

5: The tender documents downloaded from our website www.omcltd.in shall be submitted. The authority shall not be responsible if any problem arises in downloading bid documents.

6: The terms & conditions of the Tender Schedule shall be final in so far as the work is concerned.

**OMC Ltd. reserves the right to accept or reject the full or part of any tender without assigning any reason whatsoever.**

No. CAD-260

Please visit www.omcltd.in for details 30005/11/0036/1920 CHIEF GENERAL MANAGER (MINING)

GOVERNMENT OF ODISHA
## OFFICE OF THE EXECUTIVE ENGINEER, RWS&S DIVISION, MALKANGIRI
Tel: 06861-231617, Email: eerwss_mal@nic.in, eerwssmlkg@gmail.com

**INVITATION FOR BIDS**
**NATIONAL COMPETITIVE BIDDING**
**Bid Identification No. RWSS_MKG_ONLINE_04/2019-20 Dated: 30.07.2019**

**No. 227-O:-** The Executive Engineer, RWS&S Division, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below to be eventually drawn up in P-1 contract.

1. Name of work : 02 Nos. Spring based piped water supply schemes & 03 Nos. water supply to different ST/SC Hostels in the Malkangiri district.
2. No. of works : 05 Nos.
3. Estimated Cost : Rs. 5.30 Lakhs to Rs. 12.17 Lakhs
4. Tender paper cost : Rs. 4000/- to Rs. 6000/-
5. Class of Contractor :

| Estimated cost upto Rs. 20.00 lakhs | Estimated cost more than Rs. 20.00 lakhs & within Rs. 40.00 lakhs | Estimated cost more than Rs. 40.00 lakhs & within Rs. 300.00 lakhs |
|---|---|---|
| 'D' & 'C' | 'C' & 'B' | 'B' & 'A' |

6. Period of Completion : 03 (Three) to 06 (Six) calendar months
7. Critical dates :

| Procurement Officer | Bid Identification No. | Availability of Tender online for bidding: From | Availability of Tender online for bidding: To | Last date of seeking tender clarification | Date of opening of Bid |
|---|---|---|---|---|---|
| Executive Engineer, RWS&S Division, Malkangiri | RWSS_MKG_ONLINE _04 of 2019-20 | 09.08.2019 at 9.00AM | 19.08.2019 upto 5.00PM | 17.08.2019 | 20.08.2019 at 11.00AM |

- Further details can be seen in the bidding documents, which is available in the e-procurement portal **https://www.tendersorissa.gov.in**
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

25044/11/0006/1920 *Sd./- Executive Engineer, RWS&S Division, Malkangiri*

■ ଜୟଶ୍ରୀ ମିଶ୍ର ହତ୍ୟା ଘଟଣା

# ଡିଏନ୍‌ଏ ଟେଷ୍ଟ ପାଇଁ ଝିଅ ପୁଅଙ୍କ ରକ୍ତ ନମୁନା ଗଲା



ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ରକ୍ତ ନମୁନା ଦେବା ପାଇଁ ବିଜୟିନୀ ଓ ଭାଇ ଭବାନୀ ଉପସ୍ଥିତ ଅଛନ୍ତି ।

■ ଭୁବନେଶ୍ୱର ଲାବୋରେଟୋରି ପଠାଯିବ
■ ଆସିନି ଏଫ୍‌ଏମ୍‌ଟି ରିପୋର୍ଟ

ସମ୍ବଲପୁର,୧।୮(ବ୍ୟୁରୋ)

ସମ୍ବଲପୁର ସହର ନନ୍ଦପଡ଼ା ଜୟଶ୍ରୀ ମିଶ୍ର ହତ୍ୟା ଘଟଣାର ପୋଲିସ ତଦନ୍ତ ଚଳାଇଛି। ଗୁରୁବାର ଜିଲା ସଦର ଡାକ୍ତରଖାନାରେ ଝିଅ ବିଜୟିନୀ ମିଶ୍ର ଏବଂ ପୁଅ ଭବାନୀ ମିଶ୍ରଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଉଭୟଙ୍କ ରକ୍ତ ନମୁନା ଭୁବନେଶ୍ୱର ଫରେନ୍‌ସିକ୍ ଲାବୋରେଟୋରିକୁ ଡିଏନ୍‌ଏ ପରୀକ୍ଷା ପାଇଁ ପଠାଯିବ। ଡିଏନ୍‌ଏ ରିପୋର୍ଟ ଆସିବା ପରେ ଉଦ୍ଧାର ହୋଇଥିବା ଖପୁରି ହାଡ ଜୟଶ୍ରୀଙ୍କର କି ନାହିଁ ତାହା ଜଣାପଡ଼ିବ ବୋଲି ପୋଲିସ କହିଛି। ୪ ଦିନ ତଳେ ଉଦ୍ଧାର ଖପୁରି ଭିମ୍‌ସାରକୁ ଏଫ୍‌ଏମ୍‌ଟି ପରୀକ୍ଷା ପାଇଁ ପଠାଯାଇଛି। ହେଲେ ରିପୋର୍ଟ ପୋଲିସ ପାଖରେ ହସ୍ତଗତ ହୋଇ ନ ଥିବା ଜଣାପଡିଛି। ପୋଲିସ ତଦନ୍ତ ପରେ ଉଦ୍ଧାର ଖପୁରି ହାଡ ଜଣେ ମହିଳାଙ୍କ ବୋଲି ଜାଣିବାକୁ ପାଇଛି । ଅନ୍ୟପକ୍ଷେ ବିଜୟିନୀ ଓ ଭାଇ ଭବାନୀ ପୋଲିସ ତୁରନ୍ତ ରିପୋର୍ଟ ପ୍ରସ୍ତୁତ କରି କୋର୍ଟରେ ଦାଖଲ କରୁ । ଫଳରେ ମାମଲାର ଶୁଣାଣି ହୋଇ ନ୍ୟାୟ ମିଳି ପାରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୧ ନଭେମ୍ବର ୧୧ରେ ଟାଉନ ଥାନାରେ ଜୟଶ୍ରୀଙ୍କ ନିଖୋଜ ଓ ପରେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା । ହେଲେ ପୋଲିସ ଘଟଣାକୁ ହାଲୁକା ଭାବେ ନେଇ ୮ମାସ ପର୍ଯ୍ୟନ୍ତ କୌଣସ ପଦକ୍ଷେପ ଗ୍ରହଣ କରି ନ ଥିଲା । ୨୦୧୯ ଏପ୍ରିଲ ୨୨ ତାରିଖରେ ବିଜୟିନୀ ସୂଚନା ଅଧିକାର ଆଇନ ଦ୍ୱାରା ସମ୍ବଲପୁର ଟାଉନ ଥାନାରେ ହୋଇଥିବା ମାମଲାର ସ୍ଥିତି ଜାଣିବାକୁ ଆବେଦନ କରିଥିଲେ। ପରେ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁର ଜିଲା ପୋଲିସ ମାମଲାର ତଦନ୍ତ ନେଇ ତତ୍ପରତା ଦେଖାଇଥିଲା। ୨୦୧୧ରେ ୨୫ ନମ୍ବର ହୋଇଥିବା ନିଖୋଜ ମାମଲା ୨୦୧୯ ଜୁଲାଇ ୨୧ ତାରିଖ ୨୮୯/୧୯ରେ ହତ୍ୟା ମାମଲାର ପରିବର୍ତ୍ତନ ହୋଇଥିଲା। ସଦର ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା ମାମଲାର ତଦନ୍ତ ଭାର ନେଇଥିଲେ। ଘଟଣାରେ ସମ୍ପୃକ୍ତ ବୁର୍ଲା ଥାନା ବଡସିଙ୍ଘାରୀ ଗ୍ରାମର ବସନ୍ତ ପଣ୍ଡାଙ୍କୁ ପୋଲିସ ଗିରଫ କରିଥିଲା। ବସନ୍ତଙ୍କ ସୂଚନା ମୁତାବକ, ପୋଲିସ ବଡଶିଘାରୀ ଗ୍ରାମରେ ୩ ଦିନ ମାଟି ଖୋଳିଥିଲା। ହେଲେ କୌଣସି ସୁରାକ ପାଇ ନ ଥିଲା। ପରେ ପୋଲିସ ବସନ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା କରିବା ପରେ ମାଟି ଖୋଳିବାରେ ସହଯୋଗ କରିଥିବା ଚୈତନ୍ୟ କୁଅଁରଙ୍କୁ ଘଟଣା ସ୍ଥଳକୁ ନେଇ ମାଟି ଖୋଳିଥିଲା। ମୃତ ଜୟଶ୍ରୀଙ୍କ ଝିଅ ବିଜୟିନୀ ଓ ପୁଅ ଭବାନୀଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ପୋଲିସ ମାଟି ତଳୁ ଖପୁରି ହାଡ ଉଦ୍ଧାର କରିଥିଲା।

# ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବିଜେପୁର
# OFFICE OF THE NOTIFIED AREA COUNCIL, BIJEPUR
**AT/PO/PS :- Bijepur, Dist.-Bargarh, (Odisha), PIN :- 768032**
**Phone No.06685-274153, E-Mail ID :- bijepurnac2018@gmail.com**

**Letter No.1020/NACB Date.01.08.2019**

## QUOTATION CALL NOTICE

Quotations are invited from 02.08.2019 to 08.08.2019 during Office hours from reputed Architectural Firms / Technical Consultant Services having minimum 10 years experience with valid GST Registration, Income Tax Registration for execution of works for survey, optimum space utilization planning, preparation of Modern Structural design & detail plan & estimate (Technical Sanction by the Competent Authority), tender schedule etc. & complete supervision of the work at different required stages of the following projects under NAC, Bijepur.

| SL. No. | Name of the Project | Project Cost in Crore |
|---|---|---|
| 1 | office Building | 2.0 |
| 2 | Covered Drain | 3.0 |
| 3 | Culvert | 1.0 |
| 4 | Park | 1.0 |
| 5 | Crematorium | 2.0 |
| 6 | Community-cum SHG Activities Centre | 1.0 |
| 7 | Town Hall cum Auditorium | 3.0 |
| 8 | Bus Stand | 1.5 |
| 9 | Market Complex | 2.0 |
| 10 | Kalyan Mandap | 2.0 |
| 11 | Rejuvenation of Waterbodies | 2.0 |
| 12 | Construction of Vending Zone | 1.0 |
| 13 | Playground | 1.0 |

Interested Firms having aforesaid eligibility may apply with necessary documents and brochure of projects/ similar projects executed earlier along with EMD of Rs.50000.00 (Rupees fifty thousand) only in shape of Fixed Deposit receipt duly pledged in favour of Executive Officer, NAC Bijepur which is refundable. The Architectural Firm/ Technical Consultant shall submit the application in plain paper mentioning the commission to be paid for such service in percentage basis of the estimate inclusive of all taxes and charges. The Quotation paper along with all documents shall be received in the office of the Executive Officer, NAC Bijepur through Regd/ Speed Post or by person on or before 08.08.2019 till 2.00 P.M. and will be opened on the same day at 3.00 PM in presence of the Quotationer or their Authorised representative. The Tender Committee reserves right to select the Firm having better infrastructure experience and expertise over and above the financial quotation made. Further the tender Committee has every right to constitute a Panel of such Firms & to assign various projects to various Firms as per the necessity and suitability. The Authority reserves the right to accept, cancel or reject any or all the quotations without assigning any reason thereof.

*By Order of Administrator*
**Sd./- Executive Officer, NAC, Bijepur**

# Director of Mines
# Steel & Mines Department
# Government of Odisha
**E mail : directormines1@orissaminerals.gov.in**
**Date : July 31, 2019**

## Notice Inviting Tender

**"Invitation of bids for grant of Mining Lease for Limestone, Graphite and Chromite Minerals"**

No.06-G :- In exercise of the powers conferred by Section 10(B) of the Mines and Minerals (Development and Regulation) Act, 1957 and in accordance with the Minerals (Auction) Rules, 2015 as amended from time to time notified thereunder, the Govt. of Odisha has identified 7(Seven) Mineral Blocks, 4(Four) blocks of Limestone, 1(One) block of Graphite and 2 (Two) blocks of Chromite for electronic auction and hereby invites tenders for the purposes of grant of Mining Lease.

Accordingly, financial bids are invited in digital format only and technical bids are invited both in digital and physical format from eligible bidders.

Eligibility conditions, date and time for participating in the electronic auction are provided in the Tender Document. Detailed Tender Documents alongwith timelines, notification, updates and other details for the e-auction process for the mineral blocks are available in electronic form only and can be download from the website of MSTC Limited.

**(https://www.mstcecommerce.com/auctionhome/mlcl/index.jsp)**

Interested and eligible bidders can register themselves on the above website. On successful registration, eligible bidders will obtain login ID and password necessary for participation in the e-auction process. Model Tender Document and Mineral Block Summary are available free of cost on the website of MSTC Limited.

**(https://www.mstcecommerce.com/auctionhome/mlcl/index.jsp)**

Last date for purchase of tender documents, after payment of a tender fees as stated below, on website of e-auction platform provider is Wednesday, September 11, 2019 and the last date for submission of the bid Friday, September 20, 2019 on or before 17:00 hours (IST).

**The List of Mineral Blocks for Auction**

| Sl. No. | Block Name | Mineral | Tender Document Fee |
|---|---|---|---|
| 1 | Pipalmunda Block | Limestone | 2,00,000 |
| 2 | Khatkurbahal Block (North) | Limestone | 5,00,000 |
| 3 | Behera Banjipali Block | Limestone | 2,00,000 |
| 4 | Garrramura Block | Limestone | 2,00,000 |
| 5 | Jagdalpur Block | Graphite | 2,00,000 |
| 6 | Saruabil Block | Chromite | 5,00,000 |
| 7 | Kamarda Block | Chromite | 2,00,000 |

**Sd./- Director of Mines**
30004/11/0003/1920 **Orissa, Bhubaneswar**

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No.RDM-LAA-JAJ-0009-2019/15518 R&DM, Dated: 29 MAY 2019

No.XXIV-19 :- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଯାଜପୁର ଜିଲ୍ଲାର ରେଙ୍ଗାଲୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା-ଯଆଁର (୨ୟ ଅତିରିକ୍ତ), ଥାନା-ଟମକା ନଂ.୬୮, ତହସିଲ-ଦାନଗଦି, ଜିଲ୍ଲା-ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୦୭ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act-2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ରେଙ୍ଗାଲୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ବାମ ପାର୍ଶ୍ୱ କେନାଲ ଡିଭିଜନ-୨ ଡୁବୁରି ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପଜିଲ୍ଲାପାଳ, ଯାଜପୁର ।
୬. **ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ଦାନଗଦି | ଯଆଁର (୨ୟ ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୦.୦୭ | ଏ. ୦.୦୭ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁକିନ୍ଦା ଜିଲ୍ଲା ଯାଜପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅଭୟ କୁମାର ନାୟକ, ଅତିରିକ୍ତ ଶାସନ ସଚିବ**

## ଭୂମି ଅନୁସୂଚୀ

ଗ୍ରାମର ନାମ:ଯଆଁର (ଦ୍ୱିତୀୟ ଅତିରିକ୍ତ), ଥାନାର ନାମ-ଟମକା, ନଂ.୬୮,ତହସିଲ-ଦାନଗଦି, ଜିଲ୍ଲା-ଯାଜପୁର
ଜମି ଅଧିଗ୍ରହଣ କେସ୍ ନଂ.: /

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିଗୃହୀତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୪୦/୪୨ | ୯୯୫/୧୨୦୦ | ୦.୦୭ | ୦.୦୭ | ଶରତ କୁମାର ସାହୁ, ପିତା- ଯଦୁମଣି ସାହୁ, ଓଗେର, ଜା- ତେଲି, ବା-ନିଜଗାଁ | |
| | | | **ମୋଟ** | **୦.୦୭** | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା : **୧** (ଏକ), ମୋଟ ଅଧିଗୃହୀତ ଜମି : ୦.୦୭ ଏକର

24001/14/0083/1920

## BHUBANESWAR DEVELOPMENT AUTHORITY
AKASH SHOVA BUILDING,
JAWAHARLAL NEHRU MARG, BHUBANESWAR – 751001
Visit us at: http://www.bda.gov.in/

**Ref. No. 362 Date. 31.07.2019**

**INVITATION FOR BIDS (IFB)**
**BID IDENTIFICATION No. BDA/ 362-EE-II/2019–20**

Executive Engineer, Division No.II, BDA, Bhubaneswar on behalf of Bhubaneswar Development Authority, Bhubaneswar invites tender on **Percentage Rate** in **Single cover system** to be received in on-line mode only for the following work.

| Sl No. | Name of the work | Approximate value of work (Rs. In Lakh) | Time of Completion | Class of Contractor | Bid Security | Cost of Document (in Rs.) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Repair & restoration of Compound wall at Paikarapur Housing Project at Kalinganagar affected by Cyclone (Fani) | 23.36 | 2 months | 'C' & 'B' Class' | 1% of Estimated cost. | 6,000/- + GST @ 12% 720.00 | 16/08/2019 up to 5.00 P.M. |
| 2 | Repair & restoration of Compound wall at Subudhipur Affordable Housing Project affected by Cyclone (Fani) | 5.45 | 1 month | 'D' & 'C' Class' | 1% of Estimated cost. | 4,000/- + GST @ 12% 480.00 | 16/08/2019 up to 5.00 P.M. |
| 3 | Repair & restoration of Compound wall at Patrapada Bus Depot affected by Cyclone (Fani) | 17.52 | 2 months | 'D' & 'C' Class' | 1% of Estimated cost. | 6,000/- + GST @ 12% 720.00 | 16/08/2019 up to 5.00 P.M. |
| 4 | Repair & restoration of Compound wall at Temporary Bus Depot at Sum hospital, Ghatikia affected by Cyclone (Fani) | 6.61 | 1 month | 'D' & 'C' Class' | 1% of Estimated cost. | 4,000/- + GST @ 12% 480.00 | 16/08/2019 up to 5.00 P.M. |
| 5 | Repair & restoration of Compound wall at Kalinga Nagar Zone K-9 (B) affected by Cyclone (Fani) | 9.37 | 1 month | 'D' & 'C' Class' | 1% of Estimated cost. | 4,000/- + GST @ 12% 480.00 | 16/08/2019 up to 5.00 P.M. |
| 6 | Restoration of Toilet Block, Community Centre & Anganabadi of Transit Shelter near Kanyashram at Niladri Vihar affected by Cyclone (Fani) | 5.75 | 1 month | 'D' & 'C' Class' | 1% of Estimated cost. | 4,000/- + GST @ 12% 480.00 | 16/08/2019 up to 5.00 P.M. |
| 7 | Repair & restoration of BSUP project at Gadakan, Bhubaneswar affected by Cyclone (Fani) | 5.47 | 1 month | 'D' & 'C' Class' | 1% of Estimated cost. | 4,000/- + GST @ 12% 480.00 | 16/08/2019 up to 5.00 P.M. |

1. The Bid documents will be available in the website **http://tendersodisha.gov.in** from Dated - **05/08/2019** to **5.00 P.M.** of **16/08/2019.**
2. All Corrigendum and Addendum will be published in the Website only.
3. Other details can be seen in the bidding documents.

*Sd/-*
**Executive Engineer,**
**Division No.II, BDA.**
**Bhubaneswar.**

## DISTRICT PROJECT OFFICE, SAMAGRA SHIKSHA, MAYURBHANJ
**Baripada, Pin-757002, Ph. No.-06792-260865,**
**Fax-06792-260007 Email-dpcmayurssa.opepa@nic.in**
**No: 2453/ Date : 31.07.2019**

**TENDER CALL NOTICE FOR 26 KGBV HOSTEL MAINTENANCE ITEMS**

Sealed quotations/ tenders have been invited from intending suppliers for supply of Grocery & Consumable items, Milk Sweet & Paneer, Non-Veg items, Reading writing materials, Stationery & Sanitary items, Dress & Garments etc. for 26 (Twenty Six) KGBVs of Mayurbhanj District, Odisha. The tender papers containing the detailed terms and conditions along with the list of articles to be supplied are available at www.opepa.odisha.qov.in & www.mayurbhanj.nic.in & at the concern KGBV School @ Rs.200/- as tender application. The interested party/ parties will have to submit the tender papers at the concerned KGBV. The detail process i.e. opening & finalisation tenders and issue of supply order etc. will be done at concern KGBV level. The date of selling, last date & opening of tender paper will be available at concern KGBV hostels.

**Sd./- District Education Officer & DPC, SS Mayurbhanj**

## District Office, Puri (Social Welfare Section) Puri, District

**TENDER CALL NOTICE**

**No. 1370 Date : 25.07.2019**

Sealed tenders are invited from registered travel agencies having valid GST certificate for Selection of Travel Agency/Firm/ individual with Commercial Register for 'Providing Hired Vehicle on Call Basis' for DSWO Office at district level (Mission Shakti) and ICDS projects at Block Level (Mission Shakti). The details of Tender Document including General information may be referred from the District website: **www.puri.nic.in** from Dt: **25.07.2019** to Dt: **08.08.2019** up to **04.00 P.M.** The tender document completed in all respect shall be deposited towards EMD in the office of **DSWO, Puri** District on or before dt: 08.08.2019 by 04.00 P.M. through Registered Post/Speed Post only. A sum of **Rs.6000/-** (Six Thousand) only shall be deposited by intending bidders in shape of Account Demand Draft drawn in favour of the DSWO, Puri Dist. The tenders will be opened on dt: **09.08.2019** at **04.00 PM** as per the Tender Schedule. The authority reserves the right to modify/ cancel the Tender at any point of time; same will be published in the website- Dist. Website.

**Sd./-**
**Collector, Puri**

# ଟିମ୍ ଇଣ୍ଡିଆର କାରିବିୟନ୍ ଟୁର୍

**ଅପ୍ରତ୍ୟାଶିତ ଭାବେ ସେମିଫାଇନାଲରେ ପରାସ୍ତ ହୋଇ ବିଶ୍ୱକପରୁ ବିଦାୟ ନେଇଥିବା ଭାରତ ଏବେ ୱେଷ୍ଟଇଣ୍ଡିଜ ଗସ୍ତରୁ ଆଗାମୀ ସେସନ ଆରମ୍ଭ କରିବାକୁ ଯାଉଛି। ବିରାଟ କୋହଲିଙ୍କ ନେତୃତ୍ୱରେ ୩ଟି ଫର୍ମାଟ ପାଇଁ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ସନ୍ତୁଳିତ ଦଳ ଘୋଷଣା କରାଯାଇଛି। ଏହି ଗସ୍ତରେ ଭାରତ ୩ଟି ଲେଖାଏ ଟି୨୦ ଓ ଦିନିକିଆ ମ୍ୟାଚ୍ ସହିତ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବା କାର୍ଯ୍ୟକ୍ରମ ରହିଛି...**



ନିର୍ମଳ କୁମାର ମିଶ୍ର

ଆଉ କିଛିଦିନ ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଅନ୍ତର୍ଜାତୀୟ ଏବଂ ଘରୋଇ କ୍ରିକେଟ ଋତୁ ଆରମ୍ଭ ହେବାକୁ ଯାଉଛି। ଏହି ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଟିମ୍ ଇଣ୍ଡିଆର କାରିବିୟନ୍ ଟୁର୍‌ରୁ ଆରମ୍ଭ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଏବଂ ବିଶ୍ୱକପ ପାଇଁ ଅବିରତ ପ୍ରାୟ ୪ ମାସର କ୍ରିକେଟ୍ ପରେ ଏବେ ଟିମ୍ ଇଣ୍ଡିଆ ପାଇଁ ନିଶ୍ୱାସ ମାରିବା ଲାଗି ସମୟ ନାହିଁ କହିଲେ ଚଳେ। ଚଳିତ ସିଜନ ୨୦୧୯ ଅଗଷ୍ଟରୁ ଆରମ୍ଭ ହୋଇ ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲୁ ରହିବ। ଆଗାମୀ ସେସନରେ ଦେଶ ଓ ବିଦେଶରେ ଟିମ୍ ଇଣ୍ଡିଆ ମୋଟ ୯ଟି ଟେଷ୍ଟ, ୧୫ଟି ଏକଦିବସୀୟ ଏବଂ ୨୦ଟି ଟି୨୦ ମ୍ୟାଚ ଖେଳିବ। ଏଥି ମଧ୍ୟରୁ ଘରୋଇ ମାଟିରେ ଭାରତ ୫ଟି ଟେଷ୍ଟ, ୯ଟି ଦିନିକିଆ, ୧୨ଟି ଟି୨୦ ମ୍ୟାଚ ଖେଳିବ। ସେହିପରି ବିଦେଶରେ ୪ଟି ଟେଷ୍ଟ, ୬ଟି ଦିନିକିଆ ଏବଂ ୮ଟି ଟି୨୦ ମ୍ୟାଚ ଖେଳିବ। ୱେଷ୍ଟଇଣ୍ଡିଜ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ବାଂଲାଦେଶ ଏବଂ ଜିମ୍ବାୱେ ସହିତ ୬ଟି ଶୃଙ୍ଖଳାରେ ଏହି ସମସ୍ତ ମ୍ୟାଚ ଖେଳାଯିବ। ଜିମ୍ବାୱେ ବିପକ୍ଷ ସିରିଜ (୩ଟି ଦିନିକିଆ) ବାଂଲାଦେଶ ଆଗରୁ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଜିମ୍ବାୱେ ଟିମ୍ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦ୍ୱାରା ବାସନ୍ଦ ହେବା ଫଳରେ ଏହି ଗସ୍ତ ବା ସିରିଜର ଭବିଷ୍ୟତ ବିଷୟରେ ବିସିସିଆଇ ପରେ ଚିନ୍ତା କରିବ।

ବିଶ୍ୱକପରେ ଚାମ୍ପିୟନ ହେବାର ସ୍ୱପ୍ନ ଅଳ୍ପକେ ହାତଛଡା ହେବା ସହିତ ଟିମ୍ ଇଣ୍ଡିଆ ପାଇଁ ୱେଷ୍ଟଇଣ୍ଡିଜ ଗସ୍ତ ବିଶେଷ ମହତ୍ତ୍ୱ ରଖୁଛି। ଏହି ଗସ୍ତରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ଏଥିରେ ଟିମ୍ ଇଣ୍ଡିଆ ୩ଟି ଫର୍ମାଟରେ ଏକ ସଂପୂର୍ଣ୍ଣ ସିରିଜ ଖେଳିବ। ଏହି ସିରିଜ ଅଗଷ୍ଟ ୩ତାରିଖରେ ଆରମ୍ଭ ହୋଇ ସେପ୍ଟେମ୍ବର ୩ରେ ସମାପ୍ତ ହେବ। ଏହି ସମୟରେ ଟିମ୍ ଇଣ୍ଡିଆ ୩ଟି ଟି୨୦, ୩ଟି ଏକଦିବସୀୟ ଏବଂ ୨ଟି ଟେଷ୍ଟ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ରହିଛି। ଟେଷ୍ଟ ମ୍ୟାଚ ଆରମ୍ଭ ପୂର୍ବରୁ ଏକ ୩ ଦିନିଆ (୧୭ ରୁ ୧୯) ଅଭ୍ୟାସ ମ୍ୟାଚ ଭାରତ ଆଣ୍ଟିଗୁଆଠାରେ ଖେଳିବ। ଏଥିପାଇଁ ବିସିସିଆଇ ବିରାଟ କୋହଲିଙ୍କ ନେତୃତ୍ୱରେ ୩ଟି ଫର୍ମାଟ ପାଇଁ ଖେଳାଳି ତାଲିକା ପ୍ରକାଶିତ କରିଛି। ଏଥିରେ ଅଭିଜ୍ଞ ଖେଳାଳିମାନଙ୍କ ସହିତ ଆଇପିଏଲ୍ ଏବଂ ଘରୋଇ ସିଜନରେ ଭଲ ପ୍ରଦର୍ଶନ କରିଥିବା ଅନେକ ଯୁବ ଖେଳାଳିଙ୍କୁ ସୁଯୋଗ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଶ୍ରେୟାଶ ଆୟର, ନବଦୀପ ସଇନି, ଖଲିଲ ଅହମ୍ମଦ, ୱାଶିଂଟନ ସୁନ୍ଦର, ରାହୁଲ ଚହର, ଦୀପକ ଚହର, କ୍ରୁନାଲ ପାଣ୍ଡ୍ୟା, ମୟଙ୍କ ଅଗ୍ରୱାଲ, ହନୁମା ବିହାରୀଙ୍କ ପରି ସଫଳ ଖେଳାଳି। ଏମାନଙ୍କ ଦକ୍ଷତା ବିଭିନ୍ନ ଫର୍ମାଟରୁ ପ୍ରମାଣିତ ହେବ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ତାଙ୍କର ବ୍ୟକ୍ତିଗତ କାରଣ ଯୋଗୁଁ କ୍ରିକେଟରୁ ୨ମାସ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଥିବାରୁ ଏହି ଟୁର୍‌ରୁ ବିସିସିଆଇ ତାଙ୍କୁ ବାଦ୍ ଦେଇଛି। ରିଷଭ ପନ୍ତ ଏହି ୩ଟି ଫର୍ମାଟରେ ମୁଖ୍ୟ ଉଇକେଟ କିପରର ଦାୟିତ୍ୱ ତୁଲାଇବେ। ଶିଖର ଧାୱନଙ୍କ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ଟେଷ୍ଟ ସିରିଜ ପାଇଁ ଷ୍ଟାର ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରା ଦଳରେ ସାମିଲ ହେବେ। ସେହିପରି ନବଦୀପ ସାଇନି ତାଙ୍କର ପ୍ରଥମ ଅନ୍ତର୍ଜାତୀୟ କ୍ୟାପ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଅଲରାଉଣ୍ଡର ହାର୍ଦ୍ଦିକ୍ ପାଣ୍ଡ୍ୟା ଏବଂ ବିଜୟ ଶଙ୍କର ଦଳରୁ ବାଦ୍ ପଡିଛନ୍ତି। ଟି୨୦ ଏବଂ ଏକଦିବସୀୟ ମ୍ୟାଚ ପାଇଁ ରୋହିତ ଶର୍ମା ଉପ-ଅଧିନାୟକ ରହିଥିବା ବେଳେ ଟେଷ୍ଟ ମ୍ୟାଚ ପାଇଁ ଅଜିଙ୍କ୍ୟ ରାହାଣେ ଟିମ୍ ଇଣ୍ଡିଆର ଉପ-ଅଧିନାୟକ ରହିବେ।

ଏପର୍ଯ୍ୟନ୍ତ ଭାରତ ୫୩୩ଟି ଟେଷ୍ଟ ମ୍ୟାଚ, ୯୭୫ଟି ଏକଦିବସୀୟ ଏବଂ ୧୧୫ଟି ଟି୨୦ ମ୍ୟାଚ ସହିତ ମୋଟ ୧୬୧୧ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଛି। ଏଥିମଧ୍ୟରୁ ଭାରତ ୧୫୦ଟି ଟେଷ୍ଟ, ୫୦୭ଟି ଏକଦିବସୀୟ ଏବଂ ୭୦ଟି ଟି୨୦ ମ୍ୟାଚରେ ବିଜୟୀ ହୋଇ ମୋଟ ୭୨୦ଟି ମ୍ୟାଚରେ ବିଜୟ ହାସଲ କରିଛି। ସେହିପରି ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗରେ ଭାରତ ପ୍ରଥମ ସ୍ଥାନରେ ରହିଥିବା ବେଳେ ୱେଷ୍ଟଇଣ୍ଡିଜ ୮ମ ସ୍ଥାନରେ ରହିଛି। ଏକଦିବସୀୟ ମ୍ୟାଚ ର୍ୟାଙ୍କିଙ୍ଗରେ ଟିମ୍ ଇଣ୍ଡିଆ ୨ୟ ସ୍ଥାନରେ ରହିଥିବାବେଳେ ୱେଷ୍ଟଇଣ୍ଡିଜ ୯ମ ସ୍ଥାନରେ ରହିଛି। ସେହିପରି ଟି-୨୦ ମ୍ୟାଚ ର୍ୟାଙ୍କିଙ୍ଗରେ ଟିମ୍ ଇଣ୍ଡିଆ ୫ମ ସ୍ଥାନରେ ରହିଥିବା ବେଳେ ୱେଷ୍ଟଇଣ୍ଡିଜ୍ ୯ମ ସ୍ଥାନରେ ରହିଛି। ୩ଟି ଯାକ ଫର୍ମାଟରେ ଭାରତଠାରୁ ୱେଷ୍ଟଇଣ୍ଡିଜ୍ ଯଥେଷ୍ଟ ନିମ୍ନରେ ରହିଛି।

ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ୯୬ଟି ଟେଷ୍ଟମ୍ୟାଚ୍ ମଧ୍ୟରୁ ଟିମ୍ ଇଣ୍ଡିଆ ୨୦ଟି ମ୍ୟାଚରେ ବିଜୟୀ ହୋଇଥିବା ବେଳେ ୩୦ଟି ମ୍ୟାଚରେ ପରାଜୟ ବରଣ କରିଛି ଏବଂ ୪୬ଟି ମ୍ୟାଚ ଡ୍ର'ରେ ସମାପ୍ତ ହୋଇଛି। ଟେଷ୍ଟ ବିଜୟ ଦୃଷ୍ଟିକୋଣରୁ ୱେଷ୍ଟଇଣ୍ଡିଜ ଭାରତଠାରୁ ଯଥେଷ୍ଟ ଆଗରେ ରହିଛି। ସେହିପରି ଦୁଇ ଦେଶ ମଧ୍ୟରେ ମୋଟ ୧୨୭ଟି ଏକଦିବସୀୟ ମ୍ୟାଚ ଖେଳାଯାଇଥିବା ବେଳେ ୬୦ଟି ମ୍ୟାଚରେ ଭାରତ ଏବଂ ୬୨ଟି ମ୍ୟାଚରେ ୱେଷ୍ଟଇଣ୍ଡିଜ ବିଜୟୀ ରହିଛି। ୨ଟି ମ୍ୟାଚ ଟାଇରେ ସମାପ୍ତ ହୋଇଥିବା ବେଳେ ୩ଟି ମ୍ୟାଚରୁ କୌଣସି ଫଳାଫଳ ମିଳିପାରି ନାହିଁ। ସେହିପରି ଉଭୟ ଦେଶ ମଧ୍ୟରେ ୧୧ଟି ଟି୨୦ ମ୍ୟାଚ ଖେଳାଯାଇଥିବା ବେଳେ ୫ଟି ମ୍ୟାଚ ଉଭୟ ଦଳ ଜିତିଥିବା ବେଳେ ଗୋଟିଏ ମ୍ୟାଚରୁ କୌଣସି ଫଳାଫଳ ମିଳିନାହିଁ।

ଦିନିକିଆରେ ଅଧିନାୟକ ବିରାଟ କୋହଲି ୩୩ଟି ମ୍ୟାଚରୁ ୭ଟି ଶତକ ହାସଲ କରିବା ସହିତ ୧୯୨୨ ରନ୍ ସଂଗ୍ରହ କରିଥିବା ବେଳେ ତାଙ୍କର ସର୍ବାଧିକ ସ୍କୋର ୧୫୭ ନଟଆଉଟ ରହିଛି। ସେହିପରି ରୋହିତ ଶର୍ମା ୨୭ଟି ମ୍ୟାଚରୁ ୧୨୩୭ ରନ୍ ସଂଗ୍ରହ କରିବା ସହିତ ୨ଟି ଶତକ ହାସଲ କରିଛନ୍ତି। ୧୬୨ରନ୍ ରୋହିତଙ୍କର ସର୍ବାଧିକ ସ୍କୋର। ବୋଲିଂରେ ମହମ୍ମଦ ସାମି ୧୨ଟି ମ୍ୟାଚରୁ ୨୮ଟି ଉଇକେଟ ନେଇଥିବା ବେଳେ କୁଳଦୀପ ଯାଦବ ୧୦ଟି ମ୍ୟାଚରୁ ୧୮ଟି ଉଇକେଟ ନେଇଛନ୍ତି। ୱେଷ୍ଟଇଣ୍ଡିଜ ତରଫରୁ ସାଇ ହୋପ, ହୋଲ୍ଡର ସଫଳ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଥିବା ବେଳେ କେବର ରୋଚ ୧୦ଟି ମ୍ୟାଚରୁ ୨୩ଟି ଉଇକେଟ୍ ଏବଂ ଜାସନ ହୋଲ୍ଡର ୧୬ଟି ମ୍ୟାଚରେ ୧୬ଟି ଉଇକେଟ ନେଇଛନ୍ତି। ଏକଦିବସୀୟ ମ୍ୟାଚରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟିମ୍ ଇଣ୍ଡିଆର ସର୍ବାଧିକ ସ୍କୋର ୪୧୮/୫ ରହିଥିବା ବେଳେ ୱେଷ୍ଟଇଣ୍ଡିଜର ୩୩୩ରନ୍ ରହିଛି। ସେହିପରି ଟିମ୍ ଇଣ୍ଡିଆ ୧୨ଥର ୩୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିବା ବେଳେ ୱେଷ୍ଟଇଣ୍ଡିଜ ୯ଥର ସଂଗ୍ରହ କରିଛି। ଏକଦିବସୀୟ ମ୍ୟାଚରେ ଟିମ୍ ଇଣ୍ଡିଆର ସର୍ବନିମ୍ନ ସ୍କୋର ୧୦୦ ରହିଥିବା ବେଳେ ୱେଷ୍ଟଇଣ୍ଡିଜର ୧୦୩ ରନ୍ ରହିଛି।

ସେହିପରି ଟି୨୦ରେ ୱେଷ୍ଟଇଣ୍ଡିଜର ସର୍ବାଧିକ ରନ୍ ଭାରତ ବିପକ୍ଷରେ ୨୪୫/୬ ରହିଥିବା ବେଳେ ଭାରତର ୨୪୪/୪ ରହିଛି। ସର୍ବନିମ୍ନ ସ୍କୋର ୱେଷ୍ଟଇଣ୍ଡିଜର ୧୦୯ ରହିଥିବା ବେଳେ ଭାରତର ୧୫୩ରନ୍ ରହିଛି। ସେହିପରି ଟେଷ୍ଟ ଫର୍ମାଟରେ ବିରାଟ କୋହଲି ୧୨ଟି ଟେଷ୍ଟରେ ୨ଶତକ ସହିତ ୬୮୬ ରନ୍ ସଂଗ୍ରହ କରିଛନ୍ତି ଓ ତାଙ୍କର ସର୍ବାଧିକ ସ୍କୋର ୨୦୦ରନ୍ ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଭାରତର ତାରକା ଅଫସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୧୧ଟି ଟେଷ୍ଟ ମ୍ୟାଚରୁ ୪ଟି ଶତକ ସହିତ ମୋଟ ୫୫୨ ରନ୍ ସଂଗ୍ରହ କରିଛନ୍ତି। ସେହିପରି ବୋଲିଂରେ ଅଶ୍ୱିନ ୬୦ଟି ଉଇକେଟ ନେଇଥିବା ବେଳେ ଉମେଶ ଯାଦବ ୨୫ଟି ଉଇକେଟ ନେଇଛନ୍ତି।

ଯୁବ ଖେଳାଳିମାନଙ୍କୁ ନେଇ ୱେଷ୍ଟଇଣ୍ଡିଜ ଦଳ ବେଶ୍ ସନ୍ତୁଳିତ। ଘରୋଇ ମାଟିରେ ବାଉନ୍ସ ଉଇକେଟରେ ୱେଷ୍ଟଇଣ୍ଡିଜ୍ ଦମ୍‌ଦାର ପ୍ରଦର୍ଶନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଟି୨୦ ଶୈଳୀରେ ଖେଳିବାକୁ ପସନ୍ଦ କରୁଥିବା ୱେଷ୍ଟଇଣ୍ଡିଜ ପାଇଁ ସିରିଜ ଜିତିବା ଲାଗି ବେଶ୍ ସୁଯୋଗ ରହିଛି।

ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗରେ ଭାରତ ପକ୍ଷରୁ ବିରାଟ କୋହଲି ଏବଂ ଚେତେଶ୍ୱର ପୂଜାରା ବ୍ୟାଟିଂ ତାଲିକାରେ ଯଥାକ୍ରମେ ୧ ଓ ୩ ନମ୍ବର ସ୍ଥାନରେ ରହିଛନ୍ତି। ଦୁଇ ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା ବୋଲିଂ ତାଲିକରେ ସ୍ଥାନ ପାଇଛନ୍ତି। ସେହିପରି ଦିନିକିଆ ର୍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ବିରାଟ କୋହଲି, ରୋହିତ ଶର୍ମା ଏବଂ ବୋଲିଂରେ ଯଶପ୍ରୀତ୍ ବୁମ୍‌ରା ଓ ସ୍ପିନର କୁଳଦୀପ ଯାଦବ ସ୍ଥାନ ପାଇଛନ୍ତି। ଟି୨୦ ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ରେ ଲୋକେଶ ରାହୁଲ ଏବଂ ରୋହିତ ଶର୍ମା ବ୍ୟାଟିଂ ତାଲିକାରେ ସ୍ଥାନ ପାଇଥିବା ବେଳେ ବୋଲିଂରେ ଏକମାତ୍ର ଖେଳାଳି କୁଳଦୀପ ଯାଦବ ରହିଛନ୍ତି।

ରେକର୍ଡ ଦୃଷ୍ଟିରୁ ଉଭୟ ଦେଶ ଟି୨୦ ଏବଂ ଏକଦିବସୀୟ ମ୍ୟାଚରେ ପାଖାପାଖି ରହିଥିବା ବେଳେ ଟେଷ୍ଟ ମ୍ୟାଚରେ ୱେଷ୍ଟଇଣ୍ଡିଜ ବହୁ ଆଗରେ ରହିଛି। ୩ଟି ଫର୍ମାଟରେ ଆଗକୁ ଏକ ଉତ୍କଣ୍ଠାପୂର୍ଣ୍ଣ ସିରିଜ ଖେଳାଯିବ ଓ ଏହା ଉପରେ ସମସ୍ତଙ୍କ ନଜର ରହିଛି।

## କାର୍ଯ୍ୟସୂଚୀ

| ମ୍ୟାଚ | ସ୍ଥାନ |
|---|---|
| ପ୍ରଥମ ଟି୨୦ (୦୩.୦୮.୧୯) | ଫ୍ଲୋରିଡା |
| ଦ୍ୱିତୀୟ ଟି୨୦ (୦୪.୦୮.୧୯) | ଫ୍ଲୋରିଡା |
| ତୃତୀୟ ଟି୨୦ (୦୬.୦୮.୧୯) | ଗୁୟାନା |
| ପ୍ରଥମ ଏକଦିବସୀୟ (୦୮.୦୮.୧୯) | ଗୁୟାନା |
| ଦ୍ୱିତୀୟ ଏକଦିବସୀୟ (୧୧.୦୮.୧୯) | ପୋର୍ଟ ଅଫ୍ ସ୍ପେନ |
| ତୃତୀୟ ଏକଦିବସୀୟ (୧୪.୦୮.୧୯) | ପୋର୍ଟ ଅଫ୍ ସ୍ପେନ |
| ପ୍ରଥମ ଟେଷ୍ଟ (୨୨ ରୁ ୨୬ ଅଗଷ୍ଟ ) | ଆଣ୍ଟିଗୁଆ |
| ଦ୍ୱିତୀୟ ଟେଷ୍ଟ (୩୦ ରୁ ୩ ସେପ୍ଟେମ୍ବର ) | ସାବିନାପାର୍କ (କିଙ୍ଗଷ୍ଟନ) |

**ଟି୨୦ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟକିପର), କ୍ରୁନାଲ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ରାହୁଲ ଚହର, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ଦୀପକ ଚହର ଓ ନବଦୀପ ସଇନି।

**ଦିନିକିଆ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକଶେ ରାହୁଲ, ଶ୍ରେୟାସ ଆୟର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟକିପର), ରବୀନ୍ଦ୍ର ଜାଡେଜା, କୁଳଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, କେଦାର ଯାଦବ, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ ଓ ନବଦୀପ ସଇନି।

**ଟେଷ୍ଟ ଦଳ:** ବିରାଟ କୋହଲି (ଅଧିନାୟକ), ଅଜିଙ୍କ୍ୟ ରାହାନେ (ଉପ- ଅଧିନାୟକ), ମୟଙ୍କ ଅଗ୍ରୱାଲ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ହନୁମା ବିହାରୀ, ରୋହିତ ଶର୍ମା, ରିଷଭ ପନ୍ତ (ଉଇକେଟକିପର), ଋଦ୍ଧିମାନ ଶାହ (ଉଇକେଟକିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, କୁଳଦୀପ ଯାଦବ, ଇଶାନ୍ତ ଶର୍ମା, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା ଓ ଉମେଶ ଯାଦବ।



କାର୍ଲୋସ ବ୍ରାଥୱେଟ୍

ବିରାଟ କୋହଲି

# କ୍ରୀଡ଼ାର ବିକାଶ ପାଇଁ ଅଭିନବ ପ୍ରୟାସ

**ଶିଶୁମାନେ ଦେଶ ତଥା କ୍ରୀଡ଼ାର ଭବିଷ୍ୟତ। ଏମାନଙ୍କର ବିକାଶ ହୋଇପାରିଲେ କ୍ରୀଡ଼ାର ମଧ୍ୟ ବିକାଶ ହେବ। ଏହି କଥା ଦେଶର ବିଭିନ୍ନ ସଂସ୍ଥା ଓ ପୂର୍ବତନ କ୍ରୀଡ଼ାବିତ୍ ହୃଦୟଙ୍ଗମ କରିଛନ୍ତି। ନିକଟରେ ସୁନ୍ଦରଗଡ଼ ଜିଲାର ୭୦ ସ୍କୁଲର ୭୦୦୦ରୁ ଅଧିକ ସ୍କୁଲ ପିଲାଙ୍କ ସହ ଭାବ ବିନିମୟ କରିଥିଲେ ଦୁଇ କିମ୍ବଦନ୍ତୀ କ୍ରୀଡ଼ାବିତ୍ ଧନରାଜ ପିଲ୍ଲେ ଓ ନିଲେଶ କୁଲକର୍ନି।**



ଶିଶୁଙ୍କ ବିକାଶରେ କ୍ରୀଡ଼ା ଏକ ଅବିଚ୍ଛେଦ୍ୟ ଅଙ୍ଗ, ଏହି ଲକ୍ଷ୍ୟନେଇ ନିକଟରେ ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁମ୍ବାଇରୁ ଭିସାଟ୍ ଜରିଆରେ ସୁନ୍ଦରଗଡ଼ ଜିଲାର ୭୦ ସ୍କୁଲର ୭୦୦୦ରୁ ଅଧିକ ସ୍କୁଲ ପିଲାଙ୍କ ସହ ଯୋଡ଼ି ହୋଇଥିଲେ ଦୁଇ କିମ୍ବଦନ୍ତୀ କ୍ରୀଡ଼ାବିତ୍ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଧନରାଜ ପିଲ୍ଲେ ଓ ପୂର୍ବତନ ଭାରତୀୟ କ୍ରିକେଟର ନିଲେଶ କୁଲକର୍ନି। ଭାଲୁଏବଲ୍ ଗ୍ରୁପ୍ ଦ୍ୱାରା ଭିସାଟ୍ ଜରିଆରେ ଆୟୋଜନ ହୋଇଥିବା ଭାବ ବିନିମୟ କାର୍ଯ୍ୟକ୍ରମରେ ଏହି ଦୁଇ କ୍ରୀଡ଼ାବିତ୍ ନିଜ ଅନୁଭୂତି ବର୍ଣ୍ଣନା କରିବା ସହିତ ପିଲାମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ, ଯାହାକି ପିଲାମାନଙ୍କ ପାଇଁ ମଧ୍ୟ ଏକ ଭିନ୍ନ ଅନୁଭୂତି ଆଣିଥିଲା। ଭାଲୁଏବଲ୍ ଗ୍ରୁପ୍, ଆଇଆଇଏସ୍ଏମ୍ ମୁମ୍ବାଇ ଓ ଓଡ଼ିଶାର ଶିକ୍ଷା ବିଭାଗ ଦ୍ୱାରା ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଧନରାଜ କହିଥିଲେ ଯେ 'ଡିଜିଟାଲ୍ ଇଣ୍ଡିଆ ପ୍ରକଳ୍ପ ଯୋଗୁ କ୍ଷୁଦ୍ର ସହର ଓ ଗ୍ରାମାଞ୍ଚଳର ଯୁବପିଢ଼ି ଭାରତର ଅନ୍ୟ ପ୍ରାନ୍ତ ସହ ଯୋଡ଼ି ହୋଇପାରିଛନ୍ତି। ଗ୍ରାମାଞ୍ଚଳ ଏବଂ ଛୋଟ ସହର ଗୁଡ଼ିକରେ ସାଧାରଣତଃ ବିନା ଚପଲ, ଜୋତା ଆଦିରେ ଫୁଟବଲ ଖେଳିବାକୁ ହୋଇଥାଏ। ବଡ଼ ସହରକୁ ଆସିଲେ ଉତ୍ତମ ପ୍ରଶିକ୍ଷଣ ଓ ସୁବିଧା ମିଳେ। ତେଣୁ ଭଲ ଖେଳାଳି ବାହାର କରିବାକୁ ହେଲେ ଛୋଟ ସହରକୁ ବିକଶିତ କରିବାକୁ ପଡ଼ିବ। ମୁଁ ହକି ଖେଳାଳି ଭାବେ ଜନ୍ମ ହୋଇଛି ଓ ସେଇଆ ହୋଇରହିବି ବୋଲି ଧନରାଜ ପ୍ରକାଶ କରିଥିଲେ।

ନିଲେଶ କହିଥିଲେ ଯେ 'ଡିଜିଟାଲ ଇଣ୍ଡିଆ ଛାତ୍ରୀଛାତ୍ରମାନଙ୍କୁ କ୍ରୀଡ଼ା ବିଷୟରେ ଜାଣିବା ପାଇଁ ବିଶେଷ ସୁଯୋଗ ଦେଉଛି, କାରଣ ପ୍ରଯୁକ୍ତି ମାଧ୍ୟମରେ ସେମାନେ କ୍ରୀଡ଼ାରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କଠାରୁ ବହୁତ କିଛି ଶିଖିପାରୁଛନ୍ତି। ଟିମ୍ ଗଠନ ଓ ନେତୃତ୍ୱ ଆଦି ଉପରେ ସ୍କୁଲ ପିଲାମାନଙ୍କୁ ଜ୍ଞାନ ପ୍ରଦାନ କରୁଛି ଏବଂ ସେମାନଙ୍କ ଅଭ୍ୟାସ ମଧ୍ୟ କରାଯାଉଛି। ଏହି ଅବସରରେ ସୁନ୍ଦରଗଡ଼ର ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ଓ ଜିଲା ଉନ୍ନୟନ ଅଧିକାରୀ ସୁନୀଲ କୁମାର ତ୍ରିବେଦୀ, କ୍ରୀଡ଼ାବିତ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। କ୍ରୀଡ଼ାକୁ କ୍ୟାରିୟର ଭାବେ ଗ୍ରହଣ କରିବା ପାଇଁ ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଭାଲୁଏବଲ୍ ଏଜୁକେସନ ଓ ଆଇଆଇଏସ୍ଏମ୍ ମୁମ୍ବାଇ ମିଳିତ ଭାବେ ସାରା ଦେଶର ପିଲାମାନଙ୍କ ପାଇଁ ଏହି ଭାବ ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଭାଲୁଏବଲ୍ ଗ୍ରୁପ୍ କରିଥିବା ଭର୍ଚୁଆଲ୍ କ୍ଲାସରୁମ୍ ସଲ୍ୟୁସନ୍ସ ଜରିଆରେ ଗୋଟିଏ ଷ୍ଟୁଡିଓରୁ ସୁନ୍ଦରଗଡ଼ର ୭୦ଟି ସ୍କୁଲ ସହ ସମ୍ପର୍କ ସ୍ଥାପନ କରାଯାଇଥିଲା। ଏଥିରେ ଭିସାଟ୍, ଟାବଲେଟ୍, ଟିକରସ୍ ଓ ଇଣ୍ଟରଆକ୍ଟିଭ୍ ଏଲ୍‌ଇଡି ଟିଭି ଆଦି ବ୍ୟବହାର ହୋଇଥିଲା।

## ଯୋଦ୍ଧା

ଉଦୀୟମାନ ଭାରତୀୟ ଓପନର
ପୃଥ୍ୱୀ ଶ'କୁ ଆଠ ମାସ
ବିସିସିଆଇଟା ବାସନ୍ଦ କରିଛି
ଡୋପ ଟେଷ୍ଟ କାଳ କୁଶ
ପରିସ୍ରାରେ ଥିଲା ବିଷ
ନିଷିଦ୍ଧ ଟର୍ବୁଟାଲାଇନ୍ ମିଳିବାରୁ
ଟୋକା ବେକେ ରୋକ୍ ଫାଶ । ୧ ।



ପୃଥ୍ୱୀ ଶ'

ବିରାଟ କହଇ କାରବିୟାନଙ୍କୁ
ଚଟାଇ ଆସିବୁ ଧୂଳି
ବିଦେଶ ମାଟିରେ ଏଇ ସଫଳତା
ମନକୁ ସାନ୍ତ୍ୱନା ଭଳି
ଟପ୍ ଟିମ ଗଲ ତଳି
ୱାର୍ଲ୍ଡକପ୍ ଫେଲ, କରି ଦେଖାଇଲେ
ପିନ୍ଧାଇବୁ ମଲ୍ଲୀ ମାଳି । ୨ ।

ଜର୍ମାନୀର ହାମ୍‌ବର୍ଗଠାରେ ଲଢ଼ି
ସୌଭାଗ୍ୟ କୁମାର ରଥ
ଆଇରନ ମ୍ୟାନ ଭାବେ ରାଜ୍ୟ ସହ
ୱାର୍ଲ୍ଡରେ ପରିଚିତ
ମିଛ ଛୋଟ ବଡ଼ ସତ
କହିବା ଲୋକଠୁଁ କାମ କଲା ଲୋକ
ଖାସ୍ ଯୋଦ୍ଧା ସିଏ ମିତ ।୩।

-ସୁବାସ ଚନ୍ଦ୍ର ପ୍ରଧାନ

ଉପକୂଳ ପର୍ଯ୍ୟଟନ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାର ଏକ କମିଟି ଗଠନ କରିଛନ୍ତି। ଏଥିରେ ଜାହାଜ ଚଳାଚଳ ଏବଂ ପର୍ଯ୍ୟଟନ ମନ୍ତ୍ରଣାଳୟର ଅଧିକାରୀ ରହିଛନ୍ତି।
–ପ୍ରହ୍ଲାଦ ସିଂ ପଟେଲ, କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ



ବର୍ତ୍ତମାନ ଦେଶର ଆର୍ଥିକ ପରିସ୍ଥିତି ୧୯୯୧ ଭଳି ଖରାପ ନୁହେଁ। ଟିକସ ବୃଦ୍ଧି ଏକ ଭଲ ପ୍ରସ୍ତାବ ନୁହେଁ। ଭାରତୀୟ କମ୍ପାନୀଙ୍କୁ ବିଦେଶୀ ଋଣ ଲାଗି ଅନୁମତି ଦେବା ବିପଜ୍ଜନକ।
–ରାକେଶ ମୋହନ, ଆର୍‌ବିଆଇର ପୂର୍ବତନ ଡେପୁଟି ଗଭର୍ନର



## ସଂକ୍ଷେପରେ

### ଜୁଲାଇରେ ଜିଏସ୍‌ଟି ଆଦାୟ ଲକ୍ଷେ କୋଟି ଟପିଲା

ନୂଆଦିଲ୍ଲୀ,୧-୮: ଜିଏସ୍‌ଟି ଆଦାୟ କେନ୍ଦ୍ର ସରକାରଙ୍କୁ ଖୁସି ଆଣିଦେଇଛି। ଜୁଲାଇରେ ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ଟଙ୍କା ଟପିଯାଇଛି। ଏହି ସମୟରେ ୧.୦୨ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଛି। ସେଣ୍ଟ୍ରାଲ ଜିଏସ୍‌ଟି(ସିଜିଏସ୍‌ଟି) ବାବଦରେ ୧୭,୯୧୨ କୋଟି, ଏସ୍‌ଜିଏସ୍‌ଟିରେ ୨୫,୦୦୮ କୋଟି ଟଙ୍କା ଆଦାୟ ହୋଇଛି। ଚଳିତ ଆର୍ଥିକ ବର୍ଷରେ ତୃତୀୟ ଥର ଗୋଟିଏ ମାସରେ ଜିଏସ୍‌ଟି ଆଦାୟ ଲକ୍ଷେ କୋଟି ଟଙ୍କା ଟପିଛି। ଜୁନ୍‌ରେ ଏହା ଏକ ଲକ୍ଷ କୋଟି ଟଙ୍କା ତଳକୁ ଆସିଥିଲା।

### ରିଟର୍ନ ଦାଖଲ ଲାଗି ଇ-ଫାଇଲିଂ ଲାଇଟ୍




ନୂଆଦିଲ୍ଲୀ,୧-୮: ଆୟକର ବିଭାଗ ପକ୍ଷରୁ ରିଟର୍ନ ଦାଖଲ କରିବା ଉଦ୍ଦେଶ୍ୟରେ ଗୁରୁବାର ଏକ ନୂଆ ସରଳ ସୁବିଧା ଆରମ୍ଭ କରାଯାଇଛି। ବିଭାଗର ୱେବ୍‌ସାଇଟରେ 'ଇ-ଫାଇଲିଂ ଲାଇଟ୍' ନାମରେ ଏହି ସୁବିଧା ଆରମ୍ଭ ହୋଇଛି। ୱେବସାଇଟ୍‌ର ହୋମ୍‌ପେଜରେ 'ଇ-ଫାଇଲିଂ ଲାଇନ' ବଟନ ଦବାଇ ଏହାକୁ ବ୍ୟବହାର କରାଯାଇପାରିବ ବୋଲି ଆୟକର ବିଭାଗ ପକ୍ଷରୁ କୁହାଯାଇଛି। ସବୁ ସେବା ସହିତ ଉପଲବ୍ଧ ବର୍ତ୍ତମାନର ଇ-ଫାଇଲିଂ ପୋର୍ଟାଲକୁ 'ପୋର୍ଟାଲ ଲଗ୍‌ଇନ' ବଟନ ଦବାଇ ବ୍ୟବହାର କରାଯାଇପାରିବ।

### ରାନବାକ୍ସିର ପୂର୍ବତନ ପ୍ରମୋଟରଙ୍କ ଘରେ ଇଡି ଚଢ଼ାଉ

ନୂଆଦିଲ୍ଲୀ,୧-୮: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରାନବାକ୍ସିର ପୂର୍ବତନ ପ୍ରମୋଟର ଭ୍ରାତା ମାଲବିନ୍ଦର ମୋହନ ସିଂହ (୪୫) ଏବଂ ଶିବିନ୍ଦର ମୋହନ ସିଂହ (୪୩)ଙ୍କ ଘରେ ଗୁରୁବାର ଚଢ଼ାଉ କରିଛି। ମନିଲଣ୍ଡରିଂ ମାମଲାରେ ଏହି ଚଢ଼ାଉ ହୋଇଥିଲା ବୋଲି ମିଡିଆ ରିପୋର୍ଟରୁ ପ୍ରକାଶ। ଦୁଇ ଭାଇଙ୍କ ବିରୋଧରେ ରେଲିଗେୟାର ଏଣ୍ଟରପ୍ରାଇଜେସ୍ ଏବଂ ଫର୍ଟିସ ହେଲ୍‌ଥକେୟାରରେ ଆର୍ଥିକ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି।

### ଆଇବିସି ସଂଶୋଧନ ବିଲ୍ ଅନୁମୋଦିତ

ନୂଆଦିଲ୍ଲୀ,୧-୮: ଲୋକ ସଭାରେ ଗୁରୁବାର ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ (ଆଇବିସି) ସଂଶୋଧନ ବିଲ୍ ଅନୁମୋଦନ ଲାଭ କରିଛି। ଏହି ବିଲ୍‌ର ୭ ଧାରାରେ ୮ ସଂଶୋଧନ କରାଯାଇଛି। କମ୍ପାନୀଙ୍କୁ ଅଦିନରେ ବନ୍ଦ ହେବାକୁ ଦିଆ ନ ଯିବା ସଂଶୋଧିତ ଆଇବିସି ବିଲ୍‌ର ଉଦ୍ଦେଶ୍ୟ ବୋଲି ସରକାରଙ୍କ ପକ୍ଷରୁ ଆଶ୍ୱସ୍ତ କରାଯାଇଛି। ରାଜ୍ୟ ସଭାରେ ପୂର୍ବରୁ ଏହାକୁ ଅନୁମୋଦନ କରାଯାଇଥିଲା। ସଂଶୋଧିତ ଆଇବିସି ଅନୁଯାୟୀ କର୍ପୋରେଟ ଦେବାଳିଆ ସମାଧାନ ପ୍ରକ୍ରିୟା ଆରମ୍ଭ ହେବା ମାତ୍ରେ ଏହାକୁ ୩୩୦ ଦିନ ଭିତରେ(ସମସ୍ତ ପ୍ରକାର ନ୍ୟାୟିକ ପ୍ରକ୍ରିୟା ସହ) ସାରିବାକୁ ହେବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପ୍ରକାଶ କରିଛନ୍ତି।

### ବେତନ ଦେବାରେ ବିଏସ୍‌ଏନ୍‌ଏଲ୍ ପୁଣି ବିଫଳ

ନୂଆଦିଲ୍ଲୀ,୧-୮: ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ) ଓ ମହାନଗର ଟେଲିଫୋନ ନିଗମ ଲିମିଟେଡ(ଏମ୍‌ଟିଏନ୍‌ଏଲ୍) ଏହାର କର୍ମଚାରୀଙ୍କୁ ଜୁଲାଇ ଦରମା ଦେବାରେ ବିଫଳ ହୋଇଛି। ବିଗତ ୬ ମାସ ମଧ୍ୟରେ ଏହା ଦ୍ୱିତୀୟଥର। ଏଥିପୂର୍ବରୁ କମ୍ପାନୀ ଫେବୃୟାରୀରେ ନିଜର କର୍ମଚାରୀଙ୍କୁ ଦରମା ଦେଇପାରି ନ ଥିଲା। ସରକାରଙ୍କ ଠାରୁ ସହାୟତା ଆଣି ଏହା ମାର୍ଚ୍ଚ ୧୫ ସୁଦ୍ଧା ଦରମା ଦେଇଥିଲା। ବିଏସ୍‌ଏନଏଲ୍ ସିଏମ୍‌ଡି ପି.କେ.ପୁରୱାର କହିଛନ୍ତି ଯେ, ଏ ଦିଗରେ ପ୍ରୟାସ ଚାଲିଛି। ଆସନ୍ତା ୪ କିମ୍ବା ୫ ତାରିଖ ମଧ୍ୟରେ କର୍ମଚାରୀଙ୍କୁ ବେତନ ଦେବାକୁ ଚେଷ୍ଟା କରାଯାଉଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୌଣସି ବଜେଟୀୟ ସହାୟତା ଦିଆଯାଉ ନ ଥିବାରୁ ଟେଲିକମ୍ ବିଭାଗ ବିଏସ୍‌ଏନ୍‌ଏଲ୍‌କୁ ସହାୟତା ପ୍ରଦାନ ସ୍ଥିତିରେ ନାହିଁ।

# ପ୍ରତିଷ୍ଠା ହେବ ନୂଆ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କାବିଲ

- ନାଲ୍‌କୋ, ଏଚ୍‌ସିଏଲ୍ , ଏମ୍‌ଇସିଏଲ୍ ସହଭାଗିତା
- ମୂଲ୍ୟବାନ ଖଣିଜ ସାମଗ୍ରୀ ଯୋଗାଣରେ କାର୍ଯ୍ୟ କରିବ
- ସୂଚନା ଦେଲେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ

ନୂଆଦିଲ୍ଲୀ,୧-୮

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ), ହିନ୍ଦୁସ୍ତାନ କପର ଲିମିଟେଡ(ଏଚ୍‌ସିଏଲ୍) ଏବଂ ମିନେରାଲ ଏକ୍ସପ୍ଲୋରେଶନ କମ୍ପାନୀ ଲିମିଟେଡ(ଏମ୍‌ଇସିଏଲ୍) ଭଳି ୩ ରାଷ୍ଟ୍ରାୟତ୍ତ ସଂସ୍ଥା ମିଳିତ ହୋଇ ନୂଆ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ୍ (କାବିଲ) ସ୍ଥାପନ କରିବେ। କୋଇଲା, ଖଣି ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏ ନେଇ ସୂଚନା ଦେଇଛନ୍ତି। ନୂଆ କମ୍ପାନୀରେ ଉକ୍ତ ୩ କମ୍ପାନୀର ସହଭାଗିତା ଅନୁପାତ ଯଥାକ୍ରମେ ୪୦:୩୦:୩୦ ରହିଛି। ଘରୋଇ ବଜାରକୁ ଗୁରୁତ୍ୱପୂର୍ଣ୍ଣ ଏବଂ ମୂଲ୍ୟବାନ ଖଣିଜ ସାମଗ୍ରୀର ନିରନ୍ତର ଯୋଗାଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଖଣିଜ ନିରାପତ୍ତାକୁ ସୁନିଶ୍ଚିତ କରିବା ଏବଂ ରପ୍ତାନି ନିର୍ଭରଶୀଳତା କମାଇବା ଲକ୍ଷ୍ୟକୁ ଏହା ବାସ୍ତବ ରୂପ ଦେବ ବୋଲି ଯୋଶୀ କହିଛନ୍ତି।



ନୂଆ ଉଦ୍ୟୋଗ ସ୍ଥାପନ ଲାଗି ଚୁକ୍ତି ଅବସରରେ ଖଣିମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ସହ ନାଲକୋ ସିଏମ୍‌ଡି ତପନ କୁମାର ଚାନ୍ଦ, ଏଚ୍‌ସିଏଲ୍ ଏବଂ ଏମ୍‌ଇସିଏଲ୍‌ର ଉଚ୍ଚ ପଦାଧିକାରୀ।

ସେ କହିଛନ୍ତି, ପରିବହନ ଏବଂ ଉତ୍ପାଦନ କ୍ଷେତ୍ର ଲାଗି ଖଣି ଏବଂ ଧାତବ ସାମଗ୍ରୀର ସ୍ଥାୟୀ ଉତ୍ସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୨୦୧୫ର ପ୍ୟାରିସ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଗ୍ରୀନ ହାଉସ ଗ୍ୟାସ ନିର୍ଗମନକୁ ହ୍ରାସ କରିବା ଲାଗି ଭାରତ ଶପଥ ନେଇଥିଲା। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଆଧାର କରି ସରକାର ଦେଶ ମଧ୍ୟରେ ଇ-ଯାନ ଚଳାଚଳକୁ ଗୁରୁତ୍ୱ ଦେଉଛନ୍ତି। ଏହାକୁ ବିଚାର କଲେ ବ୍ୟାଟେରି ମାଧ୍ୟମରେ ଇନ୍ଧନ ସଞ୍ଚୟର ଆବଶ୍ୟକତାକୁ ଉପଲବ୍ଧି କରିବାକୁ ହେବ ବୋଲି ଯୋଶୀ ମତ ରଖିଛନ୍ତି।

ସେ କହିଲେ ଯେ, ବିମାନ ଚଳାଚଳ, ପ୍ରତିରକ୍ଷା ଏବଂ ମହାକାଶ ଗବେଷଣା କ୍ଷେତ୍ରରେ ହାଲ୍‌କା ଏବଂ ଉଚ୍ଚ ଯାନ୍ତ୍ରିକ ଦକ୍ଷତା ଥିବା ଖଣିଜ ଦ୍ରବ୍ୟର ଆବଶ୍ୟକତା ରହିବ। ସ୍ୱଳ୍ପ ସମ୍ପଦ ଆଧାର ରହିଥିବା ୧୨ ମୂଲ୍ୟବାନ ଖଣିଜ ଦ୍ରବ୍ୟ ମଧ୍ୟରୁ ଲିଥିୟମ ଏବଂ କୋବାଲଟ ଗୁରୁତ୍ୱପୂର୍ଣ୍ଣ। ଦେଶ ମଧ୍ୟରେ ଖଣିଜ ଦ୍ରବ୍ୟର ଆବଶ୍ୟକତା ପୂରଣ, ବାଣିଜ୍ୟିକ ଉପଯୋଗ ଲାଗି ବିଦେଶରେ ଖଣିଜ ସାମଗ୍ରୀ ଠାବ, ଅଧିଗ୍ରହଣ, ଉତ୍ତୋଳନ, ବିକାଶ,ଖନନ ଏବଂ ପ୍ରକ୍ରିୟାକରଣ ଭଳି ବିଭିନ୍ନ କ୍ଷେତ୍ରରେ ନୂଆ କମ୍ପାନୀ କାର୍ଯ୍ୟ କରିବ। ସେହିଭଳି ଖଣିଜ ଉତ୍ସ ଥିବା ଦେଶରେ ବାଣିଜ୍ୟିକ ସୁଯୋଗ, ଜିଟୁଜି ସହଭାଗିତା, ଖଣିଜ ସମ୍ପତ୍ତିର ରଣନୈତିକ ଅଧିଗ୍ରହଣ ଏବଂ ନିବେଶ ଦ୍ୱାରା ଖଣିଜ ସଂଗ୍ରହ ଉପରେ ଏହା ଧ୍ୟାନ କେନ୍ଦ୍ରିତ କରିବ। ଅଷ୍ଟ୍ରେଲିଆ, ଆମେରିକା ଏବଂ ଦକ୍ଷିଣ ଆଫ୍ରିକା ଭଳି ଖଣି ସମୃଦ୍ଧ ରାଷ୍ଟ୍ର ସହ ସହଭାଗିତା ସ୍ଥାପନରେ ଏହି କମ୍ପାନୀ କାର୍ଯ୍ୟ କରିବ ବୋଲି ସୂଚନା ରହିଛି।

# ପୂର୍ବତଟ ରେଳପଥକୁ ଦୁଇ ପୁରସ୍କାର




ଭୁବନେଶ୍ୱର,୧-୮

ପୂର୍ବତଟ ରେଳପଥକୁ ସମ୍ମାନଜନକ ଆକାଉଣ୍ଟସ ଓ ଫାଇନାନ୍ସ ମ୍ୟାନେଜମେଣ୍ଟ ଶିଲଡ୍ ଓ କମ୍ପ୍ରେହେନସିଭ ହେଲ୍‌ଥ କେୟାର ଶିଲଡ୍ ପୁରସ୍କାର ପ୍ରଦାନ କରାଯାଇଛି। ମୁମ୍ବାଇଠାରେ ଆୟୋଜିତ ରାଷ୍ଟ୍ର ସ୍ତରୀୟ ରେଳବାଇ ପୁରସ୍କାର ବିତରଣ ଉତ୍ସବରେ ଦକ୍ଷତା ଲାଗି ରେଳୱେ ଏହି ପୁରସ୍କାର ଲାଭ କରିଛି। ରେଳ ବୋର୍ଡ ଅଧ୍ୟକ୍ଷ ବିନୋଦ କୁମାର ଯାଦବ ପୂର୍ବତଟ ରେଳପଥକୁ ଉକ୍ତ ପୁରସ୍କାର ପ୍ରଦାନ କରିଛନ୍ତି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଓ ରେଳପଥର ପ୍ରମୁଖ ବିତ୍ତ ଉପଦେଷ୍ଟା ଓ ମୁଖ୍ୟ ଲେଖା ଅଧିକାରୀ ରବି ଶଙ୍କର ମିତ୍ର ରେଳବାଇ ବୋର୍ଡ ଅଧ୍ୟକ୍ଷଙ୍କଠାରୁ ଫାଇନାନ୍ସ ମ୍ୟାନେଜମେଣ୍ଟ ଶିଲଡ୍ ଗ୍ରହଣ କରିଥିବାବେଳେ ମହାପ୍ରବନ୍ଧକ ବିଦ୍ୟାଭୂଷଣ ଓ ରେଳପଥର ପ୍ରମୁଖ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ଃ. ସୁକାନ୍ତ କୁମାର ମହାନ୍ତି କମ୍ପ୍ରେହେନସିଭ ହେଲଥ କେୟାର ଶିଲଡ୍ ଗ୍ରହଣ କରିଥିଲେ।

# ଆଲ୍ଲାହାବାଦ ବ୍ୟାଙ୍କର ଆର୍ଥିକ ଫଳାଫଳ




ଭୁବନେଶ୍ୱର,୧-୮

ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ଜୁନ ତ୍ରୈମାସ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ସମୟ ସୁଦ୍ଧା ବ୍ୟାଙ୍କର ମୋଟ୍ କାରବାର ୩.୭୭ ଲକ୍ଷ କୋଟି ଟଙ୍କା ଛୁଇଁଛି। ଗତ ବର୍ଷ ସମାନ ସମୟରେ ଏହା ୩.୬୫ ଲକ୍ଷ କୋଟି ଟଙ୍କା ରହିଥିଲା। ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ବ୍ୟାଙ୍କ ୧୨୮ କୋଟି ଟଙ୍କା ଲାଭ କରିଛି। ଏହି ସମୟରେ ବ୍ୟାଙ୍କର ପରିଚାଳନାଗତ ଲାଭ ୮୫୯.୫୫ କୋଟି ଟଙ୍କା ରହିଛି। ମୋଟ ଜମା କ୍ଷେତ୍ରରେ କାସାର ଅଂଶ ଉନ୍ନତ ହେବା ସହ ୪୭.୮୫% ଛୁଇଁଛି। ଏହା ଶିଳ୍ପ କ୍ଷେତ୍ରରେ ସର୍ବାଧିକ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ବ୍ୟାଙ୍କ ଋଣ ଅଭିବୃଦ୍ଧି କ୍ଷେତ୍ରରେ ୧୩.୦୫% ସ୍ତର ଟପିଛି। କଷ୍ଟ ଅଫ୍ ଡିପୋଜିଟ୍ ୫.୦୭%, ପ୍ରୋଭିଜନ ଅନୁପାତ ଉନ୍ନତ ହୋଇ ୭୮.୫୮%ରେ ରହିଛି। ଏନ୍‌ପିଏ ହ୍ରାସ ପଦକ୍ଷେପ ଅନ୍ତର୍ଗତ ଏହାର ମୋଟ ଏନ୍‌ପିଏ ଜୁନ ୨୦୧୯ ସୁଦ୍ଧା ୧୭.୪୩%କୁ ଖସିଛି। ସେହିଭଳି ନେଟ୍ ଏନ୍‌ପିଏ ୫.୭୧ ସ୍ତରକୁ ହ୍ରାସ ହୋଇଥିବା ବେଳେ ନେଟ୍ ଇଣ୍ଟେରେଷ୍ଟ ମାର୍ଜିନରେ ଉନ୍ନତି ଘଟି ୨.୮୫% ସ୍ତରରେ ରହିଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ଅଶୋଧିତ ତେଲ, ସୁନା ଦର ହ୍ରାସ

ନୂଆଦିଲ୍ଲୀ,୧-୮

**ଆମେରିକା ଫେଡେରାଲର ସୁଧ ହାର ହ୍ରାସ**

ଆମେରିକାର ସେଣ୍ଟ୍ରାଲ ବ୍ୟାଙ୍କ ଫେଡେରାଲ ରିଜର୍ଭ ଦେଶର ଅର୍ଥନୀତିକୁ ମାନ୍ଦାବସ୍ଥାରୁ ମୁକୁଳାଇବାକୁ ଯାଇ ଦୀର୍ଘ ୧୧ ବର୍ଷ ପରେ ସୁଧ ହାର ହ୍ରାସ ଘୋଷଣା କରିଛି। ବୁଧବାର ଏହା ସୁଧ ହାର ୨୫ ବେସିସ୍ ପଏଣ୍ଟ ବା ୦.୨୫% କମାଇଛି। ଏହାର ସିଧାସଳଖ ପ୍ରଭାବ ସାରା ବିଶ୍ୱର ଅର୍ଥନୀତି ଉପରେ ପଡିବାକୁ ଯାଉଛି। ୨୦୦୮ ମାନ୍ଦାବସ୍ଥା ପରେ ଫେଡେରାଲ ରିଜର୍ଭ ଦ୍ୱାରା ସୁଧ ହାର ହ୍ରାସ ଘୋଷଣା କରାଯିବା ଯୋଗୁ ଏବେ ଏହା ୨ରୁ ୨.୨୫% ରେ ରହିବ ବୋଲି କୁହାଯାଇଛି। ବିଶ୍ୱ ଅର୍ଥନୀତି, ଆମେରିକା ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ପୁନର୍ବାର ସୁଧ ହାର ହ୍ରାସ ବିଷୟରେ ବିଚାର କରାଯାଇପାରେ ବୋଲି ୟୁଏସ ଫେଡେରାଲ ଅଧ୍ୟକ୍ଷ ଜେରୋମ ପାଓ୍ୱେଲ କହିଛନ୍ତି। ସୁଧ ହାର ହ୍ରାସ ଦ୍ୱାରା ମୁଦ୍ରାସ୍ଫୀତି ୨%ରେ ସୀମିତ ରହିବ ବୋଲି ପାଓ୍ୱେଲ ଆଶାବ୍ୟକ୍ତ କରିଥିବା ବେଳେ ବିଶେଷଜ୍ଞମାନେ ଏଥିରେ ସହମତ ଥିବା ମନେ ହେଉନାହିଁ। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୁଧ ହାର ହ୍ରାସକୁ ନେଇ ବେଶ ଖୁସି ନାହାନ୍ତି।

ଆମେରିକା ଫେଡେରାଲ ରିଜର୍ଭ ପକ୍ଷରୁ ସୁଧ ହାର ହ୍ରାସ ଘୋଷଣା ହେବା ମାତ୍ରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମିଛି। ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ଗୁରୁବାର ୭୧ ସେଣ୍ଟସ କମି ବ୍ୟାରେଲ ପିଛା ୬୪.୩୪ ଡଲାର ଥିଲା। ସେହିପରି ୟୁଏସ୍ ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ ତେଲ ଦର ୭୭ ସେଣ୍ଟସ ହ୍ରାସ ପାଇ ୫୭.୮୧ ଡଲାରରେ ପହଞ୍ଚିଯାଇଛି। ସୂଚନାଥାଉ କି, ବଜାରରେ ତେଲ ଦର ସ୍ଥିର ରଖିବା ଲାଗି ରୁଷ ସମେତ ଓପେକ ରାଷ୍ଟ୍ରଗୁଡ଼ିକ ତୈଳ ଉତ୍ପାଦନକୁ ଦୈନିକ ୧୧.୩ ମିଲିୟନ ବ୍ୟାରେଲରେ ସୀମିତ ରଖିବା ଲାଗି ନିଷ୍ପତ୍ତି ନେଇଥିଲେ। ତେବେ ଆମେରିକା ସମେତ ଅଣ ଓପେକ ରାଷ୍ଟ୍ରସମୂହ ଦ୍ୱାରା ଦୈନିକ ୧୨.୨ ମିଲିୟନ ବ୍ୟାରେଲ ତେଲ ଉତ୍ପାଦନ ଦ୍ୱାରା ବଜାରରେ ଅଶୋଧିତ ତେଲ ପ୍ରଚୁର ମାତ୍ରାରେ ମିଳୁଛି। ତେଲ ଦର ହ୍ରାସର ଏହା ଅନ୍ୟତମ କାରଣ ହୋଇଛି।

ଅନ୍ୟପକ୍ଷରେ ଆମେରିକା କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ ରିଜର୍ଭ ସୁଧ ହାର କମାଇଛି। ଏହା ସତ୍ତ୍ୱେ ସୁନା ଓ ରୁପା ଦରରେ ଭାରି ହ୍ରାସ ଦେଖିବାକୁ ମିଳିଛି। ଅନ୍ତଃରାଷ୍ଟ୍ରୀୟ ବଜାର କମେକ୍ସରେ ଗୁରୁବାର ସୁନା ମୂଲ୍ୟ ପ୍ରତି ଆଉନ୍ସରେ ୨୦ଡଲାରରୁ ଅଧିକ ହ୍ରାସ ପାଇଛି। ସେହିପରି ରୁପା ଦର ୨% କମିବାରୁ ଭାରତୀୟ ଭବିଷ୍ୟ ବଜାର ଏମ୍‌ସିଏକ୍ସରେ ସୁନା ଓ ରୁପା ମୂଲ୍ୟ ହ୍ରାସ ପାଇଥିବା ଦେଖାଯାଇଛି।

## ଦାୟିତ୍ୱ ନେଲେ ନୂଆ ସିଜିଏ

ନୂଆଦିଲ୍ଲୀ,୧-୮

ନୂଆ କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ (ସିଜିଏ) ଭାବେ ଗିରିରାଜ ପ୍ରସାଦ ଗୁପ୍ତା ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗୁପ୍ତା ହେଉଛନ୍ତି ୧୯୮୩ ବ୍ୟାଚ୍ ଭାରତୀୟ ସିଭିଲ୍ ଆକାଉଣ୍ଟ ସେବା(ଆଇସିଏଏସ୍) ଅଧିକାରୀ। କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି) ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଏବଂ ଅର୍ଥ ମନ୍ତ୍ରଣାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଗୁପ୍ତା କାର୍ଯ୍ୟ କରିଛନ୍ତି। ଫରିଦାବାଦସ୍ଥିତ ଜାତୀୟ ଆର୍ଥିକ ପ୍ରବନ୍ଧନ ପ୍ରତିଷ୍ଠାନ (ଏନ୍‌ଆଇଏଫ୍‌ଏମ୍) ନିର୍ଦ୍ଦେଶକ ପଦବୀରେ ଗୁପ୍ତା ଅବସ୍ଥାପିତ ଥିଲେ।

## ରିଲାଏନ୍ସ ରିଟେଲର ୨୬% ଅଂଶଧନ କିଣିପାରେ ଆମାଜନ

ନୂଆଦିଲ୍ଲୀ,୧-୮

ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଜେଫ୍ ବେଜୋସ୍‌ଙ୍କ ଇ-କମର୍ସ କମ୍ପାନୀ ଆମାଜନ ମୁକେଶ ଅମ୍ବାନୀଙ୍କ ମାଲିକାନାରେ ଥିବା ଦେଶର ସର୍ବବୃହତ ରିଟେଲ କମ୍ପାନୀ ରିଲାଏନ୍ସ ରିଟେଲର ୨୬% ଅଂଶଧନ କିଣିପାରେ। ତେବେ ଦୁଇ କମ୍ପାନୀ ମଧ୍ୟରେ ଆଲୋଚନା ଚାଲିଥିବାରୁ ନିଷ୍ପତ୍ତି ସମ୍ପର୍କରେ ଏବେ କିଛି ସ୍ପଷ୍ଟ ହୋଇନାହିଁ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ରିଲାଏନ୍ସ ରିଟେଲ ନିଜର ଅଂଶଧନ ବିକ୍ରି କରିବା ନେଇ ଏଥିପୂର୍ବରୁ ଚାଇନାର ଇ-କମର୍ସ କମ୍ପାନୀ ଆଲିବାବା ଗ୍ରୁପ୍ ସହ ଆଲୋଚନା ଚଳାଇଥିଲା। ତେବେ ମୂଲ୍ୟାଙ୍କନକୁ ନେଇ ସହମତି ପ୍ରକାଶ ନ ପାଇବାରୁ ଚୁକ୍ତି ହୋଇପାରି ନାହିଁ। ଅଧିକାରୀଙ୍କ କହିବାନୁଯାୟୀ, ଆମାଜନ ଭାରତର ସମସ୍ତ ବଡ଼ ବ୍ରିକ୍ ଆଣ୍ଡ ମୋର୍ଟାର ଚେନ୍‌ରେ ଦୀର୍ଘ ସମୟାବଧି ଲାଗି ଅଂଶଧନ କିଣିବାକୁ ଆଗ୍ରହୀ।

## ୟୁବିଆଇ କାରବାର ୨.୦୫ ଲକ୍ଷ କୋଟି ଟପିଲା




ଭୁବନେଶ୍ୱର,୧-୮

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ) ପକ୍ଷରୁ ଜୁନ ତ୍ରୈମାସ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ବ୍ୟାଙ୍କର ମୋଟ ବାଣିଜ୍ୟ କାରବାର ୨.୦୫ ଲକ୍ଷ କୋଟି ଟଙ୍କା ଟପିଛି। ବ୍ୟାଙ୍କର ଜମା ୧.୩୨ ଲକ୍ଷ କୋଟି ଟଙ୍କା ରହିଥିବା ବେଳେ ଆଡଭାନ୍ସ ୭୩,୨୪୯ କୋଟି ଟଙ୍କା ଛୁଇଁଛି। ଜମା ଅଭିବୃଦ୍ଧି ୩% ରହିଛି। ଏହା ବାଦ ଆଡଭାନ୍ସ ୯.୭୫% ରହିଛି। ବ୍ୟାଙ୍କର ମୋଟ କାରବାର ଅଭିବୃଦ୍ଧି ୫.୨୯% ରହିଛି। କାସା ଜମା ୬୬,୯୮୧ କୋଟି ଟଙ୍କା ଥିବା ବେଳେ ମୋଟ ଜମା ଅଭିବୃଦ୍ଧି ୬.୪୨% ରହିଛି। ବ୍ୟାଙ୍କର ତ୍ରୈମାସିକ ନେଟ୍ ଲାଭ ୧୦୪.୯୯ କୋଟି ଟଙ୍କା ଛୁଇଁଛି। ଏଥିରେ ୧୦.୩୧% ଅଭିବୃଦ୍ଧି ହୋଇଛି। ଏହା ବାଦ ପରିଚାଳନାଗତ ଲାଭ ୬୮୨.୫୨ କୋଟି ଟଙ୍କା, ନେଟ ସୁଧ ଜନିତ ଆୟ ୭୨୭.୪୭ କୋଟି ରହିଥିବା ବେଳେ ଏହା ଏପିଓ୍ୱାଇ ପ୍ରାଇମ ଚାମ୍ପିୟନଶିପ କପ୍ ଲାଭ କରିଥିବା ସୂଚନା ଦେଇଛି।

# ସତ୍ୟ ଘଟଣା ଉପରେ ଆଧାରିତ ସିନେମା ଚେସ୍

ଭୁବନେଶ୍ୱର,୧-୮




ସତ୍ୟ ଘଟଣା ଉପରେ ଆଧାରିତ ସିନେମା 'ଚେସ୍' ନୋ ମର୍ସି ନୋ କ୍ରାଇମ୍ ଶୁକ୍ରବାର ରିଲିଜ ହେଉଛି। ଏମ୍‌ଏସ୍ ଫିଲ୍ମସ ଆଣ୍ଡ ପ୍ରଡକ୍ସନସ ପକ୍ଷରୁ ନିର୍ମାଣ ହୋଇଥିବା ଏହି ସିନେମା ପଶ୍ଚିମବଙ୍ଗ ପୋଲିସର ସାହସିକତା କାହାଣୀ ଉପରେ ପର୍ଯ୍ୟବସିତ। ସିନେମାଟିକୁ ମୀନା ସେଠୀ ମଣ୍ଡଳଙ୍କ ପ୍ରଯୋଜନାରେ ପ୍ରସ୍ତୁତ କରାଯାଇଥିବା ବେଳେ ପ୍ରମୁଖ ଭୂମିକାରେ ଅମିଥ ସେଠୀ, ଦୀପଞ୍ଜନ ବାସକ, ମୁସ୍ତାକ ଖାନ, ଗୁଲସନ ପାଣ୍ଡେ, ଗାର୍ଗୀ ପଟେଲ, ସୁଦୀପ ମୁଖାର୍ଜୀ, ରମେଶ ଗୋଏଲ ଏବଂ ପୁଣ୍ୟ ଦର୍ଶନ ଗୁପ୍ତା ରହିଛନ୍ତି। ଏହି ଆକ୍ସନ ଡ୍ରାମାରେ ସୋନୁ ନିଗମ, କୁମାର ସାନୁଙ୍କ ସ୍ୱରର ଯାଦୁ ଶୁଣିବାକୁ ମିଳିବ। ପିନାକୀ ବୋଷ, ଡି. ପାଠକ, ବବ୍ ଏସ୍.ଏନ୍ ମ୍ୟୁଜିକ ଦେଇଥିବା ବେଳେ ନିର୍ଦ୍ଦେଶନାରେ ଏସ୍‌ଆର୍‌ଜି ରହିଛନ୍ତି। ଟ୍ରେନ୍‌ରୁ ଚୋରି ର୍ୟାକେଟକୁ ଧରିବାରେ ପୋଲିସର ଉଦ୍ୟମ ସିନେମାର ମୁଖ୍ୟ ବିଷୟବସ୍ତୁ।

# ଏୟାର ଏସିଆର ଟ୍ରାଭେଲ ଫେୟାର ଆଜିଠାରୁ

ଭୁବନେଶ୍ୱର,୧-୮

ପର୍ଯ୍ୟଟନ ବିକାଶ ଲାଗି ଏୟାର ଏସିଆ ପକ୍ଷରୁ ଏକ ଟ୍ରାଭେଲ ଫେୟାର ଶୁକ୍ରବାରଠାରୁ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଛି। ଏହା ତିନିଦିନ ବ୍ୟାପୀ ସ୍ଥାନୀୟ ଏସ୍‌ପ୍ଲାନେଡ ୱାନ ମଲ୍‌ଠାରେ ଅନୁଷ୍ଠିତ ହେବ। ଏହି ଫେୟାର ସମୟରେ ଗ୍ରାହକମାନେ ଦେଶ ମଧ୍ୟରେ କିମ୍ବା ଅନ୍ତର୍ଜାତୀୟ ଉଡାଣ ଲାଗି ବୁକିଂ ଉପରେ ସିଧାସଳଖ ୨୦% ରିହାତି ପାଇପାରିବେ। ଏହି ସମୟରେ ଗ୍ରାହକଙ୍କ ଲାଗି ଅନ୍ୟାନ୍ୟ ଆକର୍ଷଣୀୟ ଡିଲ ପ୍ରଦାନର ସୁବିଧା କରାଯାଉଛି। ପର୍ଯ୍ୟଟନ ଲାଗି ଭାରତ ଏକ ଅଭିବୃଦ୍ଧିଶୀଳ ବଜାର ହୋଇଥିବା ବେଳେ ଭୁବନେଶ୍ୱରକୁ ଏକ ପର୍ଯ୍ୟଟନ ହବ୍‌ରେ ରୂପାନ୍ତରିତ କରିବା ଲାଗି ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଥିବା ଏୟାର ଏସିଆ ସିଓଓ ସଞ୍ଜୟ କୁମାର କହିଛନ୍ତି। ଏହି ସମୟରେ ଗ୍ରାହକଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ଉଡ଼ାଣ ଉପରେ ଆକର୍ଷଣୀୟ ଡିଲ୍ ପ୍ରଦାନ ଲକ୍ଷ୍ୟ ରହିଥିବା ସେ କହିଛନ୍ତି ।

# ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ମହଙ୍ଗା ଭତ୍ତା ୬୮.୧%

ଭୁବନେଶ୍ୱର,୧-୮(ବ୍ୟୁରୋ)

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ମେ' ମାସରେ ୩୧୪ ପଏଣ୍ଟ ଥିଲା। ଏହା ଜୁନରେ ୨ ପଏଣ୍ଟ ବଢି ୩୧୬ ପଏଣ୍ଟ ହୋଇଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୩୩ ପଏଣ୍ଟ ଥିଲା। ଏଥିରେ ୧ ପଏଣ୍ଟ କମି ୩୩୨ ପଏଣ୍ଟ ହୋଇଛି। ରାଉରକେଲାରେ ଏହା ୩୧୭ ପଏଣ୍ଟ ଥିବା ବେଳେ ଏଥିରେ ୨ ପଏଣ୍ଟ ବଢି ୩୧୯ ପଏଣ୍ଟ ଛୁଇଁଛି।

ଜାନୁୟାରୀ ୮ ଏବଂ ୯ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ, ସେମାନେ ବର୍ତ୍ତମାନ ୬୪.୫% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୬% ବୃଦ୍ଧି ଘଟି ୬୮.୧% ହୋଇଛି। ଅଗଷ୍ଟ ପହିଲାରୁ ଏହା ଲାଗୁ ହେବ। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନ୍‌ସନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଜାନୁୟାରୀ ୨୧ରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବୁଧବାର ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ନେଇଛନ୍ତି।



ବୀମା କର୍ମଚାରୀମାନେ ବର୍ତ୍ତମାନ ୫୭.୮% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୩.୬% ବୃଦ୍ଧି ଘଟି ୬୧.୪% ହୋଇଛି। ଏହି ବର୍ଦ୍ଧିତ ଡିଏ ଅଗଷ୍ଟ ପହିଲାରୁ ସେମାନେ ପାଇବେ। ଅବସରପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୫% ବୃଦ୍ଧି ଘଟି ୧୭% ହୋଇଛି। ଏମାନେ ୨୦୧୯ ଜୁଲାଇ ପହିଲାରୁ ଏହି ବର୍ଦ୍ଧିତ ଡିଏ ପାଇବେ। ଜୁନରେ ରିଜର୍ଭ ବ୍ୟାଙ୍କର ବାର୍ଷିକ କ୍ଲୋଜିଂ ପାଇଁ କୌଣସି ମହଙ୍ଗା ଭତ୍ତାରେ ପରିବର୍ତ୍ତନ ହୁଏ ନାହିଁ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡି ମାନେ ମଧ୍ୟ ୧୭% ମହଙ୍ଗା ଭତ୍ତା ପାଇବେ। ଏହା ଜୁଲାଇ ପହିଲାରୁ ଲାଗୁ ହେବ। ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୪୬.୭% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୪୪% ବଢି ୧୫୦.୧୪% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଅକ୍ଟୋବର ପହିଲାରୁ ପାଇବେ।

ସେପ୍ଟେମ୍ବର ୪ ଏବଂ ୫ ଦୁଇ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନ ଏବଂ ପେନ୍‌ସନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧ ହଜାର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କର ପେନ୍‌ସନ ସଂଶୋଧନ କରାଯାଇଛି। ପ୍ରାୟ ୩,୦୦୦ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନକୁ ଅପେକ୍ଷା କରିଛନ୍ତି। ଗୁରୁବାର ଅନୁଷ୍ଠିତ ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି।



“ଫେନରବ୍ୟାକ୍ ଦଳ ବିପକ୍ଷରେ କରିମ ବେଞ୍ଜିମାଙ୍କ ହ୍ୟାଟ୍ରିକ ଗୋଲ ପରେ ଆମ ଦଳ ଏହି ସିଜନରେ ଭଲ କରିବ ବୋଲି ମନେ ହେଉଛି ।
—ଜିନେଡିନ୍ ଜିଡାନ, ରିୟଲ ମାଡ୍ରିଡ କୋଚ୍



“ଭାରତ ବିପକ୍ଷ ଟି୨୦ ସିରିଜରେ କିରନ ପୋଲାର୍ଡ ଓ ସୁନୀଲ ନାରିନଙ୍କ ଭଳି ଖେଳାଳି ପ୍ରଦର୍ଶନ ଜରିଆରେ ଦର୍ଶକଙ୍କୁ ମନୋରଞ୍ଜନ କରାଇବେ ।
—ଫ୍ଲଏଡ୍ ରିଫର, ୱେଷ୍ଟଇଣ୍ଡିଜ କ୍ରିକେଟ କୋଚ୍

## ସଂକ୍ଷେପରେ

### ସାଇନା, ଶ୍ରୀକାନ୍ତଙ୍କ ବିଦାୟ, କ୍ୱାର୍ଟରରେ ପ୍ରଣୀଥ

ବ୍ୟାଙ୍କକ୍,୧।୮(ପିଟି)- ଦେଶର ଅଗ୍ରଣୀ ଶଟଲର ସାଇନା ନେହ୍ୱାଲ ଓ କିଦାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ଥାଇଲାଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରୁ ପରାଜୟ ସହ ବିଦାୟ ନେଇଛନ୍ତି। କିନ୍ତୁ ବି. ସାଇ ପ୍ରଣୀଥ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇ ମାସ ପରେ କୋର୍ଟକୁ ଫେରିଥିବା ୭ମ ସିଡ୍ ସାଇନା ୨୧-୧୬, ୧୧-୨୧, ୧୪-୨୧ ଗେମ୍‌ରେ ଜାପାନର ସାୟାକା ତାକାହାସିଙ୍କଠାରୁ ପରାସ୍ତ ହୋଇଛନ୍ତି। ପି.ଭି. ସିନ୍ଧୁଙ୍କ ଅନୁପସ୍ଥିତିରେ ସାଇନାଙ୍କ ପରାଜୟ ସହ ମହିଳା ସିଙ୍ଗଲ୍ସ ବର୍ଗରେ ଭାରତର ଅଭିଯାନ ଶେଷ ହୋଇଛି। ୫ମ ସିଡ୍ ଶ୍ରୀକାନ୍ତ ପ୍ରଥମ ଗେମ୍ ଜିତିବା ପରେ ମଧ ମ୍ୟାଚ୍ ହାତେଇବାରେ ବିଫଳ ହୋଇଥିଲେ। ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଭାରତୀୟ ଖେଳାଳି ୨୧-୧୧, ୧୬-୨୧, ୧୨-୨୧ ବ୍ୟବଧାନରେ ଥାଇଲାଣ୍ଡର ଖୋସିତ୍ ଫେତପ୍ରଦାବଙ୍କଠାରୁ ପରାଜୟ ବରଣ କରିଛନ୍ତି। ଅନ୍ୟ ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ପ୍ରଣୀଥ ୨୧-୧୮, ୨୧-୧୯ ଗେମ୍‌ରେ ସାଙ୍ଗ ଖେଳାଳି ଶୁଭଙ୍କର ଦେଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସେ ପରବର୍ତ୍ତୀ ମ୍ୟାଚ୍‌ରେ ୭ମ ସିଡ୍ ଜାପାନର କେଣ୍ଟା ସୁନେୟାମାଙ୍କ ସହ ମୁକାବିଲା କରିବେ। ସେହିଭଳି ପୁରୁଷ ଡବଲ୍ସ ବର୍ଗରେ ଭାରତକୁ ଖୁସି ଖବର ମିଳିଛି। ସାତ୍ତ୍ୱିକ ସାଇରାଜ ରାନ୍‌କୀରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ଯୋଡ଼ି ୨୧-୧୭, ୨୧-୧୯ ଗେମ୍‌ରେ ଇଣ୍ଡୋନେସିଆର ଫାଜାର ଆର୍ଫିଆନ ଓ ମହମ୍ମଦ ରିଆନ ଆଡ୍ରିଆଣ୍ଟୋଙ୍କୁ ହରାଇ ଅନ୍ତିମ ୮ରେ ପ୍ରବେଶ କରିଛନ୍ତି। ଏହି ଭାରତୀୟ ଯୋଡ଼ି କୋରିଆର ଚୋଇ ସୋଲଗ୍ୟୁ ଓ ସେଓ ସୁଙ୍ଗ ଜେଙ୍କଙ୍କୁ ଭେଟିବେ।

### ପୂର୍ବତନ ଆର୍ଜେଣ୍ଟିନା ବକ୍ସିଂ ଚାମ୍ପିୟନଙ୍କୁ ଜେଲ୍ ଦଣ୍ଡ

ବୁଏନସ୍ ଏରିଜ,୧।୮(ଏଏଫ୍‌ପି)- ବାରମ୍ବାର ଜଣେ ନାବାଳିକାଙ୍କୁ ନିର୍ଯାତନା ଦେବାରୁ ପୂର୍ବତନ ୱେଲଟରୱେଟ ୱାର୍ଲ୍ଡ ବକ୍ସିଂ ଚାମ୍ପିୟନ କାର୍ଲୋସ ବାଲ୍ଡୋମିରଙ୍କୁ କୋର୍ଟ ୧୮ ବର୍ଷର ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୪୮ ବର୍ଷୀୟ ବକ୍ସର ୨୦୦୬ରେ ୧୦ ମାସ ପାଇଁ ବିଶ୍ୱ ବକ୍ସିଂ କାଉନ୍ସିଲ ଚାମ୍ପିୟନ ଥିଲେ। ଜଣେ ନାବାଳିକାଙ୍କୁ ୨୦୧୨ରୁ ୨ ବର୍ଷ ପର୍ଯ୍ୟନ୍ତ ନିର୍ଯାତନା ଦେଇଥିବା ଅଭିଯୋଗ ପରେ ତାଙ୍କୁ ୨୦୧୬ରେ ଗିରଫ କରାଯାଇଥିଲା। ତାଙ୍କୁ ଏ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଗୁରୁବାର ହୋଇଥିବା ଶୁଣାଣିବେଳେ ବାଲ୍ଡୋମିର କୋର୍ଟରେ ଉପସ୍ଥିତ ଥିବା ବ୍ୟକ୍ତିଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ, ଯାହା କି ଟେଲିଭିଜନରେ ଦେଖିବାକୁ ମିଳିଥିଲା। ଉଲ୍ଲେଖଥାଉ କି, ୨୦୦୬, ଜାନୁୟାରୀରେ ଜାବ୍ ଜୁଦାଙ୍କୁ ହରାଇ ବାଲ୍ଡୋମିରଙ୍କ କ୍ୟାରିୟରର ସବୁଠୁ ବଡ଼ ସଫଳତା ପାଇଥିଲେ। ଏହାପରେ ଆର୍ତ୍ତୁରୋ ଗାଟ୍ଟିଙ୍କୁ ପରାସ୍ତ କରି ଡବ୍ଲୁବିସି ୱେଲ୍‌ଟରୱେଟ ଟାଇଟଲ ବଜାୟ ରଖିଥିଲେ। ସେହି ବର୍ଷ ନଭେମ୍ବରରେ କିମ୍ବଦନ୍ତୀ ବକ୍ସର ଫ୍ଲଏଡ ମେୱେଦରଙ୍କଠାରୁ ପରାସ୍ତ ହୋଇ ଟାଇଟଲ ହାତଛଡ଼ା କରିଥିଲେ। ୨୦୧୪ରେ ସେ ରିଙ୍ଗ୍‌ରୁ ଅବସର ନେଇଥିଲେ।

# ‘କୋହଲିଙ୍କ ମତକୁ ଗୁରୁତ୍ୱ ଦିଆଯିବ’

କୋଲକାତା,୧।୮(ପି.ଟି.)

ଭାରତୀୟ କ୍ରିକେଟ ଦଳର ହେଡ୍ କୋଚ୍ ଚୟନ ସଂକ୍ରାନ୍ତରେ ଅଧିନାୟକ ବିରାଟ କୋହଲିଙ୍କ ମତକୁ ଗୁରୁତ୍ୱ ଦେବାକୁ ହେବ ବୋଲି କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ଅଧକ୍ଷ ତଥା ପୂର୍ବତନ ଅଧିନାୟକ କପିଳ ଦେବ କହିଛନ୍ତି। ତେବେ ଏ ସଂକ୍ରାନ୍ତରେ ଶ୍ରେଷ୍ଠ ବ୍ୟକ୍ତି ଚୟନ କରିବାକୁ ସିଏସି ସବୁମତେ ଚେଷ୍ଟା କରିବ ବୋଲି କପିଳ କହିଛନ୍ତି। ରବି ଶାସ୍ତ୍ରୀଙ୍କୁ କୋଚ୍ ପଦରେ ବଜାୟ ରଖିବା ନେଇ କୋହଲି ମତ ରଖିଥିଲେ। ତେଣୁ ଏ ନେଇ ବିଚାର କରିବାକୁ ଆମେ ପଛାଇବୁ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଜଣାଶୁଣା ଫୁଟବଲ କ୍ଲବ ଇଷ୍ଟ ବେଙ୍ଗଲ ପ୍ରତିଷ୍ଠା ଦିବସରେ କପିଳଙ୍କୁ ସ୍ଥାନୀୟ ନେତାଜୀ ଷ୍ଟାଡିୟମରେ ‘ଭାରତ ଗୌରବ’ ସମ୍ମାନରେ ସମ୍ମାନିତ କରାଯାଇଥିଲା ଓ ଏହି ଅବସରରେ କପିଳ ନିଜର ମତ ରଖିଥିଲେ। ଏବେ କପିଳଙ୍କ ନେତୃତ୍ୱରେ ଗଠିତ ହୋଇଥିବା ସିଏସି ଉପରେ ସମସ୍ତଙ୍କ ନଜର ରହିଛି। ଉଲ୍ଲେଖଥାଉ କି, କୋଚ୍ ପଦ ଦୌଡ଼ରେ ଶାସ୍ତ୍ରୀ ଆଗରେ ରହିଥିବାରୁ ସେ ଏହି ପଦ ବଜାୟ ରଖିବା ଆଶା କରାଯାଉଛି।



କପିଳ ଦେବ



ଶାନ୍ତା ରଙ୍ଗାସ୍ୱାମୀ

### ସିଏସି ନିଷ୍ପତ୍ତି ନେବ: ରଙ୍ଗାସ୍ୱାମୀ

ନୂଆଦିଲ୍ଲୀ,୧।୮(ପି.ଟି.)- ଅଧିନାୟକ ହିସାବରେ ବିରାଟ କୋହଲି କୋଚ୍ ନିଯୁକ୍ତି ସଂକ୍ରାନ୍ତରେ ନିଜର ମତ ରଖିପାରିବେ। ତାଙ୍କର ଏ ନେଇ ଅଧିକାର ରହିଛି। ତେବେ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) କୋଚ୍ ନିଯୁକ୍ତି ସମ୍ପର୍କରେ

**କୋଚ୍ ନିଯୁକ୍ତି ପ୍ରସଙ୍ଗ**

ଅନ୍ତିମ ନିଷ୍ପତ୍ତି ନେବ। ଗୁରୁବାର ସିଏସିର ଅନ୍ୟତମ ସଦସ୍ୟା ଶାନ୍ତା ରଙ୍ଗାସ୍ୱାମୀ ଏହି କଥା କହିଛନ୍ତି। ପୂର୍ବତନ ଅଧିନାୟକ କପିଳଦେବଙ୍କ ଅଧକ୍ଷତାରେ ଗଠିତ ହୋଇଥିବା ସିଏସିର ଅନ୍ୟତମ ସଦସ୍ୟ ହେଉଛନ୍ତି ପୂର୍ବତନ କ୍ରିକେଟର ଅଂଶୁମାନ ଗାଏକ୍ୱାଡ। ଏହି ପ୍ୟାନେଲ ଗତ ଡିସେମ୍ବରରେ ଭାରତୀୟ ମହିଳା ଦଳର କୋଚ୍ ନିଯୁକ୍ତ କରିଥିଲା।

ୱେଷ୍ଟଇଣ୍ଡିଜ୍ ଗସ୍ତ ପାଇଁ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ଯାତ୍ରା କରିବା ପୂର୍ବରୁ କୋହଲି କୋଚ୍ ପଦରେ ରବି ଶାସ୍ତ୍ରୀଙ୍କୁ ବଜାୟ ରଖାଗଲେ ଭଲ ହୁଅନ୍ତା ବୋଲି କହିଛନ୍ତି। ଏପରି ହେଲେ ମୁଁ ଖୁସି ହୁଅନ୍ତି ବୋଲି ସେ ମତ ଦେଇଥିଲେ। କୋହଲି ଦଳର ଅଧିନାୟକ ହୋଇଥିବାରୁ ଏ ନେଇ ତାଙ୍କର ମତ ଦେବାର ଅଧିକାର ରହିଛି। ତେବେ ସିଏସିର ୩ଜଣ ସଦସ୍ୟ ମିଳିତ ଭାବେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବେ ବୋଲି ରଙ୍ଗାସ୍ୱାମୀ କହିଛନ୍ତି। ସବୁ ଦୃଷ୍ଟିକୋଣରୁ ବିଚାର କରି ଆମେ ନିଷ୍ପତ୍ତି ନେବୁ। ଗାଏକ୍ୱାଡଙ୍କ ମତ ମଧ ବେଶ୍ ଗୁରୁତ୍ୱବହନ କରିବ। ତାଙ୍କ ପାଖରେ ଅଭିଜ୍ଞତା ରହିଛି। ଦଳକୁ ଏକାଠି କରିବା ଓ ରଣନୀତି ପ୍ରସ୍ତୁତି କରିବାର ସେ ବେଶ୍ ପାରଙ୍ଗମ ବୋଲି ରଙ୍ଗାସ୍ୱାମୀ କହିଛନ୍ତି। ଖୋଲାମନ ସହ ସିଏସି କୋଚ୍ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବ।

କୋହଲିଙ୍କ ସମର୍ଥନକୁ ବିଚାରକୁ ନିଆଗଲେ ଶାସ୍ତ୍ରୀ ଏବେ କୋଚ୍ ପଦ ପାଇଁ ଦୌଡ଼ରେ ଆଗରେ ରହିଛନ୍ତି। ସେହିପରି ଅଷ୍ଟ୍ରେଲିଆର ଟମ୍ ମୁଡି ଓ ପୂର୍ବତନ କ୍ରିକେଟର ଲାଲଚାନ୍ଦ ରାଜପୁତ ଓ ରବିନ୍ ସିଂ ମଧ ଏହି ଦୌଡରେ ସାମିଲ ହୋଇଛନ୍ତି। କୋଚ୍ ପଦ ପାଇଁ ଆବେଦନ କରିବାର ଶେଷ ତାରିଖ ମଙ୍ଗଳବାର ଥିଲା। ଅଗଷ୍ଟ ମଧ ଭାଗରେ ସିଏସି ସାକ୍ଷାତ୍‌କାର ନେବା ସହ ପ୍ରାର୍ଥୀଙ୍କ ସଂକ୍ଷିପ୍ତ ତାଲିକା ପ୍ରକାଶ କରିବ ବୋଲି ଆଶା କରାଯାଉଛି। ତେବେ କୋଚ୍ ଚୟନ ନେଇ କୋହଲିଙ୍କ ମତକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି କହିଛନ୍ତି।

# ‘କୋହଲି- ରୋହିତ ମତପାର୍ଥକ୍ୟ ପଡିଆରେ ପ୍ରଭାବ ପକାଇବନି’

କୋଲକାତା,୧।୮ (ପି.ଟି.)

ଅଧିନାୟକ ବିରାଟ କୋହଲି ଓ ତାରକା ଓପନର ରୋହିତ ଶର୍ମାଙ୍କ ମଧ୍ୟରେ ଥିବା ମତପାର୍ଥକ୍ୟ ନେଇ କପିଳ ଦେବ ମୁହଁ ଖୋଲିଛନ୍ତି। ପଡିଆ ବାହାରେ ଏଭଳି ମତ ପାର୍ଥକ୍ୟ ରହିଲେ କିଛି ଖରାପ ନୁହଁ। କିନ୍ତୁ ପଡିଆ ଭିତରେ ଏହାର କିଛି ମାନେ ନାହିଁ। କାରଣ ସବୁ ଖେଳାଳି ଦଳକୁ ଜିତାଇବାକୁ ହିଁ ଖେଳିଥାନ୍ତି। ସେମିଫାଇନାଲରେ ପରାସ୍ତ ହୋଇ ଭାରତ ବିଶ୍ୱକପ୍‌ରୁ ବିଦାୟ ନେଇଥିଲା। ଏହା ପରେ ଦୁଇ ଖେଳାଳିଙ୍କ ମତ ପାର୍ଥକ୍ୟ ନେଇ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ମତ ପାର୍ଥକ୍ୟର ମାନେ ନୁହଁ ଜଣେ ଅନ୍ୟ ଜଣକୁ ତଳେ ପକାଇବ। ୮୦ ଦଶକରେ ସୁନୀଲ ଗାଭାସ୍କର ଓ ମୋ ମଧ୍ୟରେ ଏଭଳି ମତ ପାର୍ଥକ୍ୟକୁ ନେଇ ଚର୍ଚ୍ଚା ହେଉଥିଲା। ତେବେ ଏ ସବୁର କିଛି ମାନେ ନାହିଁ ବୋଲି କପିଳ ସ୍ପଷ୍ଟ କରିଛନ୍ତି। ଏଥିପାଇଁ ପ୍ରତ୍ୟକ୍ଷ ବା ପରୋକ୍ଷରେ କପିଳ ଗଣମାଧ୍ୟମଗୁଡ଼ିକୁ ଦାୟୀ କରିଛନ୍ତି।

# ବୋଲିଂ କୋଚ୍ ପାଇଁ ପ୍ରସାଦଙ୍କ ଆବେଦନ

ନୂଆଦିଲ୍ଲୀ, ୧।୮

ପୂର୍ବତନ ଭାରତୀୟ ଦ୍ରୁତ ବୋଲର ଭେଙ୍କଟେଶ ପ୍ରସାଦ ଭାରତୀୟ ଦଳର ବୋଲିଂ କୋଚ୍ ପଦ ପାଇଁ ଆଗ୍ରହୀ ଥିବା ଜଣାପଡ଼ିଛି। କିଛି ପ୍ରମୁଖ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ୫୦ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ପ୍ରସାଦ ବୋଲିଂ କୋଚ୍ ପାଇଁ ଆବେଦନ କରିଛନ୍ତି। ପୂର୍ବରୁ ପ୍ରସାଦ ୨୦୦୭ରୁ ୨୦୦୯ ପର୍ଯ୍ୟନ୍ତ ଭାରତୀୟ ଦଳର ବୋଲିଂ କୋଚ୍ ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି। ସେହିଭଳି ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ ୩ ବର୍ଷ ଧରି ସେ ବିସିସିଆଇ ଜୁନିୟର ଚୟନ କମିଟିର ଅଧକ୍ଷ ରହିଥିଲେ। ତାଙ୍କ ସିଭିରେ ଆଇପିଏଲ୍ ଟିମ୍ ଚେନ୍ନାଇ ସୁପର୍ କିଙ୍ଗ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, କିଙ୍ଗ୍ସ ଇଲେଭେନ ପଞ୍ଜାବର ପ୍ରଶିକ୍ଷକ ରହିଥିବା ବିଷୟରେ ରିପୋର୍ଟରେ ଉଲ୍ଲେଖ ରହିଛି। ଭାରତ ୨୦୦୭ରେ ଇଂଲଣ୍ଡରେ ଐତିହାସିକ ଟେଷ୍ଟ ସିରିଜ ଜିତିବା ସମୟରେ ସେ ଭାରତୀୟ ଦଳର ବୋଲିଂ ପ୍ରଶିକ୍ଷକ ରହିଥିଲେ। ଉଲ୍ଲେଖଯୋଗ୍ୟ, ଭାରତୀୟ ଦଳର ମୁଖ୍ୟ କୋଚ୍ ସମେତ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ କୋଚ୍ ପଦ ପାଇଁ ବିସିସିଆଇ ଗତ ମାସରେ ଦରଖାସ୍ତ ଆହ୍ୱାନ କରିଥିଲା।

### ୟୁରୋପିଆନ ମାଷ୍ଟର୍ସ ଗେମ୍ସ

# ପାର୍ବତୀଙ୍କୁ ରୌପ୍ୟ ପଦକ



ପାର୍ବତୀ ସେଠୀ

କଟକ ଅଫିସ,୧।୮

ଇଟାଲୀର ଟୋରିନୋ ସହରରେ ଚାଲିଥିବା ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ଓଡ଼ିଶାର ଅନ୍ତର୍ଜାତୀୟ ଆଥ୍‌ଲେଟ ପାର୍ବତୀ ସେଠୀ ବ୍ୟକ୍ତିଗତ ଦ୍ୱିତୀୟ ପଦକ ହାସଲ କରିଛନ୍ତି। ପୂର୍ବରୁ ଶଟପୁଟରେ ବ୍ରୋଞ୍ଜ ହାସଲ କରିଥିବା ବେଳେ ଗୁରୁବାର ଅନୁଷ୍ଠିତ ଡିସକସ ଥ୍ରୋ ଇଭେଣ୍ଟର ଫାଇନାଲରେ ପାର୍ବତୀ ରୌପ୍ୟ ପଦକ ଜିତିଛନ୍ତି। ଫାଇନାଲରେ ପାର୍ବତୀ ୪୫.୪୫ମିଟର ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଚେକ ରିପବ୍ଲିକ ପ୍ରତିଯୋଗୀ ୪୭.୫୫ମିଟର ଫିଙ୍ଗି ପ୍ରଥମ ଓ ଜର୍ମାନୀ ପ୍ରତିଯୋଗୀ ୪୪.୮୫ ମିଟର ଫିଙ୍ଗି ତୃତୀୟ ସ୍ଥାନରେ ରହିବା ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ଓଡ଼ିଶାର ଅନ୍ତର୍ଜାତୀୟ ଆଥ୍‌ଲେଟ ଦୂତୀ ଚାନ୍ଦ, ପୂର୍ଣ୍ଣିମା ହେମ୍ବ୍ରମ, କୋଚ୍ ଅରୁଣ ଦାସ ପାର୍ବତୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ରୁଷିଆନ ବକ୍ସିଂ: ସେମିରେ ୪ ଭାରତୀୟ

ନୂଆଦିଲ୍ଲୀ, ୧।୮ (ପି.ଟି.)

ଏସୀୟ ସ୍ୱର୍ଣ୍ଣ ପଦକ ବିଜୟିନୀ ପୂଜାରାଣୀ (୭୫ କିଗ୍ରା) ଓ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଲଭଲିନା ବୋରଗୋହାନି (୬୯ କିଗ୍ରା)ଙ୍କ ସମେତ ୪ ଜଣ ଭରତୀୟ ବକ୍ସର ରୁଷିଆରେ ଚାଲିଥିବା ମାଗୋମେଦ୍ ସଲମ୍ ଉମାଖାନୋଭ ମେମୋରିଆଲ ଇଣ୍ଟରନ୍ୟାଶନାଲ ବକ୍ସିଂ ଟୁର୍ନାମେଣ୍ଟର ସେମିରେ ପ୍ରବେଶ କରିଛନ୍ତି। ଅନ୍ୟଦୁଇ ଭାରତୀୟ ବକ୍ସର ହେଲେ ନୀରଜ (୫୭ କିଗ୍ରା) ଓ ଜନୀ (୬୦ କିଗ୍ରା)। ମହିଳା ୬୯ କିଗ୍ରା ବର୍ଗରେ ୨୧ ବର୍ଷୀୟା ଲଭ୍‌ଲିନା ୫-୦ରେ ରୁଷିଆର ଆନାସ୍ତାସିୟା ସିଗାଏଭାଙ୍କୁ ପରାସ୍ତ କରିଛନ୍ତି। ଫାଇନାଲରେ ସ୍ଥାନ ହାସଲ ପାଇଁ ପରବର୍ତ୍ତୀ ମ୍ୟାଚ୍‌ରେ ସେ ଘରୋଇ ବକ୍ସର ଏଲିନା ଭେବର୍‌ଙ୍କୁ ଭେଟିବେ। ସେହିଭଳି ପୂଜା ୪-୧ରେ ଅନ୍ୟତମ ରୁଷୀୟ ବକ୍ସର ଲଉରା ମମେଡକୁଲୋଭଙ୍କୁ ହରାଇ ଅନ୍ତିମ-୪ରେ ପହଞ୍ଚିଛନ୍ତି। ନୀରଜ ୪-୧ରେ ଘରୋଇ ବକ୍ସର ସାୟାନା ସାଗାଟେଭାଙ୍କୁ ଏବଂ ଜନୀ ୫-୦ରେ ବେଲାରୁଷର ଆନାସ୍ତାସିୟା ଓବୁଶେନକୋଭାଙ୍କୁ ପରାସ୍ତ କରିଛନ୍ତି। ପୂର୍ବରୁ ପିଙ୍କି ଜାଙ୍ଗ୍ରା (୫୧ କିଗ୍ରା) କ୍ୱାର୍ଟରରେ ପ୍ରବେଶ କରିଥିଲେ ମଧ ପରାଜୟବରଣ କରି ବିଦାୟ ନେଇଛନ୍ତି।

# ପ୍ରି-କ୍ୱାର୍ଟରରେ ଆଶୁତୋଷ

**ଅଲ୍‌ଇଣ୍ଡିଆ ଓପନ ସ୍ନୁକର**

ଚେନ୍ନାଇ, ୧।୮(ପି.ଟି.)

ଓଡ଼ିଶାର କ୍ୟୁ ସ୍ପୋର୍ଟ୍ସ ତାରକା ଆଶୁତୋଷ ପାଢ଼ୀ ଏଠାରେ ଚାଲିଥିବା କ୍ୟୁ-ଲଙ୍ଗ୍ ଅଲ୍ ଇଣ୍ଡିଆ ଓପନ ସ୍ନୁକର ଚାମ୍ପିୟନଶିପ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ସେ ଏସଭିଏସ କ୍ଲବର ବିନୟ କୋଠାରିଙ୍କୁ ୪ ଫ୍ରେମ୍‌ରେ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଚମତ୍କାର ଆରମ୍ଭ କରିଥିବା ଆଶୁତୋଷ ପ୍ରଥମେ ୪୩ ଏବଂ ପରେ ୮୦ ପଏଣ୍ଟ ବ୍ରେକ୍ କରିଥିଲେ, ଯାହାକି ଏହି ଟୁର୍ନାମେଣ୍ଟରେ ସର୍ବାଧିକ। ମୋମେଣ୍ଟମ ବଜାୟ ରଖି ସେ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ସହଜ ବିଜୟ ହାସଲ କରିଥିଲେ। ରାଉଣ୍ଡ ଅଫ୍-୩୨ର ଅନ୍ୟ ମ୍ୟାଚ ଗୁଡ଼ିକରେ କେରିଶ୍ ଗୁରବକ୍ସାନି ୪-୦ରେ ଅବଦୁଲ କାଦର, ଦିଲୀପ ୪-୨ରେ ଆଶିଷ, ଅନୁଜ ୪-୦ରେ ଦୟାନ, ବିଜୟ ନିଚାନି ୪-୦ରେ ଆଥୁଲା, ପଣ୍ଡୁରଙ୍ଗିଆ ୪-୨ରେ ହ୍ରିତିକ, ଲକ୍ଷ୍ମଣ ରାୱତ ୪-୦ରେ ପାଲାନି, ରାଫାଥ ହବିବ ୪-୩ରେ ନାଗରାଜ ଏବଂ ବରୁଣ କୁମାର ୪-୨ ଫ୍ରେମ୍‌ରେ ରାକେଶଙ୍କୁ ହରାଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



ଆଶୁତୋଷ ପାଢ଼ୀ

# ସିରିଜ ପୂର୍ବରୁ କୋହଲିଙ୍କୁ ଭେଟିଲେ ଅନୁଷ୍କା

ନୂଆଦିଲ୍ଲୀ, ୧।୮

ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ଖେଳିବା ଲାଗି ଭାରତୀୟ କ୍ରିକେଟ୍ ଦଳ ବର୍ତ୍ତମାନ ଆମେରିକା ଗସ୍ତରେ ଯାଇଛି। ତିନି ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ୨ଟି ମୁକାବିଲା ଆମେରିକାରେ ଅନୁଷ୍ଠିତ ହେବାକୁ ଥିବାରୁ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତୀୟ ଦଳ ବର୍ତ୍ତମାନ ସେଠାରେ ପହଞ୍ଚିସାରିଛି। ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ଶନିବାର ଫ୍ଲୋରିଡାରେ ଖେଳାଯିବ। ତେବେ ସିରିଜ ଆରମ୍ଭ ହେବା ପୂର୍ବରୁ ଅଧିନାୟକ କୋହଲି ଓ ତାଙ୍କ ଅଭିନେତ୍ରୀ ସ୍ତ୍ରୀ ଅନୁଷ୍କା ଶର୍ମା ଏକାଠି ସାଙ୍ଗମାନଙ୍କ ସହ ମସ୍ତି କରୁଥିବାର ଦେଖିବାକୁ ମିଳିଛି। ଫ୍ଲୋରିଡାର ଏକ ରେଷ୍ଟୁରାଣ୍ଟରେ ଅନୁଷ୍କା ଓ ତାଙ୍କ ସାଙ୍ଗମାନଙ୍କ ସହ କୋହଲି ବସିଥିବାର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେଠାରେ ଉପସ୍ଥିତ ଥିବା କିଛି ପ୍ରଶଂସକଙ୍କ ସହ ମଧ ଉଭୟ କୋହଲି ଓ ଅନୁଷ୍କା ଫଟୋ ଉଠାଇଛନ୍ତି। ବିଦେଶ ଗସ୍ତ ସମୟରେ ଏହି ଚର୍ଚ୍ଚିତ ଯୋଡ଼ି ଏକାଠି ବୁଲୁଥିବାର ଏହା ପ୍ରଥମ ଘଟଣା ନୁହେଁ। ନିକଟରେ ଶେଷ ହୋଇଥିବା ଆଇସିସି ବିଶ୍ୱକପ୍ ସମୟରେ ମଧ ଲଣ୍ଡନରେ କୋହଲିଙ୍କ ସହ ଅନୁଷ୍କାଙ୍କୁ ଦେଖିବାକୁ ମିଳିଥିଲା। ଏହି ଗସ୍ତରେ ଭାରତ ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ୩ଟି ଲେଖାଏ ଟି୨୦ ଓ ଦିନିକିଆ ସମେତ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଫ୍ଲୋରିଡାରେ ପ୍ରଥମ ଦୁଇଟି ଟି୨୦ ପରେ ଭାରତୀୟ ଦଳ ବଳକା ମ୍ୟାଚ୍ ଖେଳିବା ଲାଗି ୱେଷ୍ଟଇଣ୍ଡିଜ ଗସ୍ତ କରିବ।



ଫ୍ଲୋରିଡାରେ ଅନୁଷ୍କା ଶର୍ମା ଓ ବିରାଟ କୋହଲି।

### ବିଜୟ ସହ ମୁରେଙ୍କ ପ୍ରତ୍ୟାବର୍ତ୍ତନ

ୱାଶିଂଟନ, ୧।୮ (ଏଏଫ୍‌ପି)

ବ୍ରିଟିଶ ଟେନିସ ତାରକା ତଥା ତିନିଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଆଣ୍ଡି ମୁରେ ଅସ୍ତ୍ରୋପଚାରର ୬ ମାସ ପରେ ଟେନିସ କୋର୍ଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଠାରେ ଚାଲିଥିବା ଏଟିପି ୱାଶିଂଟନ ଓପନ୍ ପୁରୁଷ ଡବଲ୍ସରେ ଭାଇ ଜେମିଙ୍କୁ ସାଥୀ କରି ଖେଳୁଥିବା ଆଣ୍ଡି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମୁରେ ଭ୍ରାତା ଯୋଡ଼ି ୬-୪, ୬-୭ (୭/୯), ୧୦-୫ ସେଟ୍‌ରେ ଫ୍ରାନ୍ସ ଯୋଡ଼ିଦାର ନିକୋଲାସ ମାହୁଟ୍ ଓ ଏଡୁଆର୍ଡ ରୋଜର ଭାସେଲିନ୍‌ଙ୍କୁ ହରାଇଛନ୍ତି। ୨୦୧୬ ଅଲିମ୍ପିକ୍ସ ପରେ ପ୍ରଥମଥର ପାଇଁ ମୁରେ ଭ୍ରାତା ଏକାଠି ଖେଳିଛନ୍ତି। ୩୨ ବର୍ଷୀୟ ମୁରେ ସମ୍ଭବତଃ ସିନ୍‌ସିନାଟି ଓପନ୍ ଜରିଆରେ ସିଙ୍ଗଲ୍ସ ଇଭେଣ୍ଟକୁ ଫେରିବା ରିପୋର୍ଟ ପ୍ରକାଶ ପାଇଛି। ଶେଷଥର ପାଇଁ ସେ ଜାନୁଆରୀରେ ଅଷ୍ଟ୍ରେଲିଆ ଓପନ୍ ସିଙ୍ଗଲ୍ସ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ।

# ଖେଳରେ ରିଦମ ବହୁ ଗୁରୁତ୍ୱପୂର୍ଣ୍ଣ

ସୌରଭ ଗାଙ୍ଗୁଲି

ଭାରତ ଏହାର ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ଟି୨୦ରୁ ଆରମ୍ଭ କରୁଛି। ଏହି ଫର୍ମାଟରେ ଭାରତ ଖୁବ୍ ଶକ୍ତିଶାଳୀ। ଟି୨୦ ଫର୍ମାଟରେ ଫ୍ଲୋରିଡ଼ା ଏବେ ଏକ ନିୟମିତ ଭେନ୍ୟୁରେ ପରିଣତ ହୋଇଛି। ବିଶ୍ୱକପ ପରେ ଟିମ୍ ଇଣ୍ଡିଆ କୋଚିଂ ଷ୍ଟାଫ୍‌ଙ୍କର ଏହା ଶେଷ କାର୍ଯ୍ୟକାଳ। ତେଣୁ କ୍ରିକେଟ ଖେଳ ମଧ୍ୟରେ ପୁନଃନିଯୁକ୍ତି କଥା ସେମାନଙ୍କ ମନରେ ନିଶ୍ଚିତ ରହିଥିବ। ରେକର୍ଡ ଅନୁସାରେ ଦେଖିବାକୁ ଗଲେ ଭାରତ ତୁଳନାତ୍ମକ ଭାବେ ଶକ୍ତିଶାଳୀ ଦଳ ଏବଂ ଟି୨୦ରେ ଏହି ଦଳ ସବୁଠାରୁ ଅଧିକ ଚ୍ୟାଲେଞ୍ଜ ଦେବାର କ୍ଷମତା ରଖିଛି।

ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ ଓ ଦଳରେ ସ୍ଥାନ ପକ୍କା କରିବାକୁ ଚାହୁଁଥିବା ଅନ୍ୟ ଯୁବ ଖେଳାଳିଙ୍କ ପାଇଁ ଏହି ସିରିଜ ଏକ ସୁଯୋଗ ସଦୃଶ। ବିଶ୍ୱକପ ପରେ ପ୍ରତ୍ୟେକ ଦଳକୁ ପୁନର୍ଗଠନ କରାଯିବାକୁ ପ୍ରୟାସ କରାଯାଇଛି ଏବଂ ଯୁବ ଖେଳାଳିଙ୍କୁ ସୁଯୋଗ ଦିଆଯିବା ଉଚିତ ମଧ। ଉଚିତ ଖେଳାଳିଙ୍କୁ ଚୟନ କରାଯାଇ ସମର୍ଥନ ଯୋଗାଇ ଦିଆଯିବାର ଏହା ଉପଯୁକ୍ତ ସମୟ। ପ୍ରତିବର୍ଷ ଅନେକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ ହେଉଛି। ତେଣୁ କେବଳ ବିଶ୍ୱକପକୁ ଦୃଷ୍ଟିରେ ରଖାଯାଇ କ୍ରିକେଟ ଖେଳାଯିବା ଉଚିତ ନୁହେଁ। କ୍ରମାଗତ ଭଲ ପ୍ରଦର୍ଶନ କରି ପ୍ରତି ସିରିଜ ଜିତିବା ସହ ଆଗକୁ ବଢ଼ିବାକୁ ହେବ।

ୱେଷ୍ଟଇଣ୍ଡିଜ ଗସ୍ତରେ ଭାରତ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ମଧ ଖେଳିବ। ତେଣୁ ଭାରତ କୌଣସି ପରିସ୍ଥିତିରେ ୱେଷ୍ଟଇଣ୍ଡିଜକୁ ହାଲ୍‌କାଭାବେ ନେବା ଉଚିତ ନୁହେଁ। କିଛିମାସ ପୂର୍ବରୁ ଇଂଲଣ୍ଡ ବିପକ୍ଷରେ ୱେଷ୍ଟଇଣ୍ଡିଜ ବହୁତ ଭଲ ଖେଳିଥିଲା। ଭାରତ ମଧ ସମାନ ପରିବେଶରେ ପରୀକ୍ଷାର ସମ୍ମୁଖୀନ ହେବାକୁ ଯାଉଛି। ଅନ୍ତର୍ଜାତୀୟ ସ୍ତରରେ ରାହୁଲ ଚହରଙ୍କ ଆରମ୍ଭ କିପରି ହେବାକୁ ଯାଉଛି ତାହା ଦେଖିବାକୁ ମୋର ବହୁତ ଆଗ୍ରହ ରହିଛି। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସେ ଭଲ ଖେଳିଥିବାରୁ ପ୍ରଦର୍ଶନର ପୁରସ୍କାର ପାଇଛନ୍ତି।

ମୁଁ ପୁଣିଥରେ କହିବାକୁ ଚାହୁଁଛି ଯେ, କୌଣସି ଫର୍ମାଟ ପାଇଁ ଖେଳାଳିଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ଦିଆଯିବା ସମୟ ଏ ନୁହେଁ। ଖେଳରେ ରିଦମ ବହୁ ଗୁରୁତ୍ୱପୂର୍ଣ୍ଣ। ଏକାଗ୍ର ଚିତ୍ତରେ ଖେଳିଲେ ସେମାନେ ନିଶ୍ଚିତ ସଫଳ ହୋଇପାରିବେ। ଏହା ହେଲେ ପ୍ରତି ଫର୍ମାଟ ପାଇଁ ଯୁବ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇପାରିବ। ପ୍ରଥମେ ପର୍ଯ୍ୟାପ୍ତ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ଚୟନ କରାଯାଇ ନିର୍ଦ୍ଦିଷ୍ଟ ସମୟ ପାଇଁ ଖେଳିବା ସୁଯୋଗ ଦିଆଯାଉ। ତା ପରେ ସେମାନେ କେଉଁ ଫର୍ମାଟ ପାଇଁ ଉପଯୁକ୍ତ ତାହା ନିର୍ଦ୍ଧାରଣ କରାଯାଉ। **(ଗେମ୍‌ପ୍ଲାନ)**

SEAGRAM'S
ROYAL STAG
MEGA MUSIC CDs

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨, ୨୦୧୯





“ ଅଲିମ୍ପିକ ଟେଷ୍ଟ ଇଭେଣ୍ଟରେ ଆମେ ଅଷ୍ଟ୍ରେଲିଆକୁ ପରାସ୍ତ କରିପାରିଲେ ଅଲିମ୍ପିକ କ୍ୱାଲିଫାୟର୍ସ ପାଇଁ ଆମର ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।
–ଗୁରଜିତ କୌର, ଭାରତୀୟ ମହିଳା ହକି ଖେଳାଳି



“ ମୁଁ ମୋ କ୍ୟାରିୟରରେ ସବୁ ଆଶା ପୂରଣ କରିଛି, ଏଣିକି ଯାହାବି ସଫଳତା ହାସଲ କରିବି ତାହା ମୋ ପାଇଁ ବୋନସ ଭଳି ।
–ସାନିଆ ମିର୍ଜା, ଭାରତର ଷ୍ଟାର ମହିଳା ଟେନିସ ଖେଳାଳି

## ସଂକ୍ଷେପରେ

### ଏମ୍‌ସିଏ ଜୁନିୟର କ୍ୟାମ୍ପ ପାଇଁ ୫ ବାଳକ ଅଯୋଗ୍ୟ

ମୁମ୍ବାଇ, ୧୮ (ପି.ଟି.)-ବୋନ୍ ଏଜ୍ ଟେଷ୍ଟରେ ବିଫଳ ହୋଇଥିବାରୁ ମୁମ୍ବାଇ କ୍ରିକେଟ ଆସୋସିଏଶନ(ଏମ୍‌ସିଏ)ର ୧୬ ବର୍ଷରୁ କମ୍ ଅଫ୍ ସିଜନ କ୍ୟାମ୍ପ ଲାଗି ୫ ଜଣ ବାଳକ ଅଯୋଗ୍ୟ ବିବେଚିତ ହୋଇଛନ୍ତି। ବୟସ ଜାଲିଆତି କ୍ଷେତ୍ରରେ ବୋନ୍ ଏଜ୍ ଟେଷ୍ଟ କରାଯାଇଥାଏ। ସହର ଉପକଣ୍ଠସ୍ଥିତ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସଠାରେ ଏମସିଏ ତରଫରୁ ୧୬ ବର୍ଷରୁ କମ୍ ଅଫ୍-ସିଜନ କ୍ୟାମ୍ପ ଚାଲିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ବୋନ୍ ଏଜ୍ ଟେଷ୍ଟ କରାଯାଇଥିଲା।

### ତାମିମଙ୍କୁ ବିଶ୍ରାମ ପାଇଁ କହିଲେ ଶାକିବ

ଢାକା, ୧୮ (ଏଏଫ୍‌ପି)-ଅନ୍ତର୍ଜାତୀୟ କ୍ରିକେଟରୁ କିଛିଦିନ ନିଜକୁ ଦୂରେଇ ରଖିବା ଲାଗି ଫର୍ମରେ ନ ଥିବା ଟିମ୍‌ମେଟ୍ ତାମିମ ଇକ୍‌ବାଲଙ୍କୁ ପରାମର୍ଶ ଦେଇଛନ୍ତି ବାଂଲାଦେଶ ଅଲରାଉଣ୍ଡର ଶାକିବ ଅଲ୍ ହସନ। ବିଶ୍ରାମ ନେବା ଦ୍ୱାରା ସତେଜ ଅନୁଭବ କରିବା ସହ ସେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିପାରିବେ। ନିକଟରେ ଶ୍ରୀଲଙ୍କାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ବାଂଲାଦେଶ ୦-୩ରେ ପରାସ୍ତ ହୋଇଥିଲା। ଏଥିରେ ତାମିମ ୦, ୧୯ ଓ ୨ ରନ ସ୍କୋର କରିଥିଲେ। ନିୟମିତ ଅଧିନାୟକ ମାଶ୍ରାଫି ମୋର୍ତ୍ତାଜା ଏବଂ ଉପ ଅଧିନାୟକ ଶାକିବଙ୍କ ସ୍ଥାନରେ ତାମିମ କାମଚଳା ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ନିକଟରେ ଇଂଲଣ୍ଡରେ ଅନୁଷ୍ଠିତ ଆଇସିସି ବିଶ୍ୱକପ୍‌ରେ ଖରାପ ପ୍ରଦର୍ଶନ ପରେ ଶ୍ରୀଲଙ୍କା ସିରିଜ ଆୟୋଜିତ ହୋଇଥିଲା। ବାଂଲାଦେଶର ସମସ୍ତ ତିନୋଟି ଫର୍ମାଟରେ ଟପ୍ ସ୍କୋରର ତାମିମ ବିଶ୍ୱକପ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ସେ ଖେଳିଥିବା ୮ଟି ଇନିଂସରେ ୨୯.୩୭ ଆଭରେଜରେ ୨୩୫ ରନ ସଂଗ୍ରହ କରିଥିଲେ। ତନ୍ମଧ୍ୟରେ ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କର ଏକମାତ୍ର ଅର୍ଦ୍ଧଶତକ ରହିଥିଲା। ଲିଟନ ଦାସ ଏବଂ ମହମ୍ମଦ ସୈଫୁଦ୍ଦିନଙ୍କ ଅନୁପସ୍ଥିତିରେ ବାଂଲାଦେଶ ଶ୍ରୀଲଙ୍କା ବିପକ୍ଷ ସିରିଜରେ ତାମିମଙ୍କଠାରୁ ପ୍ରଭାବୀ ପ୍ରଦର୍ଶନ ଆଶା କରୁଥିଲା।

### ଟି୨୦ ସିରିଜ୍ ମଜାଦାର ହେବ: ୱେଷ୍ଟଇଣ୍ଡିଜ୍ କୋଚ୍

ଫର୍ଟ ଲଉଡେରଡେଲ (ଫ୍ଲୋରିଡା), ୧୮(ପି.ଟି.): ତାରକା କ୍ରିକେଟର କିରନ ପୋଲାର୍ଡ ଓ ସୁନୀଲ ନାରିନ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫଳରେ ଶନିବାରଠାରୁ ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ଟି୨୦ ସିରିଜ ମନୋରଞ୍ଜକ ତଥା ମଜାଦାର ହେବ ବୋଲି ୱେଷ୍ଟଇଣ୍ଡିଜ୍ କୋଚ୍ ଫ୍ଲଏଡ ରୋଇଫର କହିଛନ୍ତି। ଏହି ଦୁଇ କ୍ରିକେଟରଙ୍କ ସମେତ କେତେକ ଯୁବ ଖେଳାଳି ଭାରତ ବିପକ୍ଷରେ ଧୂଆଁଧାର ପ୍ରଦର୍ଶନ କରି ଘରୋଇ ଦର୍ଶକଙ୍କ ମନୋରଞ୍ଜନ କରିବେ। ପରିବେଶ ସହ ଖାପ୍ ଖୁଆଇବା ପାଇଁ ୱେଷ୍ଟଇଣ୍ଡଜ ଦଳ ଏବେ ଫ୍ଲୋରିଡାରେ କ୍ୟାମ୍ପ ପକାଇ ଅଭ୍ୟାସ ଜାରି ରଖିଛନ୍ତି। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ୱେଷ୍ଟଇଣ୍ଡିଜ ଦଳ ବେଶ୍ ସନ୍ତୁଳିତ ମନେ ହେଉଛି। ଅନ୍ୟପଟେ ଯୁବ ଖେଳାଳିଙ୍କୁ ଗଠିତ ଭାରତୀୟ ଦଳ ବିରାଟ କୋହଲିଙ୍କ ନେତୃତ୍ୱରେ ଘରୋଇ ଦଳକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ଏହି ଟି୨୦ ସିରିଜ୍‌ରେ ଦର୍ଶକଙ୍କୁ ବହୁ ପରିମାଣରେ ମନୋରଞ୍ଜନର ଖୋରାକ ମିଳିବ ବୋଲି କୋଚ୍ ରେଇଫର କହିଛନ୍ତି। ପୋଲାର୍ଡ, ନାରିନ ଓ ଅଧିନାୟକ କାର୍ଲୋସ ବ୍ରାଥୱେଟ ୱେଷ୍ଟଇଣ୍ଡିଜକୁ ଏହି ସିରିଜରେ ବିଜୟୀ କରାଇବେ। ଏହି ୩ ଖେଳାଳି ପାଇଁ ୱେଷ୍ଟଇଣ୍ଡିଜ ଫେଭରାଇଟ୍ ବିବେଚିତ ହେଉଛି। ଜୁନିୟର ଖେଳାଳିଙ୍କ ମଧ୍ୟରେ ୨୭ ବର୍ଷୀୟ ବାମହାତୀ ସ୍ପିନର ଖାରି ପିଏର ଓ ୨୮ ବର୍ଷୀୟ ରଜର୍ଭ ଉଇକେଟକିପର ଆନ୍ଥୋନୀ ବ୍ରାମ୍ବେଲ ମଧ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ। ପିଏର ଜଣେ ଭଲ ଫିଲ୍ଡର ବୋଲି ସେ କହିଛନ୍ତି। ରେଇଫର ୬ଟି ଟେଷ୍ଟ, ୮ ଟି ଦିନିକିଆ ଖେଳିଛନ୍ତି। ଫ୍ଲୋରିଡାରେ ଶିବିର ବେଶ୍ ଭଲଭାବେ ଚାଲିଛି। ଖେଳାଳିଙ୍କ ଆତ୍ମବିଶ୍ୱାସ ବେଶ୍ ଉଚ୍ଚକୋଟୀର ହୋଇ ପାରିଛି। ଭଲ ପ୍ରଦର୍ଶନ କରିବାକୁ ସବୁ ଖେଳାଳି ବେଶ୍ ଉତ୍ସାହିତ ଅଛନ୍ତି ଓ ସମସ୍ତେ ଶିବିରରେ କଠିନ ପରିଶ୍ରମ କରୁଛନ୍ତି ବୋଲି ରେଇଫର କହିଛନ୍ତି।

# ବ୍ରଡ୍‌ଙ୍କୁ ୫ ଉଇକେଟ, ସ୍ମିଥ୍‌ଙ୍କ ଶତକ




ଉଇକେଟ ହାସଲ ପରେ କ୍ରିସ୍ ୱକ୍ସ ଓ ଷ୍ଟୁଆର୍ଟ ବ୍ରଡ୍‌ଙ୍କ ପ୍ରତିକ୍ରିୟା।

## ଆଶେସ ସିରିଜ ଆରମ୍ଭ

**ବର୍ମିଂହାମ, ୧୮**

ସ୍ଥାନୀୟ ଏଜବାଷ୍ଟନ ଗ୍ରାଉଣ୍ଡରେ ଗୁରୁବାର ଆରମ୍ଭ ହୋଇଛି ଇଂଲଣ୍ଡ-ଅଷ୍ଟ୍ରେଲିଆ ଆଶେସ ସିରିଜ-୨୦୧୯। ଘରୋଇ ପରିବେଶ ଏବଂ ଦର୍ଶକ ସମର୍ଥନରେ ଇଂଲଣ୍ଡ ବୋଲରମାନେ ଆରମ୍ଭରେ ପ୍ରଭାବୀ ପ୍ରଦର୍ଶନ କରିଥିବାବେଳେ ଲଢୁଆ ଶତକ ହାସଲ କରି ପ୍ରଥମ ଦିନର ସମ୍ମାନ ଭାଗ କରିଛନ୍ତି ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ। ଏକବର୍ଷ ବାସନ୍ଦ ପରେ ପ୍ରଥମଥର ପାଇଁ ଟେଷ୍ଟ ଖେଳୁଥିବା ସ୍ମିଥଙ୍କ ଶତକୀୟ ଇନିଂସ ବଳରେ ଅଷ୍ଟ୍ରେଲିଆ ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଛି। ଏକଦା ୧୨୨ ରନରେ ୮ ଉଇକେଟ ହରାଇ ବିପଦରେ ପଡ଼ିଥିବା ଅଷ୍ଟ୍ରେଲିଆ ସ୍ମିଥଙ୍କ ଶତକ ବଳରେ ୨୮୪ ରନ କରିବାକୁ ସକ୍ଷମ ହୋଇଛି। ପ୍ରଥମ ଦିବସ ଶେଷବେଳକୁ ଇଂଲଣ୍ଡ ୨ ଓଭରରେ କୌଣସି ଉଇକେଟ ନ ହରାଇ ୧୦ ରନ ସଂଗ୍ରହ କରିଛି।

### ଆରମ୍ଭରେ ବୋଲର ପ୍ରଭାବୀ

ଏଠାରେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଅଷ୍ଟ୍ରେଲିଆ ଅଧିନାୟକ ଟିମ୍ ପେନ୍। ମାତ୍ର ତାଙ୍କ ନିଷ୍ପତ୍ତିକୁ ଭୁଲ ପ୍ରମାଣିତ କରିଥିଲେ ଇଂଲଣ୍ଡର ଷ୍ଟାର ଷ୍ଟ୍ରାଇକର କ୍ରିସ୍ ୱକ୍ସ ଓ ଷ୍ଟୁଆର୍ଟ ବ୍ରଡ୍। ୩ ଓଭର ଶେଷବେଳକୁ ମାତ୍ର ୨ ରନ କରିଥିବା ଅଷ୍ଟ୍ରେଲିଆ ୪ର୍ଥ ଓଭରର ୫ମ ବଲ୍‌ରେ ଡେଭିଡ ୱାର୍ନରଙ୍କ ଉଇକେଟ ହରାଇ ପ୍ରଥମ ଝଟ୍‌କା ଖାଇଥିଲା। ବ୍ରଡ୍ ନିଜ ଦ୍ୱିତୀୟ ଓଭରରେ ଇଂଲଣ୍ଡ ପାଇଁ ଏହି ସଫଳତା ଆଣିଥିଲେ। ଏହାପରେ ସ୍ୱାଭାବିକଭାବେ ଦୃଢ଼ ମନୋବଳର ସହିତ ବୋଲିଂ କରିଥିଲେ ବ୍ରଡ୍। ଏହାର ଫାଇଦା ମଧ ତାଙ୍କୁ ମିଳିଥିଲା। ନିଜର ୪ର୍ଥ ଓଭରରେ ଅନ୍ୟତମ ଓପନର କାମେରନ ବ୍ୟାଙ୍କ୍ରଫ୍ଟଙ୍କୁ ପ୍ୟାଭିଲିୟନ ଫେରାଇ ସେ ଇଂଲଣ୍ଡ ଶିବିରରେ ଆନନ୍ଦ ଖେଳାଇ ଦେଇଥିଲେ। ୱାର୍ନର ୨ ରନ କରିବାକୁ ସକ୍ଷମ ହୋଇଥିବାବେଳେ ବ୍ୟାଙ୍କ୍ରଫ୍ଟ ୮ ରନ କରି କ୍ରିଜ୍ ଛାଡ଼ିଥିଲେ। ଉସମାନ ଖ୍ୱାଜାଙ୍କ ସହ କ୍ରିଜ୍‌ରେ ଯୋଗଦେଇ ଷ୍ଟିଭ୍ ସ୍ମିଥ ଇନିଂସ ସଜାଡ଼ିବାରେ ମନୋନିବେଶ କରିଥିଲେ। ମାତ୍ର ୱକ୍ସ ତାହା ହେବାକୁ ଦେଇ ନ ଥିଲେ। ୧୩ ରନ କରିଥିବା ଖ୍ୱାଜାଙ୍କୁ ଉଇକେଟକିପର ଜନି ବେୟାରଷ୍ଟୋଙ୍କ ହାତରେ କ୍ୟାଚ କରାଇ ସେ ଇଂଲଣ୍ଡକୁ ତୃତୀୟ ସଫଳତା ଦେଇଥିଲେ। ପ୍ରଥମେ ୱକ୍ସଙ୍କ ଆବେଦନ ଅମ୍ପାୟରଙ୍କ ଦ୍ୱାରା ନାକଚ ହୋଇଯାଇଥିଲେ ହେଁ ଇଂଲଣ୍ଡ ଡିଆରଏସର ସହାୟତା ନେଇ ଫାଇଦା ପାଇଥିଲା। ଏଥିସହ ୧୪.୨ ଓଭର ବେଳକୁ ଅଷ୍ଟ୍ରେଲିଆ ସ୍କୋର ୩୫/୩ ହୋଇଯାଇଥିଲା।

### ସ୍ମିଥ, ସିଡଲଙ୍କ ଲଢୁଆ ବ୍ୟାଟିଂ

ଗୋଟିଏ ପଟରେ ଉଇକେଟ ପଡ଼ିଚାଲିଥିଲେ ହେଁ ଅନ୍ୟପଟରେ ଦୃଢ଼ ବ୍ୟାଟିଂ ଜାରି ରଖିଥିଲେ ସ୍ମିଥ। ସେ ୪ର୍ଥ ଉଇକେଟରେ ଟ୍ରାଭିସ ହେଡ୍‌ଙ୍କ ସହ ୬୪ ରନର ଭାଗୀଦାରି ଗଢ଼ିଥିଲେ। ଭଲ ଆରମ୍ଭ କରିଥିବା ହେଡ୍ ୬୧ ବଲ୍‌ରୁ ୩୫ ରନ କରିଥିବାବେଳେ ୱକ୍ସଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଅମ୍ପାୟର ଆଉଟ ଦେଇଥିଲେ ହେଁ ହେଡ୍ ରିଭ୍ୟୁ ନେଇ ବିଫଳ ହୋଇଥିଲେ। ପରବର୍ତ୍ତୀ ବ୍ୟାଟ୍ସମ୍ୟାନ ମାଥ୍ୟୁ ୱାଡେ ୧, ଅଧିନାୟକ ଟିମ୍ ପେନ୍ ୫ ରନ କରିଥିବାବେଳେ ଜେମ୍ସ ପ୍ୟାଟିନସନ ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିଲେ। ପ୍ୟାଟ୍ କୁମିନ୍ସ ମଧ ୫ ରନ କରି ଆଉଟ ହୋଇଥିଲେ। ଫଳରେ ୯୯ ରନରେ ୪ର୍ଥ ଉଇକେଟ ହରାଇଥିବା ଅଷ୍ଟ୍ରେଲିଆ ପରବର୍ତ୍ତୀ ୨୩ ରନ ମଧ୍ୟରେ ଆଉ ୪ଟି ଉଇକେଟ ହରାଇ ବିପଦରେ ପଡ଼ିଥିଲା। ତେବେ ଏଥିରେ ବିଚଳିତ ହୋଇ ନ ଥିଲେ ସ୍ମିଥ। ସେ କ୍ୟାରିୟରର ୨୪ତମ ଶତକ ହାସଲ କରି ଦଳ ପାଇଁ ଶେଷପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲେ। ସ୍ମିଥଙ୍କୁ ଉଚିତ ସହାୟତା କରିଥିଲେ ପିଟର ସିଡଲ। ଫଳରେ ଅଷ୍ଟ୍ରେଲିଆ ସ୍କୋର ୫୧.୧ ଓଭରରେ ୧୫୦ ଅତିକ୍ରମ କରିଥିଲା। ଚା’ ବିରତି ପୂର୍ବରୁ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ବର୍ଷା ସମୟରେ ଚା’ ବିରତି ଶେଷ କରାଯାଇଥିଲା। ଏହାପରେ ସ୍ମିଥ ଓ ସିଡଲ ୯ମ ଉଇକେଟରେ ୮୮ ରନ ଯୋଗକରି ଦଳୀୟ ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ସିଡଲ ୮୫ ବଲ୍‌ରୁ ୪ ଚୌକା ସହ ୪୪ ରନ କରି ଆଉଟ ହୋଇଥିଲେ। ସ୍ମିଥ କିନ୍ତୁ ଖେଳିଥିଲେ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ। ୯ମ ଉଇକେଟ ପତନ ପରେ ଆକ୍ରମଣାତ୍ମକ ଖେଳିଥିବା ସ୍ମିଥ ୨୧୯ ବଲ୍‌ରୁ ୧୬ ଚୌକା ଓ ୨ ଛକା ସହାୟତାରେ ୧୪୪ ରନ କରି ଶେଷ ଖେଳାଳି ଭାବେ ଆଉଟ ହୋଇଥିଲେ। ନାଥାନ ଲିୟନ ୧୨ ରନରେ ଅପରାଜିତ ରହିଥିଲେ। ସ୍ମିଥଙ୍କୁ ଆଉଟ କରି ୫ ଉଇକେଟ ସଫଳତା ପାଇଥିଲେ କ୍ରିସ ବ୍ରଡ୍। ଅଷ୍ଟ୍ରେଲିଆ ଇନିଂସ ଶେଷରେ ତାଙ୍କ ବୋଲିଂ ଫିଗର ୨୨.୪-୪-୮୬-୫ ରହିଥିଲା। ଟେଷ୍ଟ କ୍ରିକେଟରେ ଏହା ଥିଲା ତାଙ୍କର ୧୭ତମ ୫ ଉଇକେଟ ସଫଳତା। ଅନ୍ୟ ବୋଲରଙ୍କ ମଧ୍ୟରେ କ୍ରିସ୍ ୱକ୍ସ ୩ଟି ଏବଂ ବେନ୍ ଷ୍ଟୋକ୍ସ ଓ ମୋଇନ ଅଲୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।




**କମ୍ ଇନିଂସରେ ୨୪ ଶତକ**

- ୬୬: ଡନ ବ୍ରାଡମ୍ୟାନ
- ୧୧୮: ଷ୍ଟିଭ ସ୍ମିଥ
- ୧୨୩: ବିରାଟ କୋହଲି
- ୧୨୫: ସଚିନ ତେନ୍ଦୁଲକର
- ୧୨୮: ସୁନୀଲ ଗାଭାସ୍କର
- ୧୩୨: ମାଥ୍ୟୁ ହେଡେନ

### କ୍ରିକେଟ ଇତିହାସରେ ପ୍ରଥମ

ଆଇସିସିର ନୂଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଏହା ହେଉଛି ପ୍ରଥମ ଟେଷ୍ଟ। ଫଳରେ ଟେଷ୍ଟ କ୍ରିକେଟର ୧୪୨ ବର୍ଷ ଇତିହାସରେ ପ୍ରଥମଥରପାଇଁ ଖେଳାଳିମାନେ ସେମାନଙ୍କ ନାମ ଓ ନମ୍ବର ଲେଖାଥିବା ଟି-ଶାର୍ଟ ପିନ୍ଧିଛନ୍ତି। ଏଜବାଷ୍ଟନ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ୨୦୦୧ ପରଠାରୁ ଗୋଟିଏ ହେଲେ ମ୍ୟାଚ ଜିତି ପାରିନାହିଁ। ଅନ୍ୟପକ୍ଷରେ ଇଂଲଣ୍ଡ ଏଠାରେ ଖେଳିଥିବା ୧୧ଟି ଯାକ ଅନ୍ତର୍ଜାତୀୟ ମ୍ୟାଚରେ ବିଜୟ ହାସଲ କରିଛି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୮୪/ଅଲଆଉଟ(ସ୍ମିଥ-୧୪୪, ସିଡଲ-୪୪, ହେଡ୍-୩୫, ବ୍ରଡ୍-୫/୮୬, ୱକ୍ସ-୩/୫୮, ବେନ୍ ଷ୍ଟୋକ୍ସ-୧/୭୭, ମୋଇନ-୧/୪୨)। ଇଂଲଣ୍ଡ ପ୍ରଥମ ଇନିଂସ: ୧୦/୦(ରୋରି ବର୍ନ୍ସ-୪, ଜାସନ ରୟ-୬)।



**ଆଶେସରେ ସର୍ବାଧିକ ଶତକ**

- ୧୯: ଡନ୍ ବ୍ରାଡମ୍ୟାନ (ଅଷ୍ଟ୍ରେଲଆ)
- ୧୨: ଜ୍ୟାକ୍ ହବ୍ସ (ଇଂଲଣ୍ଡ)
- ୧୦: ଷ୍ଟିଭ ୱ୍ର (ଅଷ୍ଟ୍ରେଲିଆ)
- ୯: ୱାଲି ହାମଣ୍ଡ (ଇଂଲଣ୍ଡ)/ ଡେଭିଡ୍ ଗାୱର (ଇଂଲଣ୍ଡ)/ଷ୍ଟିଭ ସ୍ମିଥ* (ଅଷ୍ଟ୍ରେଲିଆ)

ଷ୍ଟିଭ ସ୍ମିଥ

## ୱାର୍ନରଙ୍କ ଉପରକୁ ସ୍ୟାଣ୍ଡ ପେପର ପକାଇଲେ ଦର୍ଶକ

**ବର୍ମିଂହାମ,୧୮**

ଏଠାରେ ଚାଲିଥିବା ପ୍ରଥମ ଆଶେସ ଟେଷ୍ଟରେ ଏକ ଅଭାବନୀୟ ଘଟଣା ଘଟିଛି। ଅଷ୍ଟ୍ରେଲିଆନ ଓପନର ଡେଭିଡ ୱାର୍ନର ଆଉଟ୍ ହେବା ପରେ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ ସ୍ୟାଣ୍ଡ ପେପର ଉଡ଼ାଇ ଉତ୍ସବ ମନାଇଥିଲେ। ଅଷ୍ଟ୍ରେଲିଆନ ଓପନର ୨ ରନ୍ କରିଥିବାବେଳେ ଷ୍ଟୁଆର୍ଟ ବ୍ରଡଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ୱାର୍ନର ପ୍ୟାଭିଲିଅନ ଫେରୁଥିବାବେଳେ ଦର୍ଶକେ ଛିଡ଼ା ହୋଇ ହଳଦିଆ ରଙ୍ଗର ସ୍ୟାଣ୍ଡ ପେପର ପକାଇଥିଲେ। ଏହାର ଏକ ଭିଡ଼ିଓ ଇଂଲଣ୍ଡ କ୍ରିକେଟ ପକ୍ଷରୁ ଟୁଇଟରରେ ଶେୟାର କରାଯାଇଛି। ଉଲ୍ଲେଖଥାଉ କି, ଗତବର୍ଷ କେପଟାଉନ ଟେଷ୍ଟରେ ୱାର୍ନରଙ୍କ ସହ ପୂର୍ବତନ ଅଧିନାୟକ ଷ୍ଟିଭ ସ୍ମିଥ ଓ କାମେରୋନ ବାନକ୍ରାଫ୍ଟ ସ୍ୟାଣ୍ଡ ପେପର ଦ୍ୱାର ବଲ ଟାମ୍ପରିଂ କରିଥିଲେ। ଏଥିନେଇ ୱାର୍ନର ଓ ସ୍ମିଥଙ୍କୁ ଏକବର୍ଷ ଓ ବାନକ୍ରାଫ୍ଟଙ୍କୁ ୯ ମାସ ପାଇଁ ବାସନ୍ଦ କରାଯାଇଥିଲା।

## କଶିକାଙ୍କୁ ଓଡ଼ିଶା ରାଇଫଲ ସଂଘର ସମ୍ବର୍ଦ୍ଧନା

**ଭୁବନେଶ୍ୱର,୧୮(କ୍ରୀଡ଼ା ପ୍ରତିନିଧି)**

ନିକଟରେ ଶେଷ ହୋଇଥିବା ସର୍ଦ୍ଦାର ସଜନସିଂ ସେଠୀ ମେମୋରିଆଲ ଜାତୀୟ ବନ୍ଧୁକ ପ୍ରତିଯୋଗିତାରେ ଓଡ଼ିଶାର କଶିକା ପ୍ରଧାନ ୟୁଥ୍ ବିଭାଗରେ ରୌପ୍ୟ ପଦକ ହାତେଇଥିଲେ। ଏଥିନେଇ କଶିକାଙ୍କୁ ଗୁରୁବାର ଓଡ଼ିଶା ରାଇଫଲ ସଂଘ ପକ୍ଷରୁ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କର ଏହି ସଫଳତା ରାଜ୍ୟ ଶୁଟରଙ୍କୁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି ସଂଘର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ସଂଘର କୋଷାଧ୍ୟକ୍ଷ ଗୌରୀ ମହାନ୍ତି, ଆଶିଷ ନାୟକ, ସନ୍ଦୀପ ମହାନ୍ତି, ଗନ୍ ଫର୍ ଗ୍ଲୋରିର କର୍ମକର୍ତ୍ତା ରେଣୁ ଚୌଧୁରୀ, ପୁରୁଷୋତ୍ତମ ପାଙ୍ଗୀ, ହରସିନ କୌର, ଉତ୍କଳ କରାଟେ ସ୍କୁଲର ଅନ୍ତର୍ଜାତୀୟ କରାଟେକା ଅନୁପମା ସ୍ୱାଇଁ, ସୋନାଲି ସାହୁ, ପର୍ବତାରୋହୀ ରଜନୀ ବିସି ପ୍ରମୁଖ ଉପସ୍ଥିତ ଥିଲେ।




ସମ୍ବର୍ଦ୍ଧିତ ହେବା ଅବସରରେ କଶିକା ପ୍ରଧାନ କୋଚ୍ ଓ କର୍ମକର୍ତ୍ତାଙ୍କ ସହ।

### ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ
## ଭାରତ ଏ’ର ବ୍ୟାଟିଂ ବିପର୍ଯ୍ୟୟ

**ପୋର୍ଟ ଅଫ୍ ସ୍ପେନ,୧୮(ପିଟି)**

ଏଠାରେ ୱେଷ୍ଟଇଣ୍ଡିଜ୍ ଏ’ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ଭାରତ ଏ’ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଘରୋଇ ଦଳ ତା’ର ପ୍ରଥମ ଇନିଂସରେ ୩୧୮ ରନ୍‌ରେ ସୀମିତ ରହିବା ପରେ ଦ୍ୱିତୀୟ ଦିନର ଚା’ ପାନ ବିରତି ସୁଦ୍ଧା ଭାରତ ଏ’ ବ୍ୟାଟିଂ କରି ୫ ଉଇକେଟ ହରାଇ ୬୯ ରନ୍ କରିଛି। ଦୁଇ ଟେଷ୍ଟ ସ୍ପେଶାଲିଷ୍ଟ ହନୁମା ବିହାରୀ (୦), ମୟଙ୍କ ଅଗ୍ରୱାଲ (୪), ଅଭିମନ୍ୟୁ ଈଶ୍ୱରନ (୦), ଅନମୋଲପ୍ରୀତ ସିଂ (୦) ଓ ଶିଖର ଭରତ (୭) ଶସ୍ତାରେ ଆଉଟ୍ ହୋଇଥିଲେ। ଓପନର ପ୍ରିୟଙ୍କ ପାଞ୍ଚାଲ ୩୧ ଓ ଶିଭମ ଦୁବେ ୨୨ ରନ୍ କରି ଅପରାଜିତ ରହିଛନ୍ତି। ଦଳକୁ ଇନିଂସ ଅଗ୍ରଣୀ ପାଇଁ ବଳକା ୫ ଉଇକେଟରେ ୨୪୯ ରନ୍ ଦରକାର।

ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ ଏ’ ୧୧୩ ଓଭରରେ ୩୧୮/ଅଲଆଉଟ୍ (ମଣ୍ଟସିନ ହଜ ୬୫, ରକିମ କୋର୍ନାଲ ୫୬, ମୟଙ୍କ ମାର୍କଣ୍ଡେ ୩/୭୯, ମହମ୍ମଦ ସିରାଜ ୩/୬୩)।

ଭାରତ ଏ’ ୨୫ ଓଭର ୬୯/୫ (ପ୍ରିୟଙ୍କ ପାଞ୍ଚାଲ ୩୧, ଶିଭମ ଦୁବେ ୨୨, ଚେମାର ହୋଲ୍ଡର ୪/୩୬)।

## ଫିଫା: ଶ୍ରେଷ୍ଠ ଖେଳାଳି ଦୌଡ଼ରେ ରୋନାଲ୍ଡୋ, ମେସି

**ପ୍ୟାରିସ, ୧୮**

ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ଶ୍ରେଷ୍ଠ ଫୁଟ୍‌ବଲ ପୁରସ୍କାର ଲାଗି ସମ୍ଭାବ୍ୟ ସଂକ୍ଷିପ୍ତ ତାଲିକା ପ୍ରକାଶ ପାଇଛି। ଫିଫା ଶ୍ରେଷ୍ଠ ପୁରୁଷ ଖେଳାଳି, ଶ୍ରେଷ୍ଠ ମହିଳା ଖେଳାଳି, ଶ୍ରେଷ୍ଠ ପୁରୁଷ କୋଚ୍ ଓ ଶ୍ରେଷ୍ଠ ମହିଳା କୋଚ୍ ଭାବେ ଚାରୋଟି ବର୍ଗରେ ପୁରସ୍କାର ପ୍ରଦାନ କରାଯିବ। ୨୦୧୮ ବର୍ଷ ଲାଗି କ୍ରୋଏସିଆ ମିଡ୍‌ଫିଲ୍ଡର ଲୁକା ମୋଡ୍ରିକ୍‌ଙ୍କୁ ଫିଫା ଶ୍ରେଷ୍ଠ ପୁରୁଷ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। କିନ୍ତୁ ଚଳିତଥର ୧୦ଜଣିଆ ତାଲିକାରେ କିଛି ନୂଆ ମୁହଁଙ୍କୁ ଦେଖିବାକୁ ମିଳିଛି। ବିଶ୍ୱ ଫୁଟ୍‌ବଲର ଦୁଇ କିମ୍ବଦନ୍ତୀ ଖେଳାଳି ଆର୍ଜେଣ୍ଟିନାର ଲିଓନେଲ ମେସି ଓ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସମେତ ଫ୍ରେଙ୍କି ଡି ଜଙ୍ଗ୍ (ନେଦରଲାଣ୍ଡ୍ସ), ମାଥିସ ଡି ଲିଗ୍ଟ (ନେଦରଲାଣ୍ଡ୍ସ), ଇଡେନ ହାଜାର୍ଡ (ବେଲଜିୟମ), ହ୍ୟାରୀ କେନ୍ (ଇଂଲଣ୍ଡ), ସାଡିଓ ମାନେ (ସେନେଗାଲ), କିଲିଆନ୍ ଏମ୍‌ବାପ୍ପେ (ଫ୍ରାନ୍ସ), ମହମ୍ମଦ ସାଲ୍‌ହା (ଇଜିପ୍ଟ) ଓ ଭିର୍ଜିଲ ଭାନ୍ ଡିଜକ୍ (ନେଦରଲାଣ୍ଡ୍ସ) ଫିଫା ଶ୍ରଷ୍ଠ ପୁରୁଷ ଖେଳାଳି ଦୌଡ଼ରେ ରହିଛନ୍ତି। ସେହିଭଳି ଫିଫା ଶ୍ରେଷ୍ଠ ମହିଳା ଫୁଟ୍‌ବଲ ଖେଳାଳି ପୁରସ୍କାର ଲାଗି ପ୍ରକାଶ ପାଇଥିବା ସଂକ୍ଷିପ୍ତ ତାଲିକାରେ ଲୁସି ବ୍ରୋଞ୍ଜ (ଇଂଲଣ୍ଡ), ଜୁଲି ଏର୍ଟଜ୍ (ଆମେରିକା), କାରୋଲିନ ଗ୍ରାହମ ହାନସେନ (ନର୍‌ୱେ), ଏଡା ହେଗରବର୍ଗ (ନର୍‌ୱେ), ଆମାଣ୍ଡିନେ ହେନରୀ (ଫ୍ରାନ୍ସ), ସାମ୍ କେର୍ (ଅଷ୍ଟ୍ରେଲିଆ), ରୋଜ୍ ଲାଭେଲେ (ଆମେରିକା), ଭିଭିଆନେ ମିଏଡେମା (ନେଦରଲାଣ୍ଡ୍ସ), ଆଲେକ୍ସ ମୋର୍ଗାନ (ଆମେରିକା), ମେଗନ ରାପିନୋଏ (ଆମେରିକା), ୱେଣ୍ଡି ରେନାର୍ଡ (ଫ୍ରାନ୍ସ) ଓ ଏଲିନା ହ୍ୱାଇଟ୍ (ଇଂଲଣ୍ଡ) ରହିଛନ୍ତି। ଅପରପକ୍ଷରେ ଫିଫା ଶ୍ରେଷ୍ଠ ପୁରୁଷ ଓ ମହିଳା କୋଚ୍ ଲାଗି ୧୦ ଜଣିଆ ତାଲିକା ମଧ୍ୟ ପ୍ରକାଶ ପାଇଛି। ପୁରୁଷ କୋଚ୍ ତାଲିକାରେ ଫ୍ରାନ୍ସର ଡିଡର୍ ଡେସଚାମ୍ପ୍ ଟ୍ରଫି ବଜାୟ ରଖିବା ଲକ୍ଷ୍ୟରେ ରହିଛନ୍ତି। ଜାତୀୟ ଦଳର ଅଧିନାୟକ, କୋଚ୍, ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଓ ପ୍ରଶଂସକଙ୍କ ଭୋଟ୍ ଅନୁଯାୟୀ ସବୁ ବର୍ଗର ବିଜେତା ଚୟନ କରାଯିବ ବୋଲି ଜଣାପଡ଼ିଛି।



ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨/୨୦୧୯ Bhubaneswar, Friday, August 2/2019



ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

## ଚିକିତ୍ସା ଅବହେଳାରୁ ନାବାଳିକାଙ୍କ ମୃତ୍ୟୁ ଅଭିଯୋଗ

# କ୍ଷତିପୂରଣ ଦାବିରେ ୪ ଘଣ୍ଟା ରାସ୍ତାରୋକୋ

**କାକଟପୁର,୧।୮(ଡି.ଏନ୍.ଏ.)**

ଚିକିତ୍ସା ଅବହେଳାରୁ କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ଗୁରୁବାର କାକଟପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସମ୍ପୃକ୍ତା ନାବାଳିକାଙ୍କ ପରିବାର ଓ ଗ୍ରାମବାସୀ କ୍ଷତିପୂରଣ ଓ ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ପ୍ରାୟ ୪ଘଣ୍ଟା ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ଅସ୍ତରଙ୍ଗ ବ୍ଲକର ବାଲିସାହି ଗ୍ରାମର ମିତାଲି ନାୟକ(୧୪) ମାମୁଘର କାକଟପୁର ଥାନା ଅନ୍ତର୍ଗତ ପଥରପକା ଗ୍ରାମର ମିଥୁନ ସ୍ୱାଇଁଙ୍କ ଘରେ ରହି ପାଠ ପଢୁଥିଲେ। ବୁଧବାର ମିତାଲିଙ୍କୁ ଜ୍ୱର ହେବାରୁ ତାଙ୍କୁ ଚିକିତ୍ସା ପାଇଁ କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମିତାଲିଙ୍କୁ ଡା. ପ୍ରିୟରଞ୍ଜନ ବେହେରା ଚିକିତ୍ସା କରି ୩ଟି ଇଞ୍ଜେକ୍ସନ ଦେଇଥିଲେ। ମିତାଲି ସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଡାକ୍ତର ଘରକୁ ଯିବାକୁ କହିଥିଲେ। ଏହା ପରେ ସେ ମାମୁ ଘରକୁ ଫେରିଆସିଥିଲେ। କିଛି ସମୟ ପରେ ପୁଣି ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପୁଣି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡା. ବେହେରା ମିତାଲିଙ୍କୁ ପୁନର୍ବାର ୩ଟି ଇଞ୍ଜେକ୍ସନ ଦେଇଥିଲେ। ଏହା ପରେ ମିତାଲିଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ୧୦୮ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତର ମିତାଲିଙ୍କୁ କି ଜ୍ୱର ହୋଇଛି ପରୀକ୍ଷା ନ କରି ୬ଟି ଇଞ୍ଜେକ୍ସନ ଦେବାରୁ ତାଙ୍କ ମୃତ୍ୟୁ ଘଟିଛି ବୋଲି ପରିବାରଲୋକ ଓ ଗ୍ରାମବାସୀ ଅଭିଯୋଗ କରିବା ସହ କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରଠାରେ କାକଟପୁର-ଅସ୍ତରଙ୍ଗ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ କାକଟପୁର ତହସିଲଦାର ରୋଜିନା ଦାଶ, ଆଇଆଇସି ସୁମତି ମହାନ୍ତି ପୋଲିସ ଫୋର୍ସ ସହ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦେବା, ୧୦୮ ଆମ୍ବୁଲାନ୍ସକୁ ୨୪ ଘଣ୍ଟିଆ ରଖିବା ଓ ଚିକିତ୍ସା ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ରେଡକ୍ରସ ପାଣ୍ଠିରୁ ମୃତା ନାବାଳିକାଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ ଯୋଗାଇଦିଆଯିବା ସହ ଦାବିଗୁଡ଼ିକୁ ପୂରଣ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯିବ ବୋଲି ତହସିଲଦାର ଦାଶ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହି ରାସ୍ତାରୋକୋ ହୋଇଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଚିକିତ୍ସା ଅବହେଳାରୁ ନାବାଳିକାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗକୁ ଡା. ବେହେରା ଖଣ୍ଡନ କରିଛନ୍ତି।

## ସାଲେପୁର ନାବାଳିକା ବଳାତ୍କାର ଓ ହତ୍ୟା ମାମଲା

# ୫ରେ ଡାକ୍ତରଙ୍କୁ ଜେରା

**କଟକ ଅଫିସ,୧।୮**

ସାଲେପୁର ନାବାଳିକା ବଳାତ୍କାର ଏବଂ ହତ୍ୟା ଘଟଣାରେ ଆସନ୍ତା ୫ତାରିଖରେ ଅଭିଯୁକ୍ତ ମହମ୍ମଦ ମୁସ୍ତାକ(୨୫)ଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ଜେରା କରାଯିବ। କଟକର ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍ସୋ ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସାକ୍ଷ୍ୟଗ୍ରହଣ ପାଇଁ ହୋଇଥିବା ଆବେଦନକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଅଦାଲତରେ ଗତ ୧୮ ତାରିଖରେ ଅଭିଯୁକ୍ତଙ୍କର ବୟାନ ରେକର୍ଡ ହୋଇଥିଲା। ସେହିପରି ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର ଅମରେନ୍ଦ୍ର ନାୟକ ଓ ତଦନ୍ତକାରୀ ଅଧିକାରୀ ଦେବେନ୍ଦ୍ର ମଲିକ୍ଙ୍କୁ ପୂର୍ବରୁ ଜେରା କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲାକୁ ସ୍ୱତନ୍ତ୍ର ପିପି ଏ.କେ. ନାୟକ ପରିଚାଳନା କରୁଛନ୍ତି।

ସୂଚନାଥାଉ କି ୨୦୧୮ ଏପ୍ରିଲ୍ ୨୧ରେ ସାଲେପୁର ଥାନା ଅଞ୍ଚଳର ଜଣେ ୬ ବର୍ଷିଆ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଏପ୍ରିଲ୍ ୨୯ରେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ମାମଲାରେ ସାଲେପୁର ପୋଲିସ୍ ୮୧/୨୦୧୮ନମ୍ବରରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ମହମ୍ମଦ ମୁସ୍ତାକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।




## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

# ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ

**ଭୁବନେଶ୍ୱର, ୧।୮(ବ୍ୟୁରୋ):** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଷୟରେ ଯୁକ୍ତ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ଗୁରୁବାର ପ୍ରକାଶ ପାଇଛି। ବିଜ୍ଞାନରେ ପଦାର୍ଥ ବିଜ୍ଞାନ ଅନର୍ସ ପାଇଁ କଟ୍ ଅଫ୍ ମାର୍କ ୮୪.୫% ଥିବାବେଳେ ରସାୟନ ବିଜ୍ଞାନରେ ୮୩.୩୩% ରହିଛି। ଉଦ୍ଭିଦ ବିଜ୍ଞାନରେ ୮୨.୫, ପ୍ରାଣୀ ବିଜ୍ଞାନରେ ୮୫%, କମ୍ପ୍ୟୁଟର ସାଇନ୍ସରେ ୭୭.୮୩%, ବାୟୋଟେକ୍ନୋଲୋଜିରେ ୮୧.୫%, ଗଣିତରେ ୮୧.୬୭%, ଷ୍ଟାଟିଷ୍ଟିକ୍ସରେ ୭୬.୩୩% କଟ୍ ଅଫ୍ ମାର୍କ ରହିଛି। ସେହିପରି ବାଣିଜ୍ୟରେ ୭୫.୧୭% ରହିଛି। କଳାରେ ଅର୍ଥନୀତିରେ ୭୬%, ଇଂଲିଶରେ ୭୬.୫%, ରାଜନୀତିବିଜ୍ଞାନରେ୭୨.୬୭%,ଓଡ଼ିଆରେ୬୭.୩୩%,ସାଇକୋଲୋଜିରେ ୭୨.୬%, ସୋସିଓଲୋଜିରେ ୭୩.୮୩%, ଫିଲୋସୋଫିରେ ୬୩.୫%, ହୋମ୍ ସାଇନ୍ସରେ ୬୦.୩୩%, ହିନ୍ଦୀରେ ୬୪%, ଇତିହାସରେ ୬୬.୧୭%, ସଂସ୍କୃତରେ ୫୭.୮୩%, ଷ୍ଟାଟିଷ୍ଟିକ୍ସରେ ୫୬.୩୩%, ଗଣିତରେ ୭୦% କଟ୍ ଅଫ୍ ରହିଛି। ୬ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ବିଜ୍ଞାନ, ୭ତାରିଖରେ କଳା (ସାଧାରଣ), ବାଣିଜ୍ୟ ଏବଂ କଳା (ଅନ୍ୟ ବିଷୟ) ପାଇଁ ମନୋନୀତ ହୋଇଥିବା ଛାତ୍ରୀଛାତ୍ର ୮ତାରିଖରେ ନାମ ଲେଖାଇବେ। ଉକ୍ତ ଦିନଗୁଡ଼ିକରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନାମଲେଖା ପ୍ରକ୍ରିୟା ଚାଲିବ।




## ୪.୭୦୦ ଗ୍ରାମ ଗଞ୍ଜେଇ ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୧।୮:** ଖୋର୍ଦ୍ଧା ସଦର ଥାନା ପୋଲିସ ଦଳେଇପୁଟ ଗାଁ ଉପରେ ଗୁରୁବାର ଚଢ଼ାଉ କରି ସୁନନ୍ଦ ମାର୍ଥାଙ୍କ ଘରୁ ୪.୭ କେଜି ଗଞ୍ଜେଇ ଜବତ କରିଛି। ସୁନନ୍ଦଙ୍କୁ ପୋଲିସ ଗିରଫ କରିଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ସୁନନ୍ଦ ଗଞ୍ଜେଇ ବ୍ୟବସାୟ କରନ୍ତି । ପୋଲିସ ଆଖିରେ ଧୂଳି ଦେଇ ଖସି ଯାଉଥିଲେ। ଗିରଫ ପରେ ପୋଲିସ ୨୦(ବି)(ଆଇଆଇ)(ବି) ଏନଡିପିସି ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଇଆଇସି ବିକ୍ରମ ଜେନାଙ୍କ ନେତୃତ୍ୱରେ ୮ ଜଣିଆ ଟିମ ଚଢ଼ାଉ କରିଥିଲେ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଦୁର୍ବଳମନା ଓ ଅସ୍ଥିରଚିତ୍ତ ବ୍ୟକ୍ତିମାନେ କୌଣସି କାର୍ଯ୍ୟକୁ ଠିକ୍‌ଭାବେ ଗ୍ରହଣ କରିପାରନ୍ତିନାହିଁ।
-କୌଟଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ୨୯ ବୋତଲ ମଦ ଜବତ, ଜଣେ ଗିରଫ

ତିଗିରିଆ,୧୮ (ଡି.ଏନ୍.ଏ.): ତିଗିରିଆ ଥାନା ପୋଲିସ ଗୁରୁବାର ମଧ୍ୟାହ୍ନରେ ପାଟ୍ରୋଲିଂ ସମୟରେ ଜଣେ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମାଣିଆବନ୍ଧ ଫାଣ୍ଡି ଅନ୍ତର୍ଗତ ମାଣିଆବନ୍ଧ ଗ୍ରାମ ସଡ଼କ ସାହିର ରବି ପରିଡ଼ା। ତାଙ୍କ ଠାରୁ ୨୯ବୋତଲ ବିଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୯୪/୧୯) ରୁଜୁ ହୋଇଛି। ଥାନା ଏଏସଆଇ ପ୍ରଶାନ୍ତ କାନୁନ୍‌ଗୋଙ୍କ କହିବାନୁସାରେ, ରବି ବାଇକ ଯୋଗେ ଚୋରା ମଦ ବୋତଲ ନେଇ ଅଂଶୁପା ପଟୁ ଆସୁଥିବା ବେଳେ ପାଟ୍ରୋଲିଂ କରୁଥିବା ପୋଲିସ ହାବୁଡ଼ରେ ପଡ଼ିଥିଲେ।

### ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ

ନରସିଂହପୁର,୧୮( ସ୍ୱ.ପ୍ର.): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନରସିଂହପୁର ବ୍ଲକ ଏରଡାଗଡ଼ା ପଞ୍ଚାୟତର ଧନୁର୍ଜୟପୁର ଗ୍ରାମରେ ଗୁରୁବାର ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ସେହି ଗ୍ରାମର ଚତୁର୍ଭୁଜ ପ୍ରଧାନ ଗୁରୁତର ହୋଇଛନ୍ତି। ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାବେଳେ ଖବରପାଇ ଯୋଡ଼ମୁଁ ଫାଣ୍ଡି ଅଧିକାରୀ ଅମର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ଜମିଜମା ବିବାଦକୁ ନେଇ ଏହି ଆକ୍ରମଣ ହୋଇଛି ବୋଲି ଚତୁର୍ଭୁଜଙ୍କ ପରିବାର ଲୋକେ କହିଛନ୍ତି। ପରିବାର ସଦସ୍ୟଙ୍କ କହିବାନୁସାରେ, ଚତୁର୍ଭୁଜଙ୍କ ଗ୍ରାମରେ ଅନ୍ୟ ଏକ ପରିବାର ସହ ଜମିଜମା ବିବାଦ ଲାଗି ରହିଥିଲା। ଏ ନେଇ ପୂର୍ବରୁ ଯୋଡ଼ମୁଁ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଚତୁର୍ଭୁଜ ଗୁରୁବାର ସକାଳୁ ଘରୁ ବାହାରି ଗାଁ ଦାଣ୍ଡରେ ଆସୁଥିବା ବେଳେ ସମ୍ପୃକ୍ତ ପରିବାରର ୨ ଜଣ ଲୋକ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଚତୁର୍ଭୁଜଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି।

### ୭୬ତମ ଗୋଷ୍ଠାଷ୍ଟମୀ ଉତ୍ସବ

ନିଶ୍ଚିନ୍ତକୋଇଲି, ୧୮(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଳ ପଞ୍ଚାୟତର ଅସୁରେଶ୍ୱର ଗୋରକ୍ଷଣୀରେ ୭୬ତମ ଗୋଷ୍ଠାଷ୍ଟମୀ ଉତ୍ସବ ଗୁରୁବାର ପାଳିତ ହୋଇଛି। ଏଥିଲାଗି ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଗାନ୍ଧୀ ସ୍ମାରକନିଧି ପ୍ରାକ୍ତନ ସଭାପତି ପ୍ରହଲ୍ଲାଦ ସିଂ, ପ୍ରଭାକର ସ୍ୱାଇଁ, ସରୋଜିନୀ ସେଠୀ, ଅଶୋକ ଓଝା, ପ୍ରଶାନ୍ତ କର ଓ ଅଜୟ ନାୟକ ଯୋଗଦେଇଥିଲେ। ଅସୁରେଶ୍ୱର ଗୋରକ୍ଷଣୀ ସାରା ଓଡିଶାରେ ଏକ ଆଦର୍ଶ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ଶେଷରେ ଶ୍ରୀନିବାସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଖତଖାଉଛି ୫୦ ସିଟିବସ୍, ଆଖି ବୁଜି ବସିଛି ସିଏମ୍‌ସି

କଟକ ଅଫିସ,୧୮

ସହରବାସୀଙ୍କ ଉତ୍ତମ ଯାତାୟାତ ପାଇଁ ଆରମ୍ଭ ହୋଇଥିଲା ସିଟିବସ୍ ସେବା। ମାତ୍ର କଟକ ମହାନଗର ନିଗମ (ସିଏମ୍‌ସି)ର ଆନ୍ତରିକତା ଅଭାବ ଯୋଗୁ ବିକାଶ ଭବନ ପରିସରରେ ଖତ ଖାଉଛି ୫୦ଟି ସିଟିବସ୍। ଗୋଟିଏ ପଟେ ସହରବାସୀ ସିଟିବସ୍ ସେବାରୁ ବଞ୍ଚିତ ହୋଇଥିବାବେଳେ ଅନ୍ୟପଟରେ ସରକାରଙ୍କ କୋଟିକୋଟି ଟଙ୍କା ନଷ୍ଟ ହେବାକୁ ବସିଛି। ଏହି ଯୋଜନା ସମ୍ପର୍କରେ ସିଏମ୍‌ସି ଅବଗତ ଥାଇ ମଧ୍ୟ ଆଖି ବୁଜି ବସିଛି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି।

କଟକ ସହର ଓ ଆଖପାଖ ଅଞ୍ଚଳକୁ ଯାତାୟତ ପାଇଁ ସିଏମ୍‌ସି ପକ୍ଷରୁ ବସ୍ ସେବା ଯୋଜନା କରାଯାଇଥିଲା। କଟକ ଅର୍ବାନ ଟ୍ରାନ୍ସପୋର୍ଟ ସର୍ଭିସ୍ ଲିମିଟେଡ୍ (ସିୟୁଟିଏସ୍‌ଏଲ୍) ଏବଂ ସାହାରା ରୋଡୱେଜ ମଧ୍ୟରେ ଏ ନେଇ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା।



ବିକାଶ ଭବନ ପରିସରରେ ରହିଥିବା ସିଟିବସ୍।

୨୦୧୬ ଏପ୍ରିଲ୍ ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବସ୍ ସେବାକୁ ଉଦ୍‌ଘାଟନ କରିଥିଲେ। କଟକ ସହର ସମେତ ଆଖପାଖ ୧୦ଟି ଅଞ୍ଚଳକୁ ଏହି ସେବା ଦ୍ୱାରା ଯୋଡ଼ିବାକୁ ଉଦ୍ୟମ ହୋଇଥିଲା। ଚୌଦ୍ୱାର, ବାଙ୍କୀ, ମଙ୍ଗୁଳି, ଗୋପାଳପୁର, ନୂଆପଡା, ବିଜୁପଟ୍ଟନାୟକ ଛକ, ବିଡାନାସୀ, ତ୍ରିସୂଳିଆ, ଜଗତ୍‌ପୁର ଆଦି ଅଞ୍ଚଳକୁ ବସ୍ ସେବା ଉପଲବ୍ଧ କରାଯାଇଥିଲା। କେତେକ ଅଞ୍ଚଳକୁ ବସ ସେବା ଆରମ୍ଭ ହୋଇଥିବାବେଳେ ଆଉ କେତେକ ଅଞ୍ଚଳକୁ କିଛିମାସ ଚାଲିବା ପରେ ବସ୍‌ସେବା ଠପ୍ ହୋଇଯାଇଥିଲା। କେତେକ କାରଣ ଯୋଗୁ ବସ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବିଶେଷକରି ସିଟିବସ ଭଡା ବୃଦ୍ଧି, ବସ୍ ଚଳାଚଳ ପାଇଁ ସମୟ ନିର୍ଘଣ୍ଟ ଠିକ୍ ନ ରହିବା ଓ ବସ୍‌ରେ ଯାତ୍ରୀ ସଂଖ୍ୟା କମୁଥିବାରୁ ଚଳାଚଳ ବାଧାପ୍ରାପ୍ତ ହେଉଥିବା ସହବାସୀ ଅଭିଯୋଗ କରିଛନ୍ତି।

୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ସିଟିବସ ଚଳାଚଳ କରୁ ନ ଥିବାରୁ ଏବେ ସେଗୁଡିକ ନଷ୍ଟ ହେବାକୁ ବସିଛି। ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ଛିଡ଼ା ହୋଇ ରହିଥିବାରୁ ଏଗୁଡ଼ିକର ଟାୟାର ଓ ସିଟ୍ ନଷ୍ଟ ହେଲାଣି। ଏଥିସହ ବସ୍‌ରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି। ଏହି ସମୟ ମଧ୍ୟରେ ସିଏମ୍‌ସିରେ ୪ଜଣ କମିଶନର ଦାୟିତ୍ୱ ନେଇ ବଦଳି ହୋଇ ଗଲେଣି। କିନ୍ତୁ କେହିବି ବସ୍ ସେବା ଯୋଜନା ସମ୍ପର୍କରେ ମୁଣ୍ଡ ଖେଳାଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ବସ୍‌ଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଏ ନେଇ ଖୁବ୍‌ଶୀଘ୍ର ଏକ ବୈଠକ ଡାକି ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷରେ ଆଡଭୋକେଟ ରାଜୀବ ପଟ୍ଟନାୟକ କହିଛନ୍ତି, ଯଦି ବସ୍‌ଗୁଡ଼ିକ ମରାମତି ନ ହେଉଛି ତେବେ ସେଗୁଡ଼ିକ ବିକ୍ରି କରାଯିବା ଉଚିତ ହେବ।



ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ସ୍ୱାଧୀନତା ଦିବସ ପାଇଁ ବକ୍ତୃତା ପ୍ରତିଯୋଗିତା

ବାଙ୍କୀ,୧୮(ସ୍ୱ.ପ୍ର)

ବାଙ୍କୀ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଗୁରୁବାର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ସରକାରୀ ବାଳିକା ହାଇସ୍କୁଲ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ବରିଷ୍ଠ ବିଭାଗ ପାଇଁ 'ସାମ୍ପ୍ରତିକ ଗଣତନ୍ତ୍ରରେ ସମାଜର ଭୂମିକା' ବିଷୟବସ୍ତୁ ରହିଥିଲା। ଏଥିରେ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ପ୍ରଭୁଦତ୍ତ ପତି ପ୍ରଥମ, ଶିମିଳିପୁର- ହରିରାଜପୁର ଆଞ୍ଚଳିକ ବିଦ୍ୟାପୀଠର ଅର୍ପିତା ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ବୈଦ୍ୟେଶ୍ୱର ଉଦ୍ୟନାଥ ସରକାରୀ ଉଚ୍ଚବିଦ୍ୟାଳୟର ନିବେଦିତା ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ବିଚାରକ ଭାବେ ଇଂ.ସତ୍ୟବ୍ରତ ରଥ, ଖବରଦାତା ସମରେନ୍ଦ୍ର ମହାପାତ୍ର ଓ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ବିଚାରକ ଭାବେ କାର୍ଯ୍ୟ କରିଥିଲେ। କନିଷ୍ଠ ବିଭାଗରେ 'ପରିବେଶ ଓ ତାହାର ସୁରକ୍ଷା' ସମ୍ପର୍କିତ ବିଷୟବସ୍ତୁ ରହିଥିଲା। ଏଥିରେ କନ୍ତପହଁରା ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟର ଚିନ୍ମୟୀ ଦାଶ ପ୍ରଥମ, ଅନୁଆରୀ ସରକାରୀ ଉଚ୍ଚ ବିଦ୍ୟାଳୟର କୁମାର ଆଶୁତୋଷ ୨ୟ ଓ କରବର ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ଜିଜ୍ଞାସା ବିଶ୍ୱାଳ ୩ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସବ୍‌ଜୁନିୟର ବିଭାଗରେ 'ଅବଦୁଲ୍ କଲାମ୍' ବିଷୟ ବସ୍ତୁ ରହିଥିଲା। ଏଥିରେ ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଭାଗ୍ୟଶ୍ରୀ ଦୀକ୍ଷିତ୍ ପ୍ରଥମ, ବୈଦ୍ୟେଶ୍ୱର ନାଟେରୀ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରତୀକ୍ଷା ପ୍ରିୟଦର୍ଶିନୀ ଦାଶ ୨ୟ ଓ ଡମପଡ଼ା ଅମରେନ୍ଦ୍ର ୟୁ.ପି.ଏମ୍.ଇ ବିଦ୍ୟାଳୟର ସୁଜିସ୍ମିତା ଦାଶ ୩ୟ ସ୍ଥାନ ଅଧିକାର କରିଛନ୍ତି। ଉପଖଣ୍ଡ ସୂଚନା ଲୋକସମ୍ପର୍କ ବିଭାଗ ଅଧିକାରୀ ଶାରଦା ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ କାଳୀଚରଣ ତ୍ରିପାଠୀ, ଦୁର୍ଯ୍ୟୋଧନ ପରିଡା ଏବଂ ସୁଦର୍ଶନ ବେହେରା ଏଥିରେ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ପାଇଁ ସଚେତନ କଲେ ସ୍କାଉଟ୍ ଗାଇଡ୍ ଛାତ୍ରୀ



ଛାତ୍ରୀମାନେ ଜଣେ ବାଇକ ଚାଳକଙ୍କୁ ସଚେତନତା କରାଉଛନ୍ତି।

ବାଙ୍କୀ,୧୮(ସ୍ୱ.ପ୍ର.)

ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର-ଧଳାପଥର ବାଳିକା ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ୍ ଛାତ୍ରୀ ଓ ଠଣାପଲ୍ଲୀ ମିଳିତ ଯୁବକ ସଂଘ ଆନୁକୂଲ୍ୟରେ ନିକଟସ୍ଥ ଫାଣ୍ଡି ପୋଲିସ ସହାୟତାରେ ଗୁରୁବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀମାନେ କଳାପଥର ବଜାର ପରିକ୍ରମା କରିବା ପରେ ବାଳିକା ବିଦ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତାର ୨ ପାର୍ଶ୍ୱରେ ପ୍ଲା କାର୍ଡ, ପୁସିଂ କାର୍ଡ ଓ ପ୍ରଚାର ପତ୍ର ବଣ୍ଟନ କରିଥିଲେ। ରାସ୍ତା ନିୟମମାନି ହେଲମେଟ୍ ପିନ୍ଧିଥିବା ଓ ସିଟ୍ ବେଲ୍ଟ ବାନ୍ଧିଥିବା ଚାଳକଙ୍କୁ ଚକୋଲେଟ୍ ଦେଇ, ତାଳି ମାରି ଓ ଫୁଲତୋଡା ଦେଇ ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ସାହୁ, ସ୍କାଉଟ ଓ ଗାଇଡ୍ ଶିକ୍ଷୟିତ୍ରୀ ବୈଜୟନ୍ତୀମାଳା ପଣ୍ଡା, ଖେଳ ଶିକ୍ଷୟିତ୍ରୀ ଶୈଳବାଳା ସାହୁ ଓ ଯୁବକ ସଂଘ ତରଫରୁ କାର୍ଯ୍ୟକାରୀ ସଭାପତି ନବକିଶୋର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଶ୍ରୀନିବାସ ପାଣି, ପ୍ରହଲ୍ଲାଦ ମୁଦୁଲି, ହରିବନ୍ଧୁ ମୁଦୁଲି, ସ୍ୱେଚ୍ଛାସେବୀ ଦାଶରଥି ସାହୁ, ମାଧବ ଚନ୍ଦ୍ର ଦାସ ଓ ବିବେକାନନ୍ଦ ପ୍ରଧାନ ପ୍ରମୁଖ ଏଥିରେ ସାହାଯ୍ୟ କରିଥିଲେ। ଆୟୋଜିତ ସଚେତନା ସଭାରେ ସ୍ଥାନୀୟ କଳାପଥର ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ନିମାଇଁ ଚରଣ ମେହେର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ସଂଘ ସମ୍ପାଦକ ଭାଗୀରଥି ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶେଷରେ କ୍ଲଷ୍ଟର ସିଆରସିସି ଶିକ୍ଷୟିତ୍ରୀ ରତ୍ନପ୍ରଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ସଚେତନତା ବୈଠକ

ବଡମ୍ବା,୧୮(ଡି.ଏନ୍.ଏ)

ବଡ଼ମ୍ବା ବ୍ଲକର ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅନ୍ତର୍ଗତ ୩୮ ପଞ୍ଚାୟତର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ଆଲୋଚନା ହୋଇଥିଲା। ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ସଚେତନତା ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନସୂୟା ନାୟକ ପୌରୋହିତ୍ୟ କରିଥିଲେ । ଏଥିରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ଓ ବିଡିଓ ସଦାନନ୍ଦ ସେଠୀ ପ୍ରମୁଖ ଯୋଗଦେଇ ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ିବେ ସେନେଇ ପଞ୍ଚାୟତ ପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ଏକ ବର୍ଷ ପୂର୍ବେ ବ୍ଲକ ଅନ୍ତର୍ଗତ ୩୮ ପଞ୍ଚାୟତର ଯୋଗ୍ୟ ହିତାଧିକାରୀମାନଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯାଇଥିଲା। । ମାତ୍ର ପରେ ତଦନ୍ତ ସମୟରେ ଏହି ଯୋଜନାରେ ବହୁ ଯୋଗ୍ୟ ହିତାଧିକାରୀ ବାଦ୍‌ପଡିଛନ୍ତି ବୋଲି ଜଣାପଡିଥିଲା। ଏନେଇ ବହୁ ହିତାଧିକାରୀ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ପଞ୍ଚାୟତସ୍ତରରେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ଏହା ଉପରେ ତଦନ୍ତ କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଥିଲା।

## ସର୍ଭେ ଦ୍ୱାରା ହେବ ହିତାଧିକାରୀ ଚିହ୍ନଟ

ନିଶ୍ଚିନ୍ତକୋଇଲି, ୧୮(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ଗ୍ରାମାଞ୍ଚଳ ଗୃହ ନିର୍ମାଣ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଉନ୍ନୟନ ଅଧିକାରୀ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଅଶୋକ କୁମାର ଓଝା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଚଳିତ ବର୍ଷ ସାମୁଦ୍ରିକ ଝଡ ଫନୀ ପ୍ରଭାବରେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । କ୍ଷତିଗ୍ରସ୍ତ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ଲାଗି ଆଲୋଚନା ହୋଇଥିଲା। ଯେଉଁ ହିତାଧିକାରୀଙ୍କ କୋଠାଘର ନଥିବ ଅବା ରହୁଥିବା ଆଜ୍‌ବେଷ୍ଟସ ଓ ଟାଇଲ ଘର ଭାଙ୍ଗିଯାଇଥିବ, ସେମାନଙ୍କୁ ଏହି ଯୋଜନାରେ ଗୃହ ଯୋଗାଇ ଦେବା ଲାଗି ଆଲୋଚନା ହୋଇଥିଲା। ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଗଠିତ ଟିମ୍ ଦ୍ୱାରା ଏସବୁ ହିତାଧିକାରୀଙ୍କ ସର୍ଭେ କରାଯାଇ ନାମ ପଞ୍ଜୀକରଣ କରାଯିବା ପରେ ସେମାନଙ୍କୁ ଯୋଜନାରେ ସାମିଲ କରିବାକୁ ପଦକ୍ଷେପ ନିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଜିଲା ପରିଷଦ ସଭ୍ୟା ସବିତା ସାମଲ, ଉପାଧ୍ୟକ୍ଷାଙ୍କ ପ୍ରତିନିଧି ରମାକାନ୍ତ ମହାନ୍ତି, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସୁଶାନ୍ତ ରଣା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗିରୀଶ ରଞ୍ଜନ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ନାୟକ,ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ସାହୁ, ଭାରପ୍ରାପ୍ତ ଜିପିଓ ଭୀମସେନ ସାହୁ, ସମାଜ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ସିଂ ପ୍ରମୁଖ ଯୋଗଦେଇଥିଲେ।



ଫନୀ ସହାୟତା ବୈଠକରେ ଯୋଗଦେଇଥିବା ବ୍ଲକ କର୍ମଚାରୀ ଓ ଅନ୍ୟମାନେ।

## ୩ ବଖରା ଜଳିଗଲା,୩୫ ଛେଳି ଦଗ୍ଧ

ନରସିଂହପୁର, ୧୮(ସ୍ୱ.ପ୍ର.)

ନରସିଂହପୁର ବ୍ଲକ ଯୋଡମୁଁ ପଞ୍ଚାୟତ ଅନ୍ତର୍ଗତ ମର୍ଦ୍ଦମେଖ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଚାଳଘର ଜଳିଯାଇଛି। ଏଥିସହ ଗୁହାଳରେ ଥିବା ୩୫ ଛେଳି ଜୀବନ୍ତଦଗ୍ଧ ହୋଇଯାଇଛନ୍ତି । ଏଥିରେ ଗ୍ରାମର ଶ୍ରୀନିବାସ ବେହେରାଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ସେ ଛେଳି ପାଳନ କରି ଜୀବନ ନିର୍ବାହ କରୁଥିଲେ। କୌଣସି କାରଣରୁ ରାତିରେ ତାଙ୍କ ଘରେ ନିଆଁ ଲାଗିଯାଇଥିଲା। ସୌଭାଗ୍ୟବଶତଃ ତାଙ୍କ ପରିବାର ଲୋକେ ନିକଟରେ ଥିବା ଭାଇଘରେ ଶୋଇଥିବାରୁ ଏହି ବିପଦରୁ ବର୍ତ୍ତିଯାଇଥିଲେ। ନିଆଁ ଲାଗିବା ପରେ ଗ୍ରାମବାସୀଙ୍କ ସହାୟତାରେ ନିଆଁ ଲିଭାଯିବାକୁ ଉଦ୍ୟମ କରାଯାଇଥିଲା। ଏଥିସହ ନରସିଂହପୁର ଅଗ୍ନିଶମ ସେବା କେନ୍ଦ୍ରରେ ଖବର ଦିଆଯାଇଥିଲା। ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଗୁହାଳ ଘର ସମେତ ଛେଳିଗୁଡିକ ଜଳିଯାଇଥିଲେ। ଯୋଡମୁଁ ସରପଞ୍ଚ ଅଜୟ କୁମାର ବିଶ୍ୱାଳଙ୍କ ଉଦ୍ୟମ କ୍ରମେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଘଟଣା ସ୍ଥଳକୁ ଯାଇ ଅଗ୍ନିବିପନ୍ନଙ୍କୁ ପ୍ରଶାସନ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଯୋଡମୁଁ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ବଣ୍ଟନ

ଆଠଗଡ,୧୮(ସ୍ୱ.ପ୍ର.)

ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଆଠଗଡ଼ ତହସିଲ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଲୋକଙ୍କୁ ଗୁରୁବାର ସହାୟତା ରାଶି ବଣ୍ଟନ କରାଯାଇଛି। ମଇ ମାସରେ ହୋଇଥିବା ଫନୀ ବାତ୍ୟାରେ ଆଠଗଡ଼ ଅଞ୍ଚଳର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କ୍ଷତିଗ୍ରସ୍ତମାନଙ୍କୁ ଚିହ୍ନଟ କରାଯାଇ ସହାୟତା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଆଠଗଡ଼ ତହସିଲଦାର ତପନ କୁମାର ଖୁଣ୍ଟିଆ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖାଦ୍ୟ, ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଗରିବଙ୍କୁ ସହାୟତା ନିମନ୍ତେ ରାଜ୍ୟ ସରକାର ସର୍ବଦା ବଦ୍ଧପରିକର ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଗତ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରଗୁଡିକ ମଧ୍ୟରୁ ୪୯୧ଜଣଙ୍କୁ ୫୨୦୦ଟଙ୍କା ଓ ୯୭୬୭ ଜଣଙ୍କୁ ୩୨୦୦ଟଙ୍କା ଏବଂ ୨୭୬ ପରିବାରକୁ ଗାଈ ଗୁହାଳ ନିର୍ମାଣ ବାବଦରେ ୨୧୦୦ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୦,୫୩୪ ପରିବାରଙ୍କୁ ୩୪,୩୮୭,୨୦୦ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଠଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦଳେଇ, ପୂର୍ବତନ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ରବୀନ୍ଦ୍ରନାଥ ରାଉତ, ଜିଲା ପରିଷଦ ଉପାଧ୍ୟକ୍ଷ ସୁନିଲ ପରିଡ଼ା, ଜିଲା ପରିଷଦ ସଭ୍ୟା ଜାନକୀଲତା ନାୟକ, ସମବାୟବିତ୍ ଲଳିତେନ୍ଦୁ ସେନାପତି ପ୍ରମୁଖ ଯୋଗଦେଇଥିଲେ ।



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

### ■ ଫନୀ କ୍ଷତିଗ୍ରସ୍ତ ତାଲିକା, ଜଳସେଚନ ସମସ୍ୟା ନେଇ ତେଜିଲା ଅସନ୍ତୋଷ

# ତହସିଲ ଘେରିଲା ନବନିର୍ମାଣ କୃଷକ ସଙ୍ଗଠନ

ରଘୁନାଥପୁର,୧୮ (ଡି.ଏନ୍.ଏ.)

ବାତ୍ୟା ଫନୀ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ତାଲିକା, ଖରିଫ ଋତୁରେ ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟା ନେଇ ରଘୁନାଥପୁର ତହସିଲକୁ ଗୁରୁବାର ନବନିର୍ମାଣ କୃଷକ ସଙ୍ଗଠନ ଘେରାଉ କରିଥିଲା। ପୂର୍ବରୁ ମେ ୨୭ ରେ ଭାଙ୍ଗି ଯାଇଥିବା ଘର, ମୁଗ, ବିରି ଓ ପନିପରିବା ଫସଲର ଠିକ୍ କ୍ଷୟକ୍ଷତି ଆକଳନ କରାଯିବା ନିମନ୍ତେ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ଦିଆଯିବାର ୧୫ ଦିନ ପରେ ଏ ସମ୍ପର୍କିତ ତଥ୍ୟ ସଙ୍ଗଠନକୁ ପ୍ରଦାନ କରାଯିବ ବୋଲି ତହସିଲଦାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ତେବେ ଏହା ମଧ୍ୟରେ ଦୁଇ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ସୁଦ୍ଧା ତହସିଲଦାରଙ୍କ ପକ୍ଷରୁ କୃଷକ ସଙ୍ଗଠନକୁ କୌଣସି ସହଯୋଗ କରାଯାଇନାହିଁ। ଏ ସମ୍ପର୍କରେ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ ଅଭିଯୋଗ କରିଛନ୍ତି। ସଙ୍ଗଠନର ଚାଷୀଙ୍କ ପକ୍ଷରୁ ଜୁଲାଇ ୨୯ ରେ ଗୁରୁବାର ଆଲୋଚନା କରାଯିବା ସମ୍ପର୍କରେ ତହସିଲଦାର ଦେବାଶିଷ ପାତ୍ରଙ୍କୁ ଲିଖିତ ଅବଗତ କରାଯାଇଥିଲା। ଗୁରୁବାର ପୂର୍ବାହ୍ନରେ ବ୍ଲକ ସଂଯୋଜକ ଶରତ ମହାପାତ୍ର ଓ ସଙ୍ଗଠନର କର୍ମକର୍ତ୍ତା ଦେବୀ ପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଚାଷୀମାନେ ତହସିଲ ସମ୍ମୁଖରେ ସମବେତ ହୋଇଥିଲେ। ତହସିଲଦାର ପାତ୍ର ଓ ଅତିରିକ୍ତ ତହସିଲଦାର ମାନସ କୁମାର ତ୍ରିପାଠୀ କାର୍ଯ୍ୟାଳୟରେ ବିଳମ୍ବରେ ପହଞ୍ଚି କାର୍ଯ୍ୟାଳୟ ମଧ୍ୟକୁ ଚାଲି ଯାଇଥିଲେ। ଦୀର୍ଘ ସମୟ ଅପେକ୍ଷାରତ ଚାଷୀଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିକ୍ରିୟା ସୃଷ୍ଟି ହେବା ସହ ସମସ୍ତ ଚାଷୀ ତହସିଲଦାରଙ୍କ ପାଖକୁ ଯାଇ ଆଲୋଚନା କରାଯିବ ନଚେତ ତହସିଲଦାର ଚାଷୀଙ୍କ ପାଖକୁ ଆସନ୍ତୁ ବୋଲି ମତପ୍ରକାଶ ପାଇଥିଲା। ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିବା ଏସ୍‌ଡିପିଓ ଡି.ଆର. ଜେନା ଏକ ୫ ଜଣିଆ ଟିମ୍ ଆଲୋଚନା କରିବାକୁ କହିଥିଲେ ସୁଦ୍ଧା ଚାଷୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ତହସିଲଦାର ପାତ୍ର ଓ ଅତିରିକ୍ତ ତହସିଲଦାର ତ୍ରିପାଠୀ କାର୍ଯ୍ୟାଳୟ ପରିସର ଗେଟ୍ ପାଖରେ ଠିଆ ହୋଇ ଚାଷୀଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ତେବେ ସମସ୍ତ ପ୍ରଶ୍ନର ଉତ୍ତର ଦେଇ ନ ପାରିବାରୁ ଚାଷୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା। ଜିଲାରେ ସମସ୍ତ ତହସିଲ କ୍ଷୟକ୍ଷତି ଜନିତ ତାଲିକା ପ୍ରସ୍ତୁତ କରି ଉପରସ୍ତରକୁ ପଠାଇଥିବା ବେଳେ ରଘୁନାଥପୁର ତହସିଲ ଏଥିରୁ ବିଚ୍ୟୁତ ରହିବା କାର୍ଯ୍ୟଦକ୍ଷତାର ପରିପନ୍ଥୀ ବୋଲି କର୍ମକର୍ତ୍ତା ସ୍ୱାଇଁ ପ୍ରକାଶ କରିଥିଲେ। ସପ୍ତାହକ ମଧ୍ୟରେ ବ୍ଲକ କାର୍ଯ୍ୟାଳୟରେ ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ କୃଷକ ସଙ୍ଗଠନ ତଥା ଚାଷୀଙ୍କ ସମସ୍ତ ଅଭିଯୋଗ ଶୁଣାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସଙ୍ଗଠନ ପକ୍ଷରୁ ବୈରାଗୀ ଚରଣ ସାହୁ, ନିଗମାନନ୍ଦ ଦାସ, ବାସୁଦେବ ଦାସ, ଅଟଳ ବିହାରୀ ରାଉତ, ଘନଶ୍ୟାମ ମହାନ୍ତି, ଭାସ୍କର ମହାପାତ୍ର, ସୁକାନ୍ତ ରାଉତ, ସୁରେଶ ସାହୁ, ସୁବାସ ନାୟକଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ରଘୁନାଥପୁର ଆଇଆଇସି ବବିତା ଦଳାଇ, ତିର୍ତ୍ତୋଲ ଆଇଆଇସି ପି.କେ. ମିଶ୍ରଙ୍କ ସହ ପୋଲିସ ଫୋର୍ସ ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିଲେ।



ତହସିଲଦାର କୃଷକ ସଂଗଠନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।



ଦୁର୍ବଳମନା ଓ ଅସ୍ଥିରଚିତ ବ୍ୟକ୍ତିମାନେ କୌଣସି କାର୍ଯ୍ୟକୁ ଠିକ୍‌ଭାବେ ଗ୍ରହଣ କରିପାରନ୍ତିନାହିଁ
- କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ରାସ୍ତା ପାର୍ଶ୍ୱରେ ମୁକୁଳା ଟ୍ରାନ୍ସଫର୍ମର



**କଟକ ସଦର,୧।୮(ଡି.ଏନ୍.ଏ.):** ୪୨ମୌଜା ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ରାଉତ୍ରାପୁର ମୁସଲିମ ସାହି ନିକଟରେ ଥିବା ୨୫୦କେଭିଏ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପିଣ୍ଡି ଉପରେ ମୁକୁଳା ଅବସ୍ଥାରେ ରହିଛି। ଗୁରୁବାରଏହି ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଦୁଇ ମାଙ୍କଡ଼ଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମୁଖ୍ୟ ରାସ୍ତାର ୩ଫୁଟ ଉଚ୍ଚ ପିଣ୍ଡିରେ ଟ୍ରାନ୍ସଫରମର ରଖାଯାଇ ବିଦ୍ୟୁତ୍ ସରବରାହ କରାଯାଉଛି। ଏହା ଉପରେ ଲତା ମାଡ଼ିଯିବାରୁ ଗୋରୁପଲ ଏହାକୁ ଖାଇବାକୁ ଆସିବା ସମ୍ଭାବନା ରହିଛି। ଏହି ଟ୍ରାନ୍ସଫରମରକୁ କଣ୍ଟକିତ ଲୁହାବାଡ଼ ତାରରେ ଆବଦ୍ଧ କରିବା ପାଇଁ ସେସୁ ଅଧିକାରୀଙ୍କୁ ଜନସାଧାରଣଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

### ଭିନ୍ନକ୍ଷମ ପିଲା ଦେଖିଲେ ଚଳଚ୍ଚିତ୍ର

**କଟକ ଅଫିସ, ୧।୮:** ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ସହାୟ ଅନୁଷ୍ଠାନ ପକ୍ଷରୁ ମାନସିକ ଅନଗ୍ରସର ପିଲାମାନଙ୍କ ଚିତ୍ତବିନୋଦନ ପାଇଁ ବୁଧବାର ତେଲେଙ୍ଗାବଜାରସ୍ଥିତ ଆଇନସ ପ୍ରେକ୍ଷାଳୟରେ ଚଳଚ୍ଚିତ୍ର ଦି ଲାୟନ କିଙ୍ଗ୍ ପ୍ରଦର୍ଶିତ ହୋଇଥିଲା। ଭିନ୍ନକ୍ଷମ ପିଲାମାନଙ୍କ ସହିତ ସେମାନଙ୍କ ଅଭିଭାବକ, ସହାୟ ଅନୁଷ୍ଠାନର ସମ୍ପାଦିକା ମୃଣାଳିନୀ ପାଢ଼ୀ, ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ସୂର୍ଯ୍ୟକାନ୍ତ ପାଢ଼ୀ, କୋଷାଧକ୍ଷ ଇନା ପୁରୋହିତ, ଅଧକ୍ଷା ଶାନ୍ତିମଞ୍ଜରୀ ସାହୁ ଓ ସମସ୍ତ କର୍ମଚାରୀ ଏହି ଚଳଚ୍ଚିତ୍ରକୁ ଉପଭୋଗ କରିଥିଲେ।

### ମୁଖ ଗହ୍ୱର ଯାତନା ସଚେତନତା ଶିବିର

**ଚୌଦ୍ୱାର,୧।୮(ଡି.ଏନ୍.ଏ.):** ଇଣ୍ଡିଆନ ଡେଣ୍ଟାଲ ଆସୋସିଏଶନ ଓ ଚୌଦ୍ୱାର ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ଜାତୀୟ ମୁଖଗହ୍ୱର ଯାତନା ସଚେତନତା ଶିବିର ପୌରପାଳିକା ୧୭ନଂ. ୱାର୍ଡ ଦଳିତ ବସ୍ତିରେ ଅନୁଷ୍ଠିତ ହୋଇଯାଇଛି। ଡେଣ୍ଟାଲ ଆସୋସିଏଶନ ସଭାପତି ଡ.ଅମିତ୍ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ଦନ୍ତ ଓ ମୁଖର ବିଭିନ୍ନ ରୋଗ ଏବଂ ଏହାର ସୁରକ୍ଷା ଉପରେ ସଚେତନ କରାଯିବା ସହ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ରୋଟାରିଆନ୍ ଶରତ ଖୁଣ୍ଟିଆ, ବିଶ୍ୱକଲ୍ୟାଣ ଦାସ୍, ନରେଶ ସାହୁ, ନରେଶ ମହାପାତ୍ର, ସୁବାସ ଚନ୍ଦ୍ର ମିଶ୍ର, ମନୋଜ ପଟ୍ଟନାୟକ, ପ୍ରତାପ ଶତପଥୀ, ରାଜକିଶୋର ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖତ ଖାଉଛି ୫୦ ସିଟିବସ୍, ଆଖିବୁଜି ବସିଛି ସିଏମ୍‌ସି

**କଟକ ଅଫିସ,୧।୮**

ସହରବାସୀଙ୍କ ଉତ୍ତମ ଯାତାୟାତ ପାଇଁ ଆରମ୍ଭ ହୋଇଥିଲା ସିଟିବସ୍ ସେବା। ମାତ୍ର କଟକ ମହାନଗର ନିଗମ (ସିଏମ୍‌ସି)ର ଆନ୍ତରିକତା ଅଭାବ ଯୋଗୁ ବିକାଶ ଭବନ ପରିସରରେ ଖତ ଖାଉଛି ୫୦ଟି ସିଟିବସ୍। ଗୋଟିଏ ପଟେ ସହରବାସୀ ସିଟିବସ୍ ସେବାରୁ ବଞ୍ଚିତ ହୋଇଥିବାବେଳେ ଅନ୍ୟପଟରେ ସରକାରଙ୍କ କୋଟିକୋଟି ଟଙ୍କା ନଷ୍ଟ ହେବାକୁ ବସିଛି। ଏହି ଯୋଜନା ସମ୍ପର୍କରେ ସିଏମ୍‌ସି ଅବଗତ ଥାଇ ମଧ୍ୟ ଆଖି ବୁଜି ବସିଛି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି।

କଟକ ସହର ଓ ଆଖପାଖ ଅଞ୍ଚଳକୁ ଯାତାୟତ ପାଇଁ ସିଏମ୍‌ସି ପକ୍ଷରୁ ବସ୍ ସେବା ଯୋଜନା କରାଯାଇଥିଲା। କଟକ ଅର୍ବାନ ଟ୍ରାନ୍ସପୋର୍ଟ ସର୍ଭିସ୍ ଲିମିଟେଡ୍ (ସିୟୁଟିଏସ୍ଏଲ୍) ଏବଂ ସାହାରା ରୋଡୱେଜ ମଧ୍ୟରେ ଏ ନେଇ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ୨୦୧୬ ଏପ୍ରିଲ୍ ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବସ୍ ସେବାକୁ ଉଦ୍‌ଘାଟନ କରିଥିଲେ। କଟକ ସହର ସମେତ ଆଖପାଖ ୧୦ଟି ଅଞ୍ଚଳକୁ ଏହି ସେବା ଦ୍ୱାରା ଯୋଡ଼ିବାକୁ ଉଦ୍ୟମ ହୋଇଥିଲା। ଚୌଦ୍ୱାର, ବାଙ୍କୀ, ମଙ୍ଗୁଳି, ଗୋପାଳପୁର, ନୂଆପଡା, ବିଜୁପଟ୍ଟନାୟକ ଛକ, ବିଡାନାସୀ, ତ୍ରିସୂଳିଆ, ଜଗତ୍‌ପୁର ଆଦି ଅଞ୍ଚଳକୁ ବସ୍ ସେବା ଉପଲବ୍ଧ କରାଯାଇଥିଲା। କେତେକ ଅଞ୍ଚଳକୁ ବସ ସେବା ଆରମ୍ଭ ହୋଇଥିବାବେଳେ ଆଉ କେତେକ ଅଞ୍ଚଳକୁ କିଛିମାସ ଚାଲିବା ପରେ ବସ୍‌ସେବା ଠପ୍ ହୋଇଯାଇଥିଲା। କେତେକ କାରଣ ଯୋଗୁ ବସ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବିଶେଷକରି ସିଟିବସ ଭଡା ବୃଦ୍ଧି, ବସ୍ ଚଳାଚଳ ପାଇଁ ସମୟ ନିର୍ଘଣ୍ଟ ଠିକ୍ ନ ରହିବା ଓ ବସ୍‌ରେ ଯାତ୍ରୀ ସଂଖ୍ୟା କମୁଥିବାରୁ ଚଳାଚଳ ବାଧାପ୍ରାପ୍ତ ହେଉଥିବା ସହବାସୀ ଅଭିଯୋଗ କରିଛନ୍ତି।



ବିକାଶ ଭବନ ପରିସରରେ ରହିଥିବା ସିଟି ବସ୍।

୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ସିଟିବସ ଚଳାଚଳ କରୁ ନ ଥିବାରୁ ଏବେ ସେଗୁଡିକ ନଷ୍ଟ ହେବାକୁ ବସିଛି। ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ଛିଡ଼ା ହୋଇ ରହିଥିବାରୁ ଏଗୁଡ଼ିକର ଟାୟାର ଓ ସିଟ୍ ନଷ୍ଟ ହେଲାଣି। ଏଥିସହ ବସ୍‌ରେ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି। ଏହି ସମୟ ମଧ୍ୟରେ ସିଏମ୍‌ସିରେ ୪ଜଣ କମିଶନର ଦାୟିତ୍ୱ ନେଇ ବଦଳି ହୋଇ ଗଲେଣି। କିନ୍ତୁ କେହିବି ବସ୍ ସେବା ଯୋଜନା ସମ୍ପର୍କରେ ମୁଣ୍ଡ ଖେଳାଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ବସ୍‌ଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଏ ନେଇ ଖୁବ୍‌ଶୀଘ୍ର ଏକ ବୈଠକ ଡାକି ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷରେ ଆଡଭୋକେଟ ରାଜୀବ ପଟ୍ଟନାୟକ କହିଛନ୍ତି, ଯଦି ବସ୍‌ଗୁଡ଼ିକ ମରାମତି ନ ହେଉଛି ତେବେ ସେଗୁଡ଼ିକ ବିକ୍ରି କରାଯିବା ଉଚିତ ହେବ।



ଟାଙ୍ଗୀ ସ୍ଥିତ ଡ୍ରିମ୍ସ କଲେଜ ପରିସରରେ ଅନୁଷ୍ଠିତ ପଦ୍ମିନୀ ରଥ ସ୍ମୃତି ସମାରୋହରେ ଡ୍ରିମ୍ସ ଚେୟାରମ୍ୟାନ ପ୍ରମୋଦ ଚନ୍ଦ୍ର ରଥ ଗୁରୁବାର ଅଖଣ୍ଡନନ୍ଦ ସ୍ୱାମୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଅନଧିକାର ଭାବେ ଗଢ଼ି ଉଠିଥିବା ବସ୍ତି ହଟାଇବାକୁ ନିର୍ଦ୍ଦେଶ

**କଟକ ଅଫିସ, ୧।୮**

**ଗୋପଦ ଅଭିଯାନ**

ଗୋପଦ ଅଭିଯାନରେ ଗୁରୁବାର ସକାଳେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ ଅନ୍ୟ ଅଧିକାରୀମାନଙ୍କ ସହିତ ବାହାରି ଚହଟା ଅଞ୍ଚଳ କୃଷକବଜାର, ତୁଳସୀପୁର, ତଅଁଳାସାହି ପରିଦର୍ଶନ କରିଥିଲେ। ପ୍ରଥମେ ଚହଟା ଛକରେ ପହଞ୍ଚି କୃଷକ ବଜାରସ୍ଥିତ ସରକାରୀ ଜମିରେ ଅନଧିକାର ଭାବେ ଜନବସତି ଗଢିଉଠିବା ଏବଂ ପ୍ରଭାବଶାଳୀ ବ୍ୟକ୍ତି ବସ୍ତିବାସିନ୍ଦାଙ୍କୁ ଏହି ଜମି ବିକ୍ରି କରିଥିବା ଜାଣିବାକୁ ପାଇଥିଲେ। ଜିଲାପାଳ ଏ ନେଇ କ୍ଷୋଭ ପ୍ରକାଶ କରିବା ସହ ଦାୟିତ୍ୱରେ ଥିବା ରାଜସ୍ୱ ନିରୀକ୍ଷକ, ବିଭାଗୀୟ ଅଧିକାରୀ ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ବିଦ୍ୟୁତ୍ ସେବା ବନ୍ଦ କରିବା, ଗଢି ଉଠିଥିବା ବସ୍ତିକୁ ହଟାଇବା ପାଇଁ ସିଏମ୍‌ସି, ସିଡିଏ ଓ ତହସିଲକୁ ନିର୍ଦ୍ଦେଶ ଦେଇଥିଲେ। ତୁଳସୀପୁର ତଅଁଳାସାହି ଅଞ୍ଚଳରେ ଡ୍ରେନ ଅବରୋଧ କରିଥିବା ଏବଂ ଅସ୍ଥାୟୀ ଭାବେ ଗଢି ଉଠିଥିବା ଜନବସତିକୁ ୭ଦିନ ମଧ୍ୟରେ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଚହଟା ଛକଠାରେ ଥିବା ପାର୍କ ଏବଂ ଚହଟାନଗର ୪ନଂ. ଲେନ୍ ରାସ୍ତା କଡ଼ରେ ଗଢି ଉଠିଥିବା ଜନବସତିକୁ ଉଚ୍ଛେଦ କରିବା ସହ ଅମୃତ ଯୋଜନା ମାଧ୍ୟମରେ ପାର୍କର ପୁନରୁଦ୍ଧାର କରିବାକୁ ପରାମର୍ଶ ଦେଇଥିଲେ।

## କଟକ ନଗର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଡିଜିପିଙ୍କୁ ଦାବିପତ୍ର



ଡିଜିପିଙ୍କୁ ଦାବିପତ୍ର ଦେବାକୁ ଯାଉଥିବା କଟକ ନଗର ଭାଜପା ଯୁବମୋର୍ଚ୍ଚା ପ୍ରତିନିଧିମାନେ।

**କଟକ ଅଫିସ,୧।୮**

ସହରର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ କଟକ ନଗର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏକ ପ୍ରତିନିଧି ଦଳ ଗୁରୁବାର ଡିଜିପି ଆର.ପି. ଶର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ଦିନବେଳା ମୋବାଇଲ ପାଟ୍ରୋଲିଂ ପ୍ରତି ଧ୍ୟାନ ଦେବା, ସହରକୁ ପ୍ରତିଦିନ ଆସୁଥିବା ଅଜଣା ବ୍ୟକ୍ତି ଓ ଗାଡିଗୁଡିକୁ ସିସିଟିଭି ମାଧ୍ୟମରେ ଅନୁଧ୍ୟାନ କରିବା, ସହରର ବିଭିନ୍ନ ଥାନାରେ ଅଧିକ ସଂଖ୍ୟକ ପିସିଆର ଭ୍ୟାନ୍ ଉପଲବ୍ଧ କରାଇବା। ସନ୍ଧ୍ୟା ଓ ରାତିବେଳା ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା, ବରିଷ୍ଠ ନାଗରିକମାନଙ୍କୁ ସୁରକ୍ଷା ଦେବା ଓ ମହିଳା କନଷ୍ଟେବଳ ଗୀତାଞ୍ଜଳି ଜେନାଙ୍କ ସସ୍‌ପେଣ୍ଡ ଉପରେ ପୁନଃ ବିଚାର କରିବା ଭଳି ଦାବି ରହିଛି। ଯୁବମୋର୍ଚ୍ଚା ଉପସଭାପତି କୀର୍ତ୍ତିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ନଗର ଭାଜପା ସମ୍ପାଦକ ଲଲାଟେନ୍ଦୁ ଦାସ, ସୟଦ ଶାହାନୱାଜ, ସାର୍ଥକ ରାୟ, ଅଭିଷେକ ସିଂ, ଜିତେନ ବେହେରା, ଦୀପକ ଦାସ, ରତନ ବେହେରା, ନିଗମ ମିଶ୍ର, ଏମ.ଡି ସୋହେଲ, ଅମ୍ବିକା ସାମଲ ପ୍ରମୁଖ ଡିଜିପିଙ୍କୁ ଭେଟିଥିଲେ। ଏହି ଦାବିଗୁଡିକୁ ଯଦି କାର୍ଯ୍ୟକାରୀ ନ କରାଯାଏ ତେବେ ଆଗାମୀ ଦିନରେ ନଗର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ସ୍ୱାଧୀନ ମହାନ୍ତି କହିଛନ୍ତି।

## କଂଗ୍ରେସ ନେତାଙ୍କ ବିୟୋଗରେ ଶୋକସଭା

**କଟକ ଅଫିସ, ୧।୮**

କଟକ ନଗର ଛାତ୍ର କଂଗ୍ରେସ ପକ୍ଷରୁ ଛାତ୍ର କଂଗ୍ରେସ ନେତା ତଥା କଟକ ସୁଭାଷ ଚନ୍ଦ୍ର ବୋଷ ମେମୋରିଆଲ ମହାବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସମ୍ପାଦକ ସେକ୍ ସୋହେଲ ବକ୍ସଙ୍କ ବିୟୋଗରେ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଛାତ୍ର କଂଗ୍ରେସ ସଂଯୋଜକ ନିରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବାରବାଟୀ–କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଛାତ୍ର କଂଗ୍ରେସକୁ ସୁଦୃଢ କରିବାରେ ସୋହେଲଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ଅତିଥିମାନେ ସୋହେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଲଜାର ଅହମ୍ମଦ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, କାମେଶ ରାଓ, ସୁରଜିତ ସାହୁ, ଅଲେଖ ବେଉରା, ସୌମ୍ୟ ମହାନ୍ତି, ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କଟକ–ଚୌଦ୍ୱାର ବିକାଶ ପରିଷଦ ପକ୍ଷରୁ ଡିସିପିଙ୍କୁ ସ୍ମାରକପତ୍ର



ଡିସିପିଙ୍କୁ ସ୍ମାରକପତ୍ର ଦେବାକୁ ଯାଉଥିବା କଟକ–ଚୌଦ୍ୱାର ବିକାଶ ପରିଷଦ ସଦସ୍ୟମାନେ।

**କଟକ ଅଫିସ, ୧।୮**

କଟକ ସହରରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ୨୦୦୮ରୁ ସହରରେ କମିଶନରେଟ ପୋଲିସ ବ୍ୟବସ୍ଥା ଲାଗୁ କରାଗଲା। ସହରବାସୀ ଭାବିଥିଲେ ଏହି ବ୍ୟବସ୍ଥା ଲାଗୁ ହେଲେ ଅଧିକ ପୋଲିସ ମୁତୟନ ହେବେ ଓ ଲୋକଙ୍କ ଧନଜୀବନ ସୁରକ୍ଷିତ ରହିବ। ମାତ୍ର କମିଶନରେଟ ପୋଲିସ ହେବାର ୧୧ ବର୍ଷ ବିତିଯାଇଥିଲେ ମଧ୍ୟ ସହରରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାରିବାର ନାଁ ନେଉନାହିଁ। ଦିନକୁ ଦିନ ଚୋରି, ଡକାୟତି, ରାହାଜାନି, ବଳାତ୍କାର, ସାଇବର କ୍ରାଇମ, ନିଶା ବ୍ୟବସାୟ, ହତ୍ୟାକାଣ୍ଡ ଭଳି ଅପରାଧ ବଢିବାରେ ଲାଗିଛି। ଏହିସବୁ ନିୟନ୍ତ୍ରଣ କରିବାରେ କମିଶନରେଟ ପୋଲିସ ଫେଲ୍ ମାରିଛି। ସହରର ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବାକୁ ଗୁରୁବାର କଟକ–ଚୌଦ୍ୱାର ବିକାଶ ପରିଷଦ ପକ୍ଷରୁ ଡିସିପିଙ୍କୁ ୧୪ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଶେଷକରି ରାତ୍ର ପାଟ୍ରୋଲିଂକୁ କଡାକଡି କରିବା, ଅପରାଧୀମାନଙ୍କ ପ୍ରତି ଥାନା ଅଧିକାରୀମାନେ କଠୋର ହେବା, ସାଧାରଣ ଜନତାଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା, ଦିନବେଳା ନୋ ଏଣ୍ଟ୍ରି ରାସ୍ତାରେ ଭାରିଯାନ ଚଳାଚଳକୁ ବନ୍ଦ କରିବା, ଜନଗହଳି ସ୍ଥାନରେ ଯାନବାହନ ନିୟନ୍ତ୍ରଣ ପାଇଁ ଟ୍ରାଫିକ ପୋଲିସ ନିୟୋଜିତ କରିବା, ନ୍ୟାୟାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ଅସାମାଜିକ ବ୍ୟକ୍ତିମାନଙ୍କର ଫଟୋ ସର୍ବସାଧାରଣରେ ଲୋକଲୋଚନକୁ ଆଣିବା, ପ୍ରତ୍ୟେକ ଥାନାରେ ୨ ମାସରେ ଥରେ ପୋଲିସ–ପବ୍ଲିକ୍ ଜନସମ୍ପର୍କ କାର୍ଯ୍ୟକ୍ରମ କରାଯିବା ଭଳି ବିଭିନ୍ନ ଦାବି ନେଇ କଟକ–ଚୌଦ୍ୱାର ବିକାଶ ପରିଷଦ ପକ୍ଷରୁ ଡିସିପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ବରିଷ୍ଠ ନାଗରିକ ଅଶ୍ୱିନୀ ମହାରଣା, ତୀର୍ଥାନନ୍ଦ ପଣ୍ଡା, ଅଲେଖ ଚନ୍ଦ୍ର ବେହେରା, ଜୟନାରାୟଣ ତ୍ରିପାଠୀ, ଆଡଭୋକେଟ ସୌମେନ୍ଦ୍ର ମହାନ୍ତି, ସନ୍ତୋଷ ଗିରି, ବାମାଚରଣ ଦାସ ଓ ଗୌରୀଶଙ୍କର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଥାନା ଅଧିକାରୀଙ୍କୁ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

**କଟକ ଅଫିସ, ୧।୮**

**ଆଇନଜୀବୀଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲା**

ଆଇନଜୀବୀଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲାରେ ହାଇକୋର୍ଟ ଜଗତ୍‌ପୁର ଥାନା ଅଧିକାରୀଙ୍କୁ ବ୍ୟକ୍ତିଗତ ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ବିଶ୍ୱଜିତ ମହାନ୍ତି ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଜଗତ୍‌ପୁର ପଣ୍ଡାସାହିରେ ହାଇକୋର୍ଟର ଆଇନଜୀବୀ ସୁରେଶ କୁମାର ପଣ୍ଡା ବାସ କରନ୍ତି। ତାଙ୍କ ଘରକୁ ବିଜୁଳି ସଂଯୋଗ ଦେବା ଲାଗି ସେସୁରେ କାର୍ଯ୍ୟରତ ଏହି ଗ୍ରାମର ଶାଶ୍ୱତ ପାଢ଼ୀ ଓରଫ ଜିତୁ ୨୦୧୮ ଏପ୍ରିଲ୍ ୧୮ରେ ୧୨,୫୦୦ ଟଙ୍କା ନେଇଥିଲେ। ମାତ୍ର ଦୀର୍ଘଦିନ ଧରି ବିଦ୍ୟୁତ୍ ସଂଯୋଗ ନ ମିଳିବାରୁ ପଣ୍ଡା ଦେଇଥିବା ଅର୍ଥ ଜିତୁଙ୍କୁ ଫେରାଇବା ପାଇଁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଜିତୁଙ୍କ ବାପା କ୍ଷେତ୍ରମୋହନ ଓ ତାଙ୍କ ଭାଇ ସଂଘବଦ୍ଧ ଭାବେ ପଣ୍ଡାଙ୍କୁ ଆକ୍ରମଣ କରିଥିଲେ। ପଣ୍ଡାଙ୍କୁ ରକ୍ଷା କରିବାକୁ ଯାଇ ତାଙ୍କ ସ୍ତ୍ରୀ ମଧ୍ୟ ଆହତ ହୋଇଥିଲେ। ଚିକିତ୍ସାଲାଗି ଉଭୟଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ପଣ୍ଡା ଏ ନେଇ ଜଗତ୍‌ପୁର ଥାନାରେ ଅଭିଯୋଗ କରିଥିଲେ। ଏଥିସହ ପଣ୍ଡା ଏ ସମ୍ପର୍କରେ ଜିଲା ପ୍ରଶାସନ, ହାଇକୋର୍ଟବାର, କ୍ରିମିନାଲ କୋର୍ଟସ୍ ବାରକୁ ଜଣାଇଥିଲେ। ଡିସିପି ଓ ଜଗତ୍‌ପୁର ଆଇଆଇସିଙ୍କ ନେତୃତ୍ୱରେ ଚାରିଜଣିଆ ଟିମ୍ ପଣ୍ଡାଙ୍କ ସ୍ୱାସ୍ଥ୍ୟବସ୍ଥା ପରଖିବା ସହିତ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲା। ତେବେ ପୂର୍ବତନ ଆଇଆଇସି କ୍ଷେତ୍ରମୋହନଙ୍କୁ ମାମଲାରୁ ବାଦ ଦେଇ ମାମଲା ରୁଜୁ କରିଥିଲେ। ଏହି ଘଟଣା ନେଇ ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ବିଚାରପତି ଆସନ୍ତା ୫ ତାରିଖରେ ଥାନା ଅଧିକାରୀଙ୍କୁ ବ୍ୟକ୍ତିଗତ ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

## ପୁରୁଣା ଅଙ୍ଗନୱାଡି କେନ୍ଦ୍ରରେ ପାଇଖାନା ନିର୍ମାଣ ଦାବି

**କଟକ ସଦର,୧।୮(ଡି.ଏନ୍.ଏ.)**

**୨୦୧୦ ପୂର୍ବରୁ ନିର୍ମାଣ ହୋଇଥିବା ୧୨ ଅଙ୍ଗନୱାଡ଼ି କେନ୍ଦ୍ରରେ ପାଇଖାନା ନାହିଁ**

ଅକ୍ଟୋବର ୨ ରେ ଦେଶରେ ସ୍ୱଚ୍ଛଭାରତ ଅଭିଯାନର ପରିସମାପ୍ତି ଘଟାଇବା ପାଇଁ କେନ୍ଦ୍ର ସରକାର ସମୟସୀମା ଧାର୍ଯ୍ୟ କରିଛନ୍ତି। ଏହି ସମୟ ମଧ୍ୟରେ ବାହାରେ ମଳତ୍ୟାଗ କରୁଥିବା ସମସ୍ତ ପରିବାରକୁ ୧୨ହଜାର ଟଙ୍କିଆ ପାଇଖାନା ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଛି। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପାଇଖାନା ନିର୍ମାଣକୁ ବାଧ୍ୟତାମୂଳକ କରାଯାଇଛି। କଟକ ସଦର ବ୍ଲକରେ ୨୦୧୦ ମସିହା ପୂର୍ବରୁ ନିର୍ମାଣ କରାଯାଇଥିବା ୧୨ଟି ଅଙ୍ଗନୱାଡି କେନ୍ଦ୍ରରେ ପାଇଖାନା ନ ଥିବା ଜଣାପଡିଛି। ଏହି ସବୁ କେନ୍ଦ୍ର ନିର୍ମାଣବେଳେ ଆକଳନରେ ବିଲ୍ଡିଂ ସହ ପାଇଖାନାର ବ୍ୟବସ୍ଥା ନ ଥିଲା। ସ୍ୱଚ୍ଛଭାରତ ଅଭିଯାନର ସଫଳତାକୁ ଦୃଷ୍ଟିରେ ରଖିଲେ ଏହି ସବୁ କେନ୍ଦ୍ରରେ ପାଇଖାନା ନିର୍ମାଣ ଜରୁରୀ ହୋଇପଡିଛି। ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଆମ୍ଭର ପୂର୍ବତନ ସଭାପତି ସମର ବେହେରା ଦାବି କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୧–୧୨ ଆର୍ଥିକ ବର୍ଷରୁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରତି ଅଙ୍ଗନୱାଡି କେନ୍ଦ୍ର ବିଲ୍ଡିଂ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏଥିରେ ଶ୍ରେଣୀ ଗୃହ ସହ ପାଇଖାନା କରିବା ପାଇଁ ଆକଳନ ପ୍ରସ୍ତୁତ ହୋଇଥିଲା। ଏହା ପରଠାରୁ ଏହି ସୁବିଧା ସରକାରଙ୍କ ନିଜସ୍ୱ ଅଙ୍ଗନୱାଡି ଗୃହରେ ରହିଛି। ତେବେ ପୂର୍ବରୁ ନିର୍ମାଣ ହୋଇଥିବା କେନ୍ଦ୍ର ପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି। ପାଇଖାନା ନିର୍ମାଣ ସହ ପାନୀୟଜଳର ବ୍ୟବସ୍ଥା ନିଜସ୍ୱ ଅଙ୍ଗନୱାଡି ଗୃହରେ କରିବା ପାଇଁ ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ଡିଭିଜନକୁ ଚିଠି ଲେଖାଯାଇଛି ବୋଲି ସିଡିପିଓ କାର୍ଯ୍ୟାଳୟର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି।

## ରୁପା, ଷ୍ଟୋନ୍ ରାଖୀର ଚାହିଦା ବେଶି

**କଟକ ଅଫିସ, ୧।୮**



ଭାଇ ଭଉଣୀଙ୍କର ସ୍ନେହ ସମ୍ପର୍କ ଓ ଭଲ ପାଇବାର ପର୍ବ ରାଖୀପୂର୍ଣ୍ଣିମା। ଭାଇ ହାତରେ ଭଉଣୀ ରାଖୀ ବାନ୍ଧି ଶୁଭମନାସୀ ଥାଏ ଓ ଭଉଣୀକୁ ସୁରକ୍ଷା ଦେବାକୁ ଭାଇ ପ୍ରତିଶ୍ରୁତି ଦିଏ। ଆମ ସଂସ୍କୃତି ଓ ପରମ୍ପରାର ବାର୍ତ୍ତା ବହନ କରିଥାଏ ଏହି ରାଖୀ। କେବଳ ଭାଇ ଭଉଣୀ ନୁହେଁ ଅନେକଙ୍କୁ ସମ୍ପର୍କର ସୂତାଖିଅ ମାଧ୍ୟମରେ ଯୋଡ଼ିଥାଏ ରାଖୀ। ରାଖୀପୂର୍ଣ୍ଣିମା ଅଳ୍ପ କିଛି ଦିନ ବାକି ଥିବାବେଳେ କଟକ ସହରରେ ଏବେଠୁ ଜମିଲାଣି ରାଖୀ ବେପାର। ଚୌଧୁରୀ ବଜାର, ବକ୍ସି ବଜାର, ରାଣୀହାଟ, ଦୋଳମୁଣ୍ଡାଇ, କଲେଜ ଛକ ଆଦି ସହରର ବିଭିନ୍ନ ସ୍ଥାନରେ ଖୋଲିଛି ରାଖୀର ପସରା। ଭଳିକିଭଳି ବିଭିନ୍ନ ଡିଜାଇନର ରାଖୀ କିଣିବାକୁ ଗ୍ରାହକଙ୍କ ଭିଡ଼ ମଧ୍ୟ ଲାଗୁଛି। ଚଳିତବର୍ଷ ବଜାରରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଭେରାଇଟିର ରାଖୀ ମିଳୁଛି। ନାମ ଯେମିତି ଦାମ୍ ବି ସେମିତି। ବ୍ୟବସାୟୀମାନେ ମଧ୍ୟ ଗ୍ରାହକମାନଙ୍କ ମନ ଜିଣିବା ଭଳି ରାଖୀ ଆଣି ଷ୍ଟଲ୍‌ରେ ସଜାଇଛନ୍ତି।

**ଜମିଲାଣି ରାଖୀ ବେପାର**

ଚଳିତବର୍ଷ ଷ୍ଟୋନ ରାଖୀ ସମସ୍ତଙ୍କ ଦୃଷ୍ଟିର କେନ୍ଦ୍ରବିନ୍ଦୁ ପାଲଟିଛି। କଲେଜ ଛାତ୍ରୀ, ମହିଳା ଓ ଯୁବତୀମାନଙ୍କର ପ୍ରଥମ ପସନ୍ଦ ଷ୍ଟୋନ ରାଖୀ ବୋଲି ବ୍ୟବସାୟୀ ମତ ଦେଇଛନ୍ତି। କଟକକୁ ସାଧାରଣତଃ କୋଲକାତା, ଦିଲ୍ଲୀ ଓ ଜଟଣୀରୁ ରାଖୀ ଆସିଥାଏ। ସିଲଭର ସିଟି ଭାବେ ପରିଚିତ କଟକରେ ରୁପା ରାଖୀର ଚାହିଦା ବେଶ୍ ଅଧିକ ରହିଛି। ଛୋଟ ପିଲାଙ୍କର ଟେଡି ବିୟର, ମୋଟୁ ପତଲୁ ଓ ପୋକମ୍ୟାନ ରାଖୀ ମଧ୍ୟ ବିକ୍ରି ହେଉଛି। ସେହିପରି ରେଶମ ରାଖୀ ସହ ବୁଟି ରାଖୀ, ମାଳି ରାଖୀ ମଧ୍ୟ ଉପଲବ୍ଧ ରହିଛି। ସର୍ବନିମ୍ନ ୨ଟଙ୍କାରୁ ଆରମ୍ଭ କରି ସର୍ବାଧିକ ୫୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ରାଖୀ ମିଳୁଛି। କେବଳ କଟକ ସହର ନୁହେଁ ରାଜ୍ୟର ବିଭିନ୍ନ ସ୍ଥାନରୁ ବ୍ୟବସାୟୀ ଏଠାକୁ ଆସି ରାଖୀ କ୍ରୟ କରୁଥିବା ଦେଖିବାକୁ ମିଳିଛି। ଚୌଧୁରୀ ବଜାର ରାଖୀ ବ୍ୟବସାୟର ପେଣ୍ଠ ହୋଇଥିବାରୁ ଏଠାରେ ବେପାର ବେଶ୍ ଜମିବାରେ ଲାଗିଛି।

### ଏମାନେ କହନ୍ତି...



ରାଖୀପୂର୍ଣ୍ଣମାକୁ ଆହୁରି ୧୫ଦିନ ବାକି ଥିଲେ ମଧ୍ୟ ବ୍ୟବସାୟ ଜମିଲାଣି। ପିଲାମାନଙ୍କର ବାହୁବଳୀ, ଟେଡି ବିୟର, ମୋଟୁ ପତଲୁ ଓ ପୋକମ୍ୟାନ ରାଖୀ ଅଧିକ ବିକ୍ରି ହେଉଛି।
**–ଅବିନାଶ ନନ୍ଦୀ, ବ୍ୟବସାୟୀ, ଚୌଧୁରୀ ବଜାର**



ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଜଟଣୀରୁ ବିଭିନ୍ନ ଡିଜାଇନର ରାଖୀ ବକ୍ସିବଜାରକୁ ଆସିଛି। ପ୍ରତିବର୍ଷ ଚାଇନା ରାଖୀର ଚାହିଦା ଅଧିକ ରହିଥାଏ। ମାତ୍ର ଏ ବର୍ଷ ବଜାରରୁ ଚାଇନା ରାଖୀ ହଜିଯାଇଛି, ଯଦ୍ୱାରା ଗ୍ରାହକଙ୍କୁ ନିରାଶ ହେବାକୁ ପଡୁଛି। ତେବେ କେତେକ ଗ୍ରାହକ ଚାଇନା ରାଖୀ ନ ଦେଖି ଖୁସି ପ୍ରକାଶ କରୁଛନ୍ତି।
**–ସଞ୍ଜୀବ କୁମାର ଦାସ, ବ୍ୟବସାୟୀ, ବକ୍ସିବଜାର**



ପ୍ରତିବର୍ଷ ମୁଁ ମୋ ଭାଇମାନଙ୍କ ହାତରେ ରାଖୀ ବାନ୍ଧିଥାଏ । ମୋର ଦୁଇଭାଇଙ୍କ ପାଇଁ ଚଳିତ ବର୍ଷ କଟକରୁ ରୁପା ରାଖୀ କିଣିଛି। କଟକରେ ରୁପା ରାଖୀର ଭରପୂର ଡିଜାଇନ ମିଳୁଛି। ତାରକସିଠୁ ଆରମ୍ଭକରି ବ୍ରେସ୍‌ଲେଟ ଭଳି ରାଖୀ ଅତି ସୁନ୍ଦର ଦିଶୁଛି।
**–ସୁଶ୍ରୀତା ନାୟକ, ଛାତ୍ରୀ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ**



ଦୁର୍ବଳମନା ଓ ଅସ୍ଥିରଚିତ୍ତ ବ୍ୟକ୍ତିମାନେ କୌଣସି କାର୍ଯ୍ୟକୁ ଠିକ୍‌ଭାବେ ଗ୍ରହଣ କରିପାରନ୍ତି ନାହିଁ
-କୌଟଲ୍ୟ ଚାଣକ୍ୟ

## ସଂକ୍ଷେପରେ

### ଜାତୀୟ ସେବା ଯୋଜନାର ସ୍ୱଚ୍ଛତା ଅଭିଯାନ

ବାଲୁଗାଁ,୧୮(ଡି.ଏନ.ଏ.)- ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ବିଭିନ୍ନ ୟୁନିଟ୍ ପକ୍ଷରୁ ନିଜ ପରିବେଶ, ଅନୁଷ୍ଠାନ ଓ ପୋଷ୍ୟଗ୍ରାମରେ ସ୍ୱଚ୍ଛତା ସଂକଳ୍ପ ଅଭିଯାନ ଆରମ୍ଭ ହୋଇଯାଇଛି । ଚଳିତ ମାସ ୧ତାରିଖ ଠାରୁ ୧୫ତାରିଖ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ । ସମଗ୍ର ଅଞ୍ଚଳକୁ ପ୍ଲାଷ୍ଟିକମୁକ୍ତ କରିବା ଓ ଡାକ୍ତରଖାନା ସଫେଇ ଆଦି ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ରହିଛି । ମହାବିଦ୍ୟାଳୟ +୨ ଶ୍ରେଣୀ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦାଶ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ ପୂର୍ବତନ ସେବା ଯୋଜନା ଅଧିକାରୀ କୈଳାସ ଚନ୍ଦ୍ର ମହାରଣା, ପ୍ରାଧ୍ୟାପିକା ସୁଜାତା ପ୍ରଧାନ, ରୀନା ରାଉତ, ଶିବରାମ ସିଂ, ଅକ୍ଷୟ କୁମାର ମିଶ୍ର ପ୍ରମୁଖ ସ୍ୱଚ୍ଛତା ଓ ପରିମଳର ଆବଶ୍ୟକତା ଉପରେ ସ୍ୱେଚ୍ଛାସେବୀଙ୍କୁ ଅବଗତ କରାଇଥିଲେ । ସେବା ଯୋଜନାର ଅନ୍ୟତମ ଅଧିକାରୀ ଲକ୍ଷ୍ମୀଧର ସୁବୁଦ୍ଧି ଉତ୍ସବକୁ ପରିଚାଳନା କରିଥିଲେ ।

### କଲେଜ ଛାତ୍ରଙ୍କୁ ଆକ୍ରମଣ, ୨ ଗୁରୁତର

ପିପିଲି,୧୮(ଡି.ଏନ୍.ଏ.): ପୂର୍ବ ବିବାଦକୁ କେନ୍ଦ୍ର କରି ଗୁରୁବାର ପିପିଲି-ଜଟଣୀ ମୁଖ୍ୟ ରାସ୍ତାର ଜୟପୁର ଛକରେ ୨କଲେଜ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଭବାନୀପୁର ଗ୍ରାମର ହମସର ସାହା ଓ ଅରମାନ ସାହା ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ ପ୍ରଥମେ ପିପିଲି ଡାକ୍ତରଖାନା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ହମସର ଓ ଅରମାନ ଜୟପୁର ଛକଠାରେ ସାଙ୍ଗମାନଙ୍କ ସହ କଥା ହେଉଥିବା ବେଳେ ହଠାତ୍ ୧୦ରୁ ଊର୍ଦ୍ଧ୍ୱ ଯୁବକ ପହଞ୍ଚି ସେମାନଙ୍କୁ ଆକ୍ରମଣ କରିଥିଲେ। ଫଳରେ ହମସର ଓ ଅରମାନଙ୍କ ମୁଣ୍ଡ ଓ ହାତରେ ଆଘାତ ହୋଇଥିଲା। ସ୍ଥାନୀୟଲୋକେ ଗୁରୁତରଦ୍ୱୟଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଖବରପାଇ ପିପିଲି ଥାନା ଆଇଆଇସି ଶରତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି।

### ଦିବ୍ୟବିହାର ରାସ୍ତା ଆରଡିକୁ ହସ୍ତାନ୍ତର

ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ କଲୋନୀ ବାସିନ୍ଦା

ପୁରୁଣା ଭୁବନେଶ୍ୱର, ୧୮(ଡି.ଏନ.ଏ.): ଶିଶୁପାଳଗଡ଼ ପଞ୍ଚାୟତ ଅଧୀନ ଦିବ୍ୟବିହାର କଲୋନୀ ରାସ୍ତାଟିକୁ ଏବେ ଆରଡି ବିଭାଗକୁ ହସ୍ତାନ୍ତର କରାଯାଇଛି। ଏଣିକି ଭୁବନେଶ୍ୱରର ୱାର୍ଡ ନଂ. ୧ ଅନ୍ତର୍ଗତ ପ୍ରାୟ ୨ କିଲୋମିଟର ୨୨ ମିଟର ରାସ୍ତାର ମରାମତି ଭଳି ସମସ୍ତ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ କରିବ। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଚେଷ୍ଟାରେ ଏହା ସମ୍ଭବ ହୋଇପାରିଛି। ତେଣୁ ଗୁରୁବାର ମନ୍ତ୍ରୀଙ୍କ ବାସଭବନରେ କଲୋନୀ ବାସିନ୍ଦା ପହଞ୍ଚି ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିରେ ଦିବ୍ୟବିହାର ସଭାପତି ରାଜେନ୍ଦ୍ର ପଣ୍ଡା, ସମ୍ପାଦକ ଲଳିତ ମହାନ୍ତି, ପ୍ରଭାସ ମହାନ୍ତି, ନବକିଶୋର ପରିଡା, ଲକ୍ଷ୍ମୀକାନ୍ତ ବେହେରା, ସୁନାକର ସାହୁ, ସୁବାସ ସୁନ୍ଦରାୟ, ପ୍ରଶାନ୍ତ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ।

## ■ ସେବା ବଦଳରେ ଚାଲିଛି ଅର୍ଥ ରୋଜଗାର

# ମକଦ୍ଦମା ରୁଜୁ ନ କରି ସମାଧାନକୁ ଗୁରୁତ୍ୱ

**ପୋଲିସ ଠାରୁ ଦୂରେଇ ଚାଲିଛନ୍ତି ସାଧାରଣ ଲୋକ**

ଖୋର୍ଦ୍ଧା ଅଫିସ,୧୮

ଖୋର୍ଦ୍ଧା ପୋଲିସ ଜିଲାର ବିଭିନ୍ନ ଥାନା ଓ ଫାଣ୍ଡିରେ ଲୋକେ ନ୍ୟାୟ ପାଉନାହାନ୍ତି। ସେବା ଯୋଗାଇବାକୁ ନିୟୋଜିତ ପୋଲିସ କର୍ତ୍ତବ୍ୟ ଭୁଲିଯାଇ ଟଙ୍କା ରୋଜଗାରରେ ମାତିଛି। ଏଣୁ ମକଦ୍ଦମା ରୁଜୁ ନ କରି ସମାଧାନକୁ ଗୁରୁତ୍ୱ ଦେଉଥିବାରୁ ବିଭିନ୍ନ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ଖୋର୍ଦ୍ଧା ପୋଲିସ ଜିଲାର ଜଙ୍କିଆ ଥାନା ସିକୋ ଫାଣ୍ଡି ଅଧିକାରୀ ମନମୋହନ ଜାଲି ମକଦ୍ଦମା ନ କରି ବିବାଦର ସମାଧାନ କରିବାକୁ ଯାଇ ଲାଞ୍ଚ ନେବା ଘଟଣା ଗୁରୁବାର ଏହାକୁ ପ୍ରମାଣିତ କରିଛି। ବିଭିନ୍ନ ସମୟରେ ସିକୋ ଫାଣ୍ଡି ଅଧିକାରୀଙ୍କ ନାମରେ ଭିନ୍ନ ଭିନ୍ନ ଅଭିଯୋଗ ଆସୁଥିଲା। କେତେବେଳେ ଅଭିଯୁକ୍ତଙ୍କୁ ଛାଡି ଅଭିଯୋଗକାରୀଙ୍କୁ ହଇରାଣ କରୁଥିବାବେଳେ ତ ଆଉ କେଉଁ ସମୟରେ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଜାଣି ଶୁଣି ସମୟ ଗଡାଉ ଥିବା ଅଭିଯୋଗ ଥିଲା। ଅନ୍ୟ ସମୟରେ ମାମଲାର ଦଫା କୋହଳ କରୁଥିବା ଅଭିଯୋଗ ଉଠୁଥିଲା। ତେବେ ସବୁବେଳେ ସେ ନିର୍ଦ୍ଦୋଷ ବୋଲି ସଫେଇ ଦେଇ ଆସି ଶେଷରେ ନିଜର କର୍ମ ଫଳ ଭୋଗିଥିବା ଚର୍ଚ୍ଚା ହେଉଛି। ଜାଲିଙ୍କ ପରି ବିଭିନ୍ନ ଥାନା ଓ ଫାଣ୍ଡିରେ କେତେଜଣ ଅଫିସର ଓ କର୍ମଚାରୀ ଅଛନ୍ତି। ଯେଉଁମାନେ ନିଜକୁ ନିର୍ମଳ ଭାବମୂର୍ତ୍ତି ଦେଖାଇ ସାଧାରଣ ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି ।

### ଅଧିକାଂଶ ଘଟଣାରେ ରୁଜୁ ହେଉନି ଏତଲା

ବିଭିନ୍ନ ଆଳ ଦେଖାଇ ପୋଲିସ ଅଧିକାଂଶ ସମୟରେ ଏତଲା ରଖୁନାହିଁ। କେତେବେଳେ ରାଜନୈତିକ ଚାପରେ ତ ଆଉ କେଉଁ ସମୟରେ ଥାନା ସୀମା ଦେଖାଇ ଅଭିଯୋଗକାରୀଙ୍କୁ ଫେରାଇ ଦିଆଯାଉଛି। ସେହିପରି କାଗଜପତ୍ରରେ ଅପରାଧ କମାଇବା, ମୋଟା ଅଙ୍କର ହାତଗୁଞ୍ଜା ମିଳିଲେ ମଧ୍ୟ ଅଭିଯୋଗକାରୀଙ୍କ ଏତଲାକୁ ପୋଲିସ ଅଣଦେଖା କରୁଛି। ଅଭିଯୋଗକାରୀଙ୍କୁ ପୋଲିସର ଅଣଦେଖା ଅପରାଧୀଙ୍କୁ ଅପରାଧ କରିବାକୁ ପ୍ରୋତ୍ସାହନ ଦେଉଛି। ପୋଲିସର ଏହି କାରନାମା ବହୁ ପୁରୁଣା। ଦିଲ୍ଲୀରେ ପାରା ମେଡିକାଲ ଛାତ୍ରୀଙ୍କୁ ଗଣବଳତ୍କାର ଘଟଣାରେ ପୋଲିସର ଅସଲ ମୁଖା ଖୋଲିଥିଲା। ଏହି ଘଟଣାର ମୂଳୋତ୍ପାଟନ ପାଇଁ ଏ ଉଦ୍ଦେଶ୍ୟରେ ଗଠିତ କମିଟିର ପରାମର୍ଶକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏତଲା ପ୍ରସଙ୍ଗକୁ ଗୁରୁତ୍ୱ ଦେଇଥିଲା। ଯେଉଁ ପୋଲିସ ଅଧିକାରୀ ଅନୁସନ୍ଧାନ ଯୋଗ୍ୟ ଅଭିଯୋଗ ପାଇବା ପରେ ଏତଲା ରୁଜୁ କରୁନାହାନ୍ତି ସେମାନଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ ଦଫା ୧୬୬(ଏ)ରେ ମାମଲା ରୁଜୁ କରାଯିବ। ଏଥିରେ ଦାଷୀ ସାବ୍ୟସ୍ତ ହେଲେ ସମ୍ପୃକ୍ତ ଅଫିସରଙ୍କୁ ବର୍ଷେ ପର୍ଯ୍ୟନ୍ତ ଜେଲ ଯିବାକୁ ପଡିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟକୁ ନିର୍ଦ୍ଦେଶନାମା ପଠାଯାଇଛି। ରେଜିଷ୍ଟ୍ରି ପୋଷ୍ଟ ଦ୍ୱାରା ଅଭିଯୋଗ କଲେ ପୋଲିସ ଏତଲା ରୁଜୁ କରିବାକୁ ବାଧ ହେବ। ଏହା ପରେ ଯଦିଓ ଏତଲାକୁ ପୋଲିସ ଅଣଦେଖା କଲା ଦଣ୍ଡ ପାଇବା ନିଶ୍ଚିତ ହୋଇଯିବ। ଏହା ସତ୍ତ୍ୱେ ବି ମୋବାଇଲ ଚୋରି, ବାଇକ ଚୋରି ପରି ଅଧିକାଂଶ ଘଟଣାରେ ପୋଲିସ ଏତଲା ନ ରଖି ଅଭିଯୋଗ ହୋଇ ନ ଥିବା ସଫେଇ ଦେଇ ଫାଙ୍କି ଚାଲିଛି। ଏସ୍‌ଡିପିଓ, ଏସ୍‌ପି, ଆଇଜି, ଡିଜିଙ୍କ ନିକଟରେ ଅଭିଯୋଗ ହେଲେ ମଧ୍ୟ ସୁଫଳ ମିଳୁନି। ବରଂ ଥାନା ଓ ଫାଣ୍ଡି ପୋଲିସର କଥା ସହ କଥା ମିଶାଇ ଉପରିସ୍ଥ ଅଧିକାରୀ, ପଦାଧିକାରୀମାନେ ଅଭିଯୋଗ ନ ଥିବା ଦର୍ଶାଇ ସହଯୋଗ କରି ଆସୁଛନ୍ତି। ଏହାରି ପଛରେ ହାତଗୁଞ୍ଜା କାରବାର ଚାଲୁ ଥିବାର ଅଭିଯୋଗ ହୋଇଆସୁଛି। ଏଣୁ ଆଇନ ବାଟରେ ଆଇନ ରହୁଥିବାବେଳେ ସାଧାରଣ ଲୋକ ହଇରାଣ ହେଉଛନ୍ତି।



ଶୋଭାଯାତ୍ରାରେ ଯୋଗ ଦେଇଥିବା ଅଙ୍ଗନଓ୍ୱାଡି କର୍ମୀ ଓ ସହାୟିକା।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ

କୃଷ୍ଣପ୍ରସାଦ,୧୮(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ସମନ୍ୱିତ ଶିଶୁ ବିକାଶ ବିଭାଗ ତରଫରୁ ଗୁରୁବାର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝି ଉଦ୍‌ଘାଟନ କରିଥିଲେ। ମହିଳା ଶିଶୁ ବିକାଶ ଅଧିକାରିଣୀ ମନୋରମା ଦେବୀଙ୍କ ନେତୃତ୍ୱରେ ଚିଲିକା, ନୂଆପଡାରେ ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲା। ଏଥିରେ ସମସ୍ତ ଅଙ୍ଗନଓ୍ୱାଡି କର୍ମୀ, ସହାୟିକା, ମୁଖ୍ୟସେବିକା ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜିତ ସଭାରେ ଶିଶୁ ପାଇଁ ସ୍ତନ୍ୟପାନର ଉପଯୋଗିତା ଉପରେ ଆଲୋଚନା କରାଯାଇଥିଲା । ନିଜ ଗାଁରୁ ପଞ୍ଚାୟତସ୍ତର ପର୍ଯ୍ୟନ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କଲେ ଏହା ସଫଳ ହେବ। ତେଣୁ ପ୍ରତି ଅଙ୍ଗନଓ୍ୱାଡି କେନ୍ଦ୍ରରେ ଏହା ପାଳନ କରିବାକୁ ଶିଶୁ ବିକାଶ ଅଧିକାରିଣୀ ପରାମର୍ଶ ଦେଇଥିଲେ ।

## ■ ଗ୍ରୀନ୍ ପାରିକୁଦ ଅଭିଯାନରେ ଆଞ୍ଚଳିକ ମଞ୍ଚ ସାମିଲ


ଅଭିଯାନରେ ସାମିଲ ହୋଇଥିବା ମହିଳାମାନେ।

କୃଷ୍ଣପ୍ରସାଦ,୧୮(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକକୁ ସବୁଜ ସୁନ୍ଦର କରିବା ଲକ୍ଷ୍ୟରେ ଯୁବ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଗ୍ରୀନ୍ ପାରିକୁଦ ଅଭିଯାନ ଆରମ୍ଭ କରିଛନ୍ତି। ଏଥିରେ ବଡ଼ଝାଡ଼ ଆଞ୍ଚଳିକ ମଞ୍ଚ ସାମିଲ ହୋଇ ବଡଝାଡ଼ଠାରୁ ପଥରକଟା ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଚାରା ରୋପଣ କରିଛନ୍ତି । ଏହି ଅବସରରେ ମଞ୍ଚ ସମ୍ପାଦିକା ଅଞ୍ଜଳି ସାହୁଙ୍କ ନେତୃତ୍ୱରେ ୩ଶହରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ଗଛଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ ନିଆଯିବ ବୋଲି ମଞ୍ଚ ତରଫରୁ ସୂଚନା ମିଳିଛି। ଗ୍ରୀନ୍ ପାରିକୁଦର ସଭ୍ୟା ଅମିତା ତରେଇ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବାବେଳେ ଆବାହକ ହିମାଂଶୁ ଶେଖର ନାୟକ ମଞ୍ଚର ସଦସ୍ୟାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ଯାନବାହନ ଯାଞ୍ଚ, ଜରିମାନା ଆଦାୟ

ବାଲୁଗାଁ,୧୮(ଡି.ଏନ୍.ଏ.)

ମୋଟରଯାନ ଆଇନ ଅତିଶୀଘ୍ର କଡ଼ାକଡ଼ି ହେବାକୁ ଯାଉଛି । ରାଜ୍ୟ ସଭାରେ ଏଥିନେଇ ବିଲ୍ ପାସ୍ ହୋଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନକ୍ରମେ ଏହା ଅତିଶୀଘ୍ର କାର୍ଯ୍ୟକାରୀ ହେବ । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସନ୍ଧ୍ୟାରେ ବାଲୁଗାଁ ପୋଲିସ ପକ୍ଷରୁ ବସ୍‌ଷ୍ଟାଣ୍ଡ ଓ ଗାନ୍ଧୀଛକ ଠାରେ ଅଚାନକ ଗାଡ଼ି ମୋଟର ଯାଞ୍ଚ କରାଯାଇଥିଲା। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଦୁଇଚକିଆ ଯାନ ଯାଞ୍ଚ କରାଯାଇଥିବା ବେଳେ ବିନା ହେଲ୍‌ମେଟ, ଡ୍ରାଇଭିଂ ଲାଇସେନ୍ସ ଓ ପଞ୍ଜୀକୃତ କାଗଜାତ ନଥିବା ୩୦ବାଇକ୍ ଆରୋହୀଙ୍କଠାରୁ ଶହେ ଟଙ୍କା ଲେଖାଏଁ ଜରିମାନା ଆକାରରେ ମୋଟ ୩ହଜାର ଟଙ୍କା ଆଦାୟ କରାଯାଇଥିବା ଥାନା ଆଇଆଇସି ରମାକାନ୍ତ ମହାଲିକ୍ ସୂଚନା ଦେଇଛନ୍ତି ।

## ■ବିବାଦର ସମାଧାନ ପାଇଁ ୫ ହଜାର ଲାଞ୍ଚ

# ଫସିଲେ ସିକୋ ଫାଣ୍ଡି ଅଧିକାରୀ

ଖୋର୍ଦ୍ଧା ଅଫିସ,୧୮



ମକଦ୍ଦମା ନ କରି କାଜୁ ଜଙ୍ଗଲର ବିବାଦର ସମାଧାନ ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଖୋର୍ଦ୍ଧା ଜିଲାର ଜଙ୍କିଆ ଥାନା ସିକୋ ଫାଣ୍ଡି ଅଧିକାରୀ ମନମୋହନ ଜାଲି ଗୁରୁବାର ସନ୍ଧ୍ୟାରେ ଖୋର୍ଦ୍ଧା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଭିଜିଲାନ୍ସ ପକ୍ଷରୁ ନଂ. ୨୯/୧୯ରେ ମାମଲା ରୁଜୁ କରାଯାଇଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ପ୍ରାପ୍ତ ସୂଚନା ଅନୁସାରେ, ବାଲଡିହା ଗାଁର ଉମେଶ ରଥ ସରକାରୀ ଜମିରେ ପ୍ରାୟ ୨୦ ଏକରର କାଜୁ ଜଙ୍ଗଲ ସୃଷ୍ଟି କରିଛନ୍ତି। କାଜୁ ଜଙ୍ଗଲର ରକ୍ଷଣାବେକ୍ଷଣ ପାଇଁ ଗାଁର କେତେଜଣ ଲୋକ ଅନ୍ୟ ଜଣେ ଲୋକଙ୍କୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନେବା ପରେ ବିବାଦର ସୂତ୍ରପାତ ହୋଇଥିଲା। ପୋଲିସର ହସ୍ତକ୍ଷେପ ପରେ କିଛି ମାସ ତଳେ ବିବାଦର ସମାଧାନ ହୋଇଥିଲା। ଏବେ ପୁଣି ସେହି ବିବାଦ ମୁଣ୍ଡ ଟେକିଥିଲା। ଉମେଶଙ୍କୁ ହତ୍ୟା କରିବାର ଧମକ ମିଳିଥିଲା। ସୁରକ୍ଷା ନ ଦେଇ ଓ ବିବାଦର ସମାଧାନ ନ କରି ସିକୋ ଫାଣ୍ଡି ଅଧିକାରୀ ସିକୋ ଫାଣ୍ଡି ଅଧିକାରୀ ମନମୋହନ ଜାଲି ୫ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ସମାଧାନ ହେବନି ବୋଲି ରୋକଠୋକ କହିବା ପରେ ଉମେଶ ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲେ। ଅଭିଯୋଗ ପାଇ ଖୋର୍ଦ୍ଧା ଭାରପ୍ରାପ୍ତ ଭିଜିଲାନ୍ସ ଡିଏସ୍‌ପି ମନୋରଞ୍ଜନ ସାମନ୍ତରାଙ୍କ ନେତୃତ୍ୱରେ ୭ ଜଣିଆ ଟିମ୍ ସିକୋ ଫାଣ୍ଡି କାର୍ଯ୍ୟାଳୟରୁ ମନମୋହନ ଜାଲିଙ୍କଠାରୁ ୫ ହଜାର ଟଙ୍କା ଜବତ କରି ଗିରଫ କରିଥିଲେ।

## ■ ଅବ୍ୟବସ୍ଥା ଘେରରେ ବେଗୁନିଆ ଶିକ୍ଷା ବିଭାଗ

# ସୁଧାର ଆଣିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ଆନ୍ଦୋଳନ ଚେତାବନୀ ଦେଲା ଜନକଲ୍ୟାଣ ପ୍ରତିଷ୍ଠାନ**

ବେଗୁନିଆ, ୧୮ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଶିକ୍ଷା ବିଭାଗରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଅଭିଯୋଗ ରହିଛି। ଏହାର ସୁଧାର ଆଣିବା କ୍ଷେତ୍ରରେ ବିଭାଗୀୟ ଅଧିକାରୀମାନେ କୌଣସି ଆନ୍ତରିକତା ଦେଖାଉନାହାନ୍ତି। ଏ ସମ୍ପର୍କରେ ଅଭିଭାବକମାନଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ନେଇ ଗୁରୁବାର ବେଗୁନିଆ ଜନକଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ଶିକ୍ଷା ନୀତିରେ ସୁଧାର ଆଣିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ନିବେଦନ କରାଯାଇଛି। ଯଦି ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ପ୍ରତିଷ୍ଠାନର ଗୁହାରି ନ ଶୁଣିବେ ତାହା ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଭାପତି ଅକ୍ଷୟ କୁମାର ରଥ, ସମ୍ପାଦକ ଭିକାରୀ ଚରଣ ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବିଦ୍ୟାଳୟଗୁଡିକରେ ପୂର୍ବରୁ ଜାତୀୟ ପତାକା ଅବତରଣରେ ବ୍ୟତିକ୍ରମ, ବିଦ୍ୟାଳୟର ପିଲାଙ୍କ ଦ୍ୱାରା ମାଙ୍କଡା ପଥର ବୁହାଯିବା, ଶିକ୍ଷକ ବଦଳି ନୀତିରେ ଅର୍ଥ କାରବାର କରି ନିର୍ଦ୍ଦିଷ୍ଟ ସ୍କୁଲରେ ଦୀର୍ଘବର୍ଷ ହେଲା ଶିକ୍ଷକତା କେତେଜଣ ଶିକ୍ଷକ କରୁଛନ୍ତି। ସେହିପରି ବହୁ ଶିକ୍ଷୟିତ୍ରୀଶିକ୍ଷକମାନେ ସ୍କୁଲ ଡ୍ରେସ ପରିବର୍ତ୍ତନ କରି ସାଦା ପୋଷାକରେ ପାଠ ପଢାଇବା ଛାଡି ବଜାର ଘାଟରେ ବୁଲୁଛନ୍ତି। ମଧ୍ୟାହ୍ନ ଭୋଜନ ଚାଉଳ ଶିକ୍ଷକମାନେ ଚୋରି କରି ଲୋକଙ୍କ ହାତରେ ଧରା ପଡିଥିଲେ। ସେହିଭଳି ସ୍କୁଲ ଚାଲିଥିବାବେଳେ ପରିସର ସଭାଗୃହରେ ଡାକବାଜି ଯନ୍ତ୍ର ବଜାଇ ବେସରକାରୀ ସଭା ବିନା ଆଦେଶନାମାରେ ଶିକ୍ଷକମାନେ କରୁଛନ୍ତି। ଫଳରେ କୋମଳମତି ପିଲାମାନଙ୍କ ପାଠ ପଢାରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ଅନେକ ବିଦ୍ୟାଳୟର ଭିତ୍ତିଭୂମି ଓ ଶୈକ୍ଷିକ ପରିବେଶ ଭୁଶୁଡି ପଡିଥିବା ଅଭିଯୋଗ ହେଉଥିଲେ ମଧ୍ୟ ଏହାକୁ କର୍ଣ୍ଣପାତ କରାଯାଉନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ମୋଷ୍ଟ ୱାଣ୍ଟେଡ ନାଲିଆ ଗିରଫ

ଖୋର୍ଦ୍ଧା ଅଫିସ/ଭୁବନେଶ୍ୱର, ୧୮(ବ୍ୟୁରୋ)

■ବେଆଇନ ଖଣି ଖାଦାନ ଚଳାଉଥିଲେ
■ଅନେକ ସଙ୍ଗିନ୍ ମାମଲାରେ ସମ୍ପୃକ୍ତ

ଖୋର୍ଦ୍ଧା ଉପକଣ୍ଠ ଅଞ୍ଚଳରେ ବେଆଇନ ଖଣି ଖାଦାନ ଚଳାଉଥିବା ମୁଖ୍ୟ ଅଭିଯୁକ୍ତ ସରୋଜ ଓରଫ ନାଲିଆ କହ୍ନାଲସିଂଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ସେ ଖୋର୍ଦ୍ଧା ଟାଉନ ଥାନା ଅଧୀନ କୁମ୍ଭାରବସ୍ତି ଗ୍ରାମରେ ରହୁଥିଲେ। ବୁଧବାର ସନ୍ଧ୍ୟାରେ ବିଶେଷ ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଇନ୍ସପେକ୍ଟର ଆଲୋକ ଜେନାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ କୁମ୍ଭାରବସ୍ତି ନିକଟସ୍ଥ ଜଙ୍ଗଲର ଏକ ଆଡ୍ଡାରେ ଚଢାଉ କରି ନାଲିଆଙ୍କୁ ଗିରଫ କରିଥିଲା। ତେବେ ଅନ୍ଧାରର ସୁଯୋଗ ନେଇ ଅନେକ ଫେରାର ହୋଇଯାଇଥିଲେ। ଏସ୍‌ଟିଏଫ୍ ନଂ. ୭/୧୯ରେ ମାମଲା ରୁଜୁ କରି ନାଲିଆଙ୍କୁ ପଚରାଉଚରା ପରେ ଗୁରୁବାର ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ସେଠାରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏସ୍‌ଟିଏଫ୍ ସୂଚନା ମୁତାବକ, ଅଭିଯୁକ୍ତ ନାଲିଆଙ୍କ ନାମରେ ଖୋର୍ଦ୍ଧାରେ ହତ୍ୟା ଉଦ୍ୟମ, ଚୋରା ପିସ୍ତଲ କାରବାର, ଲୁଟ, ଡକାୟତି ପରି ଏକାଧିକ ଆପରାଧିକ ମାମଲା ରହିଛି। ପୂର୍ବରୁ କେତେକ ମାମଲାରେ ସେ ଗିରଫ ହୋଇ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ପୁଣି ଆତଙ୍କ ଖେଳାଇଥିଲେ। ଏଥିଯୋଗୁ ସେ ଖୋର୍ଦ୍ଧା ପୋଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ରହିଥିଲେ। ଛୋଟାଙ୍କ ପ୍ରମୁଖ ସହଯୋଗୀ ଥିବା ନାଲିଆ ଏକ ଗ୍ୟାଙ୍ଗ ଗଢିବା ସହ ବେଆଇନ ଖଣି ଖାଦାନ ଚଳାଉଥିଲେ। ଅନେକ ସରକାରୀ ଓ ଦେବୋତ୍ତର ସମ୍ପତ୍ତି ଉପରେ ଥିବା ପାହାଡରେ ବ୍ଲାଷ୍ଟିଂ କରି ନିକଟସ୍ଥ କ୍ରଶର ମାଲିକମାନଙ୍କୁ ପଥର ଓ ଚିପ୍ସ ଯୋଗାଉ ଥିଲେ। ପାହାଡରୁ ପଥରଖଣ୍ଡ ଆଣି କ୍ରଶରରେ ପହଞ୍ଚାଇବା ପାଇଁ ସେ ଟ୍ରକ ପିଛା ୨ହଜାର ଟଙ୍କା ନେଉଥିଲେ। ଦିନକୁ ତାଙ୍କର ପ୍ରାୟ ୨ଲକ୍ଷ ଟଙ୍କାର କାରବାର ହେଉଥିଲା ବୋଲି ଜଣାପଡ଼ିଛି।

## କାଳୀଚରଣ ସ୍ମୃତି ସଂସଦ ପକ୍ଷରୁ ଶ୍ରାଦ୍ଧବାର୍ଷିକୀ

ନିରାକାରପୁର,୧୮(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆସ୍ଥିତ ଭଗବତ୍ ଦେବ ବିଦ୍ୟାପୀଠ ପରିସରରେ ଗୁରୁବାର କାଳୀଚରଣ ସ୍ମୃତି ସଂସଦ ଆନୁକୂଲ୍ୟରେ କାଳୀଚରଣ ଛୋଟରାୟଙ୍କର ୧୦ମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଛୋଟରାୟ ଜଣେ ବିଶିଷ୍ଟ ରାଜନେତା, ସାମାଜିକ କର୍ମୀ ଭାବେ ପରିଚିତ ଥିଲେ। ସଭାପତି ବଂଶୀଧର ଜଗଦ୍ଦେବ ସଭାରେ ପୌରୋହିତ୍ୟ କରିଥିବାବେଳେ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ, ଜଙ୍କିଆ ଥାନା ଅଧିକାରୀ ସତ୍ୟବ୍ରତ ଲେଙ୍କା, ଶିକ୍ଷାବିତ୍ ଲକ୍ଷ୍ମୀଧର ସାହୁ ଓ ଭଗବତଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ହିମାଂଶୁ ଶେଖର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ଶରତ କୁମାର ଚଇଁରୀ, ସୁରେନ୍ଦ୍ର ନାଥ ଜେନା, ସୁନୀଲ କୁମାର ନରେନ୍ଦ୍ର ଓ ବିଶ୍ୱଭୂଷଣ ଛୋଟରାୟ ପ୍ରମୁଖ ସହଯୋଗ କରିଥିଲେ।


ସ୍ମୃତିଚାରଣ ସଭାରେ ଅତିଥି ଓ ଅନ୍ୟମାନେ।

# କମ୍ ବର୍ଷା: ତଳିରୁଆ କାର୍ଯ୍ୟରେ ବାଧା

ବୋଲଗଡ଼,୧୮(ଡି.ଏନ.ଏ.)


ଧାନ ଜମି ଶୁଖିଲା ପଡ଼ିଛି।

ଚଳିତ ବର୍ଷ ଏପର୍ଯ୍ୟନ୍ତ କମ୍ ପରିମାଣରେ ବର୍ଷା ଧାନଚାଷରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଜଳାଭାବରୁ ରୁଆ ପୋତା ପାଇଁ ମଧ ଜମି ପ୍ରସ୍ତୁତି ହୋଇପାରୁନାହିଁ । ତଳି ପକାଯାଇଥିବା ଜମିରେ ଯଥେଷ୍ଟ ପରିମାଣର ଜଳ ନ ଥିବାରୁ ଚାଷୀମାନେ ପମ୍ପ ଦ୍ୱାରା ତଳିଜମିକୁ ପାଣି ବୁହାଉଥିବା ଜଣାପଡ଼ିଛି । ଗତ ୨ ଦିନ ମଧ୍ୟରେ ଅଳ୍ପ ପରିମାଣର ବର୍ଷା ହୋଇଥିବାବେଳେ ଏହା ଚାଷୀଙ୍କ ପ୍ରତି ସେତେଟା ଭରସା ଯୋଗାଇ ପାରୁନାହିଁ। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳର ଚାଷୀମାନେ ଖରିଫ ଧାନଫସଲ ନିମନ୍ତେ ସର୍ବଦା ମୌସୁମୀ ବର୍ଷାକୁ ହିଁ ଭରସା କରିଥାନ୍ତି । ସୂଚନାଯୋଗ୍ୟ, ଚଳିତ ବର୍ଷ ମୌସୁମୀ ବର୍ଷାକୁ ଅପେକ୍ଷା କରି ଜୁଲାଇ ଶେଷହେବାକୁ ଗଲାଣି। ତେବେ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁସାରେ ଯଦି ଆଗାମୀ ଦିନେ ୨ ଦିନ ମଧ୍ୟରେ ଭଲ ବର୍ଷା ହୁଏ, ଧାନ ଫସଲର ପୂର୍ବ ପ୍ରସ୍ତୁତି ନିମନ୍ତେ ଚାଷୀମାନେ ଆଗଭର ହେବେ। ନଚେତ ଆଶା ଓ ଆଶଙ୍କା ମଧ୍ୟରେ ରହି ଭବିଷ୍ୟତକୁ ଅପେକ୍ଷା କରିବେ ଚାଷୀ ଭାଇମାନେ। ଶ୍ରାବଣ ମାସରେ ଗୋଟିଏ ଦିନ ମଧ ବର୍ଷା ନ ହେଲେ ଧାନ ଫସଲରେ କ୍ଷତି ହେବାର ଆଶଙ୍କା ରହିଥାଏ ବୋଲି ଲୋକମତରେ ପ୍ରକାଶ।

ଜୁନ ମାସରେ ଭଲ ବର୍ଷା ହୋଇ ନ ଥିଲା । ଏବେ ଭଲ ବର୍ଷା ହେଲେ ଚାଷ କାର୍ଯ୍ୟ ଆଗେଇନେବା ସହ ପୂର୍ବ ପ୍ରତିକୂଳ ପାଗକୁ କୃଷକ ଭୁଲିଯିବ। ସୂଚନାଯୋଗ୍ୟ, ଗତ ୨ବର୍ଷ ଧରି ଏହି ବ୍ଲକ ଅଞ୍ଚଳରେ ଜୁନ୍ ମାସରେ ବର୍ଷା ନ ହେବାରୁ ଚାଷକାର୍ଯ୍ୟ ବିଳମ୍ବ ହୋଇଥିଲା । ପରେ ମରୁଡି ଏବଂ ରୋଗପୋକ ଆକ୍ରମଣରେ ଫସଲ କ୍ଷତିଗ୍ରସ୍ତ ହୋଇଥିଲା । ଚଳିତ ବର୍ଷ ମଧ ଠିକ୍ ସମୟରେ ଜଳାଭାବ ଦେଖାଦେଇଛି। ତେଣୁ ଆଗାମୀ ୨ ଦିନ ମଧ୍ୟରେ ଯଦି ପାଣିପାଗ ବିଭାଗର ସୂଚନା ଅନୁସାରେ ଭଲ ବର୍ଷା ନ ହୁଏ ଚାଷ ବାଧାପ୍ରାପ୍ତ ହେବା ସହ ଆଶଙ୍କା ଓ ଅନିଶ୍ଚିତତା ମଧ୍ୟରେ ଚାଷୀଭାଇ ଦିନ ବିତାଇବେ। ସୂଚନାଯୋଗ୍ୟ, ଚଳିତ ବର୍ଷ ଏହି ବ୍ଲକ ଅଞ୍ଚଳରେ ୧୪ ହଜାର ୪ଶହ ୭୭ ହେକ୍ଟର ଜମିରେ ଧାନଚାଷ କରାଯିବାକୁ କୃଷି କାର୍ଯ୍ୟାଳୟ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ ରହିଛି। କେବଳ ମୌସୁମୀ ଉପରେ ନିର୍ଭରଶୀଳ ହୋଇପଡ଼ିବାରୁ ଭଲ ଫସଲ ଉତ୍ପାଦନ ନେଇ ଚାଷୀ ଭରସା କରିପାରୁନାହାନ୍ତି।

ଧାନଚାଷ ସମ୍ପର୍କରେ ବୋଲଗଡ଼ କୃଷି ଅଧିକାରୀ ଗୌରୀ ଶଙ୍କର ମିଶ୍ର କହିଛନ୍ତି, ଚଳିତ ଜୁଲାଇ ମାସରେ ବୋଲଗଡ ବ୍ଲକ ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି । ଆଗକୁ ଭଲ ବର୍ଷା ହେବାର ଆଶା ରହିଛି । ସର୍ବେକ୍ଷଣରୁ ମିଳିଥିବା ସୂଚନା ଅନୁସାରେ ନିଅଣ୍ଟିଆ ବର୍ଷା କାରଣରୁ ବ୍ଲକ ଅଞ୍ଚଳର ପ୍ରାୟ ୬ ହଜାର ହେକ୍ଟର ଧାନବୁଣା ଜମିରେ ବେଉଷଣ କାର୍ଯ୍ୟ ଆଗେଇ ପାରିନାହିଁ । ସେହିପରି ଧାନ ରୁଆ ପାଇଁ ଲକ୍ଷ୍ୟ ରଖାଯାଇଥିବା ମୋଟ ୩ ହଜାର ୨ଶହ ହେକ୍ଟର ଜମି ମଧ୍ୟରୁ ବର୍ଷା ଅଭାବ ଯୋଗୁ ମାତ୍ର ୩୦ହେକ୍ଟର ଜମିରେ ରୁଆ କାର୍ଯ୍ୟ ହୋଇପାରିଛି। କୃଷି କର୍ମଚାରୀମାନେ ସବୁବେଳେ ଚାଷଜମି ପରିଦର୍ଶନ କରିବା ସହିତ ଚାଷୀମାନଙ୍କୁ ବୈଷୟିକ ପରାମର୍ଶ ଦେଉଛନ୍ତି ବୋଲି ମିଶ୍ର ସୂଚନା ଦେଇଥିଲେ। ତେବେ ଅନିଶ୍ଚିତ ମୌସୁମିକୁ ସମ୍ପୂର୍ଣ୍ଣ ଭରସା ନ କରି ଚାଷ କାର୍ଯ୍ୟ ନିମନ୍ତେ ବ୍ଲକ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ଉପରେ ସରକାର ଗୁରୁତ୍ୱ ଦେବାକୁ ଚାଷୀମାନେ ଦାବି କରୁଛନ୍ତି ।



ଦୁର୍ବଳମନା ଓ ଅସ୍ଥିରଚିତ୍ତ ବ୍ୟକ୍ତିମାନେ କୌଣସି କାର୍ଯ୍ୟକୁ ଠିକ୍‌ଭାବେ ଗ୍ରହଣ କରିପାରନ୍ତି ନାହିଁ।
-କୌଟଲ୍ୟ ଚାଣକ୍ୟ



## ସଂକ୍ଷେପରେ

### କଲେଜ ଛାତ୍ରଙ୍କୁ ଆକ୍ରମଣ, ୨ ଗୁରୁତର

ପିପିଲି,୧।୮(ଡି.ଏନ୍.ଏ.): ପୂର୍ବ ବିବାଦକୁ କେନ୍ଦ୍ର କରି ଗୁରୁବାର ପିପିଲି-ଜଟଣୀ ମୁଖ୍ୟ ରାସ୍ତାର ଜୟପୁର ଛକରେ ୨କଲେଜ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଭବାନୀପୁର ଗ୍ରାମର ହମସର ସାହା ଓ ଅରମାନ ସାହା ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ ପ୍ରଥମେ ପିପିଲି ଡାକ୍ତରଖାନା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ହମସର ଓ ଅରମାନ ଜୟପୁର ଛକଠାରେ ସାଙ୍ଗମାନଙ୍କ ସହ କଥା ହେଉଥିବା ବେଳେ ହଠାତ୍ ୧୦ରୁ ଊର୍ଦ୍ଧ୍ୱ ଯୁବକ ପହଞ୍ଚି ସେମାନଙ୍କୁ ଆକ୍ରମଣ କରିଥିଲେ। ଫଳରେ ହମସର ଓ ଅରମାନଙ୍କ ମୁଣ୍ଡ ଓ ହାତରେ ଆଘାତ ହୋଇଥିଲା। ସ୍ଥାନୀୟଲୋକେ ଗୁରୁତରଦ୍ୱୟଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଖବରପାଇ ପିପିଲି ଥାନା ଆଇଆଇସି ଶରତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି।

### ବୃକ୍ଷ ଆମ ପାଇଁ ଜୀବନ ସଦୃଶ

ଗୋପ, ୧।୮(ଡି.ଏନ୍.ଏ.): ବୃକ୍ଷ ଆମମାନଙ୍କ ପାଇଁ ଜୀବନ ସଦୃଶ। ଆମମାନଙ୍କୁ ଗୋଟିଏ ଗୋଟିଏ ବୃକ୍ଷ ଲଗାଇବା ନିହାତି ଜରୁରୀ ବୋଲି ଗୁରୁବାର ବେଦପୁର ପଞ୍ଚାୟତ ସ୍ଥିତ ମା' ଭୁଆସୁଣୀ ଉଚ୍ଚ ବିଦ୍ୟାଳୟ ହନ୍ତସୁରାର ପ୍ରତିଷ୍ଠାତାଙ୍କ ୮ମ ଶ୍ରାଦ୍ଧବାର୍ଷିକ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷକମାନେ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ବିଭୂଦତ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ସଭାପତି ଗୋପୀନାଥ ମୁଦୁଲି, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ମିଶ୍ର, ରବୀନ୍ଦ୍ର ମିଶ୍ର, ନିରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସାମୁଦ୍ରିକ ଝଡ଼ ଫନୀ ପରେ ଆମ୍ଭମାନଙ୍କୁ ବୃକ୍ଷର ଆବଶ୍ୟକତା ରହିଛି ବୋଲି କହିବା ସହ ବୃକ୍ଷ ଆମର ଜୀବନ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍କୁଲର ପ୍ରତିଷ୍ଠାତା ନବକିଶୋର ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ସ୍କୁଲ ପରିସରରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରିବା ସହ ଗୋଟିଏ ଗୋଟିଏ ବୃକ୍ଷର ଦାୟିତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ବିନୋଦ ବିହାରୀ ପ୍ରଧାନ, ବିରଞ୍ଚି ନାରାୟଣ ମିଶ୍ର, ଜ୍ୟୋତିରଞ୍ଜନ ମିଶ୍ର, ସ୍ୱପ୍ନାରାଣୀ ହାଜରା, ପ୍ରିୟମ୍ବଦା ଦାସ ଓ ଦାଶରଥୀ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ପୁରୀ ଅଫିସ, ୧।୮: ସମ୍ମିଳିତ ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ବିଧୁଭୂଷଣ ଦାସଙ୍କର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ବ୍ୟାଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ସଭାପତି ସତ୍ୟବାଦୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉପସଭାପତି ବନଜା ସେନାପତି, ପୂର୍ବତନ ଡିଆରସିଏସ୍ ରୋଜାଲିନ୍ ସେନାପତି, ନିର୍ଦ୍ଦେଶକ ବୈରାଗୀ ଜେନା, ସଂଘ ସଭାପତି ପ୍ରିୟଦର୍ଶନ ପଟ୍ଟନାୟକ ଏବଂ ହରେଶ ଚନ୍ଦ୍ର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। କର୍ମଚାରୀମାନେ ସମ୍ପାଦକଙ୍କର କର୍ତ୍ତବ୍ୟପରାୟଣତା, କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତାକୁ ପ୍ରଶଂସା କରିଥିଲେ। ବିଦାୟୀ ସମ୍ପାଦକଙ୍କୁ ମାନପତ୍ର, ଉପଢୌକନ, ଅଙ୍ଗବସ୍ତ୍ର ଓ ବିଭିନ୍ନ ଉପକରଣ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ପୂରଣ ହୋଇନି ଏସ୍‌ଡିଏମ୍‌ଆଇଏସ୍ ଡାଟା

■ଦେଇନାହାନ୍ତି ୫ ପ୍ରତିଶତ ସ୍କୁଲ

■ପଛରେ ପଡ଼ିଛି ଗୋପ ଓ ସଦର ବ୍ଲକ

ପୁରୀ ଅଫିସ, ୧।୮:

ଆରମ୍ଭ ହୋଇଛି ୨୦୧୯-୨୦ ଶିକ୍ଷାବର୍ଷ। ହେଲେ ଏ ପର୍ଯ୍ୟନ୍ତ ପୁରୀ ଜିଲାର ଛାତ୍ରୀଛାତ୍ରଙ୍କ ସବିଶେଷ ତଥ୍ୟ ବା ଷ୍ଟୁଡେଣ୍ଟ ଡାଟା ମ୍ୟାନେଜମେଣ୍ଟ ଇନ୍‌ଫରମେଶନ ସିଷ୍ଟମ (ଏସ୍‌ଡିଏମ୍‌ଆଇଏସ୍) ତଥ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ । ଫଳରେ ସରକାରୀ ପୋର୍ଟାଲରେ ଏହି ତଥ୍ୟ ପ୍ରଦାନରେ ବିଳମ୍ବ ହେଉଛି। ବର୍ତ୍ତମାନ ଜିଲାର ଆହୁରି ୫ ପ୍ରତିଶତ ସ୍କୁଲ ଏହି ଡାଟା ଦେଇନାହାନ୍ତି। ସେମାନେ ୨/୪ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରି ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟମଞ୍ଜରୀ ଦାସ।

ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜିକା କହିଛନ୍ତି, ଏସ୍‌ଡିଏମ୍‌ଆଇଏସ୍ ତଥ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ଏହାଦ୍ୱାରା ପିଲାଙ୍କ ପାଠପଢା ଉପରେ ସ୍ୱତନ୍ତ୍ର ଭାବେ ନଜର ରଖାଯାଏ। ଗୋଟିଏ ବିଦ୍ୟାଳୟରେ କେତେ ପିଲା ଅଛନ୍ତି ତାହାର ତଥ୍ୟ ଥିଲେ ସରକାର ଯଦି ଛାତ୍ରୀଛାତ୍ରଙ୍କ ପାଇଁ କୌଣସି ଯୋଜନା କରନ୍ତି ତେବେ ତାହା କାର୍ଯ୍ୟକାରୀ ପାଇଁ ସହଜ ହୋଇପାରିବ। ଏତଦ୍‌ବ୍ୟତୀତ କେତେ ସଂଖ୍ୟକ ପିଲା ପାଠ ପଢୁଛନ୍ତି ଓ କେତେ ପିଲା ଉଚ୍ଚତର ଶିକ୍ଷାଲାଭ କରିବାକୁ ଆଗକୁ ବଢୁଛନ୍ତି ତାହା ଏଥିରୁ ଜଣାପଡ଼ିଥାଏ। ଏହି ଡାଟା ପ୍ରତିବର୍ଷ ରଖାଯାଇଥାଏ। ତେବେ ଚଳିତବର୍ଷ ଜୁଲାଇ ୨୦ତାରିଖ ସୁଦ୍ଧା ଏହି ତଥ୍ୟ ଦାଖଲ ପାଇଁ ଜିଲାର ସବୁ ସ୍କୁଲକୁ ଚିଠି କରାଯାଇଥିଲା। ହେଲେ ସମୟସୀମା ମଧ୍ୟରେ ବହୁ ସଂଖ୍ୟକ ଘରୋଇ ବିଦ୍ୟାଳୟ ଏହା କରିପାରି ନ ଥିଲେ। ତେଣୁ ପୁନଶ୍ଚ ୬ଦିନ ବଢାଯାଇଥିଲା। ଘରୋଇ ବିଦ୍ୟାଳୟଗୁଡ଼ିକୁ ଲଗ୍ ଇନ ପାସ୍‌ୱାର୍ଡ ଦିଆଯାଇ ଏହି ଡାଟା ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ଏହାପରେ ୭୦ପ୍ରତିଶତ ବିଦ୍ୟାଳୟ ଏହା ସମ୍ପୂର୍ଣ୍ଣ କରିଥିଲେ। ଅବଶିଷ୍ଟ ୩୦ ପ୍ରତିଶତ ଘରୋଇ ସ୍କୁଲ ଏହାକୁ ପ୍ରସ୍ତୁତ ନ କରି ବିଭିନ୍ନ ପ୍ରକାର କାରଣ ଦର୍ଶାଇଥିଲେ। ସେମାନେ ସମୟ ଗଡାଇବାରୁ ଜିଲାପାଳଙ୍କ ଦସ୍ତଖତରେ ସମ୍ପୃକ୍ତ ସ୍କୁଲଗୁଡ଼ିକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଯଦି ଆପଣ ନ ଦେବେ, ତେବେ ଏନ୍‌ଓସି ବାତିଲ କରିଦିଆଯିବ ବୋଲି କୁହାଯାଇଥିଲା। ଏହାପରେ ବିଦ୍ୟାଳୟଗୁଡ଼ିକ ତତ୍ପରତା ପ୍ରକାଶ କରି ଏହାକୁ ପ୍ରସ୍ତୁତ କରିଥିଲେ। ବର୍ତ୍ତମାନ ସୁଦ୍ଧା ୯୫ ପ୍ରତିଶତ ବିଦ୍ୟାଳୟ ଏସ୍‌ଡିଏମ୍‌ଆଇଏସ୍ ପ୍ରସ୍ତୁତ କରିସାରିଛନ୍ତି। ଆଉ ଯେଉଁ ୫ ପ୍ରତିଶତ ସ୍କୁଲ ରହିଛି ସେମାନେ ୨/୪ ଦିନ ମଧ୍ୟରେ ଶେଷ କରିଦେବେ ବୋଲି କହିଛନ୍ତି। ବିଶେଷକରି ଗୋପ ବ୍ଲକ ଏବଂ ସଦର ବ୍ଲକର ଅଧିକାଂଶ ସ୍କୁଲ ଏହା ଦେଇ ନ ଥିବା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜିକା ଦାସ ପ୍ରକାଶ କରିଛନ୍ତି।



ଅତିଥିମାନେ ଜଣେ ଦିବ୍ୟାଙ୍ଗଙ୍କୁ ସିଲେଇ ମେଶିନ ପ୍ରଦାନ କରୁଛନ୍ତି ।

# ଦିବ୍ୟାଙ୍ଗଙ୍କୁ ସିଲେଇ ମେଶିନ ବଣ୍ଟନ

ପୁରୀ ଅଫିସ, ୧।୮:

ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସଶକ୍ତ ଏବଂ ସ୍ୱାବଲମ୍ବୀ କରିବା ଲାଗି ସରକାର ବିଭିନ୍ନ ପ୍ରକାର ଯୋଜନା କରୁଛନ୍ତି। ଏଥିସହ କେତେକ ସ୍ୱେଚ୍ଛାସେବୀ ସଙ୍ଗଠନ ମଧ୍ୟ ଏ ଦିଗରେ ପ୍ରୟାସ ଜାରି ରଖିଛନ୍ତି। ଗୁରୁବାର ପେଣ୍ଠକଟାସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରାୟ ୨୦ ଜଣ ଦିବ୍ୟାଙ୍ଗ ମହିଳା ଏବଂ ପୁରୁଷଙ୍କୁ ଆତ୍ମନିର୍ଭରଶୀଳ ହେବା ଲାଗି ସିଲେଇ ମେଶିନ ଏବଂ ଛେଳି ବଣ୍ଟନ କରିଛି ସ୍ୱେଚ୍ଛାସେବୀ ସଙ୍ଗଠନ ସିବିଏମ୍। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମୁଖ୍ୟ କାର୍ଯ୍ୟାଳୟ ଅଧିକାରୀ ସନ୍ନ୍ୟାସୀ ବେହେରା, ସିବିଏମ୍‌ର ପ୍ରୋଗ୍ରାମ ମ୍ୟାନେଜର ନୀରଦ ବାଗ୍ ଓ ଅଧିକାରୀ ଆଂଶୁ ଆବ୍ରାହମ, ପୁରୀ ଜିଲା ଶିଶୁ ସୁରକ୍ଷା କମିଟି ସଭ୍ୟା ଦୀପ୍ତି ଦାଶ, ପୂର୍ବତନ କାଉନ୍‌ସିଲର ପ୍ରଶାନ୍ତ କୁମାର ପଟ୍ଟନାୟକ, ଗଜଲକ୍ଷ୍ମୀ ରାୟ ଯୋଗଦେଇ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସ୍ୱାବଲମ୍ବୀ ହେବା ଲାଗି ବିଭିନ୍ନ ପ୍ରକାର ପରାମର୍ଶ ଦେଇଥିଲେ। ଏହି ଅବସରରେ ୧୦ ଜଣ ଦିବ୍ୟାଙ୍ଗ ମହିଳାଙ୍କୁ ୧୦ଟି ସିଲାଇ ମେଶିନ ଏବଂ ୧୦ ଜଣ ଦିବ୍ୟାଙ୍ଗ ମହିଳା ଓ ପୁରୁଷଙ୍କୁ ୧୦ଟି ଛେଳି ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ସିବିଏମ୍‌ର ପ୍ରୋଗ୍ରାମ ମ୍ୟାନେଜର ନୀରଦ ବାଗ୍ କହିଛନ୍ତି, ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ କେତେଜଣ ବୋଝ ଭାବିଥାନ୍ତି। କିନ୍ତୁ ତାହା ଠିକ୍ ନୁହେଁ। ଆଜି ଦିବ୍ୟାଙ୍ଗ ବ୍ୟକ୍ତିମାନେ ସାଧାରଣ ଲୋକଙ୍କ ପରି ଆତ୍ମନିର୍ଭରଶୀଳ ହୋଇପାରୁଛନ୍ତି। ଏହି ସିଲେଇ ମେଶିନ ଓ ଛେଳି ୨୦ ଜଣ ଦିବ୍ୟାଙ୍ଗଙ୍କୁ ଆର୍ଥିକ ଦୃଷ୍ଟିକୋଣରୁ ନିଶ୍ଚିତ ସହଯୋଗ କରିବ। ପରିବାରକୁ ସେମାନେ କିଛିଟା ରୋଜଗାର ଦେବାରେ ସକ୍ଷମ ହୋଇପାରିବେ।

# ମରାମତି ପରେ ବି ଦବିଲା ଗୋପ-ବାଲିଘାଇ ରାସ୍ତା



ମରାମତି ପରେ ଗୋପ-ବାଲିଘାଇ ରାସ୍ତାର ନୂତନ ସ୍ଲାବ୍ ଦବି ଯାଇଛି ।

ଗୋପ, ୧।୮(ଡି.ଏନ୍.ଏ.)

ଗତ ୧୦ ତାରିଖରେ ନିର୍ମାଣାଧୀନ ଗୋପ-ବାଲିଘାଇ ରାସ୍ତାର ଗୋପ ବ୍ରିଜ୍ ନିକଟରେ ନିର୍ମାଣାଧୀନ ନୂତନ ସ୍ଲାବ୍ ରାସ୍ତାଟି ଦବିଯିବା ନେଇ ଖବର ପ୍ରକାଶିତ ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହାକୁ ମରାମତି କରାଯାଇଥିଲା। ମାତ୍ର ମରାମତିର ୪-୫ ଦିନ ପରେ ପୁଣି ଏହି ରାସ୍ତା ଦବିଯିବା ପରେ ଏବେ ଏହି ରାସ୍ତାରେ ଯାତାୟାତ କରିବାକୁ ଲୋକେ ନିରାପଦ ମଣୁନାହାନ୍ତି। ଏପରିକି ଏହି ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ହୋଇଯାଇଛି। ଗୋପ ବ୍ରିଜ୍ ନିକଟରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମାଣାଧୀନ ନୂତନ ସ୍ଲାବ୍ ନିର୍ମାଣ ଶେଷ ପରେ ଠିକାଦାରଙ୍କ ପକ୍ଷରୁ ସ୍ଲାବ୍‌କୁ ଲାଗି ନୂତନ ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ଏହି ରାସ୍ତା ନିର୍ମାଣ ନିମ୍ନମାନର ହେବା ଯୋଗୁ ଗୋଟିଏ ସପ୍ତାହ ପରେ ରାସ୍ତାଟି ଦବି ଯାଇଥିଲା। ରାସ୍ତା ଦବିଯିବା ନେଇ 'ଧରିତ୍ରୀ'ରେ ଖବର ପ୍ରକାଶିତ ହେବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଦବିଯିବା ରାସ୍ତାର ମରାମତି କରାଯାଇଥିଲା। ଏ ସମ୍ପର୍କରେ ଗୋପ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ନବଘନ ବେହେରାଙ୍କୁ ପଚାରିବାରେ ମରାମତି କରାଯିବା ପରେ ରାସ୍ତା ଦବି ଯାଇଥିବାରୁ ପୁନଃ ମରାମତି କରାଯିବ ବୋଲି କହିଥିଲେ।

### ଶ୍ରୀକ୍ଷେତ୍ର ଖଜାକୁ ଜିଆଇ ଟ୍ୟାଗ୍ ଲାଗି ହେବ ଆବେଦନ

ପୁରୀ ଅଫିସ, ୧।୮ :

ଓଡ଼ିଶା ରସଗୋଲାକୁ ଜିଆଇ (ଜିଓଗ୍ରାଫିକାଲ ଇଣ୍ଡିକେଶନ୍) ଟ୍ୟାଗ୍ ମିଳିବା ପରେ ପୁରୀବାସୀ ଉତ୍ସାହିତ ହୋଇପଡ଼ିଛନ୍ତି। ଏବେ ଓଡ଼ିଶାର ପାରମ୍ପରିକ ଖାଦ୍ୟକୁ ଜିଆଇ ଟ୍ୟାଗ ପ୍ରଦାନ ନିମନ୍ତେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଶ୍ରୀକ୍ଷେତ୍ର ଖଜା ଲାଗି ଆବେଦନ କରାଯିବ ବୋଲି ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି। ଶ୍ରୀକ୍ଷେତ୍ର ଖଜାର ସ୍ୱତନ୍ତ୍ରତା ରହିଛି। ପୁରୀ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ ମହାପ୍ରଭୁଙ୍କ ଦର୍ଶନ ପରେ ଏଠାରୁ ଖଜା ନେଇଥାନ୍ତି। ଏହାକୁ ଜିଆଇ ଟ୍ୟାଗ୍ ମିଳିଲେ, ଏହାର ଗୌରବ ବୃଦ୍ଧି ପାଇବା ସହ ବ୍ୟବସାୟୀମାନେ ଉପକୃତ ହେବେ। ଖୁବ୍‌ଶୀଘ୍ର ତଥ୍ୟ ଓ ଐତିହ୍ୟ ପ୍ରମାଣ ସହ ଜିଆଇ ଲାଗି ଆବେଦନ କରାଯିବ ବୋଲି ସେ କହିଛନ୍ତି। ଏଥିସହ ଓଡ଼ିଶାର ଅନ୍ୟ ପାରମ୍ପରିକ ଖାଦ୍ୟ ସାମଗ୍ରୀକୁ ଜିଆଇ ଟ୍ୟାଗ ଲାଗି ଆବେଦନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

■ ନିମାପଡ଼ା ଏନ୍‌ଏସି ପକ୍ଷରୁ ଚଢ଼ାଉ

# ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ଜବତ

ନିମାପଡ଼ା,୧।୮(ଡି.ଏନ୍.ଏ.):

ନିମାପଡ଼ା ଏନ୍‌ଏସି ପକ୍ଷରୁ ଗୁରୁବାର ସ୍ଥାନୀୟ ବଡ଼ ବଜାର, ରାଜା ବଜାର, ଦୋଳବେଦି ଛକଠାରେ ଥିବା ବହୁ ଗୋଦାମ ଗୃହ, ଗ୍ରୋସରୀ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ପଲିଥିନ, ପ୍ଲାଷ୍ଟିକ କପ, ଗ୍ଲାସ ସମେତ ବହୁ ପ୍ଲାଷ୍ଟିକ ସାମଗ୍ରୀ ଜବତ କରାଯାଇଛି। ଏହି ଚଢ଼ାଉ ଜାରି ରହିବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର କମଳଜିତ ଦାସ କହିଛନ୍ତି। ନିମାପଡ଼ା ସହରକୁ ପ୍ଲାଷ୍ଟିକ ମୁକ୍ତ କରି ସବୁଜ ଓ ଆକର୍ଷଣୀୟ ସହରରେ ପରିଣତ କରିବା ଆମର ମୂଳ ଲକ୍ଷ୍ୟ ବୋଲି ତହସିଲଦାର ଦାସ କହିଛନ୍ତି। ଏହି ଚଢ଼ାଉ ଚାଲିଥିବା ବେଳେ କେତେଜଣ ଦୋକାନୀ ଓ ଗୋଦାମ ମାଲିକ ଗୋଦାମ ଗୃହକୁ ତାଲା ପକାଇ ଖସି ପଳାଇଥିବା ଦେଖିବାକୁ ମିଳିଥିଲା।

# ଶିରିଡି ସାଇ ମନ୍ଦିରର ବାର୍ଷିକୋତ୍ସବ



ଅତିଥିମାନେ ମୁଖପତ୍ର 'ଶ୍ରୀ ସାଇ ଅମୃତ'କୁ ଲୋକାର୍ପିତ କରୁଛନ୍ତି ।

ନିମାପଡ଼ା,୧।୮(ଡି.ଏନ୍.ଏ.):

ସାଇନିଳୟ ଟ୍ରଷ୍ଟ ଆନୁକୂଲ୍ୟରେ ନିମାପଡ଼ା ବଜାରସ୍ଥିତ ଶିରିଡି ସାଇ ମନ୍ଦିରର ବାର୍ଷିକୋତ୍ସବ ଗୁରୁବାର ସନ୍ଧ୍ୟାରେ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ, ସାଇନିର୍ମାଲ୍ୟର ସମ୍ପାଦକ ଲେଖକ ସତ୍ୟ ଖଡ଼ଗରାୟ, ଲେଖିକା ସଙ୍ଗୀତା ଦାଶ, ଡ. ଚିତ୍ତରଞ୍ଜନ ନାୟକ, ଅଭୟରଞ୍ଜନ ସାହୁ, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସାଇନିଳୟ ଟ୍ରଷ୍ଟର ସଭାପତି ବ୍ରହ୍ମାନନ୍ଦ ନାୟକ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଲକ୍ଷ୍ମୀଧର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସାଇନିର୍ମାଲ୍ୟର ସମ୍ପାଦକ ଲେଖକ ଖଡ଼ଗରାୟଙ୍କ ରଚିତ ପୁସ୍ତକ ତଥା ମୁଖପତ୍ର 'ଶ୍ରୀ ସାଇ ଅମୃତ' ଓ ଶିକ୍ଷାବିତ୍ ବାହାଦୁର ବଳବନ୍ତରାୟଙ୍କ ରଚିତ ପୁସ୍ତକ 'ଜଗନ୍ନାଥଙ୍କୁ ଚିଠି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ୨୧ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭଜନ ସନ୍ଧ୍ୟା, ସାଇ ଭଜନ, ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ହଜାର ହଜାର ସାଇ ଭକ୍ତ ଓ ସ୍ଥାନୀୟ ବ୍ୟକ୍ତି ଯୋଗଦେଇଥିଲେ।

### ବେଦାନ୍ତ ସୋସାଇଟି ପକ୍ଷରୁ ସେବା ଶିବିର

ପୁରୀ ଅଫିସ, ୧।୮ :

ଇଣ୍ଟରନ୍ୟାଶନାଲ ବେଦାନ୍ତ ସୋସାଇଟି (ଆଇଭିଏସ୍) ନୀଳମାଧବ ଆଶ୍ରମ ପକ୍ଷରୁ ଗତ ବାତ୍ୟା ଠାରୁ ୩ମାସ ଧରି ପୁରୀରେ ସେବା କାର୍ଯ୍ୟ ଜାରି ରହିଛି। ମଇ ୩ତାରିଖ ଠାରୁ ଆଶ୍ରମ ପରିସରରେ ଅନ୍ନ ସେବା ଜାରି ରହିଛି। ଏଥିସହିତ କ୍ଷତିଗ୍ରସ୍ତ ପରିବାରଙ୍କୁ ରୋଷେଇ ସାମଗ୍ରୀ ଯୋଗାଇ ଦିଆଯାଇଛି। ବାତ୍ୟାରେ ଛାତ ଉଡିଯାଇଥିବା ଏବଂ ଆଜବେଷ୍ଟସ୍ ଭାଙ୍ଗି ଯାଇଥିବା ପରିବାରଙ୍କ ଛାତ ମରାମତି ବ୍ୟବସ୍ଥା କରାଯାଇଛି। କେତେକ ପରିବାରଙ୍କୁ ଘର ତିଆରି କରି ଦିଆଯାଇଥିବା ଅନୁଷ୍ଠାନର ଅପରୁପା ନନ୍ଦ ଏକ ଗଣମାଧ୍ୟମକୁ କହିଛନ୍ତି। ବେଦାନ୍ତ ପ୍ରଚାର ପ୍ରସାର କରୁଥିବା ଏହି ଅନୁଷ୍ଠାନର ଏହି କାର୍ଯ୍ୟକୁ ସାଧାରଣରେ ଭୂୟସୀ ପ୍ରଂଶସା କରିଛନ୍ତି।



ଚିତାଲାଗି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଗୁରୁବାର ଅମାବାସ୍ୟା ଠାକୁରଙ୍କୁ ସାଗର ବିଜେକରାଯାଉଛି ।

# ଆଜିଠୁ ପୁରୀରେ ପରୀ-୩ କାର୍ଯ୍ୟକ୍ରମ

ପୁରୀ ଅଫିସ, ୧।୮:

ନିଖୋଜ ଶିଶୁଙ୍କୁ ଉଦ୍ଧାର, ଶିଶୁ ସୁରକ୍ଷା ଓ ଉପଯୁକ୍ତ ଥଇଥାନ ଲକ୍ଷ୍ୟ ନେଇ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିଲା ପରୀ କାର୍ଯ୍ୟକ୍ରମ। ପରୀ-୧ ଓ ୨ ସଫଳତାରେ ଓଡ଼ିଶା ପୋଲିସ ପକ୍ଷରୁ ପରୀ-୩ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜ୍ୟରେ ଜୁଲାଇ ୩୦ତାରିଖରୁ ଆରମ୍ଭ ହୋଇଥିବାବେଳେ ପୁରୀରେ ଅଗଷ୍ଟ ୨ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ଶୁକ୍ରବାର ପୁରୀର ସମସ୍ତ ଥାନା ଅଞ୍ଚଳରେ ଏହି କାର୍ଯ୍ୟକ୍ରମ କରାଯିବ। ସହରର ବସ୍‌ଷ୍ଟାଣ୍ଡ, ସମୁଦ୍ରକୂଳ, ରେଲୱେ ଷ୍ଟେଶନରେ ବୁଲୁଥିବା ଶିଶୁ, ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯିବ। ଏମାନଙ୍କୁ ସିଡବ୍ଲ୍ୟୁସି ଜରିଆରେ ଥଇଥାନ କରାଯିବ। ପରୀ କାର୍ଯ୍ୟକ୍ରମ ସକାଳ ୯ଟାଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜାରି ରହିବ। ଏହି ଅବସରରେ ଡିଏସପି(ହେଡକ୍ୱାଟର) ସସ୍ମିତା ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ନିଖୋଜ ଶିଶୁଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଇଟାଭାଟି, ବିଭିନ୍ନ ଦୋକାନ, ହୋଟେଲରେ କାମ କରୁଥିବା ନାବାଳକଙ୍କୁ ଉଦ୍ଧାର କରାଯିବ ବୋଲି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ଏହି କାର୍ଯ୍ୟକ୍ରମ ଅଗଷ୍ଟ ୧୩ତାରିଖ ପର୍ଯ୍ୟନ୍ତ ଚାଲିବ।

ଗୁରୁବାର ଏନେଇ ପୁରୀ ଜିଲା ପୋଲିସ ମୁଖ୍ୟାଳୟରେ ଏସ୍‌ପିଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଏସ୍‌ପି(ହେଡକ୍ୱାଟର)ପ୍ରତାପ କୁମାର ସ୍ୱାଇଁ, ଅତିରିକ୍ତ ଏସପି(ଆଇୟୁସିଏଡବ୍ଲ୍ୟୁ) ବି.ଗାଗାରିନ ମହାନ୍ତି, ଅତିରିକ୍ତ ଏସ୍‌ପି(ଆଇନ ଶୃଙ୍ଖଳା) ଧୀରେନ୍ଦ୍ର ନନ୍ଦ, ଡିଏସ୍‌ପି(ଏଚ୍‌ଆରପିସି) ଦେବେନ୍ଦ୍ର କୁମାର ଦାସ, ଡିଏସ୍‌ପି(ହେଡକ୍ୱାଟର) ସାହୁ, ଡିଏସ୍‌ପି(ସିଟି) ସୁଧାକର ସାହୁ, ଡିଏସ୍‌ପି(ସଦର) କିଶୋର ଚନ୍ଦ୍ର ମୁଣ୍ଡ, ଡିଏସ୍‌ପି(ନିମାପଡା)ଶରତ କୁମାର ମିଶ୍ର, ଡିଏସ୍‌ପି(ପିପିଲି) ଦେବଦତ୍ତ ବରାଳ, ଜିଲାର ବିଭିନ୍ନ ଥାନାର ଅଧିକାରୀ,ଏସ୍‌ଆଇ, ଏଏସଆଇ, ଡିସିପିଓ ମନୋଜ ତ୍ରିପାଠୀ, ଜିଲା ଶ୍ରମ ଅଧିକାରୀ, ଚାଇଲ୍ଡ ଲାଇନ ସଦସ୍ୟ, ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରମୁଖ ଯୋଗଦାନ କରିଥିଲେ।

■ ୨ ବେଆଇନ କରତ କଳ ଉପରେ ଚଢ଼ାଉ

# ବିପୁଳ ପରିମାଣର ଯନ୍ତ୍ରାଂଶ ଜବତ

ପୁରୀ ଅଫିସ, ୧।୮:

ଚନ୍ଦନପୁର ଥାନା ଅନ୍ତର୍ଗତ ଆଳପୁର ଏବଂ ଫୁଲତୋଟା ଗ୍ରାମରେ ଚାଲୁଥିବା ବେଆଇନ କରତ କଳ ଉପରେ ଗୁରୁବାର ପୁରୀ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଏହି ୨ଟିଯାକ କରତ କଳର ସମସ୍ତ ଯନ୍ତ୍ରାଂଶ ଜବତ ହୋଇଛି। ଜବତ ଯନ୍ତ୍ରାଂଶର ମୂଲ୍ୟ ପ୍ରାୟ ୮ ଲକ୍ଷ ଟଙ୍କା ହେବ ବୋଲି ଚଢାଉର ନେତୃତ୍ୱ ନେଇଥିବା ସହକାରୀ ବନ ସଂରକ୍ଷକ (ଏସିଏଫ୍) ରବୀନ୍ଦ୍ର କୁମାର ମହାପାତ୍ର କହିଛନ୍ତି। ଏସିଏଫ୍‌ଙ୍କ ସୂଚନା ମୁତାବକ, ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତାଙ୍କ ନିର୍ଦ୍ଦେଶକ୍ରମେ ଉପରୋକ୍ତ ୨ଟି ଗ୍ରାମରେ ଚଢାଉ କରାଯାଇଥିଲା। ବେଆଇନ ଭାବେ ଏହି କରତ କଳ ୨ଟି ଚାଲୁଥିବା ଖବର ପହଞ୍ଚିବା ପରେ ଗୁରୁବାର ସକାଳୁ ଚଢାଉ କରାଯାଇ ବିପୁଳ ପରିମାଣର ଯନ୍ତ୍ରାଂଶକୁ ଜବତ କରି ଟ୍ରକ୍‌ରେ ଅଣାଯାଇଛି। ଏହି ଚଢାଉରେ ବାଲୁଖଣ୍ଡ ରେଞ୍ଜ୍ ଅଫିସର ସରୋଜ କୁମାର ମହାନ୍ତି, ମାଜିଷ୍ଟ୍ରେଟ କାକଟପୁରର ଅତିରିକ୍ତ ତହସିଲଦାର ବିଶ୍ୱଜିତ ମିଶ୍ର, ୧ ପ୍ଲାଟୁନ ପୋଲିସ ଓ ଏପିଆର ଫୋର୍ସଙ୍କ ସମେତ ଗୋପ, କୋଣାର୍କ, ବାଲୁଖଣ୍ଡ ଓ ବ୍ରହ୍ମଗିରି ରେଞ୍ଜର ସମସ୍ତ ବନ କର୍ମଚାରୀ ତଥା ବନ ସୁରକ୍ଷା ବାହିନୀର ସଦସ୍ୟ ସାମିଲ ଥିଲେ। ଏ ନେଇ ଦୁଇ କରତ କଳର ମାଲିକ ଅର୍ଜୁନ ରଣା ଏବଂ କାଳୁ ସାମନ୍ତରାୟଙ୍କ ବିରୋଧରେ ବାଲୁଖଣ୍ଡ ରେଞ୍ଜରେ ଯଥାକ୍ରମେ କେସ୍ ନଂ. ୧ ଓ ୨ (୨୦୧୯/୨୦) ରୁଜୁ ହୋଇଛି ବୋଲି ଏସିଏଫ୍ ମହାପାତ୍ର କହିଛନ୍ତି। ତେବେ ଖୁବ୍‌ଶୀଘ୍ର ଏହି ଦୁଇଜଣଙ୍କୁ ଗିରଫ କରାଯିବ। ଏଥିସହ ଜିଲାର ଅନ୍ୟାନ୍ୟ ସ୍ଥାନରେ ବେଆଇନ ଭାବେ ଚାଲୁଥିବା କରତକଳ ଉପରେ ଚଢାଉ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।



ବନବିଭାଗ ଅଧିକାରୀମାନଙ୍କ ଦ୍ୱାରା ବେଆଇନ କରତକଳରୁ ଜବତ ହୋଇଥିବା ଯନ୍ତ୍ରାଂଶ ।